# ପ୍ରାର୍ଥନା

ହେ ପ୍ରଭୁ, ଭାବନା ମୋର ପ୍ରଶାନ୍ତ ଏବଂ ହୃଦୟ ମୋର ଆନ୍ତର ଏକାଗ୍ର; ସୁଗଭୀର ଭକ୍ତି ଏବଂ ଅସୀମ ବିଶ୍ୱାସ ସହକାରେ ମୁଁ ତୁମ ପ୍ରତି ଉନ୍ମୁଖ : ମୁଁ ଜାଣେ ଯେ ତୁମ ପ୍ରେମ ସର୍ବଶକ୍ତିମାନ୍ ଏବଂ ତୁମ ନ୍ୟାୟ ପୃଥିବୀ ଉପରେ କରିବ ରାଜୁତି; ମୁଁ ଜାଣେ ଯେ ଶେଷ ଆବରଣ ବିଦୀର୍ଣ୍ଣ ହେବାର ଏବଂ ଯାବତୀୟ ଅନ୍ୟାୟ ଅବିଚାର ଅନ୍ତର୍ହିତ ହୋଇ ଶାନ୍ତି ଓ ସଂହତିମୟ ପ୍ରୟାସର ଯୁଗ ସେସବୁର ସ୍ଥାନ ନେବାର ମୁହୂର୍ତ୍ତ ନିକଟବର୍ତ୍ତୀ ।

ହେ ପ୍ରଭୁ, ବିମଗ୍ନ ଭାବନା ଏବଂ ଶାନ୍ତ ହୃଦୟ ଯୋଗେ ମୁଁ ତୁମ ଅଭିମୁଖୀ ଏବଂ ମୋର ସମଗ୍ର ସତ୍ତା ତୁମ ଦିବ୍ୟ-ଉପସ୍ଥିତିରେ ପରିପୂର୍ଣ୍ଣ । ଏହାହିଁ ମଞ୍ଜୁର କର, ଯେମିତିକି ସବୁଥିରେ ମୁଁ କେବଳମାତ୍ର ତୁମକୁହିଁ ଦେଖୁଥିବି ଏବଂ ସବୁ ଯେମିତି ତୁମରି ଦିବ୍ୟ-ଆଲୋକରେ ହେଉଥିବ ପ୍ରୋଜ୍ଜ୍ୱଳ । ସମସ୍ତ ଘୃଣା ପ୍ରଶମିତ ହେଉ, ସମସ୍ତ ବିଦ୍ୱେଷ ନିଶ୍ଚିହ୍ନ ହେଉ, ସମସ୍ତ ଭୟ ବିଦୂରିତ ହେଉ, ସମସ୍ତ ସନ୍ଦେହ ଧ୍ୱସ୍ତ ହେଉ, ସମସ୍ତ ଅସୂୟା ଅତିକ୍ରାନ୍ତ ହେଉ ଏବଂ ଏ ନଗର, ଏ ଦେଶ ତଥା ଏ ପୃଥିବୀପୃଷ୍ଠରେ ସବୁରି ହୃଦୟରେ ଅନୁଭୂତ ହେଉ ଯାବତୀୟ ନବ ରୂପାୟନର ଉତ୍ସ ଯେଉଁ ଗରିମାମୟ ପ୍ରେମ, ତାହାରି ସ୍ପନ୍ଦନ ।

ହେ ପ୍ରଭୁ, କେଡ଼େ ଉଦଗ୍ର ଭାବରେ ମିନତିଭରେ ମୁଁ ଆବାହନ କରୁଛି ତୁମ ପ୍ରେମକୁ ! ମଞ୍ଜୁର କର, ମୋ ଅଭୀପ୍ସା ଯେପରି ସର୍ବତ୍ର ଏକହିଁ ଅଭୀପ୍ସା ଜାଗରିତ କରିପାରିବା ଭଳି ତୀବ୍ର ହେବ : ସଦ୍‌ଗୁଣ, ନ୍ୟାୟପରାୟଣତା ଏବଂ ଶାନ୍ତି ପରମ ମୁନିବ ରୂପେ ଶାସନ କରିବେ, ଅଜ୍ଞାନ ଅହଂ ଅତିକ୍ରାନ୍ତ ହେବ । ଅନ୍ଧକାର ଅଚାନକେ ତୁମର ବିଶୁଦ୍ଧ ଆଲୋକ ଦ୍ୱାରା ଉଜ୍ଜ୍ୱଳ ହେବ । ଅନ୍ଧ ଦେଖିବାକୁ ସକ୍ଷମ ହେଉ, ବଧିର ଶୁଣିପାରୁ, ତୁମ ବିଧାନ ସର୍ବତ୍ର ହେଉ ବିଘୋଷିତ, ଏବଂ ଏକ ଅବିରତ ପ୍ରଗତିମୁଖୀ ଐକ୍ୟରେ, ଏକ ଅଧିକରୁ ଅଧିକ ପୂର୍ଣ୍ଣତାମୁଖୀ ସଂହତିରେ, ସମସ୍ତେ ଅଭିନ୍ନ ଏକକ ସତ୍ତା ଭଳି, ତୁମ ଆଡ଼େ ପ୍ରସାରିତ କରନ୍ତୁ ସେମାନଙ୍କ ବାହୁ ତୁମ ସହ ଏକୀଭୂତ ହେବା ନିମନ୍ତେ ଏବଂ ଧରିତ୍ରୀପୃଷ୍ଠରେ ତୁମ ଆବିର୍ଭାବ ସମ୍ଭବ କରିବା ନିମନ୍ତେ ।

ହେ ପ୍ରଭୁ, ବିମଗ୍ନ ଭାବନା ଏବଂ ସୂର୍ଯ୍ୟାଲୋକ-ଝଲସିତ ହୃଦୟ ସହ ମୁଁ ଅକୁଣ୍ଠଭାବରେ ନିଜକୁ ତୁମକୁ ପ୍ରଦାନ କରୁଛି । ମୋ 'ବ୍ୟକ୍ତିସତ୍ତା' ତୁମ ଭିତରେ ବିଲୀୟମାନ !

ଏପ୍ରିଲ ୮, ୧୯୧୪ — ଶ୍ରୀମା

# ମାତୃବାଣୀ

From the moment you are satisfied and aspire no longer, you begin to die. Life is movement, life is effort; it is marching forward, climbing towards future revelations and realisations. Nothing is more dangerous than wanting to rest.

(CWM Vol. 15, p. 75) - The Mother

ଯେଉଁ ମୁହୂର୍ତ୍ତରୁ ତୁମେ ସନ୍ତୁଷ୍ଟ ହୋଇଯାଅ ଏବଂ ଆଉ କୌଣସି ଅଭୀପ୍ସା ରଖ ନାହିଁ, ସେହି ମୁହୂର୍ତ୍ତରୁହିଁ ତୁମେ ମୃତ୍ୟୁ ଅଭିମୁଖୀ ହେବାକୁ ଆରମ୍ଭ କର । ଜୀବନ ହେଉଛି ଗତି, ଜୀବନ ହେଉଛି ଉଦ୍ୟମ । ଜୀବନ କହିଲେ ଆଗକୁ ଆଗକୁ ଗତି କରୁ ଥିବାର ବୁଝାଏ, ଭବିଷ୍ୟତର ଗର୍ଭରେ ରହିଥିବା ସତ୍ୟୋଦ୍‌ଘାଟନ ଏବଂ ସତ୍ୟୋପଲବ୍ଧିଗୁଡ଼ିକ ଦିଗରେ ଆରୋହଣ କରିଯିବାକୁହିଁ ବୁଝାଏ । ବିଶ୍ରାମ କରିବାକୁ, ଅଟକି ରହିବାକୁ ଇଚ୍ଛା କରିବାଠାରୁ ଅଧିକ ବିପଜ୍ଜନକ ଆଉ କିଛି ନାହିଁ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୬୧)

## ଶ୍ରୀଅରବିନ୍ଦ

Over his shoulder often he must look back
Like one who feels on his neck
an enemy's breath;
Else stealing up behind a treasonous blow
Might prostrate cast and pin to unholy soil,
Pierced through his back by
Evil's poignant stake.

ଜଣେ ଆପଣାର ଗ୍ରୀବାଦେଶରେ କୌଣସି ଶତ୍ରୁର ନିଃଶ୍ୱାସକୁ ଅନୁଭବ କଲା ପରି ତାକୁ (ଅର୍ଥାତ୍ – ଊର୍ଦ୍ଧ୍ୱ ପଥର ଯାତ୍ରୀକୁ) ବାରଂବାର ପଛକୁ ଫେରି ଚାହିଁବାକୁ ହେବ; ଅନ୍ୟଥା ପଶ୍ଚାଦ୍‌ଭାଗରୁ ହୁଏତ ଲୁକ୍କାୟିତ ଭାବରେ ଏକ ବିଶ୍ୱାସଘାତୀ ପ୍ରହାର ଆସି ତାକୁ ଭୂଲୁଣ୍ଠିତ କରିଦେଇପାରେ ଏବଂ କଳୁଷିତ ମାଟିରେ ମିଶାଇ ଦେଇପାରେ, ମହାପାପର ସୁତୀକ୍ଷ୍ଣ କୀଳକ ଦ୍ୱାରା ତା'ର ପୃଷ୍ଠଦେଶକୁ ବିଦ୍ଧ କରିପାରେ ।

So might one fall on the Eternal's road
Forfeiting the spirit's lonely chance in Time
And no news of him reach the waiting gods,
Marked "missing" in the register of souls,
His name the index of a failing hope,
The position of a dead remembered star.

ଏହିପରି ଭାବରେ କାଳସ୍ରୋତରେ ଅନ୍ତରାତ୍ମାର ଏକମାତ୍ର ସୁଯୋଗଟିକୁ ହରାଇ ଶାଶ୍ୱତଙ୍କ ପଥରେ ଜଣକର ପଦସ୍ଖଳନ ଘଟେ ଏବଂ ତାହାର କୌଣସି ସମ୍ବାଦ ପହଞ୍ଚେ ନାହିଁ ଅପେକ୍ଷମାଣ ଦେବତାମାନଙ୍କ ପାଖରେ । ଅନ୍ତରାତ୍ମାମାନଙ୍କର ନାମ-ପଞ୍ଜିକାରେ ''ନିଖୋଜ'' ବୋଲି ଚିହ୍ନିତ ତା'ର ନାଁଟି ଏକ ବ୍ୟର୍ଥ ଆଶାର, ସ୍ମୃତିଗତ ଏକ ମୃତ ତାରକାର ପୂର୍ବାବସ୍ଥାନର ସୂଚକ ହୋଇ ରହେ ।

Only were safe who kept God in their hearts :
Courage their armour, faith their sword, they
must walk,
The hand ready to smite, the eye to scout,
Casting a javelin regard in front,
Heroes and soldiers of the army of Light.

କେବଳ ସେଇମାନେହିଁ ନିରାପଦ, ଯେଉଁମାନେ ଈଶ୍ୱରଙ୍କୁ ଧରି ରଖିଥା'ନ୍ତି ସେମାନଙ୍କ ହୃଦୟ ଭିତରେ : ସାହସ ସେମାନଙ୍କର ରକ୍ଷାକବଚ, ବିଶ୍ୱାସ ସେମାନଙ୍କର କୃପାଣ, ସେମାନଙ୍କୁ ଅବଶ୍ୟ ଆଗେଇ ଚାଲିବାକୁ ହେବ । ଆଘାତ କରିବା ପାଇଁ ଉଦ୍ୟତ ଥିବ ବାହୁ, ଅନ୍ୱେଷଣ ପାଇଁ ପ୍ରସ୍ତୁତ ଥିବ ଆଖି ଏବଂ ଏକ ବର୍ଚ୍ଛାଫଳକ ପରି ପୁରୋଭାଗକୁ ନିକ୍ଷିପ୍ତ ହୋଇ ରହିଥିବ ଦୃଷ୍ଟି । ସେଇମାନେ ହେଲେ ଆଲୋକ-ସେନାବାହିନୀର ବୀର ଏବଂ ଯୋଦ୍ଧୃବୃନ୍ଦ ।

Hardly even so, the grisly danger past,
Released into a calmer purer air,
They dared at length to breathe and smile
once more.

ଏପରିକି ଏସବୁ ସତ୍ତ୍ୱେ, ଭୟଙ୍କର ବିପଦ ଅତିକ୍ରାନ୍ତ ହେଲା ପରେ, ଏକ ପ୍ରଶାନ୍ତ ଓ ବିଶୁଦ୍ଧତର ବାତାବରଣ ଭିତରକୁ ମୁକୁଳି ଆସିଲା ପରେ, ପରିଶେଷରେ ପୁଣି ଥରେ ସ୍ୱସ୍ତିରେ ନିଃଶ୍ୱାସ ମାରିବା ଓ ସ୍ମିତହାସ୍ୟ ଝରାଇଦେବା ସେମାନଙ୍କ ପକ୍ଷେ ଏକ ଦୁଃସାହସପୂର୍ଣ୍ଣ କାର୍ଯ୍ୟ ହୋଇ ରହିଥାଏ ।

Once more they moved beneath a real sun.

ଏକ ସତ୍ୟର ସୂର୍ଯ୍ୟ ତଳେ ପୁନଶ୍ଚ ବିଚରଣ କରିବା ଦୁଷ୍କର ସେମାନଙ୍କ ପାଇଁ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଅଭ୍ୟାସ କର

## ଶ୍ରୀମା

### ଉପଯୁକ୍ତ ମୂଲ୍ୟ ଦିଅ

ତୁମେ ଏପରି ଗୋଟିଏ ପରିବେଶରେ ରହିଛ ଯେଉଁଠି ସତ୍ୟ ପୂର୍ଣ୍ଣଭାବରେ ରହିଛି, ତୁମକୁ ସତ୍ୟର ସେହି ଜଗତ୍ ସହ ସମ୍ପର୍କିତ କରି ରଖାଯାଇଛି, ତୁମେ ତାହା ଭିତରେ ବାସ କରୁଛ, ତୁମର ପ୍ରତିଟି ନିଃଶ୍ୱାସରେ ଯେଉଁ ପବନ ଗ୍ରହଣ କରୁଛ ତାହା ସେହି ସତ୍ୟରେ ପରିପୂର୍ଣ୍ଣ ହୋଇ ରହିଛି । ତଥାପି ତୁମ ଭିତରୁ କେତେ ଜଣ ଜାଣ ଯେ, ସେଇ ସତ୍ୟକୁ କାର୍ଯ୍ୟକାରୀ କଲେହିଁ ଯାଇ ସେଇ ସତ୍ୟର ମୂଲ୍ୟ ରହିଛି ? କେବଳ କଥାରେ କଥାରେ ଚେତନା, ଜ୍ଞାନ, ଆତ୍ମାର ଐକ୍ୟ, ସାର୍ବଜନୀନତା, ଅନନ୍ତ, ସନାତନତା, ପରମ ସତ୍ୟ, ଦିବ୍ୟ-ଉପସ୍ଥିତି ଏବଂ ... ଏଭଳି କେତେକ କଥା କହି ଲାଭ କ'ଣ ? ଯଦି ତୁମେ ସେଗୁଡ଼ିକୁ ନେଇ ନ ବଞ୍ଚୁଛ ଏବଂ ନିଜ ଭିତରେ ସେଗୁଡ଼ିକୁ ଉପଲବ୍ଧି ନ କରୁଛ, ତେବେ ତୁମ ପାଇଁ ସେଗୁଡ଼ିକର କିଛି ଅର୍ଥ ନାହିଁ ।... ତୁମେ ଜାଣିବା ଉଚିତ ଯେ, ଏଇସବୁକୁ ଉପଲବ୍ଧି କରିବା ପାଇଁ ତୁମକୁ ଖୁବ୍ ଅଧ୍ୟବସାୟ କରିବାକୁ ହେବ, ଖୁବ୍ ଧୈର୍ଯ୍ୟର ସହିତ ସହିଷ୍ଣୁ ହେବାକୁ ପଡ଼ିବ ଏବଂ ତୁମ ପ୍ରକୃତିରେ ଥିବା ସାମାନ୍ୟତମ ଦୁର୍ବଳତାକୁ, ସାମାନ୍ୟତମ ନିକୃଷ୍ଟତା ଓ ସଂକୀର୍ଣ୍ଣତାକୁ ଜୟ କରିବା ଲାଗି ତୁମକୁ ପ୍ରତି ମୁହୂର୍ତ୍ତରେ ନିରବଚ୍ଛିନ୍ନ ଭାବେ ସାଧନାରତ ରହିବାକୁ ପଡ଼ିବ ... ।

ତଥାପି ତୁମେ ବୟସର ସୀମା ପାର ହୋଇଯାଇ ନାହଁ । ତୁମକୁ **ଠିକ୍ ଭାବରେ** ଏହି କଥାଟି ଶିକ୍ଷା କରିବାକୁ ହେବ ଯେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ତୁମକୁ ଆହୁରି ବହୁତ ମୂଲ୍ୟ ଦେବାକୁ ପଡ଼ିବ । ପରମସତ୍ୟକୁ ଜାଣିବା ଲାଗି ତୁମର ଦୈନନ୍ଦିନ ଜୀବନରେ ସେଗୁଡ଼ିକୁ ବାରଂବାର ଅଭ୍ୟାସ କରିବାକୁ ପଡ଼ିବ ।

### ଯାହା ଜାଣିଛ ଅଭ୍ୟାସ କର

ଯେତେବେଳେ ତୁମେ ଏପରି କିଛି ପାଇଲ ଯାହାର ଶକ୍ତି ରହିଛି ତୁମ ଅଚେତନତା ଓ ଜଡ଼ତା ଉପରେ ବିଜୟ ହାସଲ ଦିଗରେ ତୁମକୁ ସାହାଯ୍ୟ କରିବା ପାଇଁ, ତେବେ ଶେଷ ପରିଣତି ଘଟିବା ପର୍ଯ୍ୟନ୍ତ ସେହି ଶବ୍ଦ ବା ବାକ୍ୟରୁ ଉତ୍ପନ୍ନ ହେଉଥିବା ପ୍ରଭାବଗୁଡ଼ିକୁ ତୁମେ ନିଶ୍ଚୟ ବିନିଯୋଗ କରିଚାଲିବ, ତା'ପରେ ଯାଇ ଅନ୍ୟ କିଛିର ଅନ୍ୱେଷଣ କରିବ ।

ମନେକର ତୁମ ଭିତରେ କୌଣସି ଏକ ଭାବ ପ୍ରବେଶ କଲା, ତେବେ ସେଇ ଭାବକୁ ପ୍ରତିଷ୍ଠିତ କରିବା ପାଇଁ ଲାଗିପଡ଼ିବା ହେଲା ଅଧିକ ଗୁରୁତ୍ୱପୂର୍ଣ୍ଣ । ତାହା ନକରି କେବଳ ଗୁଡ଼ାଏ ଏଣୁତେଣୁ ବଡ଼ ବଡ଼ ଭାବ ମୁଣ୍ଡରେ ପୂରାଇ, ସେଇ ଭାବ ସଂଗ୍ରହରେ ମାତିବା ଆଦୌ ଠିକ୍ ନୁହେଁ । ଭାବଗୁଡ଼ିକ ନିଶ୍ଚୟ ତା' ବେଳାରେ ଖୁବ୍ ଦରକାରୀ, କିନ୍ତୁ ତାହା ଯେପରି ତୁମକୁ ଉପଯୁକ୍ତ ସମୟରେ ସେଇ ଉପଲବ୍ଧିଟି ଆଣି ଦେଇପାରେ । ତା'ମାନେ ବିଶେଷତଃ ସେଇସବୁ ଉପସ୍ଥିତ ଚରମ ବେଳାରେ ଯଦି ତୁମ ମନ ଭିତରେ ରଖିଥିବା ସେଇ ଗତିଶୀଳ ଚିନ୍ତାଧାରାଗୁଡ଼ିକ ତୁମକୁ ଏକ ଆନ୍ତର ବିଜୟରେ ସାହାଯ୍ୟ କରେ, ତେବେ ଯାଇ ସେ ଭାବଟିର ମୂଲ୍ୟ ତୁମ ପାଖେ ରହିଛି । ତା'ର ଅର୍ଥ ତୁମକୁ ଯେଉଁ ଯେଉଁ ଭଲ କଥା ଜଣା ଅଛି, ତାକୁ ଯଦି ତୁମେ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରି ନିଜ ଉପରେ ବିଜୟ ହାସଲ ନ କରୁଛ, ତାହାହେଲେ ସେଇ ଭାବଗୁଡ଼ିକ ତୁମ ଭିତରେ କେବଳ ବାହ୍ୟ ଜ୍ଞାନ ବା ନିଷ୍ଫଳ ତଥ୍ୟ ଓ ତତ୍ତ୍ୱ ରୂପେ ରହିଯିବ ।

ଏକଥାର ସାରାଂଶ ହେଲା : ତୁମେ ଯାହା ଜାଣିଛ ତାକୁ ପୂର୍ଣ୍ଣତଃ ଅଭ୍ୟାସ କର । ତାହାହେଲେ ଯାଇ ତୁମର ତତ୍ତ୍ୱଜ୍ଞାନକୁ ବ୍ୟବହାର-ଉପଯୋଗୀ ଓ ସମୃଦ୍ଧ କରିପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୫୪)

## ପ୍ରଭଞ୍ଜନ : ପ୍ରଥମ ପର୍ଯ୍ୟାୟ

## ମନୋଜ ଦାସ

ସମ୍ମିଳନୀ ଆରମ୍ଭ ହେବାକୁ ଆଉ ବିଳମ୍ବ ନଥିଲା । ମାନ୍ଦାପନ୍ଥୀମାନଙ୍କ ମନୋଭାବ ଜାତୀୟବାଦୀମାନଙ୍କୁ ହତୋତ୍ସାହ କରିବା ସତ୍ତ୍ୱେ ପ୍ରତିଷ୍ଠାନର ସ୍ୱାର୍ଥ ଦୃଷ୍ଟିରୁ ସେମାନେ ଯଥାସମ୍ଭବ ଧୈର୍ଯ୍ୟ ସହକାରେ ମାନ୍ଦାପନ୍ଥୀ ନେତାମାନଙ୍କ ସହ ଆଳାପ ଆଲୋଚନା ମାଧ୍ୟମରେ ସହଯୋଗ ସକାଶେ ସଚେଷ୍ଟ ଥା'ନ୍ତି ।

ଶ୍ରୀଅରବିନ୍ଦଙ୍କ ସଭାପତିତ୍ୱରେ ଜାତୀୟବାଦୀମାନେ ପୁନର୍ବାର ଏକ ବୈଠକରେ ସେମାନଙ୍କ କର୍ତ୍ତବ୍ୟ ଆଲୋଚନା କଲେ । ସିଦ୍ଧାନ୍ତ ହେଲା, ଯଦି ମାନ୍ଦାପନ୍ଥୀମାନେ ପୂର୍ବରୁ ଅନୁଷ୍ଠିତ କଲିକତା ଅଧିବେଶନରେ ଗୃହୀତ ପ୍ରସ୍ତାବମାନ ଏଡ଼ାଇ ନଯିବେ, ଯଦି ସେସବୁ ପ୍ରଗତିଶୀଳ ପ୍ରସ୍ତାବ ନିହିତ ଆଦର୍ଶରୁ ପଛଘୁଞ୍ଚା ଦେଲାଭଳି ପ୍ରସ୍ତାବ ଆଗତ ନ କରିବେ, ତେବେ ଜାତୀୟବାଦୀମାନେ ସମ୍ମିଳନୀର କାର୍ଯ୍ୟକ୍ରମରେ କୌଣସି ବାଧା ସୃଷ୍ଟି କରିବେ ନାହିଁ ।

ଲାଲା ଲଜପତ୍ ରାୟ ଅଧିବେଶନରେ ସଭାପତିତ୍ୱ କରିବା ଉଚିତ ଥିଲା – ଏକଥା ଅଧିକାଂଶ ପ୍ରତିନିଧିଙ୍କ ମତ ବୋଲି ସେମାନେ ଅବଶ୍ୟ ଭଦ୍ର ଭାବରେ ସୂଚାଇ ଦେବେ, କିନ୍ତୁ ରାସବିହାରୀ ଘୋଷ ସେ ଆସନ ଅଳଙ୍କୃତ କରିବା ପ୍ରସ୍ତାବର ବିରୋଧ କରିବେ ନାହିଁ ।

ତିଳକ, ଶ୍ରୀଅରବିନ୍ଦ, ଖାପାର୍ଦେ ଏବଂ ମୋତିଲାଲ ଘୋଷ ମାନ୍ଦାପନ୍ଥୀ ପକ୍ଷର ମଉଡ଼ମଣି ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ସହ ସାକ୍ଷାତ୍ କଲେ ଏବଂ ଉପରୋକ୍ତ ପ୍ରସ୍ତାବ ରଖିଲେ । ପୂର୍ବ ଅଧିବେଶନରେ କଂଗ୍ରେସ ଗ୍ରହଣ କରିଥିବା ପ୍ରଗତିଶୀଳ ପଦକ୍ଷେପରୁ ପଛକୁ ଫେରିଯିବା ଯେ ଅପମାନଜନକ ତଥା ଭୀରୁତାର ଲକ୍ଷଣ, ଏକଥା ବାନାର୍ଜୀଙ୍କ ଭଳି ପୋଖତ ନେତା ଯେ ବୁଝି ନଥିବେ, ତାହା ନୁହେଁ । କିନ୍ତୁ, ମନେ ହୁଏ ସେମାନଙ୍କ ମନୋଭାବକୁ ନିୟନ୍ତ୍ରଣ କରୁଥିଲା ଦୁଇ ଧରଣର ଭୟ : ଇଂରେଜ ଶାସକମାନେ ଖପା ହୋଇ ସେମାନଙ୍କୁ ହଲାପଟା କରିବାର ଆଶଙ୍କା ଏବଂ ଜାତୀୟ କଂଗ୍ରେସର ନେତୃତ୍ୱ ସେମାନଙ୍କ ହାତରୁ ଖସିଯାଇ ସମାଜରେ ସେମାନଙ୍କ ପ୍ରତିଷ୍ଠାକୁ ନ୍ୟୂନ କରି ଦେବାର ସମ୍ଭାବନା ।

ସେ ଯାହାହେଉ, ବାନାର୍ଜୀ ମହାଶୟ ତାଙ୍କ ସମଧର୍ମୀ ନେତୃବୃନ୍ଦଙ୍କ ସହ ଆଲୋଚନା କରି ତିଳକ ଇତ୍ୟାଦିଙ୍କୁ ତୁରନ୍ତ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଲେ, କିନ୍ତୁ ପ୍ରତିଶ୍ରୁତି ରକ୍ଷା କଲେ ନାହିଁ । ଜାତୀୟବାଦୀ ନେତାମାନେ ତାଙ୍କୁ ବା ତାଙ୍କ ପକ୍ଷର ଅନ୍ୟ କୌଣସି ନେତାଙ୍କ ସହ ସାକ୍ଷାତ୍ କରିବାକୁ ଯାବତୀୟ ଚେଷ୍ଟା କରି ମଧ୍ୟ ବିଫଳ ହେଲେ । ସ୍ଥାନୀୟ ଅଭ୍ୟର୍ଥନା ସମିତିର ସଭାପତି ତ୍ରିଭୁବନଦାସ ମାଲଭି ଗୁଜରାଟ ବାହାରେ ବିଶେଷ ପରିଚିତ ନଥିଲେ । କିନ୍ତୁ ସେ ମହାଶୟ ମଧ୍ୟ ନିଜ ସାମୟିକ ଆସନଟିର ଆଶୀର୍ବାଦରେ ଏଡ଼େ ଗୁରୁତ୍ୱପୂର୍ଣ୍ଣ ନେତାରେ ପରିଣତ ହୋଇଯାଇଥିଲେ ଯେ ସାକ୍ଷାତ୍ ପାଇଁ ଅନୁରୋଧର ଉତ୍ତରରେ ଖବର ପଠାଇଲେ ଯେ ସେ ପୂଜାପାଠରେ ବ୍ୟସ୍ତ ଅଛନ୍ତି ![୧]

ଜାତୀୟବାଦୀ ନେତୃବର୍ଗ ଏମିତି ଧାଁଧାପଡ଼ କରୁଥିବା ଭିତରେ ସମ୍ମିଳନୀର ଶୁଭାରମ୍ଭ ସକାଶେ ନିର୍ଦ୍ଦିଷ୍ଟ ସମୟ – ଛବିଶ ତାରିଖ ଡିସେମ୍ବର ଦିନ ଗୋଟାଏ ବାଜିଗଲା । ଅବଶ୍ୟ ଶୁଭାରମ୍ଭକୁ ବିଳମ୍ବିତ କଲା ଗୋଟାଏ ଅଶୁଭ ଘଟଣା : ଜଣେ ପ୍ରତିନିଧି ଆକସ୍ମିକ ଭାବେ ପରଲୋକ ଗମନ କଲେ ।

ମାନ୍ଦାପନ୍ଥୀମାନେ ତେରଶହ ପ୍ରତିନିଧି ଠୁଳ କରିଥିଲେ । ଅବଶ୍ୟ ତହିଁର ଅନ୍ତର୍ଭୁକ୍ତ ଥିଲେ ଗତ ଅଳ୍ପଦିନ ଭିତରେ ତାଲିକାଭୁକ୍ତ ହୋଇଥିବା ଅନେକ ସ୍ଥାନୀୟ ଭଦ୍ରଲୋକ । ଅଧିକାଂଶ ଜାତୀୟବାଦୀ ବାହାରୁହିଁ ଆସିଥିଲେ । ସେମାନଙ୍କ ସଂଖ୍ୟା ଥିଲା ଏଗାରଶହ; ଅବଶ୍ୟ ବିଭିନ୍ନ ନଥିପତ୍ରରେ ସଂଖ୍ୟାରେ ଅଳ୍ପ ବହୁତ ତାରତମ୍ୟ ଦେଖିବାକୁ ମିଳେ । ଯୋଗଦାନକାରୀଙ୍କ ସର୍ବମୋଟ ସଂଖ୍ୟା ଥିଲା ଦଶ

ହଜାର । ଅଣ-ପ୍ରତିନିଧି ଶ୍ରୋତାମାନଙ୍କୁ ପ୍ରବେଶ ମୂଲ୍ୟ ଦେବାକୁ ପଡ଼ିଥାଏ ।

ପ୍ରେକ୍ଷାଳୟରେ ପ୍ରତିନିଧିମାନଙ୍କ ସକାଶେ ଉଦ୍ଦିଷ୍ଟ ଅଞ୍ଚଳର ପୁରୋଭାଗରେ ଶ୍ରୀଅରବିନ୍ଦ, ତିଳକ ଏବଂ ଅନ୍ୟାନ୍ୟ ଜାତୀୟବାଦୀ ନେତୃବର୍ଗ ନୀରବରେ ଆସନ ଗ୍ରହଣ କଲେ ।

ପ୍ରେକ୍ଷାଳୟ ଭିତରେ ଭାରତର ଭିନ୍ନ ଭିନ୍ନ ରାଜ୍ୟରୁ ଆଗତ ପ୍ରତିନିଧିମାନଙ୍କର କେତେ କିସମର କମଳା ରଙ୍ଗ, ଅଳକ୍ତବର୍ଣ୍ଣ, ସୁନେଲି, ଶୁଭ୍ର ପଗଡ଼ିମାନ ତରଙ୍ଗାୟିତ ହେବା ଭଳି ମନେ ହେଉଥାଏ । ତହିଁ ଭିତରେ ବସିଥା'ନ୍ତି ପଗଡ଼ିହୀନ ବଙ୍ଗୀୟ ଲୋକେ । ଶୁଭୁଥାଏ ଯୁକ୍ତିତର୍କ, ବାଦ ବିସମ୍ବାଦ – ଉପରୁ ଆସୁଥିବା ଦ୍ୱିପ୍ରହରର ଭୀଷଣ ତାତି ସତ୍ତ୍ୱେ । ସୌଭାଗ୍ୟକୁ ତାହା ଶୀତ ଋତୁ ।(୨)

ଅବଶେଷରେ କଂଗ୍ରେସର ପଦାଧିକାରୀମାନେ ପ୍ରବିଷ୍ଟ ହେଲେ । ଗତାନୁଗତିକ ଭାବେ, ବର୍ଷ ପରେ ବର୍ଷ ଅଧିବେଶନସବୁ ଯେମିତି ଢଙ୍ଗରେ ଚାଲୁଥାଏ, ତାହାଠାରୁ ପରିସ୍ଥିତି ଏଥର ବିଶେଷ ଭିନ୍ନ ହୋଇପାରେ ସେଭଳି ଧାରଣା ସେମାନଙ୍କ କଳ୍ପନାକୁ ଅବଶ୍ୟ ଆସି ନଥିବ । ଜାତୀୟ-ବାଦୀମାନଙ୍କୁ ସେମାନେ ଅବଜ୍ଞା କରିଛନ୍ତି, ଅତଏବ ସବୁକିଛି ଚାଲିବ ସେହିମାନେ ସ୍ଥିର କରିଥିବା କାର୍ଯ୍ୟକ୍ରମ ଅନୁସାରେ, ଏହାହିଁ ଥିଲା ସେମାନଙ୍କ ଆକଳନ । ଅପରାହ୍ଣ ଦୁଇଟା ବେଳକୁ କାର୍ଯ୍ୟକ୍ରମ ଆରମ୍ଭ ହେଲା ।

''ବ୍ରହ୍ମଦେଶରେ ଛଅ ମାସ ନିର୍ବାସିତ ଜୀବନ ଯାପନ ଅନ୍ତେ ସଂପ୍ରତି ପ୍ରତ୍ୟାବର୍ତ୍ତନ କରିଥିବା ଲାଲା ଲାଜପତ ରାୟ ଏବଂ ଖାସ୍ ଏହି ଅନୁଷ୍ଠାନରେ ଯୋଗଦାନ କରିବା ନିମନ୍ତେ ବ୍ରିଟେନରୁ ଆସିଥିବା ଉଦାରପନ୍ଥୀ ରାଜନୈତିକ ନେତା ଡ. ରାଦାରଫୋର୍ଡ଼ ପ୍ରବେଶ କରିବା ସଙ୍ଗେ ସଙ୍ଗେ ପ୍ରତିନିଧି ବର୍ଗ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲେ । ତତ୍ପରେ ପ୍ରବେଶ କଲେ ପ୍ରସ୍ତାବିତ ସଭାପତି ରାସବିହାରୀ ଘୋଷ, ଫିରୋଜ୍ ଶାହ ମେହଟା, ୱାଚା, ଗୋଖେଲ୍ ଏବଂ ଅନ୍ୟାନ୍ୟ ନେତା ସମନ୍ୱିତ ଶୋଭାଯାତ୍ରା । ଅଭ୍ୟର୍ଥନା ସମିତିର ସଭାପତି ତ୍ରିଭୁବନ ଦାସ ମାଲ୍‌ଭି ସ୍ୱାଗତ ଅଭିଭାଷଣ ପାଠ କରିବା ଅନ୍ତେ ରାସବିହାରୀ ଘୋଷ ସଭାପତି ଆସନରେ ବସନ୍ତୁ ବୋଲି ପ୍ରସ୍ତାବ ଆଗତ କଲେ ଅମ୍ବାଲାଲ୍ ସାକେରଲାଲ୍ ଦେଶାଇ ।... କିନ୍ତୁ ପ୍ରେକ୍ଷାଳୟର ଏକ ଅଂଶରୁ ଶୁଣାଗଲା ପ୍ରତିବାଦର ନିର୍ଘୋଷ । କଂଗ୍ରେସର ଯେକୌଣସି ସଭାରେ ସୁରେନ୍ଦ୍ରନାଥ ବାନାର୍ଜୀ କହିବାକୁ ଉଠିବା ମାତ୍ରେ ନିସ୍ତବ୍ଧତା ବିରାଜମାନ କରୁଥାଏ । କିନ୍ତୁ ଆଜି ସେ ପ୍ରସ୍ତାବଟି ସମର୍ଥନ କରିବାକୁ ଉଠିବା ମାତ୍ରେ ସମବେତ ଚିତ୍କାର ତାଙ୍କ କଣ୍ଠସ୍ୱରକୁ ଦବାଇ ଦେଲା ।''(୩)

ଉପରୋକ୍ତ ବିବରଣୀ ଗୋଖେଲ୍‌ଙ୍କର ପ୍ରାମାଣ୍ୟ ଜୀବନୀରୁ ଉଦ୍ଧୃତ । ବର୍ତ୍ତମାନ ପୁଲିସର ସି. ଆଇ. ଡ଼ି. ବିଭାଗ ପେସ୍ କରିଥିବା ବିବରଣୀ ଉପରେ ଦୃଷ୍ଟିପାତ କରାଯାଉ :

''ବରୋଦା ହାଇକୋର୍ଟର ପ୍ରାକ୍ତନ ପ୍ରଧାନ ବିଚାରପତି ଦେଓ୍ୱାନ୍ ବାହାଦୁର ଅମ୍ବାଲାଲ୍ ସାକେର୍‌ଲାଲ୍ ଦେଶାଇ ପ୍ରସ୍ତାବ କଲେ ଯେ ମାନ୍ୟବର ଡ. ରାସବିହାରୀ ଘୋଷ ସଭାପତି ଆସନ ଅଳଙ୍କୃତ କରିବେ । 'ନା ନା'– ଧ୍ୱନି ତାଙ୍କୁ ବାଧା ଦେଲା । କିନ୍ତୁ ସେ କହିଚାଲିଲେ – ଏ ଅଧିବେଶନରେ ସଭାପତିତ୍ୱ କରିବା ନିମନ୍ତେ ଆମେ ତାଙ୍କୁ ଅନୁରୋଧ କରିବା । ପୁଣି ଶୁଭିଲା ସମବେତ କଣ୍ଠରୁ ଚିତ୍କାର – ନା ନା !''(୪)

ସି.ଆଇ.ଡ଼ି. ପ୍ରଦତ୍ତ ବିବରଣୀରେ ଏହା ପରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ଯେଉଁ ଅଭୂତପୂର୍ବ ବିରୋଧର ସାମନା କରିବାକୁ ପଡ଼ିଲା, ତା'ର ବର୍ଣ୍ଣନା ରହିଛି । ତେବେ ସ୍ୱନାମଧନ୍ୟ ଇଂରେଜ ସାମ୍ବାଦିକ ନେଭିନ୍‌ସନ୍‌ଙ୍କ ବିବରଣୀ ପଢ଼ାଯାଉ :

''ସଭାପତିଙ୍କ ଦକ୍ଷିଣ ପଟକୁ ବସିଥିବା ଏକ ବିପୁଳ ଜନସମଷ୍ଟି ହଠାତ୍ ଉଠିପଡ଼ି ହାତ, ବାଡ଼ି, ଛତା, ଚଦର ଇତ୍ୟାଦି ଆନ୍ଦୋଳିତ କରି ଅବିରାମ ଚିତ୍କାର ଛାଡ଼ିବାକୁ ଲାଗିଲେ । ସେମାନଙ୍କ ମୁଣ୍ଡ ଉପରେ ଦେଖାଯାଉଥାଏ ବିଜ୍ଞପ୍ତି, 'ମଧ୍ୟପ୍ରଦେଶ' । ମଧ୍ୟପ୍ରଦେଶର ନଗରୀ ନାଗପୁର – ଯେଉଁଠାରେ କଂଗ୍ରେସ ଅଧିବେଶନ ହେବାର ଥିଲା । 'ନାଗପୁରକୁ ମନେ ରଖ !' ସେମାନେ ଉଚ୍ଚକଣ୍ଠରେ ସ୍ମରଣ କରାଇ ଦେଉଥାନ୍ତି । 'ମେଦିନୀପୁରକୁ ମନେ ରଖ !'– କେତେ ମାସ ତଳେ ଯେଉଁ ମେଦିନୀପୁରରେ ଅନୁଷ୍ଠିତ ବଙ୍ଗ ପ୍ରଦେଶ କଂଗ୍ରେସ ସମ୍ମିଳନୀରେ ସୁରେନ୍ଦ୍ର ନାଥ ଜାତୀୟବାଦୀମାନଙ୍କୁ ଚୁପ୍ କରାଇବାକୁ ଉଦ୍ୟମ କରିଥିଲେ ଏବଂ ବାସ୍ତବରେ ନିଜ ପାଖରେ ଜିଲ୍ଲା ପୁଲିସ କର୍ତ୍ତାଙ୍କୁ ବସାଇଥିଲେ ! ମାନ୍ଦ୍ରାଜରୁ ଆଗତ ଧଳାପଗଡ଼ିଧାରୀ ପ୍ରତିନିଧିମାନେ ମଧ୍ୟପ୍ରଦେଶାଗତଙ୍କ ସହ ଯୋଗ ଦେଲେ । ସମୁଦାୟ ଦଶହଜାର ଲୋକହିଁ ଠିଆ ହୋଇପଡ଼ିଥା'ନ୍ତି – କିଏ ଶୃଙ୍ଖଳା ଦାବି କରୁଥାଏ ତ କିଏ ବା ଥାଏ ପ୍ରତିବାଦମୁଖର ।

''ଶ୍ରୀ ମାଲ୍‌ଭି ସେଯାଏ ଚୌକିରେ ଅଧାଅଧି ବସି ରହି ତାଙ୍କ ବାରାଣସୀ ପିତଳ ଘଣ୍ଟି ବଜାଉଥା'ନ୍ତି – କିନ୍ତୁ

ବୃଥାରେ । ସୁରେନ୍ଦ୍ରନାଥ ଖାସ୍ ଟେବୁଲ ଉପରକୁ ଚଢ଼ିଗଲେ । ତାଙ୍କ ଉଚ୍ଚ କଣ୍ଠସ୍ୱର ବି ସେ ହଟ୍ଟଗୋଳ ଭିତରେ କାନକୁହା ଗୋପନ କଥା ଭଳି ଶୁଭିଲା । ସେ ବାରଂବାର ନିନାଦ ଛାଡ଼ିଲେ – କିନ୍ତୁ ତାହା ନିଃଶବ୍ଦର ନାମାନ୍ତରରେ ପରିଣତ ହେଲା । ସେ ବସି ପଡ଼ିଲେ । ମୁହୂର୍ତ୍ତକ ପାଇଁ ଝଡ଼ ଶାନ୍ତ ହେଲା ପରି ମନେ ହେଲା । ଶୁଭୁଥାଏ ନେତୃବର୍ଗଙ୍କ ଉତ୍ତେଜିତ ଆଲୋଚନା । ଡ: ଘୋଷଙ୍କ କଣ୍ଠସ୍ୱର ତୀକ୍ଷ୍ଣ, ଅଧୈର୍ଯ୍ୟ ଏବଂ କ୍ରୋଧ-ବିଚଳିତ; ଗୋଖେଲ୍ ହତାଶ, ଉଦ୍‌ବିଗ୍ନ, ବିଫଳ ବୁଝାମଣା ପ୍ରୟାସ ଏବଂ ବିନିଦ୍ରରଜନୀ ଯୋଗୁଁ ମ୍ରିୟମାଣ । ଶୁଣାଗଲା ଅଧିବେଶନକୁ ମୁଲତବୀ କରିବାର ସମ୍ଭାବନା, ଶୁଣାଗଲା ଏହି ମନ୍ତବ୍ୟ : 'ଯଦି ସେମାନେ ସୁରେନ୍ଦ୍ରନାଥଙ୍କ କଥା ନ ଶୁଣିବେ, ତେବେ ଶୁଣିବେ କାହା କଥା ?' ଆହୁରି ବି ଶୁଣାଗଲା, 'ଏହା କଂଗ୍ରେସକୁ ଅପମାନ !' 'ବଙ୍ଗଦେଶକୁ ଅପମାନ !' ବୋଲି କହିଲା ଏକ ତୃତୀୟ କଣ୍ଠ ।

''ସୁରେନ୍ଦ୍ର ନାଥ ପୁନର୍ବାର ଟେବୁଲ ଉପରକୁ ଚଟାପଟ୍ ଉଠିଲେ; ପୁଣି ସମାବେଶ ହଟ୍ଟଗୋଳରେ ଫାଟି ପଡ଼ିଲା । ପୁନର୍ବାର ସଭାପତି ତାଙ୍କ ବାରାଣସୀ ଘଣ୍ଟି ବଜାଇଲେ – ଏବଂ ବଜାଇଲେ ବୃଥାରେ । କୋହ ଭଳି ଶୁଭୁଥିବା ଅସ୍ପଷ୍ଟ କଣ୍ଠରେ ସେ ଅଧିବେଶନ ମୁଲତବୀ ରହିଲା ବୋଲି ଘୋଷଣା କଲେ ।

''ସଭାପତିଙ୍କ ମଞ୍ଚ ଶୂନ୍ୟ ହେଲା । ସୁରେନ୍ଦ୍ର ନାଥ ଓହ୍ଲାଇ ଗଲେ । ବିଳମ୍ବିତ ଅଧିବେଶନକୁ ସ୍ୱନ୍ଦିତ କଣ୍ଠରେ 'ବନ୍ଦେ ମାତରମ୍' ଗୀତ ଯୋଗେ ଶୃଙ୍ଖଳିତ ରଖିଥିବା ଭାରତୀୟ ମହିଳାମାନେ ପଶ୍ଚାତ୍‌ଭାଗର ଏକ ଦ୍ୱାର ଦେଇ ନିଷ୍କ୍ରାନ୍ତ ହେଲେ ଏବଂ କଂଗ୍ରେସର ନେତୃବର୍ଗ ଅଦୃଶ୍ୟ ହୋଇଗଲେ ନିଜ ନିଜ ତମ୍ବୁ ଭିତରେ ।''[୫]

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**


୧. ହେନ୍‌ରି ନେଭିନ୍‌ସନ୍ :The New Spirit in India; (Indian reprint), 1975; Metropolitan Book Co., ଦିଲ୍ଲୀ ।

୨. ତତ୍ରୈବ

୩. ବି. ଆର. ନନ୍ଦ : Gokhale : *The Indian Moderate and the British Raj,* Oxford University Press, New Delhi

୪. *Source Material for a History of the Freedom Movement in India,* The Bombay Government Records; The Government of Bombay, 1958.

୫. ହେନ୍‌ରି ନେଭିନ୍‌ସନ୍ :The New Spirit in India; (Indian reprint), 1975; Metropolitan Book Co., ଦିଲ୍ଲୀ ।


*ପ୍ରଶ୍ନ : କାହିଁକି ଏହି ଅରାଜକ ଅବସ୍ଥା... ? ସତ୍ୟର ରାଜତ୍ୱ ପାଇଁ ଏହା କ'ଣ ଭଲ ଦିଗରେ ଏକ ପରିବର୍ତ୍ତନର ଲକ୍ଷଣ ?*

ସମଗ୍ର ପୃଥିବୀ ଉପରେ ସତ୍ୟଶକ୍ତିର ଚାପ ଯୋଗୁଁହିଁ ଏହିସବୁ ବିଶୃଙ୍ଖଳା, ବିଭ୍ରାନ୍ତି ଓ ମିଥ୍ୟାଚାର ଚାରିଆଡ଼େ ଉଠିଆସୁଛି ରୂପାନ୍ତରିତ ହେବାକୁ ଅସ୍ୱୀକାର କରି ।

ସତ୍ୟର ବିଜୟ ପାଇଁ ପଥ ଖୋଲିଯିବା ସୁନିଶ୍ଚିତ, କିନ୍ତୁ ତାହା କେତେବେଳେ ଓ କିଭଳି ଭାବରେ ସଂଘଟିତ ହେବ ତାହା କହିବା କଷ୍ଟକର ।

(୧୪ସେପ୍‌ଟେମ୍ବର, *୧୯୬୬*) — ଶ୍ରୀମା

# ଶ୍ରଦ୍ଧା ଓ ଶକ୍ତି

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଅଷ୍ଟାଦଶ ଅଧ୍ୟାୟ ''ଶ୍ରଦ୍ଧା ଓ ଶକ୍ତି'' (**The Synthesis of Yoga, Part - IV, The Yoga of Self-Perfection, Chapter - XVIII "Faith and Shakti"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ଆମର ଯାନ୍ତ୍ରିକ ପ୍ରକୃତିର ପୂର୍ଣ୍ଣତାର ତିନୋଟି ଭାଗ ଆମେ ଆଲୋଚନା କରିସାରିଛୁ । ସେଗୁଡ଼ିକ ହେଲା – ବୁଦ୍ଧି, ହୃଦୟ, ପ୍ରାଣଚେତନା, ଶରୀର । ଏସବୁ ପରେ ଆମେ ଆଲୋଚନା କରିବା ଦିବ୍ୟଶକ୍ତି ପାଖରେ ଆତ୍ମାର ଏହି ଯନ୍ତ୍ରାବଳୀ ଓ ତାଙ୍କ କ୍ରିୟାର ଆତ୍ମସମର୍ପଣ ସମ୍ପର୍କରେ ଯାହା ନିର୍ଭର କରେ ଆମ ବିଶ୍ୱାସ ବା ଶ୍ରଦ୍ଧା ଉପରେ । ଏହାହିଁ ଚତୁର୍ଥ ଶକ୍ତି । ସକଳ ସାଧନାର ଏହା ମୂଳ ଭିତ୍ତି । ଜଣେ ଲେଖକଙ୍କ ଭାଷାରେ ଏହା 'back bone' ବା ମେରୁଦଣ୍ଡ ସଦୃଶ । ଏହାର ଅଭାବରେ ସାଧନା ପଥରେ ପାଦଟିଏ ଚାଲିବା ସମ୍ଭବ ନୁହେଁ । *The Synthesis of Yoga*ର 771 ପୃଷ୍ଠାରେ ଏ ସମ୍ପର୍କରେ କୁହାଯାଇଛି "The perfect faith is an assent of the whole being to the truth seen by it..." ପୂର୍ଣ୍ଣ ବିଶ୍ୱାସ ହେଲା ସମଗ୍ର ସତ୍ତାକୁ ନିଜର ଇଷ୍ଟ ସତ୍ୟ ଦିଗରେ ଉତ୍ତୋଳିତ କରିବାର ସାମର୍ଥ୍ୟ । ପୁନଶ୍ଚ "This soul faith, in some form of itself, is indispensable to the action of the being and without it man cannot move a single pace in life..." ଗୀତା କହିଲେ ''ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ'' ଯାହାର ଯେପରି ଶ୍ରଦ୍ଧା, ସେ ସେପରି । ପୁନଶ୍ଚ ଶ୍ରୀଅରବିନ୍ଦ କହନ୍ତି "... whatever he has the faith to see as possible in himself and strive for, that he can create and become." ଯିଏ ନିଜ ମଧ୍ୟରେ ଯେଉଁ ସମ୍ଭାବନା ରହିଥିବା ବିଶ୍ୱାସ କରେ, ସେ ତାହା ସୃଷ୍ଟି କରିପାରେ, ତାହା ହୋଇପାରେ । ଯାହାର ନିଜ ସମ୍ଭାବନା ସମ୍ପର୍କରେ ବିଶ୍ୱାସ ନାହିଁ, କିଛି ସ୍ୱପ୍ନ ଓ ଆସ୍ପୃହା ନାହିଁ, ତା'ର ଆଗ୍ରହ ନାହିଁ, ତା'ର ଅଗ୍ରଗତି ନାହିଁ । ସମସ୍ତ ଜ୍ଞାନ ଉପଲବ୍ଧି ମୂଳରେ ରହିଛି ଶ୍ରଦ୍ଧା, ଏହା କହନ୍ତି ଗୀତା । ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍'' । ଏହି ଶ୍ରଦ୍ଧାହିଁ ଆମର ଆତ୍ମବିଶ୍ୱାସ । ପୂର୍ଣ୍ଣଯୋଗରେ ପରମ ଈଶ୍ୱରଙ୍କୁ ଖାଲି ବିଶ୍ୱାସ କଲେ ଚଳେ ନାହିଁ; ତତ୍ ସଙ୍ଗେ ଈଶ୍ୱର ଓ ତାଙ୍କ ଶକ୍ତିକୁ ବିଶ୍ୱାସ କରିବାକୁ ହେବ । ବିଶ୍ୱାସ କରିବାକୁ ହେବ ଯେ ପରମେଶ୍ୱରଙ୍କ ଶକ୍ତି-ସାମର୍ଥ୍ୟ ଆମ ମଧ୍ୟରେ ରହିଛି । ଏହି ବିଶ୍ୱାସ ଅତୁଟ ରଖିବା ସହ ବିଶ୍ୱାସ କରିବାକୁ ହେବ ଯେ ସେହି ଶକ୍ତି ସାରା ବିଶ୍ୱରେ କ୍ରିୟା କରୁଅଛି, ସେ ଆମକୁ ଏକତାବଦ୍ଧ, ପରିପୂର୍ଣ୍ଣ ଓ ପୂର୍ଣ୍ଣ ମୁକ୍ତ କରିବା ପାଇଁ ବହୁ ବାଧାବିଘ୍ନ, ଉତ୍ଥାନ-ପତନ ଦେଇ ଗତିଶୀଳ ହୋଇଛନ୍ତି । ଆମ ମଧ୍ୟରେ ତା'ର ବିଜୟ-ପରାଜୟ, ସଫଳତା-ବିଫଳତା ସବୁର ଆବଶ୍ୟକତା ରହିଛି । ଏସବୁକୁ ପୂର୍ଣ୍ଣଭାବେ ଆମକୁ ସମର୍ପଣ କରିବାକୁ ହେବ । କୌଣସି ପ୍ରକାରେ ଆମକୁ ସାଧନାର ଏଇ ମେରୁଦଣ୍ଡ ଆମ ଗୁରୁଙ୍କ ବାଣୀ ଓ ଶାସ୍ତ୍ରର ନିର୍ଦ୍ଦେଶକୁ ଅବିଶ୍ୱାସ କରିବାକୁ ହେବ ନାହିଁ । କାରଣ ଶାସ୍ତ୍ର ମତରେ ଶ୍ରଦ୍ଧା ହେଲା ''ଗୁରୁବେଦାନ୍ତ-ବାକ୍ୟେଷୁ ବିଶ୍ୱାସଃ ଶ୍ରଦ୍ଧା'' ।

ମାତ୍ର ବିଶ୍ୱାସର ବିରୋଧୀ ହେଲା ଅବିଶ୍ୱାସ ବା ସଂଶୟ । ମୂଳ ସତ୍ୟକୁ ଅବିଶ୍ୱାସ କଲେ, ଈଶ୍ୱରଙ୍କୁ ଅବିଶ୍ୱାସ କଲେ ଗୀତା ମତରେ ଏହା ବିନାଶର କାରଣ । ''ସଂଶୟାତ୍ମା ବିନଶ୍ୟତି''; ମାତ୍ର ସାଧନା ଭୂମିରେ ସଂଶୟ ସମ୍ପୂର୍ଣ୍ଣ ଅର୍ଥହୀନ ନୁହେଁ, ଏହାର ବି ଗୋଟିଏ ଭୂମିକା ଅଛି । ବିଶ୍ୱାସ ନାମରେ ଆମେ ଥରେ ଥରେ ଭ୍ରମ ଧାରଣାର ଶିକାର ହେଉ । ଅନ୍ଧ ବିଶ୍ୱାସର ଅନ୍ଧ ଗଳିରେ କାଳ୍ପନିକ ଚନ୍ଦ୍ରଜ୍ୟୋତ୍ସ୍ନା ଦେଖୁ । ମୂଳ ସତ୍ୟରୁ ଏଥିଯୋଗୁଁ ବିଚ୍ଛିନ୍ନ ହୋଇ ପଡ଼ୁ । ସାଧନାର ଦୁରୂହ ଗହନ ମାର୍ଗରେ ପଦେ ପଦେ ପତନର ସମ୍ଭାବନା ଥାଏ । ଆପଣାର ଜିଦ୍‌ଖୋର ମନ ଅଜ୍ଞାନ ମଧ୍ୟରେ ଆମକୁ ଭୁଆଁ ବୁଲାଏ । ତଥାପି ଅହଂକାର ବଶତଃ ଆମେ ସେଇ କର୍ଦ୍ଦମାକ୍ତ କଣ୍ଟକିତ ପଥରେ ଆପଣାର

ଅନ୍ଧ ବିଶ୍ୱାସ ନେଇ ଅମଡ଼ାମଡ଼ା ମାଡ଼ିଚାଲୁ । ଆମ ପାଖରେ ମନବୁଦ୍ଧିର କ୍ଷୀଣାଲୋକ ଥାଏ । ଶକ୍ତିର ଆମ ମଧ୍ୟରେ ଓ ବିଶ୍ୱ ମଧ୍ୟରେ ଚାଲିଥିବା କ୍ରିୟା ଜାଣିବାରେ ମୂଳରୁ ତାହା ସମର୍ଥ ନଥାଏ । ଆମେ ଅନେକ ବୌଦ୍ଧିକ ଧାରଣା ମନରେ ପୋଷଣ କରିଥାଉ । ତାହା ଆମ ଅଗ୍ରଗତି ପଥରେ ଅର୍ଗଳି ହୋଇପଡ଼େ, ଏସବୁକୁ ଅତିମାନସ ଶକ୍ତିରେ ପରିବର୍ତ୍ତିତ କରିବାକୁ ହେବ । ଆମକୁ ଏସବୁ ସଂସ୍କାରରୁ ମୁକ୍ତ ହେବାକୁ ହେବ । ଏସବୁର ପ୍ରତ୍ୟାଖ୍ୟାନ ଅନିବାର୍ଯ୍ୟ ।

ଆମକୁ ଯୋଗର ଚଲାପଥରେ ଯେତେବେଳ ଯାଏ ଅତିମାନସର ଦିବ୍ୟ ଓ ସ୍ପଷ୍ଟ ଆଲୋକ ମିଳି ନଥାଏ, ସେତେଦିନ ଯାଏ ତାତ୍‌କାଳିକ ପଥପ୍ରଦର୍ଶକର ସ୍ଥାନ ନିଏ ମନ ବା ସେପରି କିଛି ଅସ୍ୱଚ୍ଛ ଆଲୋକ । ଯୋଗରେ ଅଗ୍ରଗତି ପଥରେ ଏସବୁ ଅସ୍ୱଚ୍ଛ ଆଲୋକ ସ୍ଥାନରେ ଅଧିକ ସ୍ୱଚ୍ଛ ଆଲୋକର ସହାୟତା ନେବାକୁ ହୁଏ । ସେଇ ପୁରୁଣା ଦୀପଗୁଡ଼ିକର ପ୍ରତ୍ୟାହାର କରିବାକୁ ହୁଏ । ଏଣୁ ଆମ ନିମ୍ନ-ପ୍ରକୃତିର ଆଲୋକ ଓ କ୍ରିୟା ଉପରେ ସର୍ବକାଳୀନ ବିଶ୍ୱାସ ସ୍ଥାପନ କରିବା ଯୋଗମାର୍ଗରେ ପ୍ରଗତିର ବାଧକ । ଯୋଗପଥରେ ସଞ୍ଚାଳକଭାବେ ଦିବ୍ୟ-ଆଧ୍ୟାତ୍ମିକ ଆଲୋକ, ସତ୍ୟ-ଶକ୍ତି, ଆନନ୍ଦ ନଆସିବା ଯାଏ ଏହିସବୁ ଅପୂର୍ଣ୍ଣ ସଞ୍ଚାଳିକା ଶକ୍ତିମାନଙ୍କୁ ବ୍ୟବହାର କରି କ୍ରମଶଃ ଅପସାରିତ କରିବାକୁ ହେବ । କାରଣ ସେମାନେ ଆମକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଅଟକାଇ ଦିଅନ୍ତି । ଆଗକୁ ଯିବାକୁ ଦିଅନ୍ତି ନାହିଁ । ସେମାନଙ୍କ କୁପ୍ରବର୍ତ୍ତନା ନିକଟରେ ସାଧକ ଯେବେ ସମର୍ପିତ ହୋଇଯାଏ ତେବେ ଲକ୍ଷ୍ୟରେ ପହଞ୍ଚିବାରେ ବହୁ ବିଳମ୍ବ ହୁଏ ଅଥବା ଏ ଦିଗରେ ଅଗ୍ରଗତି ବନ୍ଦ ହୋଇଯାଏ ।

ତେବେ ଦେଖିବାକୁ ହେବ ଆମର ଶ୍ରଦ୍ଧା କେତେ ସ୍ୱଚ୍ଛ, କେତେ ଅଜ୍ଞତା ମୁକ୍ତ । ତା' ନହେଲେ ଏଥିରୁ ଉଦ୍ଭୂତ ବହୁ ଭ୍ରମ ଧାରଣା ଓ ବିଶ୍ୱାସ ଆମକୁ ଆମର ବୃହତ୍ତର ସିଦ୍ଧି ଲାଭରେ ପ୍ରତିବନ୍ଧକ ସୃଷ୍ଟି କରିବ । ଏଣୁ ଏକ ସୁପ୍ରଶସ୍ତ ବୃହତ୍ ବୁଦ୍ଧିଯୁକ୍ତ ଶ୍ରଦ୍ଧା, ଯାହା ଆମର ଉଚ୍ଚ ସମ୍ଭାବନା ପ୍ରତି ଆମକୁ ଉତ୍ତୋଳିତ କରେ, ତାହାହିଁ ପୂର୍ଣ୍ଣଯୋଗୀର ଗ୍ରାହ୍ୟ ।

ଇଂରାଜୀ ଭାଷାରେ ଏହାକୁ Faith ବୋଲି କୁହାଯାଏ । ମାତ୍ର ଶ୍ରଦ୍ଧା ଏହାର ତାତ୍ପର୍ଯ୍ୟର ଅଭିବ୍ୟକ୍ତି ନୁହେଁ । କାରଣ ଶ୍ରଦ୍ଧା ହେଲା ପରମେଶ୍ୱରଙ୍କ ଅତିମାନସରୁ ଆସୁଥିବା ଏକ ବାର୍ତ୍ତାବହ, ଏକ ସନ୍ଦେଶ, ଏକ ନିର୍ଦ୍ଦେଶ । ଏହା ନିମ୍ନତର ପ୍ରକୃତିକୁ ଆତ୍ମ ଅତିକ୍ରମଣରେ ବିନିଯୁକ୍ତ । ଯେଉଁ ବ୍ୟକ୍ତି ଏହି ନିର୍ଦ୍ଦେଶ, ଏହି ଜ୍ୟୋତିଃକୁ ସ୍ୱୀକାର କରି ତା'ର ପ୍ରତ୍ୟୁତ୍ତର ଦେଉଛି, ସେ ସାଧକର ଶ୍ରଦ୍ଧା କ'ଣ ଆମ ମନ, ପ୍ରାଣ ବା ହୃଦୟର ସାମର୍ଥ୍ୟ ? କେବେ ବି ନୁହେଁ । ତେବେ ଏହା Faith ବୋଲି କହି କଥାଟିକୁ ଲଘୁ କରିପାରିବା ନାହିଁ । ସାଧାରଣ ମନ-ବୁଦ୍ଧି ପରମେଶ୍ୱର, ପରମଗୁରୁ, ବେଦାନ୍ତ ବାକ୍ୟରେ ବିଶ୍ୱାସରେ ଦୃଢ଼ ନୁହେଁ । କିନ୍ତୁ ଯେ ଶ୍ରଦ୍ଧାବାନ୍ ସେ ଏସବୁକୁ ଗ୍ରହଣ କରି ତଦ୍ଦ୍ୱାରା ଚାଳିତ ହୁଏ ''ଗୁରୁବେଦାନ୍ତବାକ୍ୟେଷୁ ବିଶ୍ୱାସଃ ଶ୍ରଦ୍ଧା'' । ଏପରି ଶ୍ରଦ୍ଧାବାନ୍ ଜ୍ଞାନ ଲାଭ କରେ ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍'' । ଉପର ଠାଉରିଆ ବିଶ୍ୱାସର ଏପରି ସାମର୍ଥ୍ୟ କାହିଁ ? ପୂର୍ବେ କହିଛୁ ମଣିଷ ମଧ୍ୟରେ ଯେପରି ଶ୍ରଦ୍ଧା ପ୍ରକଟିତ, ସେ ସେପରି 'ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ' । ଶ୍ରଦ୍ଧା ମାନବିକତାର ମାପଦଣ୍ଡ ତରାଜୁ, ହାଲୁକା, ଅଗଭୀର Faith ନୁହେଁ ଶ୍ରଦ୍ଧା ।

Faith ବଳରେ ଆମର ଯୋଗର ନିଷ୍ଠା ଅବିଚଳିତ ରହି ନପାରେ । ସାଧନାରେ ସାମାନ୍ୟ ଅସଫଳତାରେ ହୃଦୟ ଅବସନ୍ନ ହୋଇଯାଏ । ପ୍ରାଣସ୍ଥ ମନ ପ୍ରକୃତ ଲକ୍ଷ୍ୟ ଦିଗରେ ଆମକୁ ଅଗ୍ରଗତି କରାଇବ କ'ଣ, ସେ ଲକ୍ଷ୍ୟ ତ୍ୟାଗ କରି ଅମଣିଆ ବଳଦ ଭଳି ଇତସ୍ତତଃ ମାଡ଼ି ଚାଲିବ । ତା' ଉପରେ ଆମ ନିୟନ୍ତ୍ରଣ ରହି ନପାରେ ।

ଯଦି ଆମ ଅନ୍ତରାତ୍ମା ଥରେ ଈଶ୍ୱରଙ୍କ ଆହ୍ୱାନ ଶୁଣିବାକୁ ସମର୍ଥ ହୁଏ, ତେବେ ଶ୍ରଦ୍ଧା ସୁଦୃଢ଼ ହୋଇ ରହିପାରିବ । ଏପରି ଶ୍ରଦ୍ଧାର ସାଧନା ପଥରେ କେବେ ବି ଅପମୃତ୍ୟୁ ଘଟିବ ନାହିଁ । ସାଧକକୁ ବୁଦ୍ଧିର ସଂଶୟ, ହୃଦୟର ଅସ୍ଥିରତା ଆଉ ସ୍ପର୍ଶ କରିପାରିବ ନାହିଁ । ସାଧନା ପଥରେ ଯିବାବେଳେ ସାଧକ କେବେ କିପରି ପୂର୍ବକାଳର ମୁନିଋଷିମାନଙ୍କ ପରି ଆଲୋକର ଦୀର୍ଘକାଳ ବ୍ୟାପୀ ନିର୍ବାସନ (Long exiles from the Light) ସହ୍ୟ କରିପାରେ, ସେତେବେଳେ ଆତ୍ମା ଆପଣାର ଶ୍ରଦ୍ଧା ଓ ବିଶ୍ୱାସକୁ ଯଦି ଅତୁଟ ରଖିପାରେ ତେବେ ତା'ର ଦୀପଶିଖା କେବେ ବି ନିର୍ବାପିତ ହୋଇ ପାରିବ ନାହିଁ । ଅତୁଟ ଶ୍ରଦ୍ଧାରେ ଅନ୍ତରର ଅନ୍ଧାର ଅପସାରିତ ହୁଏ । କାରଣ ଶ୍ରଦ୍ଧାବାନ୍ ସାଧକର ହାତ ଧରି ମା' ସର୍ବଦା ଚାଲୁଛନ୍ତି । ଯେ ମା' ସେହିଁ ପରମେଶ୍ୱରଙ୍କ ଶକ୍ତି ରୂପ ।

ଯେବେ ସମତାର ଦୃଢ଼ ଭିତ୍ତି ସାଧକ ମଧ୍ୟରେ ପ୍ରତିଷ୍ଠିତ ତେବେ ସଂଶୟ ଅତିକ୍ରାନ୍ତ ହୋଇଯାଏ, କାରଣ ତା'ର ରହିବାର ଆଉ ପ୍ରୟୋଜନ ନଥାଏ, ବିଶେଷତଃ ଯେତେବେଳେ ବିଜ୍ଞାନର ସୂର୍ଯ୍ୟ ଉଦିତ ହୋଇଥାଏ ।

ଯୋଗର ସକଳ କ୍ଷେତ୍ରରେ ଶ୍ରଦ୍ଧା ରହିବା ଆବଶ୍ୟକ । ଯୋଗର ମୂଳ ସିଦ୍ଧାନ୍ତ, ସାଧନାମାର୍ଗ, ଲକ୍ଷ୍ୟ ସିଦ୍ଧି ପାଇଁ ଆମ ମଧ୍ୟରେ ଥିବା ଶକ୍ତି ଉପରେ ବିଶ୍ୱାସ ରହିବା ଅନିବାର୍ଯ୍ୟ । କାରଣ ''ସଂଶୟାତ୍ମା ବିନଶ୍ୟତି ।'' ତହିଁ ସଙ୍ଗେ ସଙ୍ଗେ ଆମେ ନାନାପ୍ରକାର ଅଜ୍ଞାନ ଓ ଅପୂର୍ଣ୍ଣତାରୁ ଆଲୋକ ଓ ପୂର୍ଣ୍ଣତା ଦିଗରେ ଅଗ୍ରଗତି କରି ଚାଲିଛୁ । ଆମର ଆତ୍ମାନୁଭୂତିର ଅଭିବୃଦ୍ଧି ଯେତିକି ଘଟିବ, ଆମେ ସେତିକି ସେତିକି ଅନୁଭବ କରିବା ଯେ ଆମର ଘଟିଥିବା ଅତୀତର ତ୍ରୁଟି ବା ପ୍ରମାଦଗୁଡ଼ିକ ଗୋଟିଏ ଗୋଟିଏ ଆବଶ୍ୟକ ସତ୍ୟ ସୂଚକ ଥିଲେ ଓ ସତ୍ୟର ଆବିଷ୍କାରରେ ସେଗୁଡ଼ିକ ଆମର ଏକ ସମୟରେ ସହାୟକ ଥିଲେ । ଆମେ ଅଗ୍ରଗତି କରି ଚାଲିବା ବେଳେ ଆମର ଏକଦା ସହାୟକ ଲଘୁ ସତ୍ୟଗୁଡ଼ିକୁ ଅତିକ୍ରମ କରି ବୃହତ୍ତର ସତ୍ୟାନୁସନ୍ଧାନ କରିବାକୁ ହେବ । ପ୍ରକୃତିର ଚାରଣା ମଧ୍ୟରେ ବୁଦ୍ଧିକୁ ବିଶୁଦ୍ଧ କରି ଗଢ଼ି ସତ୍ୟର ଜିଜ୍ଞାସା ପାଇଁ, ସମସ୍ତ ଅନ୍ଧ ବିଶ୍ୱାସର ମୁଖା ଖୋଲି ଦେବା ପାଇଁ ପ୍ରସ୍ତୁତ କରିବାରେ ଆମର ଶ୍ରଦ୍ଧା ରହିବ । ଏହି ଶ୍ରଦ୍ଧା ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହିଥିବ ଏବଂ ପୂର୍ଣ୍ଣ ସତ୍ୟ ଦିଗରେ ଅଗ୍ରଗତିଶୀଳ ଏହି ଶ୍ରଦ୍ଧା ଅଗ୍ରଗତିରେ ବାଧା ଦେଉଥିବା ଅର୍ଗଳଗୁଡ଼ିକ ଭାଙ୍ଗି ଚାଲିଥିବ ।

ସାଧନା କ୍ଷେତ୍ରରେ ହୃଦୟର ଏକ ବିଶେଷ ଭୂମିକା ଅଛି, ତଥାଚ ପ୍ରାଣର । କିନ୍ତୁ ନିମ୍ନ ପ୍ରକୃତି ମଧ୍ୟରେ ଆମେ ବିଚରଣ କରୁଥିବା ବେଳେ ଆମ ହୃଦୟ ମନୋଭୂମିର ସଂବେଗ ଦ୍ୱାରା ଚିତ୍ରିତ ହୋଇ ପଡ଼େ, ନାନା ପ୍ରାଣଗତ କାମନାରେ ତାହା ବିକ୍ଷୁବ୍ଧ ହୋଇଯାଏ । ଏଣୁ ଏଥିରେ ନାନା ଲିପ୍ସତା ପ୍ରକାଶ ପାଏ । କେବେ ବିଫଳତା, ଭ୍ରାନ୍ତି ଓ ପ୍ରମାଦର ଅନୁଭୂତିରେ ହୃଦୟ ବ୍ୟାକୁଳ ହୋଇପଡ଼େ । ଏଣୁ ବୁଦ୍ଧିର ଶ୍ରଦ୍ଧା ପରି ହୃଦୟ ଓ ପ୍ରାଣଗତ ମନର ଶ୍ରଦ୍ଧାର ସଂଶୋଧନ, ସମ୍ପ୍ରସାରଣ ତଥା ରୂପାନ୍ତରକୁ ସ୍ୱୀକାର କରିବାକୁ ହେବ । ସେମାନେ ତାଙ୍କ ପୁରାତନ ଅପୂର୍ଣ୍ଣ ଆଶ୍ରୟଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ବୃହତ୍ତର ପୂର୍ଣ୍ଣତାର ଆନନ୍ଦ ଦିଗକୁ ଅଗ୍ରସର ହେବାକୁ ଶ୍ରଦ୍ଧା ରଖିବେ । କାରଣ ସାଧକ ଅଳ୍ପକୁ ସ୍ୱୀକାର କରିପାରିବ ନାହିଁ, ସେ ଭୂମାର ରସିକ । ତାକୁ ଅହଂର କୁଣ୍ଡଳୀ ମୋଚନ କରି ଆକାଶ ପରି ବିସ୍ତାରିତ ହେବାକୁ ପଡ଼ିବ । ତା' ନହେଲେ ତା' ମଧ୍ୟରେ କିପରି ଫୁଟି ଉଠିବ ମହାଶୋଭମାନା ମହାଶକ୍ତିର ସାବିତ୍ରୀ ଦୀପ୍ତି ! ଏଥିପାଇଁ ଆବଶ୍ୟକ ଆଧ୍ୟାତ୍ମିକ ସାଧନାର ବୋଧିଦୀପ୍ତ ସତ୍ୟାଗ୍ରହୀ ଶ୍ରଦ୍ଧା ।

ଏହି ଶ୍ରଦ୍ଧାକୁ ଆମେ ଆତ୍ମାର ନିଗୂଢ଼ ତଥା ବିଶୁଦ୍ଧ ଶ୍ରଦ୍ଧା ବୋଲି ବୁଝୁ । ଆତ୍ମାର ଏହି ଶ୍ରଦ୍ଧାକୁ ଆମ ବାହ୍ୟ ଜୀବନ ଓ ନିତ୍ୟ ନୈମିତ୍ତିକ କର୍ମ ମଧ୍ୟକୁ ଅଧିକାଧିକଭାବେ ଆଣିବାକୁ ହେବ । ଏଠାରେ ଯଦି କିଛି ଭ୍ରାନ୍ତି ଓ ଅର୍ଦ୍ଧସତ୍ୟ ଥାଏ ତେବେ ତା'ର ସଂଶୋଧନ କରିବାକୁ ହେବ । ଯାବତୀୟ ନବାନୁଭୂତି ଓ ବିଶାଳତା ଦିଗରେ ଏହି ଶ୍ରଦ୍ଧାକୁ କ୍ରମୋନ୍ନୋଚିତ କରି ଚାଲିବାକୁ ପଡ଼ିବ, ଯେପରି ଶ୍ରଦ୍ଧା ଆତ୍ମ ସ୍ୱରୂପର ନିଗୂଢ଼ ଆନନ୍ଦ ସ୍ୱରୂପର ଦିଗରେ ଗଢ଼ି ଉଠିବ । ଏହା ଫଳରେ ଈଶ୍ୱର ଓ ତାଙ୍କ ଶକ୍ତିର ଉପସ୍ଥିତି ଏବଂ ପରିଚାଳନା ଅନୁଭୂତ ହେବ ।

ମନୁଷ୍ୟକୁ ତା' ନିଜ ଉପରେ ତା'ର ଆଦର୍ଶ ଓ ସକଳ ସାମର୍ଥ୍ୟ ଉପରେ ଏକ ବିଶ୍ୱାସ ପ୍ରଦାନ କରାଯାଇଛି । ଏହା ଦ୍ୱାରା ସେ କରିପାରିବ କର୍ମ, ସୃଜନ । ସେ ବୃହତ୍ତର ବସ୍ତୁଗୁଡ଼ିକ ଲାଗି ଉନ୍ନୀତ ହୋଇ ଯାଇପାରିବ । ପରିଶେଷରେ ଆପଣାର ସକଳ ସାମର୍ଥ୍ୟ ଆତ୍ମାର ବେଦୀ ଉପରେ ଅର୍ପଣ କରିପାରିବ । ମୂଳ ପୁସ୍ତକର ଭାଷାରେ : "Man is given faith in himself, his ideas and his powers that he may work and create and rise to greater things and in the end bring his strength as a worthy offering to the altar of the Spirit."

(*The Synthesis of Yoga*, p. 779)

ଆମ ଶାସ୍ତ୍ର କହନ୍ତି ଆତ୍ମାକୁ ବଳହୀନ ବ୍ୟକ୍ତି ଉପଲବ୍ଧି କରିପାରେ ନାହିଁ ''ନାୟମାତ୍ମା ବଳହୀନେନ ଲଭ୍ୟଃ'' । ଏଣୁ ଆପଣାକୁ ଦୁର୍ବଳ ଓ ଅବଶ କରି ଦେଉଥିବା ଅବିଶ୍ୱାସ ଓ ସନ୍ଦେହକୁ ନିରୁତ୍ସାହିତ କରିବାକୁ ହେବ । ଏହାର କାରଣ ସେହି ଅବିଶ୍ୱାସ ଓ ସନ୍ଦେହ ଆପଣାର ଦୁର୍ବଳତା ଓ ଅସମର୍ଥତା ପାଇଁ ମିଥ୍ୟା ସମ୍ମତି ରୂପେ ଆତ୍ମାର ସର୍ବଶକ୍ତିମତ୍ତାକୁ ଅସ୍ୱୀକାର କରିଥାଏ ।

ପୂର୍ଣ୍ଣଯୋଗର ସାଧକ ପକ୍ଷେ ଏପରି ଅସାମର୍ଥ୍ୟକୁ ସ୍ୱୀକାର କରିବା ନିର୍ବୋଧତା । କାରଣ ତା' ମଧ୍ୟରେ ସଂଗୁପ୍ତ ପରିପୂର୍ଣ୍ଣତାକୁ ପ୍ରକଟ କରିବାରେ ଏହା ହୁଏ ଅନ୍ତରାୟ ଏବଂ ସର୍ବଶକ୍ତିମାନ୍ ମାର୍ଗ ଦର୍ଶକଙ୍କୁ ଏହା ଦ୍ୱାରା କରାଯାଏ ପ୍ରତ୍ୟାଖ୍ୟାନ । ତେବେ ବି ଦେଖିବାକୁ ହେବ ସାଧକ ଯେପରି ରାଜସିକ ଅହଂ ଓ ଆଧ୍ୟାତ୍ମିକ ଦମ୍ଭରେ ଆକ୍ରାନ୍ତ ନହୁଏ ।

ଆମକୁ କେବେ ବି ଭୁଲିଯିବାକୁ ହେବ ନାହିଁ ଯେ ଆମର ଅଭୀପ୍ସା ପଶ୍ଚାତ୍‌ରେ ଏକ ଦିବ୍ୟବିଶ୍ୱମୟ ଶକ୍ତିର ସାମର୍ଥ୍ୟ

ରହିଛି । ତାକୁ ଯଦି ଯଥାର୍ଥଭାବେ ଆବାହନ କରାଯାଇପାରେ ତେବେ ସେ ଆମ ମଧ୍ୟରେ ପ୍ରକଟ ହୋଇ ଆମର ସକଳ ଅସାମର୍ଥ୍ୟ ଓ ପ୍ରତିବନ୍ଧକଗୁଡ଼ିକୁ ଦୂର କରିଦେଇ ପାରନ୍ତି । କାରଣ ସେହିଁ ଆମ ଯୋଗର ଅଧୀଶ୍ୱର । ଏଣୁ ଏହି ପରମେଶ୍ୱର ଓ ତାଙ୍କ ଶକ୍ତି ଉପରେ ଆମ ଶ୍ରଦ୍ଧା ଅତୁଟ ରଖିବାକୁ ହେବ । ପରମେଶ୍ୱରୀ ଆଦ୍ୟା-ଶକ୍ତି । ସେ ସୃଷ୍ଟିର ମୂଳ । ସେ ସର୍ବଶକ୍ତିମୟୀ, ତାଙ୍କ ପାଇଁ ସବୁ କିଛି ସମ୍ଭବ । ସର୍ବଜ୍ଞାନ, ସାମର୍ଥ୍ୟ, ସର୍ବକୌଶଳ, କ୍ରିୟାତ୍ମିକତା ତାଙ୍କରି ହାତରେ ଅଛି । ସେ ସର୍ବ ବିଜୟ ପ୍ରଦାତ୍ରୀ । ସେ ଦେଇପାରନ୍ତି ସକଳ ପୂର୍ଣ୍ଣତା । ଶ୍ରୀଅରବିନ୍ଦ ତାଙ୍କୁ ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ କହନ୍ତି । ମାହେଶ୍ୱରୀ ପରମଜ୍ଞାନର ଅଧିଷ୍ଠାତ୍ରୀ ଦେବୀ । ସେ ଦିଅନ୍ତି ଅତିମାନସ ଶାନ୍ତି, ସତ୍ୟର ପ୍ରଶସ୍ତତା । ସେ ଆଧ୍ୟାତ୍ମିକ ସଂକଳ୍ପକୁ ପୂର୍ଣ୍ଣ କରନ୍ତି । ସେ ସ୍ୱୟଂ ମହାକାଳୀ । ସକଳ କଠୋରତମ ତପଶ୍ଚର୍ଯ୍ୟା ସେ ଦାନ କରନ୍ତି । ସେ ଯୋଗଦା, ଶକ୍ତିଦା । ଯାବତୀୟ ଅଜ୍ଞାନ, ଅସତ୍ୟ, ପରାଜୟ ଓ ମୃତ୍ୟୁକୁ ସେ ପରିହାର କରନ୍ତି । ସେ ସର୍ବବିଜୟିନୀ ଶକ୍ତି । ସେ ମଧ୍ୟ ମହାଲକ୍ଷ୍ମୀ, ପରମ ସୁଷମା, ପ୍ରେମ-ଆନନ୍ଦର ଶକ୍ତି । ସେ ସର୍ବ ଅଭୟଦାନ କରିଥା'ନ୍ତି । ସେ ଦାନ କରନ୍ତି ସର୍ବ ଦିବ୍ୟସମ୍ପଦ । ପୁଣି ସେ ସ୍ୱୟଂ ମହାସରସ୍ୱତୀ । ସେ ପରମ ଚିଦ୍‌ଗତତା, ଦିବ୍ୟକୌଶଳ ଓ ସର୍ବ କୌଶଳର ଅଧୀଶ୍ୱରୀ । 'ଯୋଗଃ କର୍ମସୁ କୌଶଳମ୍' ବୋଲି ଗୀତା କହନ୍ତି । ଏହାହିଁ ମହାସରସ୍ୱତୀଙ୍କର ସ୍ୱରୂପ । ଏହି ଚତୁଃଶକ୍ତିଙ୍କର ସକଳ ଗୁଣ ପରମା ଶକ୍ତି ଧାରଣ କରିଛନ୍ତି । ଆମ ଶ୍ରଦ୍ଧାର ପରିପୂର୍ଣ୍ଣତା ହେଲା ତାଙ୍କ ଉପସ୍ଥିତି ଓ ସକଳ ଶକ୍ତିମତ୍ତାକୁ ଅନ୍ତରଙ୍ଗଭାବେ ଗ୍ରହଣ କରିବା ଓ ଆମ ସତ୍ତା ଓ ସତ୍ତାର ସର୍ବ ପାର୍ଶ୍ୱରେ ପ୍ରକାଶିତ ତାଙ୍କର ଯାବତୀୟ କ୍ରିୟାକୁ ସହର୍ଷ ସହମତି ଜ୍ଞାପନ କରିବା । ମୂଳ ପୁସ୍ତକର ଭାଷାରେ :

"The intimate feeling of her presence and her powers and the satisfied assent of all our being to her workings in and around it is the last perfection of faith in the Shakti."

(*The Synthesis of Yoga*, p. 781)

ଦିବ୍ୟଜନନୀଙ୍କ ପଶ୍ଚାତ୍‌ରେ ଅଛନ୍ତି ପରମେଶ୍ୱର । ତାଙ୍କ ଉପରେ ଅତୁଟ, ଅବିଚଳ ଶ୍ରଦ୍ଧା ଓ ବିଶ୍ୱାସ ସ୍ଥାପନ କରିବା ପୂର୍ଣ୍ଣଯୋଗର ପ୍ରଧାନତମ ଅଙ୍ଗ । ଆମର ଏହି ବିଶ୍ୱାସକୁ ବୃଦ୍ଧି କରିବାକୁ ହେବ । ଅନୁଭବ କରିବାକୁ ହେବ ବିଶ୍ୱର ସକଳ କ୍ରିୟା ପଶ୍ଚାତ୍‌ରେ ସର୍ବୋତ୍ତମ ଆତ୍ମଜ୍ଞାନ ବା ଦିବ୍ୟଜ୍ଞାନ ସର୍ବଦା ରହିଛି । ଏଠାରେ ଯାହା ଘଟିଛି ବା ଘଟୁଛି ତାହା କେବେ ବି ମୂଲ୍ୟହୀନ ନୁହେଁ, କାରଣ ଈଶ୍ୱର ଆମ ମଧ୍ୟରେ ପରମାତ୍ମାଭାବେ ଅଛନ୍ତି । ଈଶ୍ୱରହିଁ ସର୍ବ କର୍ମର ନିୟନ୍ତା । ଯାହା ଘଟିଛି ଓ ଯାହା ଘଟିବ ତାହା ପଛରେ ଅଛି ତାଙ୍କର ଗଭୀର ଜ୍ଞାନ, ଯାହା ଯୋଗସିଦ୍ଧି ଦିଗରେ ଆମକୁ ପରିଚାଳିତ କରୁଛି । ଶେଷରେ ବିଶ୍ୱାସ ରୂପାନ୍ତରିତ ହୋଇଯିବ ଜ୍ଞାନରେ । ଆମେ ସେତେବେଳେ ଭଗବତ୍ ସଂକଳ୍ପକୁ ଜାଣିପାରିବା ଏବଂ ହେବା ସର୍ବ ସନ୍ଦେହମୁକ୍ତ । କାରଣ ଈଶ୍ୱରଙ୍କ ସଂକଳ୍ପହିଁ ତାଙ୍କ ଜ୍ଞାନ ।

ଏବେ ଆମେ ସର୍ବଦା ଅନୁଭବ କରିପାରିବା ପରମେଶ୍ୱର ଓ ପରମେଶ୍ୱରୀଙ୍କ ଉପସ୍ଥିତି । ଆମର ସର୍ବ ଅସ୍ତିତ୍ୱ, ଚେତନା, ଭାବନା, ସଂକଳ୍ପ ଓ କର୍ମ ଯେତେବେଳେ ତାଙ୍କରି ହାତରେ ରହିଛି ବୋଲି ଜାଣିବା, କେବଳ ଆତ୍ମସତ୍ତା ନୁହେଁ ପ୍ରକୃତିର ସର୍ବାଂଶରେ ମଧ୍ୟ ଯେତେବେଳେ ସେହି ପରମାତ୍ମାଙ୍କୁ ପ୍ରତ୍ୟକ୍ଷ କରିବା ଓ ଆମର ସବୁକିଛି ତାଙ୍କ ପାଖରେ ସମର୍ପିତ ହୋଇପାରିବ ସେତେବେଳେ ଆମ ଶ୍ରଦ୍ଧା ଆପଣାର ସର୍ବୋଚ୍ଚ ସ୍ଥିତିରେ ଉପଲବ୍ଧ ହେବ । ଏହା ସ୍ମରଣ କରିବାକୁ ହେବ ଯେ ଆମ ଆତ୍ମସତ୍ତା ବା ପୁରୁଷ ଓ ଶକ୍ତି ଯୁଗନଦ୍ଧ ! ମା' ସ୍ୱୟଂ ଅନ୍ତର୍ଯାମିନୀ । ତାଙ୍କର ଚତୁର୍ବ୍ୟୂହ ବିଭୂତିର ବୀର୍ଯ୍ୟ ଆମରି ମଧ୍ୟରେ ରହିଛି । ସେ ସ୍ୱୟଂ ତାକୁ ଅଙ୍କୁରିତ କରିବା ପାଇଁ ଅତନ୍ଦ୍ର ତପସ୍ୟାରତା । ଶ୍ରୀଅରବିନ୍ଦ ଓ ମା'ଙ୍କ ଅତିମାନସ ଶକ୍ତିର ଅବତରଣ ସେହି ତପଃସିଦ୍ଧିର ଅମୃତଲଗ୍ନ । ଏଣୁ ସୃଷ୍ଟି ହୋଇଛି ବିବର୍ତ୍ତନ ଧାରାକୁ ତ୍ୱରାନ୍ୱିତ କରିବାକୁ ଅଭୀପ୍ସା, ପୂର୍ଣ୍ଣରୂପାନ୍ତର ପାଇଁ ଅଭୀପ୍ସା ।

ଆମର ଏଇ ଅଭୀପ୍ସା ଓ ବ୍ୟାକୁଳତାକୁ ସଫଳ କରିବେ ଦିବ୍ୟଜନନୀ । କାରଣ ସେହିଁ ମହାଶକ୍ତି, ଯିଏ ପୁରୁଷୋତ୍ତମଙ୍କ ପ୍ରଜ୍ଞା, ବୀର୍ଯ୍ୟ, ଆନନ୍ଦ ଓ ସଂକଳ୍ପର ଅପରାଜେୟ ସାମର୍ଥ୍ୟ । ସେ ଅଛନ୍ତି ଆମର ବ୍ୟକ୍ତିଗତ ଆଧାର ସତ୍ତାରେ ଓ ବିଶ୍ୱ ପରିବେଶରେ ଯୁଗନଦ୍ଧ ହୋଇ । ଏଣୁ ଉଭୟ କ୍ଷେତ୍ରରେ ରୂପାନ୍ତର ସୁନିର୍ଦ୍ଦିଷ୍ଟ ଓ ନିୟତି ନିର୍ଦ୍ଦିଷ୍ଟ । ଏଥିପାଇଁ ଆମ ମଧ୍ୟରେ ଶ୍ରଦ୍ଧାର ପରିପୂର୍ଣ୍ଣତା କାର୍ଯ୍ୟ କରିବ ସର୍ବଶକ୍ତିମୟ ଅଟଳ ଆଧାର ଗଠନରେ । ଦିବ୍ୟଶକ୍ତି ସମ୍ପନ୍ନତା ପ୍ରାପ୍ତିରେ ଶ୍ରଦ୍ଧାର ଏହାହିଁ ଭୂମିକା । ଶ୍ରଦ୍ଧାର ପୂର୍ଣ୍ଣତମ ଉପଲବ୍ଧିରେ ଶକ୍ତିର ପୂର୍ଣ୍ଣୋପଲବ୍ଧିହିଁ ସମ୍ଭବ ।

ବ୍ରହ୍ମ ବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଏହି ମହାଶକ୍ତିଙ୍କ ସମ୍ପର୍କରେ ଶ୍ରୀକୃଷ୍ଣଙ୍କ ଉକ୍ତିକୁ ଉପସ୍ଥାପନ କରି ପ୍ରବନ୍ଧକୁ ସାଙ୍ଗ କରୁଛୁ ।

''ତ୍ୱମେବ ସର୍ବଜନନୀ ମୂଳପ୍ରକୃତିରୀଶ୍ୱରୀ ।
ତ୍ୱମେବାଦ୍ୟା ସୃଷ୍ଟିବିଧୌ ସ୍ୱେଚ୍ଛୟା ତ୍ରିଗୁଣାତ୍ମିକା ॥
କାର୍ଯ୍ୟାର୍ଥେ ସଗୁଣା ତ୍ୱଂ ଚ ବସ୍ତୁତୋ ନିର୍ଗୁଣା ସ୍ୱୟମ୍ ।
ପରଂବ୍ରହ୍ମସ୍ୱରୂପା ତ୍ୱଂ ସତ୍ୟା ନିତ୍ୟା ସନାତନୀ ॥
ତେଜଃସ୍ୱରୂପା ପରମା ଭକ୍ତାନୁଗ୍ରହବିଗ୍ରହା ।
ସର୍ବସ୍ୱରୂପା ସର୍ବେଶା ସର୍ବାଧାରା ପରାତ୍ପରା ॥
ସର୍ବବୀଜସ୍ୱରୂପା ଚ ସର୍ବପୂଜ୍ୟା ନିରାଶ୍ରୟା ।
ସର୍ବଜ୍ଞା ସର୍ବତୋଭଦ୍ରା ସର୍ବମଙ୍ଗଳମଙ୍ଗଳା ॥

❑❑❑

# ସୀମାହୀନ ତୁମ ଚଲାପଥ

**ରାମେଶ୍ୱର ବେହେରା**

ଅସୀମ-ଅନନ୍ତ ତୁମ ଚଲାପଥ
ହେ ଦିବ୍ୟଜନନି ମୋର,
ତୁମ ଇଚ୍ଛା ବିନା ଏ ପଥ ମିଳିବା
ନୁହଇ ସମ୍ଭବପର । (୧)

କେତେ କେତେ କେତେ ଯୋଗୀ, ମୁନି, ଋଷି
ଏହାକୁ ପାଇବା ପାଇଁ,
ଜପ, ତପ, ଧ୍ୟାନ କରୁଛନ୍ତି ନିତି
ତାହାର ଇୟତ୍ତା ନାହିଁ । (୨)

କୃପା କରି ମା'ଗୋ ଦେଖାଇଲ ଯେବେ
ଉକ୍ତ ପଥ ଗୋଟି ମୋତେ,
ତେବେ କିମ୍ପା ଆଉ ଜଡ଼-ଅନ୍ଧକାରେ
ଘୂରିବି ଅତୀତ ସାଥେ ? (୩)

ଅଲୋଡ଼ା ଅତୀତ ପରମ୍ପରା ଯେତେ
ସବୁକୁ ତୁଟାଇ ଦେଇ,
ଆଗେଇ ଚାଲିବି ସେ ଆଲୋକ ପଥେ
ତୁମ ପାଦପଦ୍ମ ଧ୍ୟାୟୀ । (୪)

ଚେତନାର ଯେଉଁ ମହା-ସମରଟି
ଚଳାଇଛ ବିଶ୍ୱେ ଆଜି,
ଅକୁଣ୍ଠିତ ଚିତ୍ତେ ଝାସ ଦେବି ତହିଁ
ତୁମ ବୀରଯୋଦ୍ଧା ସାଜି । (୫)

ଦିଅ ମା ଅସୀମ ସାହସ, ଧଇର୍ଯ୍ୟ,
ଜ୍ୟୋତିଃ, ଶକ୍ତି, ଭକ୍ତି, ଜ୍ଞାନ,
ଲଢ଼ିବା ପାଇଁ କି ସେ ମହା ସଂଗ୍ରାମେ
ଅହରହ ରାତ୍ର-ଦିନ । (୬)

ଆସିବ ସୁଦିନ ହଟିବ ଦୁର୍ଦ୍ଦିନ
ତୁମରି ବିଜୟ ହେବ,
ରୂପାନ୍ତର ହୋଇ ଏ ମରତ ଭୂଇଁ
ସରଗ ପାଲଟି ଯିବ । (୭)



# କର୍ମ ସମ୍ପାଦନରେ ତୁମର ଯାହା ମନେରଖିବା ବିଧେୟ
## ଶ୍ରୀମା

ଆଧ୍ୟାତ୍ମିକ ଜୀବନର ଦୃଷ୍ଟିକୋଣରୁ, ତୁମେ ଯେଉଁ କାର୍ଯ୍ୟ କର ତାହା ଅପେକ୍ଷା ଯେଉଁ ଭାବରେ ଏହା କରାଯାଏ ଏବଂ ଯେଉଁ ଚେତନା ସହିତ ଏହା କରାଯାଏ, ତାହା ଗୁରୁତ୍ୱପୂର୍ଣ୍ଣ । ସର୍ବଦା ଭଗବାନଙ୍କୁ ମନେରଖ ଏବଂ ତୁମେ ଯେଉଁ କର୍ମ କର ତାହା ଦିବ୍ୟ-ଉପସ୍ଥିତିର ଏକ ପ୍ରକାଶ ହୋଇ ଉଠିବ ।

*

ଜଣେ ଯେଉଁ କାର୍ଯ୍ୟ କରେ, ତାହା ଉପଯୋଗୀ ହୁଏ ଯଦି ଏଥିସହିତ କିଛି ଯଥାର୍ଥ ଚେତନାର ଶିଖା ମିଶାଇ ଦେଇ ହୁଏ ।

ଜଣେ ଯେଉଁ କର୍ମ କରେ ତାହା ଅପେକ୍ଷା, ଜଣେ ଯେଉଁ ଚେତନାରେ ଥାଏ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଥାର୍ଥ ଚେତନାରେ ସମ୍ପାଦନ କଲେ, ବାହ୍ୟତଃ ଖୁବ୍ ଅନୁପଯୋଗୀ କର୍ମ ମଧ୍ୟ ଖୁବ୍ ଉତ୍ପାଦନକ୍ଷମ ହୋଇଥାଏ ।

*

ସର୍ବଦା ଦିବ୍ୟ-ଉପସ୍ଥିତିରେ ବାସ କର; ଯେପରି ଏହି ଉପସ୍ଥିତି ତୁମକୁ ପରିଚାଳିତ କରୁଛି, ଏବଂ ଏହା ଏସବୁ କର୍ମ ସମ୍ପାଦନ କରୁଛି ଯାହା ତୁମେ କରୁଛ । ତୁମର ସମସ୍ତ ଗତିବୃତ୍ତି ତାଙ୍କୁ ନିବେଦନ କର, କେବଳ ମାନସିକ କର୍ମ ନୁହେଁ, ପ୍ରତିଟି ଚିନ୍ତା ଓ ଅନୁଭବ ତଥା ଖୁବ୍ ସାଧାରଣ ଓ ବାହ୍ୟ କ୍ରିୟାକଳାପ ମଧ୍ୟ ।...

*

ସମସ୍ତ କିଛି କ୍ରିୟାକର୍ମ (Pursuits) ବୌଦ୍ଧିକ କିଂବା ବାହ୍ୟ କାର୍ଯ୍ୟରେ ତୁମର ଏକମାତ୍ର ଲକ୍ଷ୍ୟ ହେଉ, ''ସ୍ମରଣ ଓ ସମର୍ପଣ'' । ତୁମେ ଯାହା କିଛି କର୍ମ କର ସେସବୁ ଭଗବାନଙ୍କ ପ୍ରତି ଅର୍ଘ୍ୟ ଭାବରେ ସମର୍ପଣ କର । ଏହା ତୁମ ପାଇଁ ଏକ ସର୍ବୋତ୍କୃଷ୍ଟ ଶୃଙ୍ଖଳା ଭାବରେ ପରିଣତ ହେବ ଏବଂ ଏହା ତୁମକୁ ଅନେକ ନିର୍ବୋଧ ଓ ନିରର୍ଥକ କାର୍ଯ୍ୟରୁ ନିବୃତ୍ତ ରଖିବ ।

*

କର୍ମ ସମ୍ପାଦନରେ ପୂର୍ଣ୍ଣତାରୁ କିଛି ବି ଊଣା ତୁମର ଆଦର୍ଶ ହେବା ଅନୁଚିତ । ଏହା ଦ୍ୱାରା ତୁମେ ନିଶ୍ଚୟ ଭଗବାନଙ୍କର ଏକ ଯଥାର୍ଥ ଯନ୍ତ୍ର ହୋଇପାରିବ ।

(*All India Magazine,* ଫେବ୍ରୁଆରୀ ୨୦୧୦, ପୃ. ୨୫)

❑❑❑

# ଧ୍ୟାନ

## (୫)

## ମାଧବ ପଣ୍ଡିତ

### ସମୟ

ଏସବୁ ପୂର୍ବୋକ୍ତ କଥା ସାଧିତ ହେବାପରେ ଧ୍ୟାନ ନିମନ୍ତେ ଉପଯୁକ୍ତ ସମୟର ପ୍ରଶ୍ନ ଉଠେ । ବାସ୍ତବ ପକ୍ଷରେ ଧ୍ୟାନ ବା ଧ୍ୟାନସମାହିତତା ସମଗ୍ର ସତ୍ତାରେ ରହି ନପାରିଲେ ବି ଏହାର କେତେକ ଆବଶ୍ୟକ ଅଂଶରେ ନିରନ୍ତର ରହିବା ଉଚିତ । ଏଇ ଦୃଷ୍ଟିରୁ ବିଚାର କଲେ ଧ୍ୟାନ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ସମୟ ନାହିଁ । ଏହା ନିରବଚ୍ଛିନ୍ନ । ତଥାପି ଆରମ୍ଭ ଅବସ୍ଥାରେ ଏଥିଲାଗି ଏକ ନିର୍ଦ୍ଦିଷ୍ଟ ସମୟ ଆବଶ୍ୟକ । ଏବଂ ତା'ପରେ ବହୁଦିନ ପର୍ଯ୍ୟନ୍ତ ଯେତେବେଳଯାଏ ସବୁକଥା ସ୍ୱତଃସ୍ଫୂର୍ତ୍ତଭାବରେ ଓ କୌଣସି ମାନସିକ ପ୍ରଚେଷ୍ଟାର ଆବଶ୍ୟକତା ବିନା ନ ଘଟିଛି; ଯେତେବେଳେ ଧ୍ୟାନକୁ ଏକ ଶୃଙ୍ଖଳା ଭାବରେ ଓ ଏକମାତ୍ର ପ୍ରାକ୍ ନିର୍ଦ୍ଦିଷ୍ଟତା ଭାବେ ସାଧନ କରାଯାଏ । ଏଥିସକାଶେ ଅବଶ୍ୟ ସବୁଠାରୁ ଉତ୍ତମ ସମୟ ହେଲା ଆଦ୍ୟ ସକାଳ, ବିଶେଷ କରି ୩ ଟାରୁ ୫ଟା ସମୟ[୧] ମଧ୍ୟରେ । ଏହି ସମୟରେ ଏପରିକି ପ୍ରକୃତି ମଧ୍ୟ ଅତ୍ୟନ୍ତ ସହଯୋଗୀ ହୋଇଥାଏ । କହିବାକୁ ଗଲେ, ସ୍ଥୂଳ ପ୍ରକୃତି ଶୋଇ ରହିଥାଏ ଏବଂ ପରିବେଶରେ ଏକ ସହଯୋଗୀ ନିଶ୍ଚଳତା ବିଦ୍ୟମାନ ଥାଏ । କ୍ରିୟମାଣତାର ଶକ୍ତିଗୁଡ଼ିକ ତଥାପି ମଧ୍ୟ ଚଳତ୍‌ମାନ ହୋଇଉଠି ନଥା'ନ୍ତି । ଏତଦ୍‌ବ୍ୟତୀତ ପ୍ରକୃତିମାତାଙ୍କର ସୂକ୍ଷ୍ମ ସ୍ତରଚୟ ଏପରି ସମୟରେ ଅଧିକତର ଉପଲଭ୍ୟ ହୁଅନ୍ତି, ତଥା ଚେତନାକୁ ବାହ୍ୟ ସମ୍ମୁଖରୁ ଆନ୍ତର ଗଭୀରତାକୁ ଅପସାରଣ କରିନେବା ଏସମୟରେ ସହଜତର ହୋଇଥାଏ । ତା'ପରେ ପ୍ରାଚୀନ ଗ୍ରନ୍ଥମାନଙ୍କର 'ଦେବକାଳ ବା ବ୍ରାହ୍ମମୁହୂର୍ତ୍ତ' ମଧ୍ୟ ରହିଛି ଯେଉଁ ସମୟରେ କି ବେଦୋକ୍ତ ଭାଷାରେ କୁହାଯାଇଛି — 'ଅତି ପ୍ରତ୍ୟୁଷରେ ସେ ଅଜ୍ଞାତ ବିଭବ ପ୍ରଦାନ କରନ୍ତି ।[୨] ଧ୍ୟାନର ପ୍ରଥମଭାଗ ଏହି ସମୟରେହିଁ ସର୍ବୋତ୍ତମ ରୂପେ ସାଧିତ ହୁଏ ।[୩]

ରାତିରେ ଶଯ୍ୟାକୁ ଯିବା ପୂର୍ବରୁ ସମୟ ମଧ୍ୟ ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ, କାରଣ ପ୍ରାତଃକାଳୀନ ଧ୍ୟାନର ଅବସ୍ଥା ବହୁ ପରିମାଣରେ ପୂର୍ବରାତ୍ରିରେ ଏହି ନିଦ୍ରା ସମୟର ଅବସ୍ଥା ଦ୍ୱାରା ସ୍ଥିରୀକୃତ ହୁଏ । ପ୍ରକାରାନ୍ତରେ ଏହି ନିଦ୍ରା ସମୟର ଅନୁଭୂତି ଶୟନ ପୂର୍ବରୁ ସତ୍ତାର ଅବସ୍ଥାଚୟ ଦ୍ୱାରା ବହୁଭାବରେ ନିୟନ୍ତ୍ରିତ ହୁଏ । ଏହି ଉଦ୍ଦେଶ୍ୟସାଧନ ପାଇଁ ଏହା ଅତ୍ୟନ୍ତ ଉପଦେଶନୀୟ ଯେ ଧ୍ୟାନରେ ଉପବିଷ୍ଟ ହେବାପୂର୍ବରୁ ଯଦି ଆବଶ୍ୟକ ହୁଏ କିଛି ପଠନ ବା ଲଘୁ ଅଧ୍ୟୟନ ଦରକାର, ଯାହା ମନକୁ ଅବିଚଳିତ ଓ ଶାନ୍ତ କରେ ଏବଂ ତା'ର ଶକ୍ତିଚୟକୁ ସ୍ୱତଃ ନିଜର ମନୋନୀତ କ୍ଷେତ୍ରରେ ଏକକୈନ୍ଦ୍ରିକ ହେବାରେ ସାହାଯ୍ୟ କରେ । ବ୍ୟକ୍ତି ନିଶ୍ଚିତଭାବରେ ଏହି ଧ୍ୟାନରୁ ନିଦ୍ରା ମଧ୍ୟକୁ ଅବତରିଯିବା ଶିକ୍ଷା କରିବା ବିଧେୟ ଏବଂ ଯଦି ତାହା ସାଧିତ ହୁଏ ତେବେ ସମୟକ୍ରମେ ଧ୍ୟାନର ବିଭାବସବୁ ନିଦ୍ରାରେ ଆରୋପିତ ହୁଏ; ନିଦ୍ରା ଅଧିକରୁ ଅଧିକ ସଚେତ ହୁଏ ଏବଂ ଧ୍ୟାନ ସମୟର କ୍ରିୟାଶୀଳ ଗତିସକଳ ମଧ୍ୟ ନିଦ୍ରାରେ ବର୍ଦ୍ଧମାନ ହୁଅନ୍ତି; ଫଳରେ ଜଣେ ଯେତେବେଳେ ଧ୍ୟାନ ପାଇଁ ପ୍ରାତଃକାଳରେ ଶଯ୍ୟାତ୍ୟାଗ କରେ ସେତେବେଳେ ଏହା କେବଳ ପୂର୍ବଧ୍ୟାନର ଏକ ଅବିଚ୍ଛିନ୍ନ ଅଂଶ ହୋଇଉଠେ ।

---

୧. ପ୍ରସଙ୍ଗତଃ ଆମେ ଏଠି ଉଲ୍ଲେଖ କରିପାରୁ ଯେ ଶରୀରର ପ୍ରାଣଶକ୍ତି ରାତିର ଏଇ ସମୟରେ ନିମ୍ନ ସ୍ତରରେ ଥାଏ । ସେଥିପାଇଁ ସାଧାରଣତଃ ନିଦ୍ରାରେ ବହୁ ଧାରଣା ଉର୍ଦ୍ଧ୍ୱକୁ ଉଠିଆସେ, ବିଶେଷ କରି ଯୌନଶକ୍ତି ଏବଂ ଅନ୍ୟାନ୍ୟ ବିଶୃଙ୍ଖଳ ଗତିବୃତ୍ତି । ତେଣୁ ଏହି ସମୟରେ ଶଯ୍ୟାତ୍ୟାଗ ସେମାନଙ୍କ ଆକ୍ରମଣକୁ ଏଡ଼ାଇ ଦେବାର ପ୍ରକୃଷ୍ଟ ଉପାୟ ।

୨. ପ୍ରାତାରତ୍ନଂ ପ୍ରାତରିତ୍ୱା ଦଧାତି । (ଋଗ୍‌ବେଦ, ୧, ୧୨୫।୧)

୩. ଆରମ୍ଭରେ ଅଧିକାଂଶଙ୍କ ପାଇଁ ନିଦ୍ରାର ଅସୁବିଧା ଥାଏ । କିନ୍ତୁ ଏହାକୁ ରାତିରେ ଶୀଘ୍ର ଶୋଇବା ଦ୍ୱାରା ଏବଂ ଏକ ପୂର୍ବ ନିର୍ଦ୍ଧାରିତ ସମୟରେ ନିଦ୍ରାଭଙ୍ଗ କରିବାର ଦୃଢ଼ ସଂକଳ୍ପ ଦ୍ୱାରା କ୍ରମଶଃ ଅତିକ୍ରମ କରିଯାଇ ହୁଏ । ସମୟକ୍ରମେ ଆଉ ନିଦ୍ରାଭଙ୍ଗ ପାଇଁ କୌଣସି ବାହ୍ୟ ଉପଚାରର ଆବଶ୍ୟକତା ରହିବ ନାହିଁ । ବ୍ୟକ୍ତି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେହିଁ ଉଠିପଡ଼ିବ ।

ଯଦି ଆଧୁନିକ ଜୀବନର ସର୍ତ୍ତାନୁସାରେ ସମ୍ଭବପର ହୁଏ ତେବେ ଏହା ମଧ୍ୟରେ ଦୁଇଟି ଉପଯୋଗୀ କାଳ ରହିଛି । ଗୋଟିଏ ହେଲା ଗୋଧୂଳି ବେଳା ଯାହାକି ଧ୍ୟାନ ପାଇଁ ଉପଯୋଗୀ ସମୟ, ଯେତେବେଳେ ପ୍ରକୃତିର ଜୁଆରରେ ଭଟ୍ଟା ଆସିଥାଏ(୪) । ଆହୁରି ମଧ୍ୟ ମଧ୍ୟାହ୍ନବେଳା ଯେତେବେଳେ ସ୍ଥୂଳସତ୍ତା ଟିକିଏ ବିଶ୍ରାମ ବା ଶିଥିଳୀକରଣ ପାଇଁ ବିରତି ଆବଶ୍ୟକ କରେ । ଏହି ବିଶ୍ରାମ ବା ତନ୍ଦ୍ରାକୁ ଏକ ପ୍ରକାର ଧ୍ୟାନକୁ ପରିବର୍ତ୍ତିତ କରି ଏହି ସମୟର ଉପଯୁକ୍ତ ବିନିଯୋଗ କରାଯାଇପାରେ । ବ୍ୟକ୍ତି ଏକ ଧ୍ୟାନର ଅବସ୍ଥାକୁ ଆସି ବିଶ୍ରାମ ନେଲେ କ୍ରମଶଃ ଏହା ପରିଲକ୍ଷିତ ହେବ ଯେ ଧ୍ୟାନର ମୁହୂର୍ତ୍ତସବୁ ସେହି ସଂକ୍ଷିପ୍ତ ନିଦ୍ରାକାଳରେ ପରିବ୍ୟାପ୍ତ ହୋଇଛି ଓ ବ୍ୟକ୍ତି ଶାନ୍ତ ଶରୀରରେ ସତେଜ ହୋଇ ଶଯ୍ୟା ତ୍ୟାଗ କରୁଛି ।

ଆମେ ଏହା କହିପାରୁ ଯେ ଧ୍ୟାନ ପାଇଁ ମନୋନୀତ କାଳମାନଙ୍କ ମଧ୍ୟରେ ଏହିସବୁ ପ୍ରକୃଷ୍ଟତମ ସମୟ । ମାତ୍ର ଏହାର ଅର୍ଥ ଏହା କହିବା ନୁହେଁ ଯେ ଧ୍ୟାନ ଅନ୍ୟ ସମୟମାନଙ୍କରେ ହୋଇପାରିବ ନାହିଁ । ଯେପରି ଆମେମାନେ ପୂର୍ବରୁ ଦେଖିଛୁ ସତ୍ତାରେ ଆଦର୍ଶ ଅବସ୍ଥା ହେଲା ସବୁ ସମୟରେ ଧ୍ୟାନର କିଛି ଭାରସାମ୍ୟ ଅବସ୍ଥା ବଜାୟ ରଖିବା । ବ୍ୟକ୍ତି କେବଳ ବିଶେଷ ଧ୍ୟାନ ପାଇଁ ତାକୁ ସୁବିଧା ହେବାପରି ସମୟ ବାଛି ନେଇପାରେ । କେବଳ ଏତିକି ଜରୁରୀ ଯେ ଥରେ ନିର୍ବାଚିତ ହେଲା ପରେ ନିର୍ବାଚିତ ସମୟ ପ୍ରତିଦିନ ନିଶ୍ଚିତ ଅନୁସୃତ ହେବା ଦରକାର । କାରଣ ଶକ୍ତିସବୁର ଗତିରେ ଏକ ଛନ୍ଦ ଓ ଆବର୍ତ୍ତମାନତା ରହିଥାଏ – ଆଧ୍ୟାତ୍ମିକ ଏପରିକି ସ୍ଥୂଳସ୍ତରରେ ମଧ୍ୟ ଏବଂ ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ବେଳାରେ ଧ୍ୟାନର ଯଥାର୍ଥ ଅବସ୍ଥାସବୁ ପୁନରାବର୍ତ୍ତିତ ହେବା ଲାଗି ଏକ ଶକ୍ତିଶାଳୀ ଝୁଙ୍କ ସୃଷ୍ଟି ହୁଏ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଓ କହିବାକୁ ଗଲେ ଅବଶ୍ୟ କରଣୀୟ ଯେ ଯେତେବେଳେ ଧ୍ୟାନର ଏକ ସ୍ୱତଃସ୍ଫୂର୍ତ୍ତ ଗତି ଅନୁଭୂତ ହୁଏ ବ୍ୟକ୍ତି ସେଇଟିକୁ ପଥ ମଧ୍ୟରେ ଏକ ନୂତନ ଅଗ୍ରଗତିର ସ୍ଥାପନା ନିମନ୍ତେ ସତ୍ତାର ପ୍ରସ୍ତୁତିର ଏକ ସୂଚନା ଭାବେ ତଥା ଅନ୍ତର ମଧ୍ୟକୁ ଫେରିଯିବା ଓ ଯାହାକିଛି ଅପେକ୍ଷା କରିଛି ତାକୁ ଗ୍ରହଣ କରିବାକୁ ଅଦୃଷ୍ଟର ଏକ ଆହ୍ୱାନ ରୂପେ ମନେ କରିବା ବିଧେୟ ଏବଂ ସାମର୍ଥ୍ୟାନୁସାରେ ତା' ସହ ସହଯୋଗ କରିବା ଆବଶ୍ୟକ । ଅନ୍ୟ ଏକ ଅନୁଧ୍ୟାନର ବିଷୟ ହେଲା ଧ୍ୟାନାବସ୍ଥାରୁ ହଠାତ୍ ବା ତରବରିଆଭାବେ ବାହାରି ନ ଆସିବା ଉଚିତ; ଅନ୍ତର୍ମୁଖୀ ହୋଇଥିବା ଚେତନା ତା'ର ପୂର୍ବ ସ୍ଥୂଳାବସ୍ଥାକୁ ଫେରିବାକୁ କିଛି ସମୟ ଆବଶ୍ୟକ କରେ ଏବଂ ଏକ ଆକସ୍ମିକ ପ୍ରତ୍ୟାବର୍ତ୍ତନ ଦ୍ୱାରା ଏକ ଅପ୍ରୀତିକର ଆନ୍ଦୋଳନ ସୃଷ୍ଟି କରିପାରେ, ଗୋଟିଏ ସ୍ନାୟବିକ ବିକ୍ଷୁବ୍ଧତା ଓ ସମୟେ ସମୟେ ଅଧିକ ଭୟଙ୍କର ବିକୃତି ସୃଷ୍ଟି କରିପାରେ ।

ଏକଥା ମଧ୍ୟ ମନେ ରଖିବେ, ଏହି ଧ୍ୟାନରେ ଉପବେଶନ କରିବାର ସମୟକୁ ଦିନର ଅନ୍ୟାନ୍ୟ ସମୟଠାରୁ ସମ୍ପୂର୍ଣ୍ଣ ଅଲଗା କରାଯାଇପାରିବ ନାହିଁ, ପ୍ରତ୍ୟେକ ଧ୍ୟାନ ସଚେତ ଭାବରେ ସେହି ସମୟ ପୂର୍ବରୁ ସତ୍ତାର ବିଭିନ୍ନ ଭୂମିରେ ଘଟିଥିବା ଘଟନାବଳୀ ଦ୍ୱାରା ପ୍ରଭାବିତ ଏପରିକି ସ୍ଥିରୀକୃତ ହୁଏ, ଏଥିପାଇଁ ଜୀବନର ଗତି ଏପରି ସୁଶୃଙ୍ଖଳିତ ହେବା ଆବଶ୍ୟକ ଯେପରି ଧ୍ୟାନର ବୀଜବପନ ତଥା ଅଙ୍କୁରୋଦ୍‌ଗମ ପାଇଁ ଯଥାର୍ଥ ପୃଷ୍ଠଭୂମି ତଥା ଭିତ୍ତି ବ୍ୟବସ୍ଥିତ ହୁଏ ।

ଧ୍ୟାନର କାଳ ସାଧାରଣ ଚେତନାର ଆନ୍ତର ପ୍ରତ୍ୟାହୃତ କିଂବା ଆରୋହଣ କିଂବା ଗ୍ରହଣଶୀଳ ଅବସ୍ଥାର ଉଚ୍ଚକାଳକୁ ନେଇ ସଞ୍ଚରିତ । ଯେପରି 'ପୂର୍ବ' ରହିଛି ସେହିପରି ଏକ 'ପର' ମଧ୍ୟ ରହିଛି । ପ୍ରତି ଧ୍ୟାନ ସମୟରେ ପ୍ରାପ୍ତ ଲାଭକୁ ପ୍ରତିଷ୍ଠିତ ତଥା ଅଙ୍ଗୀଭୂତ କରିବାକୁ ସମସ୍ତ ପ୍ରକାରେ ପ୍ରଚେଷ୍ଟା ହେବା ଆବଶ୍ୟକ । ଧ୍ୟାନାବସ୍ଥାରେ ଲବ୍ଧ ଚେତନାକୁ ସାଧାରଣ ଜାଗ୍ରତ୍ ତଥା କ୍ରିୟାଶୀଳ ଚେତନାରେ ଯଥାସମ୍ଭବ ସଂପ୍ରସାରିତ କରିବା ଉଚିତ । କେବଳ ଏହିପରି ଦୈନନ୍ଦିନ ଜୀବନରେ ଧ୍ୟାନର ପ୍ରଭାବ ଓ ସୀମାକୁ ଅଧିକରୁ ଅଧିକ ପରିବ୍ୟାପ୍ତ କରି ଚାଲିବା ପାଇଁ ଏକ ସଚେତନ ଉଦ୍ୟମ ଦ୍ୱାରା ଧ୍ୟାନର ପଥ ପରିଷ୍କାର ହୋଇଯାଏ ଓ ଧ୍ୟାନ ମଧ୍ୟ ସ୍ୱାଭାବିକ ହୋଇଉଠେ ।

(କ୍ରମଶଃ)

(ଇଂରାଜୀ *Dhyana* ପୁସ୍ତକରୁ)

ଅନୁବାଦ : ରଜନୀକାନ୍ତ ମିଶ୍ର

❑❑❑

୪. ଏହି କାଳ ଓ ପ୍ରତ୍ୟୁଷର ପ୍ରଥମ ପ୍ରହର ପ୍ରାଚୀନମାନଙ୍କ ଦ୍ୱାରା ସନ୍ଧ୍ୟା (ଧ୍ୟାନ) ପାଇଁ ଉପଯୁକ୍ତ ସମୟ ବୋଲି ସ୍ଥିର କରାଯାଇଛି । ଏହି ବିଶ୍ୱରେ ଦିବ୍ୟପ୍ରଭୁଙ୍କର କେନ୍ଦ୍ରୀୟ ପ୍ରକାଶ ପ୍ରତି ଆନ୍ତର ନିବେଦନର ଏହା ଏକ ଦୈନିକ ପରିପ୍ରକାଶ । ସମ୍ୟକ୍ ଧ୍ୟାୟନ୍ତି ଯସ୍ୟାଂ ସ, (ସନ୍ଧିକ୍ଷଣ) ଯେତେବେଳେ କି ଧ୍ୟାନ ସୁନ୍ଦର ରୂପେ ହୋଇପାରେ ।

# ‘କାୟେନ ବାଚା ମନସା’

## ନଳିନୀକାନ୍ତ ଗୁପ୍ତ

ଆମ ଆଧାରକୁ ଶୁଦ୍ଧ କରିବାକୁ ହେବ ‘କାୟେନ ବାଚା ମନସା’ । ପ୍ରଥମେ ଯାହା ଦରକାର, ସେଇଟି ହେଉଛି ଶରୀରର ଅଶୁଦ୍ଧ କ୍ରିୟାସବୁକୁ ପରିତ୍ୟାଗ କରିବା । ଅସତ୍ୟ-ପ୍ରତିଷ୍ଠ, ଅଜ୍ଞାନ ହେତୁ ଯେଉଁସବୁ ବାହ୍ୟିକ କର୍ମରେ ଶରୀର ଆମର ଅଭ୍ୟସ୍ତ ଥାଏ, ସର୍ବାଦୌ ସେସବୁକୁ ବନ୍ଦ କରିବା । ଦେହର ସ୍ନାୟୁ, ପେଶୀ ଆଦିର ବାହାର ଆଡ଼କୁ ଝୁଙ୍କ ହେତୁ ସେଗୁଡ଼ିକ ଗତାନୁଗତିକ ପ୍ରାକୃତ ପ୍ରଭାବର ଚାପରେ ଆଗେଇ ଯିବାକୁ ଚାହେଁ; ସେଗୁଡ଼ିକୁ ସଂବୃତ, ସଂଯତ, ସ୍ତବ୍ଧ କରି ରଖିବାକୁ ହେବ । ଏହାକୁ କୁହାଯାଏ ପ୍ରତ୍ୟାହାର, ଏଇ ସ୍ଥୂଳ ପ୍ରତ୍ୟାହାରରୁ କାର୍ଯ୍ୟ ଆରମ୍ଭ କରିବାକୁ ହେବ; ସାଧନାର ଏହାହିଁ ପ୍ରଥମ ସୋପାନ ।

ତତ୍ପରେ ଆବଶ୍ୟକ ବାକ୍ୟର ରୋଧ । କାର୍ଯ୍ୟକ୍ରମ ବନ୍ଦ ହେବା ମାତ୍ରେ ମୁହଁରେ କଥା ଫୁଟି ଉଠିବାକୁ ଚାହେଁ । ଅନ୍ୟାନ୍ୟ ପେଶୀ ତଥା ସ୍ନାୟୁର ପ୍ରାକୃତ ଛନ୍ଦ ଆସି ରସନାରେ ଜମା ହେବାକୁ ଲାଗେ, ଫଳରେ କର୍ମର ମାଳିନ୍ୟ ବାକ୍ୟ ଦେଇ ବାହାରିବାକୁ ଚେଷ୍ଟା କରେ । ବାସ୍ତବରେ ଯାହା କରିବାକୁ ଚାହୁଁନା, ଯାହା କାମରେ ପ୍ରକଟ କରୁ ବା କରିପାରୁନା, କଥାରେ ତାକୁ ବେଶ ବଦଳାଇ ପ୍ରକାଶ କରିଦେଉ, ଭାଷାରେ ସେଇ ଜିନିଷକୁ ନେଇ ଖେଳୁ, ତାମସା କରୁ । ଯେଉଁ ପ୍ରାକୃତ ଆନନ୍ଦ ବାସ୍ତବରେ ଉପଭୋଗ କରୁନା, କଥାର ପ୍ରତିଚ୍ଛାୟା ଗଢ଼ି ତାହାର ରସଗ୍ରହଣ କରିଥାଉ । ସୁତରାଂ ବାକ୍ୟର ସ୍ତବ୍ଧତା ହେଉଛି – ସାଧନାର ଦ୍ୱିତୀୟ ସୋପାନ ।

ଶରୀର ସଂଯତ, କଥାବାର୍ତ୍ତାରେ ସ୍ତବ୍ଧତା ନେଇ ଆସିଲେ ବି ମନରେ ବିକ୍ଷୋଭ ରହିଯାଏ । ଚିନ୍ତାରେ, ଭାବନାରେ ଖେଳୁଥାଏ ସେଇସବୁ ଭାବ, ଯାହାକୁ କାର୍ଯ୍ୟରେ, ଭାଷାରେ ବ୍ୟକ୍ତ କରି ପାରୁ ନା – ସେଇସବୁକୁ କଳ୍ପନାରେ ଉପଭୋଗ କରୁ । ସେଗୁଡ଼ିକୁ ମନରୁ ବହିଷ୍କାର କରି ମନକୁ ପରିଚ୍ଛନ୍ନ କରିବାକୁ ହେବ, ଯାହା ଫଳରେ ମନରୁ ମଧ୍ୟ ଦୁଷ୍ଟଗତିର ତରଙ୍ଗ ଚାଲିଯିବ । ମନ ହେବ ପ୍ରଶାନ୍ତ, ନିର୍ମଳ – ଏହା ସାଧନାର ତୃତୀୟ ସୋପାନ ।

ଏସବୁରେ ସିଦ୍ଧି ଆସିଲେ, ତା’ପରେ ଯାଇଁ ଉପରୁ ଅବତରଣ କରିବ ଅବା ଅନ୍ତର ମଧ୍ୟରୁ ପ୍ରକଟ ହୋଇପାରିବ ମନରେ, ବାକ୍ୟରେ ଓ ଦେହରେ ଦିବ୍ୟସତ୍ୟର ଜ୍ୟୋତିର୍ମୟ ଅମୋଘ ରୂପାୟଣ ।

(ରଚନାବଳୀ – ୮ର ‘ଆଲୋର ପଥେ’ରୁ ଅନୂଦିତ)

ଅନୁବାଦ : କୃଷ୍ଣାଦେବୀ ❑

ଖୁବ୍ ସ୍ଥିର, ନିଶ୍ଚଳ ରୁହ, ତୁମର ମନ ଓ ତୁମର ହୃଦୟକୁ ଶ୍ରୀଅରବିନ୍ଦ ଓ ମୋ ପ୍ରଭାବ ପ୍ରତି ଉନ୍ମୁକ୍ତ ରଖ, ଗଭୀର ଭାବେ ଏକ ଆନ୍ତର ନୀରବତା (ଯାହାକି ସକଳ ପରିସ୍ଥିତିରେ ଲାଭ କରାଯାଇପାରେ) ମଧ୍ୟକୁ ନିଜକୁ ଅପସରାଇ ନିଅ, ସେହି ନୀରବତାର ଗଭୀରତା ମଧ୍ୟରୁ ମୋତେ ଆବାହନ କର ଏବଂ ତୁମେ ତୁମ ସତ୍ତାର କେନ୍ଦ୍ରରେ ମୋତେ ଉଭା ହୋଇଥିବାର ଦେଖି ପାରିବ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୨)

### କପାଳୀ ଶାସ୍ତ୍ରୀଙ୍କର ଦ୍ୱିତୀୟ ଆଗମନ :

ମାଡ୍ରାସର ମାୟଲାପୁରରେ ଜନ୍ମଗ୍ରହଣ କରିଥିବା ଟି. ଭି. କପାଳୀ ଶାସ୍ତ୍ରୀ (୧୮୮୬-୧୯୫୩) ପାଞ୍ଚ ବର୍ଷ ବୟସରୁ ସଂସ୍କୃତ ଶିକ୍ଷା ଆରମ୍ଭ କରିଥିଲେ ଏବଂ ଆଠ ବର୍ଷ ବୟସରୁ ରାମାୟଣ, ମହାଭାରତ, ବେଦ-ଅଧ୍ୟୟନ ଏବଂ ମନ୍ତ୍ର-ସାଧନା ଆରମ୍ଭ କରିଥିଲେ । ରମଣ ମହର୍ଷିଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ କାବ୍ୟକଣ୍ଠ ବଶିଷ୍ଠ ଗଣପତି ମୁନି (ନୟନା)ଙ୍କଠାରୁ ଶାସ୍ତ୍ରୀୟ ଚିନ୍ତାଧାରାର ଏକାଧିକ ଧାରା ଏବଂ ଋଗ୍‌ବେଦର ଋକ୍ ଓ ସ୍ତୋତ୍ର ସବୁର ଯଥାର୍ଥ ବ୍ୟାଖ୍ୟା ଓ ଅର୍ଥ ସବୁକୁ ବିଧିବଦ୍ଧ ଭାବରେ ତଦନ୍ତ କରିବାରେ ତୀବ୍ର ଅନୁସନ୍ଧିତ୍ସୁ ହୋଇ ଉଠିଥିଲେ ।...

ଶ୍ରୀଯୁକ୍ତ କପାଳୀ ଶାସ୍ତ୍ରୀ (ଶାସ୍ତ୍ରୀଆର୍) ୧୯୧୭ରେ ପ୍ରଥମେ ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ । ସେହି ବର୍ଷ ତାଙ୍କୁ ପଣ୍ଡିଚେରୀରେ ଏକ ଭାଷଣ ଦେବା ସକାଶେ ଆମନ୍ତ୍ରଣ କରାଯାଇଥିଲା । ସେହି ସୁଯୋଗରେ ସେ ତାଙ୍କର ସହଜଲଭ୍ୟ ବନ୍ଧୁ ପଣ୍ଡିଚେରୀର କବି ସୁବ୍ରମନୀୟା ଭାରତୀଙ୍କ ସହାୟତାରେ ଶ୍ରୀଅରବିନ୍ଦଙ୍କ ସହିତ ଏକ ସାକ୍ଷାତ୍‌କାର କରିବାକୁ ଚାହିଁଥିଲେ । ପ୍ରଥମତଃ, ଜାତୀୟ ସ୍ୱାଧୀନତା ଆନ୍ଦୋଳନର କାର୍ଯ୍ୟୋପଯୋଗୀ ବଳିଷ୍ଠ ଓ ବରେଣ୍ୟ ନେତା ହିସାବରେ ଶ୍ରୀଅରବିନ୍ଦଙ୍କ ପ୍ରତି ଏକ ଉଚ୍ଚ ଧାରଣା ଶାସ୍ତ୍ରୀଆର୍ ପୋଷଣ କରିଥିଲେ ଏବଂ ପରବର୍ତ୍ତୀକାଳରେ ତାଙ୍କର 'ଆର୍ଯ୍ୟ' ପତ୍ରିକା ପାଠ କରି ତାଙ୍କ ପ୍ରତି ଗଭୀର ଭାବରେ ପ୍ରଭାବିତ ହୋଇ ଉଠିଥିଲେ ଏବଂ ମୁଗ୍ଧ ହୋଇ ଅନ୍ତରରେ ତାଙ୍କର ପ୍ରଶଂସା କରୁଥିଲେ । ଏବଂ ଯେତେବେଳେ ସେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ ଉଭୟ ଦିଗରୁ ତାଙ୍କର ଉଦ୍ଦେଶ୍ୟ ସାଧିତ ହୋଇଥିଲା – ପ୍ରଥମତଃ ବହୁ ଦିନରୁ ଅନ୍ତରରେ ପୋଷଣ କରିଥିବା ତାଙ୍କର ସାକ୍ଷାତ୍ ଲାଭ ଏବଂ ନୂତନ କରି ଏକ ତୀର୍ଥଯାତ୍ରାର ଅୟମାରମ୍ଭର ପ୍ରାଞ୍ଜଳ ଅନୁଭୂତି । ଦୁହେଁ ସେହି ସାକ୍ଷାତ୍‌କାରରେ ରାଜନୀତି, ଧର୍ମ ଓ ଦର୍ଶନଶାସ୍ତ୍ର ସମ୍ବନ୍ଧରେ ଆଲୋଚନା କରିଥିଲେ ।

ଶ୍ରୀଅରବିନ୍ଦଙ୍କ ସହିତ ଶାସ୍ତ୍ରୀଆର୍‌ଙ୍କର ପରବର୍ତ୍ତୀ ସାକ୍ଷାତ୍‌କାର ଥିଲା ୨୮ ଜୁଲାଇ ୧୯୨୩ରେ । ଏହି ସାକ୍ଷାତ୍‌ଟି ତାଙ୍କର ଆନ୍ତର ଓ ବାହ୍ୟ ଜୀବନ ସକାଶେ ଚୂଡ଼ାନ୍ତଭାବେ ନିଷ୍ପତ୍ତିମୂଳକ ହୋଇ ଉଠିଥିଲା । କାରଣ, ଯଦିଓ ସେ ଛ' ବର୍ଷ ପୂର୍ବରୁ ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ ସେତେବେଳେ ସେ ତାଙ୍କ ନିଜସ୍ୱ ଧାରାରେ ଆଧ୍ୟାତ୍ମିକ ଏଷଣାରେ ପରିବର୍ତ୍ତନ ଆଣି ଶ୍ରୀଅରବିନ୍ଦଙ୍କର ଅତିମାନସ ଯୋଗ ଗ୍ରହଣ କରିବାକୁ ଘୁଣାକ୍ଷରରେ ଚାହିଁ ନଥିଲେ । କିନ୍ତୁ ସେ ଶ୍ରୀଅରବିନ୍ଦଙ୍କଠାରୁ ବିଦାୟ ନେବା ପରଠାରୁ ପର୍ଯ୍ୟାୟକ୍ରମେ ଏକାଧିକ ଅନୁଭୂତି ପ୍ରାପ୍ତ ହୋଇ ଆନ୍ତର ଅଗ୍ରଗତି ହେବାକୁ ଲାଗିଲା । ସବୁଠାରୁ ଉଲ୍ଲେଖଯୋଗ୍ୟ ଅନୁଭୂତି ଥିଲା, କହିବାକୁ ଗଲେ ନିତି ନିଦ୍ରାବସ୍ଥାରେ ସଶରୀରରେ ଉତ୍ତୋଳିତ ହୋଇ ବ୍ୟୋମ ପଥରେ ଯାତ୍ରା କରି ସେ ଏକ ନିର୍ଦ୍ଦିଷ୍ଟ ଅଟ୍ଟାଳିକାର ନିର୍ଦ୍ଦିଷ୍ଟ କକ୍ଷରେ ଆସି ପହଞ୍ଚୁଥିଲେ । ପରେ ୧୯୨୩ରେ ଶ୍ରୀଅରବିନ୍ଦଙ୍କୁ ତାଙ୍କର ନୂତନ ବାସଭବନରେ (ଲାଇବ୍ରେରି ହାଉସ୍‌ର ବାରଣ୍ଡାରେ) ଭେଟିବା ମାତ୍ରେ ସେ ତାଙ୍କର ସ୍ୱପ୍ନରେ ଦେଖୁଥିବା ଅଟ୍ଟାଳିକା ଏବଂ କକ୍ଷଟିକୁ ଚିହ୍ନି ପାରିଥିଲେ । ଦ୍ୱିତୀୟତଃ, ସେ ଯେଉଁ ଧାରାରେ ଯୋଗାଭ୍ୟାସ କରୁଥିଲେ ତା'ର ସିଦ୍ଧିର ଶୀର୍ଷସ୍ଥାନରେ ଉପନୀତ ହେବାର ଅବ୍ୟବହିତ ପୂର୍ବରୁହିଁ ହୃଦୟଙ୍ଗମ କଲେ ଯେ ତାଙ୍କ ଅନ୍ତରାତ୍ମା ଇହଜନ୍ମରେ ତାହା ଲାଭ କରିବାକୁ ସେ ଆସି ନାହାନ୍ତି । ସେଇଟି ତାଙ୍କ ଜୀବନର ଉଦ୍ଦେଶ୍ୟ ନୁହେଁ । ଏ ଜନ୍ମରେ ତାଙ୍କ ଅନ୍ତରାତ୍ମାର ନିର୍ବାଚିତ କର୍ମ ହେଉଛି ପୃଥିବୀପୃଷ୍ଠରେ ଦିବ୍ୟ-ପରିପ୍ରକାଶରେ ଅଂଶଗ୍ରହଣ କରିବା, ଏଥିରୁ ପଳାୟନ ନୁହେଁ ।...

ଶାସ୍ତ୍ରୀଆର୍ ଏହି ସାକ୍ଷାତ୍‌କାର ସମ୍ବନ୍ଧେ କଥାପ୍ରସଙ୍ଗରେ ଅତି ନିକଟତମ ବ୍ୟକ୍ତିଙ୍କୁ ଏହି ମର୍ମରେ କେବଳ ଅଳ୍ପ କେତୋଟି ଘଟଣା ଉଲ୍ଲେଖ କରିଥିଲେ – ଶ୍ରୀଅରବିନ୍ଦଙ୍କୁ ଏଥର ଦର୍ଶନ କରିବା ମାତ୍ରେ ସେ ଲକ୍ଷ୍ୟ କଲେ ଯେ ଶ୍ରୀଅରବିନ୍ଦଙ୍କର ଶାରୀରିକ ଅବୟବ ସମ୍ପୂର୍ଣ୍ଣ ରୂପେ ବଦଳିଯାଇଛି; ଏବେ ତାଙ୍କ ଶରୀରରେ ସୁବର୍ଣ୍ଣ ଦୀପ୍ତି ଦେଦୀପ୍ୟମାନ, ଶରୀରର ବର୍ଣ୍ଣଟି

ସ୍ୱର୍ଣ୍ଣକାନ୍ତି ହୋଇ ଉଠିଥିଲା, ଅଥଚ ପ୍ରଥମ ଦର୍ଶନରେ ସେ ତାଙ୍କ ଶରୀରକୁ ଦର୍ଶନ କରିଥିଲେ ଗାଢ଼-ଈଷତ୍ ପିଙ୍ଗଳ ବର୍ଣ୍ଣର । ଶାସ୍ତ୍ରୀଆର୍ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଶ୍ରୀଅରବିନ୍ଦଙ୍କୁ ଏହା ଉଲ୍ଲେଖ କରିବା ମାତ୍ରେ ଶ୍ରୀଅରବିନ୍ଦ କେବଳ ହସିଥିଲେ ।

ପୁନଶ୍ଚ, ଏହି ସାକ୍ଷାତ୍କାରରେ ସେ ଶ୍ରୀଅରବିନ୍ଦଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ତାଙ୍କ ଅତିମାନସ ଯୋଗ ସମ୍ବନ୍ଧେ ପ୍ରଶ୍ନ ପଚାରିଥିଲେ ଏବଂ ସେଥିପ୍ରତି ତାଙ୍କର ତୀବ୍ର ଆସ୍ପୃହା ରହିଛି ବୋଲି ବ୍ୟକ୍ତ କରିବାରୁ ଶ୍ରୀଅରବିନ୍ଦ ତାଙ୍କୁ ବ୍ୟାପକଭାବେ ବୁଝାଇଥିଲେ ଏବଂ ପରିଶେଷରେ କହିଥିଲେ : ''ଏହି ସତ୍ୟ ତୁମକୁ କେବଳ ଦୁଇ ଜଣ ପ୍ରଦାନ କରି ପାରନ୍ତି : 'ମୁଁ କିଂବା ଦିବ୍ୟଶକ୍ତି ।' '' ଶ୍ରୀଅରବିନ୍ଦ ତାଙ୍କ ଭିତରେ ଏହି ଦୃଢ଼ ପ୍ରତ୍ୟୟ ଓ ନିର୍ଭରତା ଜନ୍ମାଇ କହିବାର ଭଙ୍ଗୀକୁ ସ୍ମରଣରେ ଆଣି ବର୍ଣ୍ଣନା କରୁଥିବା ବେଳେ ଶାସ୍ତ୍ରୀଆର୍ ସର୍ବଦା ଆବେଗ ଦ୍ୱାରା ଅଭିଭୂତ ହୋଇ ଉଠୁଥିଲେ । ଶ୍ରୀଅରବିନ୍ଦଙ୍କର ସେହି କଥାପଦକ ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ତାଙ୍କଠୁ ବିଦାୟ ନେବା ମୁହୂର୍ତ୍ତର କଥା ବି ଶାସ୍ତ୍ରୀଆର୍ ପ୍ରାଞ୍ଜଳ ଓ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଥିଲେ । ସେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କଲେ : 'ମୁଁ ନିଶ୍ଚିତ ରୂପେ ଜାଣିପାରେ କି ଯେ ଯେଉଁ ସାହାଯ୍ୟ ମୁଁ ଗ୍ରହଣ କରିବି, ସେଇଟି **ଆପଣଙ୍କର** ?' ଶ୍ରୀଅରବିନ୍ଦଙ୍କର ଉତ୍ତର ଥିଲା 'ହଁ' । ଏବଂ ଏହି 'ହଁ' ଶବ୍ଦ ତାଙ୍କ ମୁଖରୁ ଉଚ୍ଚାରିତ ହେବା ମୁହୂର୍ତ୍ତରେହିଁ ଚମତ୍କାର ଭାବରେ ହୃଦୟସ୍ପର୍ଶୀ ଏକ ଦିବ୍ୟ-ଚେତନାର ପ୍ରବଳ ବର୍ଷଣ ହେବାକୁ ଲାଗିଲା ଯାହାକି ତା'ପରଠୁ କେବେବି ସେହି ବର୍ଷଣ-ଅନୁଭୂତିର ବିରତି ଘଟି ନଥିଲା ।

ଉପରୋକ୍ତ କତିପୟ ଅନୁଭୂତି ବ୍ୟତୀତ ଶାସ୍ତ୍ରୀଆର୍‌ଙ୍କର ଏହି ସାକ୍ଷାତ୍କାରରେ କ'ଣ ସବୁ କଥାବାର୍ତ୍ତା ହୋଇଥିଲା, ଶ୍ରୀଅରବିନ୍ଦଙ୍କୁ କ'ଣ କ'ଣ ପ୍ରଶ୍ନ ପଚାରିଥିଲେ ଏବଂ ଶ୍ରୀଅରବିନ୍ଦ ମଧ୍ୟ ତାଙ୍କୁ କ'ଣ ଉତ୍ତରସବୁ ଦେଇଥିଲେ – ଏସମ୍ବନ୍ଧରେ କିଛି ବି କହି ନଥିଲେ । ସୌଭାଗ୍ୟବଶତଃ ପରବର୍ତ୍ତୀକାଳରେ ତାଙ୍କ ନୋଟ୍-ବୁକ୍‌ରୁ ପ୍ରାପ୍ତ ନିମ୍ନୋକ୍ତ ଶିରୋନାମାରେ ଲେଖାଥିବା ଟିପ୍‌ପଣୀସବୁରୁ ଉଦ୍ଧୃତି :

(୧୯୨୩ ଜୁଲାଇରେ ବ୍ୟକ୍ତିଗତ ଭାବେ ମୋତେ ଦେଇଥିବା ଶ୍ରୀଅରବିନ୍ଦଙ୍କ ଜ୍ଞାନପ୍ରଦ ନିର୍ଦ୍ଦେଶାବଳି)

[His Instructions (personal to me) 1923 July]

ଏହିସବୁ ଥିଲା ସେହି ଟିପ୍‌ପଣୀ :

– ଅତିମାନସ ସତ୍ୟରେ ବିଶ୍ୱାସ
ନିଜ ଉପରେ ଓ ସିଦ୍ଧିଲାଭ ନିମିତ୍ତ ତୁମର ସାମର୍ଥ୍ୟରେ ବିଶ୍ୱାସ, ମୋ ଉପରେ ବିଶ୍ୱାସ (ଗୁରୁଙ୍କ ଉପରେ ବିଶ୍ୱାସ ଯାହାଙ୍କଠାରୁ ତୁମେ ସାହାଯ୍ୟ ଗ୍ରହଣ କରିବ)
– ଭଗବତ୍ ଶାନ୍ତି, ଶକ୍ତି ଓ ଜ୍ୟୋତିଃ ବା ଆଲୋକ ପ୍ରାପ୍ତି ହେଉଛି ସାଧନାର ତ୍ରିବିଧ ଲକ୍ଷ୍ୟ ।
– ପ୍ରତ୍ୟେକଟି ଗତିବିଧିର ପଶ୍ଚାତରେ ଭଗବାନଙ୍କର ଏକ ନିଶ୍ଚଳ-ନୀରବତା ରହିଛି । ଏଥିପ୍ରତି ଉନ୍ମୁକ୍ତ ରୁହ । ଏହି ନିଶ୍ଚଳ-ନୀରବତାକୁ ଅଧିକାର କରିବାକୁ ବା ନିଜ ଆୟତ୍ତରେ ଆଣିବାକୁ ପ୍ରଚେଷ୍ଟା ନକରି ଏଥି ପ୍ରତି ଉନ୍ମୁକ୍ତ ରୁହ ଏବଂ ସେହି ନିଶ୍ଚଳ-ନୀରବତା ତୁମକୁ ଅଧିକାର କରୁ ।
– ଅତିମାନସିକ ସ୍ଥିରତା ମାନସିକ ସ୍ଥିରତାଠାରୁ ସମ୍ପୂର୍ଣ୍ଣ ପୃଥକ୍ ।
– ଅତିମାନସ ସତ୍ୟ ସୌର-ଆଲୋକ ରୂପରେ ଅବତରଣ କରେ ।
– ଦିବ୍ୟ-ଅଚଞ୍ଚଳତାରେ ପ୍ରତିଷ୍ଠିତ ରୁହ ଏବଂ ଅତିମାନସ ସତ୍ୟାଭିମୁଖୀ ହେବା ଦିଗରେ ତଥା ତୁମ ଅନ୍ତରର ଦୃଢବିଶ୍ୱାସ ବଳରେ ତୁମେ ତୁମ ଅଗ୍ରଗତିର ପଥରେ ନକ୍ଷତ୍ରରାଜିର ହସ୍ତକ୍ଷେପରୁ ଉପୁଜୁଥିବା ବିପଦ ବା ଅନିଷ୍ଟାଦିର ଆଶଙ୍କାକୁ ନିଶ୍ଚିତରୂପେ ଅତିକ୍ରମ କରିବ ।
– ଅତ୍ୟନ୍ତ ସାବଧାନତାର ସହିତ ବିଭିନ୍ନ ଶକ୍ତି ଓ ରୂପ ବା ଆକାର ସବୁର ଗତିବିଧିକୁ ଲକ୍ଷ୍ୟ କର, ଅତିମାନସ ଉର୍ଦ୍ଧ୍ୱଲୋକରେ ଅବସ୍ଥିତ ସେହି ଅଦ୍ୱିତୀୟମ୍ ପରମ ସତ୍ୟଙ୍କର ରୂପ ଓ ଶକ୍ତିର ସଂସ୍ପର୍ଶରେ ଆସ ଏବଂ ଅଭିଜ୍ଞତା ଲାଭ କର ।
– ତୁମ ସାଧନାର କ୍ରମୋନ୍ନତିରେ ପ୍ରୟୋଜନୀୟ ଅତ୍ୟାବଶ୍ୟକ ସାହାଯ୍ୟ ନିମିତ୍ତ ଅତିମାନସ ତୁମ ଶରୀର ମାଧ୍ୟମରେ, ପ୍ରାଣ, ଚୈତ୍ୟସତ୍ତା ଓ ମନ ମାଧ୍ୟମରେ କାର୍ଯ୍ୟ କରେ । ପ୍ରତ୍ୟେକଟି ମାଧ୍ୟମରେ ପ୍ରାପ୍ତ ଶକ୍ତିକୁ ସ୍ୱସ୍ଥାନରେ ପ୍ରତିଷ୍ଠିତ କର । ଏହାହିଁ ହେଉଛି ସଫଳତା ଲାଭର ମୂଳସୂତ୍ର । ଏହାହିଁ ହେଉଛି ଏହି ଯୋଗର ମୂଳ-ନୀତି ।
– ତୁମେ ନିଶ୍ଚିତରୂପେ ତୁମ ନିଜ ସମ୍ବନ୍ଧରେ, ତୁମ ଚେତନାର ଅସାଧାରଣ ପ୍ରବାହ ସମ୍ବନ୍ଧରେ ଅଧିକରୁ ଅଧିକ ସଚେତନ ହୋଇଉଠ ।
– ନିଜର ଚୈତ୍ୟସତ୍ତାକୁ ଅତିମାନସ ଅଭିବ୍ୟକ୍ତିର

ପଦ୍ଧତିରୂପେ ରୂପାନ୍ତରିତ ହୋଇଉଠିବାରେ ନିହିତ ରହିଛି ଏହି ଯୋଗର ପରିପୂର୍ଣ୍ଣତା ।

ଏଥିରୁ ଆପେକ୍ଷିକ ଭାବେ ନ୍ୟୂନ ଥିବା କୌଣସି ସିଦ୍ଧି ଭବିଷ୍ୟତ୍ ସକାଶେ ଉତ୍ତମ ଫଳଦାୟକ ହୋଇପାରେ ମାତ୍ର ।

ଶାସ୍ତ୍ରୀଆରଙ୍କର ସେହି ସମାନ ନୋଟ-ଖାତାରେ ନିମ୍ନୋକ୍ତ ଦ୍ୱିତୀୟ ଶିରୋନାମାରେ ଲିପିବଦ୍ଧ ରହିଛି :

ବିଭିନ୍ନ ପରିସ୍ଥିତିରେ ଶ୍ରୀମାଙ୍କର (ବ୍ୟକ୍ତିଗତ ଭାବେ ମୋ ପ୍ରତି) ଜ୍ଞାନପ୍ରଦ ନିର୍ଦ୍ଦେଶାବଳି ।

[Her Instructions (personal to me) on different occasions]

(ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିମ୍ନୋକ୍ତ ନିର୍ଦ୍ଦେଶାବଳି ମା'ଙ୍କଠାରୁ ପ୍ରଦତ୍ତ; କାରଣ ୧୯୨୬ରେ ସିଦ୍ଧିଦିବସ ପରଠାରୁ ଯେଉଁ ବର୍ଷ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣରୂପେ ଏକାନ୍ତବାସରେ ରହିଲେ, ଶ୍ରୀଅରବିନ୍ଦଙ୍କ ଯୋଗର ଏବଂ ଯେଉଁମାନେ ତାଙ୍କ ଯୋଗ ପ୍ରତି ପୂର୍ଣ୍ଣମାତ୍ରାରେ ସମର୍ପିତ, ସେମାନଙ୍କର ସକ୍ରିୟ ପରିଚାଳନାର ଭାର ମା'ଙ୍କ ଉପରେହିଁ ଶ୍ରୀଅରବିନ୍ଦ ନ୍ୟସ୍ତ କରିଥିଲେ । ତେଣୁ ଶ୍ରୀଅରବିନ୍ଦଙ୍କୁ ଶାସ୍ତ୍ରୀଆରଙ୍କର ପ୍ରଥମ ପ୍ରଶ୍ନ ଥିଲା : 'କିଏ ଏଇ ମାଆ ?' ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ''ମା'ଙ୍କର ଚାରୋଟି ଶକ୍ତି'' ସମ୍ବନ୍ଧେ ସୁବିସ୍ତୃତ ଭାବେ ବର୍ଣ୍ଣନା କରି ତାଙ୍କ ପାଖକୁ ପଠାଇଥିଲେ; ଯାହାକି ପରବର୍ତ୍ତୀକାଳରେ 'ମା' ପୁସ୍ତକରେ ଅନ୍ତର୍ଭୁକ୍ତ ହୋଇଛି । ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ପତ୍ର ପାଠ କରୁଥିବା ମୁହୂର୍ତ୍ତରେହିଁ ଶାସ୍ତ୍ରୀଆରଙ୍କର ଗଭୀର ଉପଲବ୍ଧି ହୋଇଥିଲା ଏବଂ ସେ ପ୍ରଗାଢ଼ ଭାବରେ ଅଭିଭୂତ ହୋଇ ଉଠିଥିଲେ ।)

**ଶ୍ରୀମାଙ୍କର ନିର୍ଦ୍ଦେଶାବଳି :**

(୧) ଯଦି ଆମେ ଆମର ସାଧନା-ମାର୍ଗରେ କୌଣସି ଗୁରୁଙ୍କୁ ଗ୍ରହଣ କରୁ, ତେବେ ତାଙ୍କ ମଧ୍ୟରେ ନିଶ୍ଚିତ ଥିବା ଅସ୍ତିବାଚକ ବା ଆସ୍ଥାସୂଚକ କିଛି ଉପରେ ଗଭୀର ବିଶ୍ୱାସ କରିଥାଉ । ଯଦି ତୁମେ ଚାହଁ, ତୁମେ ତାଙ୍କୁ ଈଶ୍ୱରଙ୍କଠାରୁ ଉଦ୍ଭବ ଏକ ଶକ୍ତି ବା ବିଭୂତି କହିପାର । ସାଧନା-ମାର୍ଗରେ ସେ ହେଉଛନ୍ତି ପଥପ୍ରଦର୍ଶକ ଏବଂ ସାଧକ ମଧ୍ୟରେ ସେହିଁ ସାଧନା କରନ୍ତି ।

(୨) ଚିନ୍ତାର ଗତିବିଧିହିଁ ଆବରଣ ସୃଷ୍ଟି କରିଥାଏ; ଯେତେବେଳେ ଆସ୍ପୃହା ତୀବ୍ର ହୋଇଉଠେ, ସେହି ଆବରଣ ଆଉ ରହେ ନାହିଁ । ହୃତ୍‌କେନ୍ଦ୍ରର ଉନ୍ମୀଳନ ଘଟେ ।

(୩) ଦିବ୍ୟ-ଆଲୋକ ନିଶ୍ଚିତ ରୂପେ ସତ୍ତାର ପ୍ରତ୍ୟେକଟି କୋଣରେ ପ୍ରବେଶ କରିବା ଆବଶ୍ୟକ ।

(୪) ତୁମେ ମୋଠାରୁ ସାହାଯ୍ୟ ପାଇବ ।

*

ଶାସ୍ତ୍ରୀଆର୍ ୧୯୨୩ରୁ ନିୟମିତ ମାଶ୍ରୀଅରବିନ୍ଦଙ୍କ ସହିତ ପତ୍ର ମାଧ୍ୟମରେ ତାଙ୍କର ଅତୁଟ ସମ୍ପର୍କ ରକ୍ଷାକରି ଉପଯୁକ୍ତ ମୁହୂର୍ତ୍ତରେ, ୧୯୨୯ରେ ଆଶ୍ରମକୁ ଆସି ଅନ୍ତେବାସୀ ହୋଇଥିଲେ ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଶ୍ରମରେ ରହିଥିଲେ । ତାଙ୍କର ଷାଠିଏ ବର୍ଷ ପୂର୍ତ୍ତିରେ ସେ ଆରମ୍ଭ କରିଥିଲେ 'ସିଦ୍ଧାଞ୍ଜଳି'– ଋଗ୍‌ବେଦର ପ୍ରଥମ ଅଷ୍ଟକର ଏବଂ ସଂସ୍କୃତରେ ଧାରାବାହିକ ବର୍ଣ୍ଣନାତ୍ମକ ମନ୍ତବ୍ୟ ଲେଖା । ଶ୍ରୀଅରବିନ୍ଦ ଏହି ରଚନାର ଆମୂଳଚୂଳ ପାଠ କରିଥିଲେ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ସଂସ୍କୃତ-ଶିକ୍ଷକ ଥିବା ଅବସ୍ଥାରେ ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ହେ ଆମର ପରମପ୍ରଭୁ, ତୁମେ ନିଷ୍ପତ୍ତି ନେଇଛ ଆମ ଆସ୍ଥା ଓ ବିଶ୍ୱାସର ଗୁଣାତ୍ମକତାକୁ ପରୀକ୍ଷା କରିବା ପାଇଁ, ଯେପରି ତୁମର କଷଟି ପଥରରେ ଆମ ଆନ୍ତରିକତାର ପରଖ ହୁଏ । ଅନୁମତି ପ୍ରଦାନ କର ଯେପରି ମହତ୍ତର ଓ ଶୁଦ୍ଧତର ହୋଇ ଆମେ ସେହି ଅଗ୍ନି-ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେଉ ।

— ଶ୍ରୀମା

**ଆରବ୍ୟ ରଜନୀର ଅଜଣା କାହାଣୀ :**

# ଯୋଗାଯୋଗ

## ମନୋଜ ଦାସ

ଅନେକ ଦିନ ତଳର କଥା । ଜଣେ ରାଜା ଥିଲେ ଯିଏ କି ଅଧିକାଂଶ ସମୟ ଶିକାର, ପଶାଖେଳ ବା ମିତ୍ରମାନଙ୍କ ସହ ମଜାଗପ କରିବାରେ ବିତାଉଥିଲେ । ତାଙ୍କ ସୌଭାଗ୍ୟ, ସେ ପାଇଗଲେ ଜଣେ ଅତ୍ୟନ୍ତ ସାଧୁ, ବୁଦ୍ଧିମାନ୍ ତଥା ସୁଶାସକ ମନ୍ତ୍ରୀ । ରାଜାଙ୍କ ଅଧିକାଂଶ କର୍ମଚାରୀ ଦୁର୍ନୀତିରେ ଅଭ୍ୟସ୍ତ ଥିଲେ । କିନ୍ତୁ ଏ ମନ୍ତ୍ରୀଜଣକ ଆସିବାପରେ କ୍ରମେ କ୍ରମେ ଶାସନକଳରୁ ଦୁର୍ନୀତି ପ୍ରାୟ ଶେଷ ହୋଇଆସିଲା ବୋଲି କୁହାଯାଇପାରେ । କୌଣସି କର୍ମଚାରୀ ଅସାଧୁ ହୋଇଥିବାର ପ୍ରମାଣ ମିଳିବା ମାତ୍ରେ ମନ୍ତ୍ରୀ ତାକୁ କର୍ମଚ୍ୟୁତ କରୁଥିଲେ । କେହି ଅନ୍ୟାୟ କରୁଥିବାର ଜାଣିଲେ ମନ୍ତ୍ରୀ ତାହାଠାରୁ କ୍ଷମତା କାଢ଼ି ନେଉଥିଲେ ।

ଫଳରେ ପ୍ରଜାମାନେ ମନ୍ତ୍ରୀଙ୍କ ପ୍ରତି ଗଭୀର ଶ୍ରଦ୍ଧା ପୋଷଣ କରିବାକୁ ଆରମ୍ଭ କଲେ । ସେ ହୋଇଉଠିଲେ ଅତ୍ୟନ୍ତ ଜନପ୍ରିୟ ।

କିନ୍ତୁ ସେତିକିମାତ୍ରାରେ ସେ କର୍ମଚାରୀମାନଙ୍କ ପାଖରେ ହେଲେ ଅପ୍ରିୟ । କେମିତି ସେମାନେ ମନ୍ତ୍ରୀଙ୍କୁ ଅପସାରିତ କରିବେ, ସେହି ଚିନ୍ତାରେ, ନାନାଦି ଷଡ଼ଯନ୍ତ୍ରର ଯୋଜନା କରି ଦିନାତିପାତ କରୁଥା'ନ୍ତି ।

ସେମାନଙ୍କୁ ମିଳିଗଲା ଗୋଟାଏ ସୁଯୋଗ । ରାଜ୍ୟ ଅନ୍ତର୍ଭୁକ୍ତ ଗୋଟିଏ ଦୂର ମୁଲକରେ କିଛି ବିଭ୍ରାଟ ଦେଖାଦେଲା । ଦୁଇ ଧର୍ମମତାବଲମ୍ବୀ ଲୋକଙ୍କ ଭିତରେ ବାରଂବାର ସଂଘର୍ଷ ହେଲା । ସ୍ଥାନୀୟ ଶାସକମାନେ ଅବସ୍ଥା ଆୟତ୍ତକୁ ଆଣିପାରିଲେ ନାହିଁ । ରାଜାଙ୍କ ନିର୍ଦ୍ଦେଶରେ ମନ୍ତ୍ରୀ ସେଠାକୁ ଗଲେ ।

ସେ ରାଜଧାନୀରୁ ଚାଲିଯିବା ମାତ୍ରେ ଅସାଧୁ କର୍ମଚାରୀମାନେ ରାଜାଙ୍କ ମିତ୍ରମାନଙ୍କୁ ହାତ କରି ଏମନ୍ତ ଏକ ଚକ୍ରାନ୍ତ କଲେ, ଯାହା ଫଳରେ ରାଜାଙ୍କ ଧାରଣା ହେବ ମନ୍ତ୍ରୀ ନିଜ ଜନପ୍ରିୟତାର ସୁଯୋଗ ନେଇ ତାଙ୍କୁ ସିଂହାସନଚ୍ୟୁତ କରିବାକୁ ମନସ୍ଥ କରୁଛନ୍ତି । ମନ୍ତ୍ରୀ ଦୂର ମୁଲକରେ ତିନି ମାସ ରହି ନିଜର ଧୈର୍ଯ୍ୟ, ବୁଦ୍ଧି ଏବଂ ସର୍ବୋପରି ସଦିଚ୍ଛା ଦ୍ୱାରା ସେଠାକାର ବିବାଦଲିପ୍ତ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଶାନ୍ତି ଫେରାଇ ଆଣିଲେ ଓ ହୃଷ୍ଟ ଚିତ୍ତରେ ରାଜଧାନୀକୁ ଫେରିଲେ ।

କିନ୍ତୁ ଇଏ କ'ଣ ? ସେ ରାଜାଙ୍କୁ ଭେଟିବାର ସୁଯୋଗ ମଧ୍ୟ ପାଇଲେ ନାହିଁ । ରାଜଧାନୀରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ବନ୍ଦୀ କରି କାରାଗାରର ଗୋଟାଏ କକ୍ଷ ଭିତରେ ନିକ୍ଷେପ କରାଗଲା ।

ମନ୍ତ୍ରୀ ଯତ୍‌ପରୋନାସ୍ତି ଆଶ୍ଚର୍ଯ୍ୟ ହେଲେ, କିନ୍ତୁ କରଯୋଡ଼ କରି କହିଲେ, ''ହେ ଭଗବାନ୍, ତୁମ ଇଚ୍ଛା ପୂର୍ଣ୍ଣ ହେଉ !''

ବିନା କ୍ଷୋଭରେ ସେ କାରାଗାରରେ କାଳଯାପନ କଲେ । ତାଙ୍କ ପରିବାର ରାଜାଙ୍କ ପାଖକୁ ଯେତେ ଆବେଦନ ନିବେଦନ ପଠାଇଲେ ମଧ୍ୟ ରାଜା କିଛି ଶୁଣିଲେ ନାହିଁ ।

ଦିନ ବିତିଯାଉଥାଏ । ମାସ ପରେ ମାସ; ବର୍ଷ ପରେ ବର୍ଷ । ଚାଲିଗଲା ସାତ ବର୍ଷ । ହଠାତ୍ ଦିନେ ରାଜାଙ୍କର ମନେ ପଡ଼ିଲା, ତାଙ୍କ ବାପା ମଧ୍ୟେ ମଧ୍ୟେ ଛଦ୍ମବେଶ ପକାଇ ରାଜ୍ୟଯାକ ବୁଲି ଲୋକଙ୍କ ଅବସ୍ଥା ଦେଖୁଥିଲେ; ସେମାନଙ୍କ କଥାବାର୍ତ୍ତା ଶୁଣୁଥିଲେ । ରାଜ୍ୟଯାକ ନହେଲେ ମଧ୍ୟ ଥରେ ଅନ୍ତତଃ ରାଜଧାନୀ ଭିତରେ ବୁଲି ଆସିଲେ ମନ୍ଦ ହୁଅନ୍ତା ନାହିଁ ।

ରାଜା ଗୋଟାଏ ସନ୍ନ୍ୟାସୀ ବେଶ ପକାଇ ନଅରର ଗୋପନ ଦ୍ୱାର ଦେଇ ରାଜପଥକୁ ବାହାରିଗଲେ । ଯାଉ ଯାଉ ସେ ଦେଖିଲେ, ଗୋଟାଏ ଘର ଆଗରେ ଅନେକ ଲୋକ ଜମା ହୋଇଛନ୍ତି । ସେମାନଙ୍କ କଥାବାର୍ତ୍ତାରେ ଆନନ୍ଦ ଏବଂ ଉତ୍କଣ୍ଠା ମିଶି ରହିଛି । ରାଜାଙ୍କର ମନେ ପଡ଼ିଲା, ସେ ଘରଟି ଖୋଦ୍ ମନ୍ତ୍ରୀଙ୍କର । ମନ୍ତ୍ରୀ ତ କାରାଗାରରେ, ଏମାନେ ଏଠାରେ କାହାକୁ ଖୋଜୁଛନ୍ତି ନା କ'ଣ ଅନୁସନ୍ଧାନ କରୁଛନ୍ତି ?

ଛଦ୍ମବେଶୀ ରାଜା ଯାଇ ଜନତା ସହିତ ସାମିଲ ହେଲେ । ଲୋକଙ୍କ କଥାବାର୍ତ୍ତାରୁ ସେ ବୁଝିଲେ, ସେମାନଙ୍କ ଧାରଣା ମନ୍ତ୍ରୀ ଆଜି କାରାଗାରରୁ ମୁକୁଳି ନିଜ ଘରକୁ ଫେରିବେ ।

ଜଣେ କହୁଥାଏ, ''ମନ୍ତ୍ରୀ ଯେ ନିର୍ଦ୍ଦୋଷ, ଏତକ ବୁଝିବାକୁ ରାଜାଙ୍କୁ ଯାହା ସାତ ବର୍ଷ ଲାଗିଗଲା !'' ଆଉ ଜଣେ

ଟିପ୍ପଣୀ ଦେଲା, ‘‘ଆରେ ଭାଇ, ଅବଶେଷରେ ରାଜା ବୁଝିଲେ, ସେତିକି କ’ଣ ଯଥେଷ୍ଟ ଆଶାର କଥା ନୁହେଁ ? ଯେଉଁ ପ୍ରକାର ଖରାପ ଲୋକଙ୍କ ବେଷ୍ଟନୀରେ ସେ ରହିଛନ୍ତି, ସାରା ଜୀବନ ସେ ସତ୍ୟଠୁଁ ଦୂରେଇ ରହିଲେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ !’’

‘‘ଆଚ୍ଛା, ମନ୍ତ୍ରୀ ଆଜି ମୁକୁଳି ଆସିବେ ବୋଲି ଖବର ଠିକ୍ ତ ?’’

‘‘ଅବଶ୍ୟ ଠିକ୍ । ନିଜେ ମନ୍ତ୍ରୀଙ୍କ ମୁହଁରୁ ଶୁଣିଛି ଜଣେ କର୍ମଚାରୀ !’’

ଲୋକଙ୍କ ମନ୍ତବ୍ୟ ଏଡ଼େ ସ୍ୱତଃସ୍ଫୂର୍ତ୍ତ ଏବଂ ଆନ୍ତରିକତାପୂର୍ଣ୍ଣ ଯେ ରାଜା ସେସବୁ ଶୁଣି ବଡ଼ ବିଚଳିତ ବୋଧ କଲେ । ସତେ ତ ! ସେ ମିଥ୍ୟାବାଦୀମାନଙ୍କ ପ୍ରରୋଚନାରେ ସତ୍ୟନିଷ୍ଠ ମନ୍ତ୍ରୀଙ୍କ ପ୍ରତି କଠୋର ହୋଇ ନାହାନ୍ତି ତ ? ମନ୍ତ୍ରୀଙ୍କ ମୁହଁ ଆଖି ଆଗରେ ଭାସିଉଠିଲା । ସେ ମୁହଁ ମହତ୍ । ଯେଉଁ କର୍ମଚାରୀମାନେ ତାଙ୍କ ସମ୍ପର୍କରେ ରାଜାଙ୍କ ମନରେ ଭୟଙ୍କର ଧାରଣା ସୃଷ୍ଟି କରିଥିଲେ, ସେମାନେ ତ ନାନାପ୍ରକାର ମନ୍ଦ କାମ କରିବାର ପ୍ରମାଣ ରହିଛି । ମନ୍ତ୍ରୀ ତାଙ୍କୁ ରାଜ୍ୟଚ୍ୟୁତ କରି କି ଲାଭ ପାଇଥା’ନ୍ତେ ? ସେ କେମିତି କେତେଜଣ ପାତ୍ରମିତ୍ରଙ୍କ କଥାରେ ଏତେ ପ୍ରଭାବିତ ହୋଇଗଲେ ଯେ ଥରେ ମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିବାକୁ ମଧ୍ୟ ମନ ବଳାଇଲେ ନାହିଁ ? ଅଥଚ ରାଜ୍ୟ ସୀମାନ୍ତରେ ଶାନ୍ତି ଫେରାଇଆଣି ମନ୍ତ୍ରୀ କେଡ଼େ ସନ୍ତୋଷଭରେ ରାଜଧାନୀରେ ଆସି ପହଞ୍ଚିଥିଲେ । ତାଙ୍କୁ ରାଜା କି ପୁରସ୍କାର ଦେଲେ ? ସେ ଯାହାହେଉ, ମନ୍ତ୍ରୀ ଆଜି ମୁକ୍ତ ହୋଇ ଘରକୁ ଆସିବେ, ଲୋକଙ୍କର ଏ ଧାରଣା ହେଲା କେମିତି ? ତାଙ୍କ ଆଦେଶ ବିନା ମନ୍ତ୍ରୀ ମୁକ୍ତ ହେବେ କେମିତି ?

ରାଜା ବିସ୍ମିତ ହୋଇ କାରାଗାର ଅଭିମୁଖେ ଚାଲିଲେ । କାରାଗାରର ମୁଖ୍ୟଙ୍କୁ ସେ ଗୋପନରେ ନିଜ ପରିଚୟ ଦେଇ ଭିତରକୁ ଗଲେ ଓ ମନ୍ତ୍ରୀଙ୍କ କକ୍ଷ ଆଗରେ ଯାଇ ଠିଆ ହେଲେ । ମନ୍ତ୍ରୀଙ୍କ ଚେହେରା ଦେଖି ତାଙ୍କୁ କାନ୍ଦ ଲାଗିଲା । କିନ୍ତୁ ବନ୍ଦୀଙ୍କ ମୁହଁରେ ପ୍ରଶାନ୍ତ ଭାବ ଅତୁଟ ଥାଏ ।

ମନ୍ତ୍ରୀ ସନ୍ନ୍ୟାସୀରୂପୀ ରାଜାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ନାହିଁ । ମଧ୍ୟେ ମଧ୍ୟେ ଅପରାଧୀମାନଙ୍କୁ ସୁପରାମର୍ଶ ଦେବା ନିମନ୍ତେ ସାଧୁ-ସନ୍ନ୍ୟାସୀଙ୍କୁ କାରାଗାର ଭିତରକୁ ଅଣାଯାଏ ।

ମନ୍ତ୍ରୀଙ୍କ କାରାକକ୍ଷ ଖୋଲି ଦିଆଗଲା । ରାଜା ଯାଇ ମନ୍ତ୍ରୀଙ୍କ ସାମନାରେ ବସିପଡ଼ିଲେ ଓ କଥାବାର୍ତ୍ତା ଆରମ୍ଭ କଲେ । ସେ ଦେଖିଲେ, ମନ୍ତ୍ରୀ ଦୁଃସ୍ଥ ଓ ଦୁର୍ବଳ ଦେଖାଯିବା ସତ୍ତ୍ୱେ ତାଙ୍କ ମନରେ କୌଣସି ତିକ୍ତତା ନଥିଲା । ରାଜା ପଚାରିଲେ, ‘‘ଆପଣଙ୍କ ଭଳି ଜଣେ ହିତୈଷୀଙ୍କୁ ଏତେ ଦିନ ଧରି କାରାରୁଦ୍ଧ କରି ରାଜା କେଡ଼େ ଅନ୍ୟାୟ କରିଛନ୍ତି ! ସେଭଳି ମଣିଷ ରାଜା ବୋଲାଇବା ଉଚିତ ନୁହେଁ । ଆପଣ କ’ଣ ଭାବୁଛନ୍ତି ?’’

‘‘ମଣିଷ ମାତ୍ରେ ଭୁଲ୍ ଓ ଭଲ ଉଭୟ କାମ କରିବାକୁ ସକ୍ଷମ । ଆଉ ଜଣେ ରାଜା ହେଲେ, କୌଣସି ଭୁଲ୍ କରିବେ ନାହିଁ, ଏକଥା କିଏ କହିପାରିବ ? ବର୍ତ୍ତମାନ ରାଜା ତ ରାଜ୍ୟ ପାଇଁ ପୁଣି କେତେ ଭଲ କାମ କରିଛନ୍ତି !’’ ଉତ୍ତର ଦେଲେ ମନ୍ତ୍ରୀ ।

‘‘ଆଚ୍ଛା, ମୁଁ ଆଜି ଆସୁଁ ଆସୁଁ ଦେଖିଲି, ଆପଣଙ୍କ ଘର ଆଗରେ ବହୁତ ଲୋକ ଜମା ହୋଇଛନ୍ତି । ସେମାନଙ୍କ ଧାରଣା ଆପଣ ଆଜି ମୁକ୍ତି ପାଇ ଘରକୁ ଯିବେ । ସେତିକି ନୁହେଁ, ଆପଣ ନିଜେ କୁଆଡ଼େ ଏକଥା କହିଛନ୍ତି !’’ ରାଜା ଜଣାଇଲେ ।

‘‘ସତେ ?’’ ମନ୍ତ୍ରୀ ପ୍ରଥମେ ଟିକିଏ ବିସ୍ମୟ ଭାବ ଦେଖାଇ ତା’ପରେ ବିଷାଦପୂର୍ଣ୍ଣ ହସ ହସିଲେ ଓ କହିଲେ, ‘‘ମୁଁ ନିଜେ କହିଛି, ଗୋଟିଏ ଦୃଷ୍ଟିରୁ ଏହା ମିଥ୍ୟା ନୁହେଁ ।’’ ଏହାପରେ ମନ୍ତ୍ରୀ ଯାହା କହିଲେ, ତାହା ସଂକ୍ଷେପରେ ଏହିପରି –

ସାତ ବର୍ଷ ତଳେ ରାଜ୍ୟ ସୀମାନ୍ତରେ ନିଜ କର୍ତ୍ତବ୍ୟକର୍ମ ଶେଷ କରି ସେ ରାଜଧାନୀକୁ ଫେରୁଥା’ନ୍ତି । ଗୋଟାଏ ନଈ ପାରି ହେଉଥା’ନ୍ତି ନିଜ ଦଳ ବଳ ସହ । ନୌକାରେ ବସିଥିବାବେଳେ ତାଙ୍କୁ ଶୋଷ ଲାଗିଲା । ତାଙ୍କ ପରିଚାରକ ଗୋଟାଏ ସୁନା ଗିନାରେ ତାଙ୍କୁ କିଛି ପାନୀୟ ପରଷିଦେଲା । ସେ ଝୁଙ୍କିପଡ଼ି ପାଣିରେ କ’ଣ ଗୋଟାଏ ଭାସିଯାଉଛି ବୋଲି ଦେଖୁଥା’ନ୍ତି, ହଠାତ୍ ନୌକାଟି ଟିକିଏ ଦୋହଲିଗଲା ଏବଂ ଗିନାଟି ତାଙ୍କ ହାତରୁ ଖସିପଡ଼ିଲା ଗଭୀର ଜଳରେ । ସେ ପାତ୍ରଟି ବହୁତ ମୂଲ୍ୟବାନ୍ । ସେଥିରେ ହୀରା ଖଞ୍ଜା ହୋଇଥାଏ ।

ତେବେ ତାଙ୍କ ଦଳରେ ଥିଲା ଜଣେ ଓସ୍ତାଦ୍ ବୁଡ଼ାଳି । ସେ ନଈ ଭିତରକୁ ଲମ୍ଫ ଦେଲା । କିନ୍ତୁ ଚାରି, ପାଞ୍ଚ ଥର ବୁଡ଼ ଦେଇ ମଧ୍ୟ ସେ ଗିନାଟି ଉଦ୍ଧାର କରିପାରିଲା ନାହିଁ । ସନ୍ତରଣ କରୁ କରୁ ସେ ପଚାରିଲା, ‘‘ଆଜ୍ଞା, ଠିକ୍ କେଉଁ ସ୍ଥାନରେ ଗିନାଟି ହାତରୁ ଖସିଗଲା କହିପାରିବେ ?’’

ମନ୍ତ୍ରୀ ସେତେବେଳେ ଅନ୍ୟମନସ୍କ ଭାବେ ତାଙ୍କ ହୀରା ମୁଦିଟି ଅଙ୍ଗୁଳିରୁ ବାହାର କରି ହାତରେ ଧରିଥା’ନ୍ତି । ମନ ତାଙ୍କର ସେ ହୀରାଖଚିତ ସୁନା ଗିନା ପାଖରେ । ସେ କ’ଣ ଫୋପାଡୁଛନ୍ତି ନ ଭାବି ହୀରା ମୁଦିଟିକୁହିଁ ଫିଙ୍ଗି ସ୍ଥାନଟିର ସୂଚନା

ଦେଲେ । ପର ମୁହୂର୍ତ୍ତରେ ସେ ନିଜ ଭୁଲ୍ ବୁଝିପାରି ଅବଶ୍ୟ ଦୁଃଖିତ ହେଲେ, କିନ୍ତୁ ସେ ଦୁଃଖ ମୁହୂର୍ତ୍ତକ ପରେ ବିପୁଳ ଆନନ୍ଦରେ ପରିଣତ ହେଲା । ବୁଡ଼ାଳି ନଈଗର୍ଭରୁ ଗିନାଟି ଉଦ୍ଧାର କରି ଉପରକୁ ଆଣିଲା । ଦେଖିଲାବେଳକୁ ଗିନାଟି ଭିତରେ ରହିଛି ହୀରା ମୁଦି ଗୋଟିକ ।

ସେ ଅପୂର୍ବ ଶୁଭଙ୍କର ଯୋଗାଯୋଗ ଦେଖି ମନ୍ତ୍ରୀ ଭାବିଲେ, ସେ ଯେଉଁ କାମ ପାଇଁ ଯାଇଥିଲେ ତାହା ସଫଳ ହେଲା; ପୁଣି ଆଶ୍ଚର୍ଯ୍ୟଜନକ ଭାବରେ ମୂଲ୍ୟବାନ୍ ଗିନା ଏବଂ ମୁଦି ସେ ଫେରିପାଇଲେ । ଏହାପରେ ଯଦି କୌଣସି ଅଶୁଭ ଯୋଗାଯୋଗ ତାଙ୍କୁ ଯାତନା ଦେବ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ !

ତାହାହିଁ ହେଲା । ସେ ରାଜଧାନୀରେ ପ୍ରବେଶ କରିବା ବେଳକୁ ତାଙ୍କୁ ସ୍ୱାଗତ କରିବା ତ ଦୂରର କଥା, ରାଜାଙ୍କ କଟୁଆଳ ଯାଇ ତାଙ୍କୁ ବନ୍ଦୀ କରି ସିଧା କାରାଗାରକୁ ନେଇ ଆସିଲା !

ବନ୍ଦୀ ମନ୍ତ୍ରୀଙ୍କ ସହ କାରାଗାରର କର୍ମଚାରୀମାନେ ଅବଶ୍ୟ ଭଲ ବ୍ୟବହାର କରୁଥା'ନ୍ତି । କିନ୍ତୁ ବନ୍ଦୀମାନଙ୍କୁ ଯେଉଁ ଖାଦ୍ୟ ଦିଆଯାଏ, ତାହା ପ୍ରାୟ ଅଖାଦ୍ୟ । ମନ୍ତ୍ରୀଙ୍କର ଇଚ୍ଛା ହେଲା, ଥରୁଟିଏ ସେ ଭଲ ଭାବରେ ଖିଆପିଆ କରିବେ । ସେ ଜଣେ କର୍ମଚାରୀକୁ ତାଙ୍କ ମୁଦିଟି ବାହାର କରି ଦେଲେ; ତାହା ବିକ୍ରି କରି ନଗରୀର ସବୁଠାରୁ ଉତ୍ତମ ପାଚକ ଦ୍ୱାରା ନାନାଦି ସୁଖାଦ୍ୟ ରନ୍ଧନ କରାଇ ଆଣିବାକୁ ଅନୁରୋଧ କଲେ । କର୍ମଚାରୀ ସେ ଅନୁରୋଧ ରକ୍ଷା କରି ତା'ର ଜଣେ ମିତ୍ର ସହଯୋଗେ ଗୋଟାଏ ବିରାଟ ଥାଳିରେ ପ୍ରାୟ କୋଡ଼ିଏ ପ୍ରକାର ସୁଖାଦ୍ୟ ଆଣି ତାଙ୍କ ଆଗରେ ଥୋଇଲା । ମନ୍ତ୍ରୀ ହରଷିତ ହେଲେ । ଥାଳି ଉପରେ କିଛି ଢାଙ୍କି ଦେଇ ସେ ପ୍ରାର୍ଥନାରେ ବସିଲେ । ପ୍ରାର୍ଥନା ଶେଷ ହେବା ବେଳକୁ ତାଙ୍କୁ ଖୁବ୍ ଭୋକ ଲାଗୁଥାଏ । ବହୁ ବର୍ଷ ପରେ ଥରେ ମନ ପୂରାଇ ଖାଇବେ, ଏହି ଆଶାରେ ଢାଙ୍କୁଣୀଟି ଖୋଲିଦେବା ମାତ୍ରେ, ଦେଖିଲେ ତିନି, ଚାରି ଗୋଟି ମୂଷା ଥାଳିରୁ ବାହାରି ଲୁଚିଗଲେ !

ଖାଦ୍ୟତକ ଅଛୁଆଁ ରହିଲା । ମନ୍ତ୍ରୀ ପାଣିତକ ପିଇ କର୍ମଚାରୀଟିକୁ କହିଲେ, ''ଏଡ଼େ ଦୁଃଖମୟ ଯୋଗାଯୋଗ ପରେ ଯଦି ପୁଣି କିଛି ସୁଖମୟ ଯୋଗାଯୋଗ ହୁଏ, ତେବେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ ।'' ତା'ପରେ ସେ ପୁଣି କହିଲେ, ''କିଏ କହିବ, ହୁଏତ ହଠାତ୍ ରାଜାଙ୍କ ହୃଦୟ ପରିବର୍ତ୍ତନ ହେବ, ସେ ମୋତେ ମୁକ୍ତି ଦେବେ । ଘରକୁ ବାହୁଡ଼ିଯିବି !'' ଏହାପରେ ସେ ହସିଲେ ।

କର୍ମଚାରୀଟି ଅଧାଅଧି ବୁଝିଲା । ସେ ଧରିନେଲା ଯେ ମନ୍ତ୍ରୀଙ୍କୁ ମୁକ୍ତି ମିଳିବ ବୋଲି ସେ ଖବର ପାଇଛନ୍ତି ! ଆନନ୍ଦରେ ସେକଥା ସେ ଅନ୍ୟ କେତେକଙ୍କୁ କହିଦେଇଥିବ । ପ୍ରଚାର ହୋଇଯାଇଛି ଯେ ମନ୍ତ୍ରୀ ଆଜି ଘରକୁ ଫେରୁଛନ୍ତି !

ରାଜା ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ସେ ନିଜ ଛଦ୍ମ ଦାଢ଼ି ବାହାର କରିଦେଲେ ଓ ମନ୍ତ୍ରୀଙ୍କ ହାତ ଧରି ନିଜ ଅନ୍ୟାୟ ଆଚରଣ ବାବଦରେ କ୍ଷମା ଭିକ୍ଷା କଲେ ।

ମନ୍ତ୍ରୀ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ଜଣାଇଲେ ଓ ରାଜାଙ୍କୁ କହିଲେ, ''ମୋର କୌଣସି କ୍ଷୋଭ ନାହିଁ । ସାତ ବର୍ଷ କାଳ ମୁଁ ଯେ ଅଧିକାଂଶ ସମୟ ଈଶ୍ୱରଙ୍କୁ ସ୍ମରଣ କରିବାର ଏକାନ୍ତ ସୁଯୋଗ ପାଇଲି, ତାହା ତୁଳନାରେ ସମସ୍ତ କ୍ଲେଶ କିଛି ନୁହେଁ ।''

ବିରାଟ ଶୋଭାଯାତ୍ରା ଯୋଗେ ମନ୍ତ୍ରୀଙ୍କୁ କାରାଗାରରୁ ରାଜପ୍ରାସାଦକୁ ନିଆହେଲା । ରାଜଧାନୀରେ ଉତ୍ସବ ଲାଗିଗଲା — ଲୋକଙ୍କ ସ୍ୱତଃସ୍ଫୂର୍ତ୍ତ ଉତ୍ସାହରେ ।

ମନ୍ତ୍ରୀଙ୍କ ବିରୋଧରେ ହୋଇଥିବା ଚକ୍ରାନ୍ତରେ ଯେଉଁମାନେ ଯୋଗ ଦେଇଥିଲେ, ସେମାନଙ୍କୁ ବନ୍ଦୀ କରାଗଲା । କିନ୍ତୁ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ସେମାନେ ଦଣ୍ଡରୁ ତ୍ରାହି ପାଇଲେ । ଲୋକେ ଅବଶ୍ୟ ସେମାନଙ୍କୁ ନାନାପ୍ରକାରେ ବିଦ୍ରୂପ କରିବାକୁ ଛାଡ଼ିଲେ ନାହିଁ । ସେମାନଙ୍କ ଅବଶିଷ୍ଟ ଜୀବନକାଳ ଲଜ୍ଜା ଓ ସନ୍ତାପରେ ବିତିଲା ।

❑❑❑

ଯଦି ତୁମେ ତୁମ ବିଶ୍ୱାସକୁ ଅଟଳ ରଖ ଏବଂ ତୁମ ହୃଦୟକୁ ନିରନ୍ତର ଭଗବାନଙ୍କ ପ୍ରତି ଉନ୍ମୁକ୍ତ ରଖ ତା'ହେଲେ ସକଳ ବାଧା ବିପତ୍ତି, ଯେତେ ବିରାଟ ହେଉନା କାହିଁକି, ତାହା ତୁମ ସତ୍ତାର ବୃହତ୍ତର ପୂର୍ଣ୍ଣତା ଦିଗରେ ସହାୟକ ହୋଇଉଠିବ ।

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭)

ମହେନ୍ଦ୍ର ନାଥ ସ୍ୱାଇଁ

### ପ୍ରେମ ଓ ମୃତ୍ୟୁର ନୂତନ ସଂଜ୍ଞା (୨) :

ପ୍ରେମ ଓ ମୃତ୍ୟୁ ମଧ୍ୟରେ ଥିବା ଚିରନ୍ତନ ଅନ୍ତର୍ଲୀନ ଲୀଳାଖେଳା ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ତଥା ଅନ୍ୟାନ୍ୟ ଗୀତିକବିତା ଏବଂ ସନେଟ୍‌ମାନଙ୍କରେ ପରିଲକ୍ଷିତ ହୋଇଥାଏ । କିନ୍ତୁ ଏପ୍ରିଲ ୭, ୧୯୧୪ର ପ୍ରାର୍ଥନାରେ ମା' ''ପୂର୍ଣ୍ଣାଙ୍ଗ ମୃତ୍ୟୁ'' (Integral death)ର ସୂଚନା ପ୍ରଦାନ କରିଛନ୍ତି । ସେଥିରେ ମା' ''ମୃତ୍ୟୁ''ର ପାରମ୍ପରିକ ସଂଜ୍ଞା, ମନୁଷ୍ୟମାନଙ୍କର ମୃତ୍ୟୁ ସମ୍ପର୍କରେ ଧାରଣା ଏବଂ ତାଙ୍କର ନିଜସ୍ୱ ଦର୍ଶନ – ''ସବୁକିଛି ଉତ୍ସର୍ଗ କରିଦିଅ, ସବୁକିଛି ପ୍ରାପ୍ତ ହେବ'' – ଏହି ଅନୁଭବକୁ ରୂପ ପ୍ରଦାନ କରିଛନ୍ତି । ''ପୂର୍ଣ୍ଣାଙ୍ଗ ମୃତ୍ୟୁହିଁ ପୂର୍ଣ୍ଣାଙ୍ଗ ସମର୍ପଣ ।'' ଏହାର ଅର୍ଥ ପ୍ରକୃତ ଜୀବନ ଭିତରକୁ ବଢ଼ିଯିବା । ଅନ୍ୟ ଅର୍ଥରେ ପ୍ରକୃତ ବାସ୍ତବ ଯନ୍ତ୍ର ଭିତରକୁ ପ୍ରବେଶ କରିବା । ଏହି ଯନ୍ତ୍ର ବା ଅବସ୍ଥା ଦର୍ପଣଟିଏ ପରି ସାରବସ୍ତୁକୁ ପ୍ରତିଫଳିତ କରାଇଥାଏ । ଏହା ଫଳରେ 'ପ୍ରାଣ' ଏକ ଦୁର୍ଲଭ କାରୁଶିଳ୍ପଟିଏ ପରି ପ୍ରତିଭାତ ହୁଏ ।

ଉକ୍ତ ପ୍ରାର୍ଥନାଟିର ଚତୁର୍ଥ ଅନୁଚ୍ଛେଦରେ ମା' ଲେଖୁଛନ୍ତି : –

Now I seem to hear Thy voice: “Never hast thou known how to die integrally. Always something in thee has wanted to know, to witness, to understand. Surrender completely, learn how to disappear, break the last barrier that separates thee from me; accomplish unreservedly thy act of surrender.”

ବର୍ତ୍ତମାନ ଆପଣଙ୍କର ସ୍ୱର ମୁଁ ଶୁଣିପାରୁଛି, ଆପଣ କହୁଛନ୍ତି, ''ତୁମେ ଆଦୌ ଜାଣି ନାହଁ କିପରି ପୂର୍ଣ୍ଣାଙ୍ଗଭାବେ ମୃତ୍ୟୁବରଣ କରିବାକୁ ହୁଏ । ତୁମ ଭିତରେ କେହି ଜଣେ ଅଛନ୍ତି ଯେ କି ସଦା ସର୍ବଦା ସବୁକଥା ଜାଣିବାକୁ ଚାହୁଁଛନ୍ତି, ସବୁ ଜିନିଷ ଦେଖିବାକୁ, ସବୁକଥା ବୁଝିବାକୁ ଇଚ୍ଛା କରୁଛନ୍ତି । ପୂର୍ଣ୍ଣ ଭାବରେ ସମର୍ପିତ ହୋଇଯାଅ, କିପରି ଅନ୍ତର୍ଦ୍ଧାନ ହୋଇଯିବାକୁ ହୁଏ ତାହା ଶିକ୍ଷା କର – ଯେଉଁ ଶେଷ ପ୍ରତିବନ୍ଧକଟି ତୋତେ ମୋ'ଠାରୁ ଅଲଗା କରି ରଖିଛି ତାକୁ ଭାଙ୍ଗି ଚୁରମାର୍ କରିଦିଅ; ତୁମର ସମର୍ପଣ କ୍ରିୟାକୁ ସମ୍ପୂର୍ଣ୍ଣ ମୁକ୍ତଭାବରେ ଜାରି ରଖ ।''

ମା' ପରମ ପ୍ରଭୁଙ୍କ କଥା ଓ ନିର୍ଦ୍ଦେଶକୁ ଶୁଣି ପାରୁଛନ୍ତି । କହୁଛନ୍ତି, ''ହେ ପ୍ରଭୁ ! ଅନେକ ଦିନ ହେଲା ମୁଁ ଏହା କରିବାକୁ ଇଚ୍ଛା କରୁଛି, କିନ୍ତୁ ସମର୍ଥ ହେଉ ନାହିଁ । ଆପଣ କ'ଣ ଏହା କରିବାକୁ ମୋତେ ସାମର୍ଥ୍ୟ ପ୍ରଦାନ କରିବେ ନାହିଁ ?''

ଶେଷରେ ପ୍ରାର୍ଥନାଟିର ଉପସଂହାରରେ ମା' ଏକ ଚମତ୍କାର କଥା କହିଛନ୍ତି । ତାହା ହେଉଛି ହେ ପ୍ରଭୁ ! ''ମୋତେ ମୋ'ଠାରୁ ମୁକ୍ତି ଦିଅ'' (Deliver me from myself !) ଆମେ ସମସ୍ତେ ନିଜ ନିଜର ଅହଙ୍କାର ଭିତରେ, ମୁଁ-'ତ୍ୱ' ଭିତରେ ବନ୍ଦି ହୋଇ ରହିଛେ । ଏହି ବନ୍ଧନରୁ ମୁକ୍ତି ପାଇବାକୁ ସମସ୍ତେ ଅଭୀପ୍ସା କରିବା ଉଚିତ ।

''ମୃତ୍ୟୁ''ର କଳାହିଁ ଅନ୍ତର୍ଦ୍ଧାନର କଳା । ସୁତରାଂ ମୃତ୍ୟୁର ଅନ୍ୟନାମ ଅନ୍ତର୍ଦ୍ଧାନ । ଏହି ସର୍ବୋତ୍ତମ କଳାକୁ ଆୟତ୍ତ କରିବା ପୂର୍ବରୁ ସଚେତନ ବ୍ୟକ୍ତିଟିଏ ଏହି କଳାର ପ୍ରକୃତି ସମ୍ପର୍କରେ ପ୍ରାକ୍-ଜ୍ଞାନ ଲାଭ କରିଥାଏ ।

ସମଗ୍ର ମାନବସମାଜର ଅଜ୍ଞତା, ଅଭାବ-ଅସୁବିଧାକୁ ମା' ନିଜର କରି ଦେଇଛନ୍ତି । ଏପ୍ରିଲ ୭, ୧୯୧୪ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦରେ ମା' କହିଛନ୍ତି, ''ମୋତେ ପ୍ରକୃତରେ ଦୃଢ଼ ସତ୍ତାଟିଏ ହେବା ପାଇଁ କେତେଦିନ ଲାଗିବ ? ଯେଉଁ ସତ୍ତାରେ ସାମଗ୍ରିକ ଭାବରେ ସାହସ, ଶକ୍ତି, ସାମର୍ଥ୍ୟ ଏବଂ ସ୍ଥିର, ନିଶ୍ଚିତ ଧୈର୍ଯ୍ୟ ଭରପୂର ହୋଇ ରହିଥିବ । କେତେ ଦିନ ଲାଗିବ ମୋର ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ଭୁଲିଯିବା ପାଇଁ ? ମୋର ଏହି ବ୍ୟକ୍ତିସତ୍ତାକୁ ଯେଉଁ ଶକ୍ତି ସକଳ ନିର୍ମାଣ କରିଛନ୍ତି, ରୂପ ପ୍ରଦାନ କରିଛନ୍ତି, ଯନ୍ତ୍ରଟିଏ ପରି ଗଢ଼ିଛନ୍ତି, ନିଜକୁ ପ୍ରକାଶିତ କରିବା ପାଇଁ – ଏହିସବୁ କଥା ବୁଝିବା ପାଇଁ ଆଉ କେତେଦିନ ଲାଗିବ ? ମୋର ସାମଗ୍ରିକ ଚେତନା, ନିଶ୍ଚେତନା ଭିତରେ ପଡ଼ି ଉଲ୍ଲସିତ ନହେବାକୁ, ଦିବ୍ୟ-ପ୍ରେମର ଅନୁଭବ କରିବାକୁ,

କୌଣସି ପ୍ରକାର ଦୁର୍ବଳତା ସହ ମିଳାମିଶା ନହେବାକୁ ଆଉ କେତେଦିନ ଲାଗିବ ?'' ଏହାହିଁ ପ୍ରତ୍ୟେକ ମଣିଷ ବା ଆମମାନଙ୍କର ଭିତରର ଅବସ୍ଥା । ମା' ଆମ ପାଇଁ ଆମ ଭିତରେ ଥିବା ଅସତ୍ୟ, ଅଜ୍ଞାନତା ଓ ନିଶ୍ଚେତନା ପ୍ରତି ଆମର ଦୁର୍ବଳତା, ଆକର୍ଷଣକୁ ନିଜେ ଗ୍ରହଣ କରି, ନିଜର ବୋଲି କହି ପରମପ୍ରଭୁଙ୍କ ପାଦତଳେ ଅଜାଡ଼ି ଦେଇଛନ୍ତି ।

ଉକ୍ତ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦର ପ୍ରଥମ ଭାଗରେ ମା' ସାହସିକତା, ଶକ୍ତି, ଭୀରୁତା, ଆଳସ୍ୟ, କିଛି ନକରି ଶୋଇ ରହିଥିବା ଏବଂ ପୂର୍ବରୁ ମିଳିଥିବା ସଫଳତା ଉପରେ ନିର୍ଭର କରି ଚଳିବା ଇତ୍ୟାଦି... ଇତ୍ୟାଦି... ଆମର ଗୁଣ ଏବଂ ଅବିଗୁଣଗୁଡ଼ିକୁ ନିଜ ଭିତରକୁ ନେଇ ପରମପ୍ରଭୁଙ୍କ ପାଖରେ ଜଣାଉଛନ୍ତି । ମା' କହୁଛନ୍ତି... "All this is becoming more and more clearly apparent to me. All that I have done till now seems to me to be nothing." ''ଘଟୁଥିବା ସମସ୍ତ ଘଟଣାର ସ୍ୱରୂପ, ମା'ଙ୍କ ପାଖରେ ସ୍ପଷ୍ଟ ହୋଇଯାଉଛି । ସେତେବେଳ ପର୍ଯ୍ୟନ୍ତ ସେ ଯାହା କରି ଆସିଥିଲେ ତାହାର ଫଳାଫଳ କିଛି ନୁହେଁ ବୋଲି ତାଙ୍କର ମନେ ହୋଇଛି ।

ଜୀବନର ପ୍ରଧାନ ଲକ୍ଷ୍ୟ ସ୍ୱୟଂ ବିକଶିତ ହେବା ଏବଂ ଏହି ବିକାଶ ଘଟିଥାଏ ସାମଗ୍ରିକ ବିଲୟ (Total Death) ଦ୍ୱାରା । ଯାହାର ଅର୍ଥ ହେଉଛି ''ମୁଁ-ତ୍ୱ''(I-ness) ଏବଂ ''ମମତ୍ୱ'' (My-ness) କବଳରୁ ମୁକ୍ତି ଲାଭ କରିବା । ଆମମାନଙ୍କର ଅନ୍ତଃପ୍ରଦେଶରେ ଦିବ୍ୟଗୁରୁ ଉପବିଷ୍ଟ । ସେ ମଧ୍ୟ ଜଣେ ସତ୍ୟବଦ୍ଧ କଳାକାର (Committed Actor) ଏହି କଥାକୁ ଶ୍ରୀଅରବିନ୍ଦ ''ଯୋଗ-ସମନ୍ୱୟ'' ଗ୍ରନ୍ଥରେ ତାଙ୍କ ସ୍ୱକୀୟ ଢଙ୍ଗରେ ବର୍ଣ୍ଣନା କରିଛନ୍ତି : –

"Life becomes more and more the sacrifice of the eternal in the individual constantly self-offered to the eternal Transcendence. It is offered in the wide sacrificial ground of the field of the eternal cosmic Spirit; and the Force too that offers it is the eternal Force, the omnipresent Mother."

(SABCL, Vol. 20, pp. 113-114)

''ବ୍ୟକ୍ତି ଭିତରେ ଥିବା ପ୍ରାଣ ଯଦି ନିଜକୁ ନିରବଚ୍ଛିନ୍ନ ଭାବରେ ଊର୍ଦ୍ଧ୍ୱସ୍ଥିତ ପରମପ୍ରଭୁଙ୍କ ନିକଟରେ ସ୍ୱୟଂ ଉତ୍ସର୍ଗୀକୃତ ହୋଇଯାଏ ତା'ହେଲେ ତାହା ପ୍ରଭୁଙ୍କ ପାଖରେ ଅଧିକରୁ ଅଧିକ ସମର୍ପିତ ହୁଏ । ଏହି ପ୍ରାଣ ଚିରନ୍ତନ ବିଶ୍ୱଗତ-ଆତ୍ମାର କ୍ଷେତ୍ରସ୍ଥ ଭୂମି ଉପରେ ଅବସ୍ଥିତ ବିସ୍ତୃତ ଯଜ୍ଞବେଦୀ ଉପରେ ନିଜକୁ ଉତ୍ସର୍ଗ କରି ଦେଇଥାଏ ଏବଂ ଯେଉଁ ମହାନ୍ ଶକ୍ତିକୁ ନୈବେଦ୍ୟ ଭାବରେ ବାଢ଼ି ଦେଇଥାଏ, ତାହାହିଁ ଚିରନ୍ତନୀ ଶକ୍ତି, ସର୍ବ ବିଦ୍ୟମାନ ଦିବ୍ୟଜନନୀ ।''

ଏହି ହେଉଛନ୍ତି ଆମମାନଙ୍କର ପରମ-ଆରାଧ୍ୟା, ସର୍ବତ୍ର ବିଦ୍ୟମାନ ଦିବ୍ୟଜନନୀ ଶ୍ରୀମା ଯେ କି ଅମଳ କିରଣଙ୍କୁ ନିମ୍ନ ଲିଖିତ ପ୍ରାର୍ଥନାଟି ଲେଖିବା ନିମନ୍ତେ ଅନୁପ୍ରେରିତ କରିଥିଲେ । ତାହାହେଲା –

"Make me your nothing, my whole life
I would drown in your vastness
A cry to be ruled by your flawless touch,
Your will alone my peace."

ଯାହାର ମର୍ମାର୍ଥ ହେଲା :

ମା' ଗୋ ଏତିକି ମିନତି ମୋର,
କିଛି ନହେବାକୁ ତୁମରି ପାଖରେ
ଆଶୀର୍ବାଦ ମୋତେ କର ।
ତୁମ ବିଶାଳତା ସାଗର ବକ୍ଷରେ
ବୁଡି ଯିବା ପାଇଁ ଚାହେଁ,
କୋମଳ ସରସ ତବ ପରଶରେ
ସର୍ବଦା ମୁଁ ବନ୍ଧା ହୁଏ;
ଏକମାତ୍ର ତବ ଇଚ୍ଛାହିଁ କେବଳ
ସମ୍ବଳ ଅଟଇ ମୋର
ସେହି ମୋର ଶାନ୍ତି ସେହି ମୋର ସୁଖ
ଆଉ ସବୁ ତ ଅସାର ।

ଅମଳ କିରଣ କାହିଁକି ମା'ଙ୍କର "Nothing" ହେବା ପାଇଁ ଇଚ୍ଛା ପ୍ରକାଶ କଲେ ? ଏହାର ଉତ୍ତର ମା' ସ୍ୱୟଂ ଏପ୍ରିଲ ୭, ୧୯୧୪ ପ୍ରାର୍ଥନାଟିରେ ଉଲ୍ଲେଖ କରିଛନ୍ତି । ତାହା ହେଲା : –

"All that I have done till now seems to me to be nothing." ''ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ଯାହାସବୁ କରି ଆସିଛି, ମନେହୁଏ ସେଗୁଡ଼ିକ ସବୁ ବୃଥା ।''

ଏହାହିଁ ହେଲା ମହାମହିମ ''ଅହଂ'' (Ego)

ମହୋଦୟଙ୍କୁ ଶକ୍ତିହୀନ କରିବା ନିମନ୍ତେ ସମ୍ମତ କରାଇବାର ଏକମାତ୍ର ଉପାୟ । ଫଳତଃ ଏହା ଏପରି ଏକ ଅନ୍ୱେଷଣ ହୋଇଉଠିବ ଯେଉଁଥିରେ ଅତୁଳନୀୟ ଆନନ୍ଦ ବା ସେହିପରି କିଛି ପ୍ରାପ୍ତ ହେବ । ଏହାହିଁ ପୂର୍ଣ୍ଣାଙ୍ଗ ମୃତ୍ୟୁର ପ୍ରକୃତ ମୂଲ୍ୟ (Real value of integral death) ।

ଏହି ପରିପ୍ରେକ୍ଷୀରେ ଆମେମାନେ ଦାର୍ଶନିକ, କବି ଏବଂ ଶିଳ୍ପୀ ଖଲିଲ୍ ଜିବ୍ରାନଙ୍କୁ ସ୍ମରଣ କରିବା । ସେହି ମହାନ୍ ବ୍ୟକ୍ତିତ୍ୱଙ୍କ ଏକ ଉକ୍ତି, "For what is it to die, but to stand naked in the wind and melt into the sun." ମୃତ୍ୟୁର ଅର୍ଥ ହେଲା ପବନ ଭିତରେ ବିବସ୍ତ୍ର ବା ମୁକ୍ତ ଭାବରେ ଠିଆ ହେବା ଏବଂ ସୂର୍ଯ୍ୟଙ୍କ ଭିତରେ 'ତରଳି ଯିବା' । ଖଲିଲ୍ ଜିବ୍ରାନ୍ ଜନ୍ମ ହୋଇଥିଲେ ଲେବାନନ୍‌ରେ ଜାନୁଆରୀ ୬, ୧୮୮୩ ମସିହାରେ । ଆମେରିକାରେ ତାଙ୍କର ଜୀବନ କଟିଥିଲା ଏବଂ ଏପ୍ରିଲ ୧୦, ୧୯୩୧ରେ ଇହଲୀଳା ସମ୍ବରଣ କରିଥିଲେ । ମୃତ୍ୟୁ ସମ୍ପର୍କରେ ଜିବ୍ରାନଙ୍କର ଅନ୍ୟ ଏକ ଉକ୍ତି ହେଲା – "For life and death are one, even as the river and sea are one." କାରଣ ଜୀବନ ଏବଂ ମୃତ୍ୟୁ ଏକା କଥା, ଯେପରି ନଦୀ ଏବଂ ସମୁଦ୍ର ।

ସୁତରାଂ ''ମୃତ୍ୟୁ – ଅନ୍ୱେଷଣର ଅନ୍ୟ ଅର୍ଥ ହେଲା ଜୀବନ ଏବଂ ପ୍ରେମର ଅନ୍ୱେଷଣ ।''

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;
(୨) Notes on Prayers and Meditations - Goutam Ghosal

**At last a pimple / acne treatment that *REALLY* works !!**
People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଆଦର୍ଶ ମାତାପିତା

## (୬)

## ଶ୍ରୀମା

**ନିଜକୁ ଅତିକ୍ରମ କରିଯାଇ ପାରିବା :**

ଯଦି ତୁମ ଭିତରେ ଏପରି ଏକ ଚୈତ୍ୟସତ୍ତା ଥିବ ଯାହାକି ତୁମ ଉପରେ ଦୃଷ୍ଟି ରଖିପାରିବା ଭଳି ଯଥେଷ୍ଟ ପରିମାଣରେ ବିକାଶ ଲାଭ କରିଥିବ, ତୁମର ପଥଟିକୁ ପ୍ରସ୍ତୁତ କରିପାରିବା ଭଳି ବିକଶିତ ହୋଇଥିବ, ତେବେ ତାହା ତୁମ ଆଡ଼କୁ ଏପରି ଅନେକ ବସ୍ତୁକୁ ଟାଣି ଆଣିବ ଯାହାକି ତୁମକୁ ସାହାଯ୍ୟ କରିପାରିବ; ଏପରି ଲୋକମାନଙ୍କୁ ଆକର୍ଷିତ କରି ଆଣିବ, କେତେକ ପୁସ୍ତକକୁ ଓ କେତେକ ପରିସ୍ଥିତିକୁ ମଧ ଆକର୍ଷିତ କରି ଆଣିବ, ଏପରି କେତେକ ଯୋଗାଯୋଗକୁ ଆକୃଷ୍ଟ କରି ଆଣିବ ଯେଉଁଗୁଡ଼ିକ କି ସତେ ଯେପରି କୌଣସି ଶୁଭାକାଂକ୍ଷୀ ଇଚ୍ଛା ଦ୍ୱାରାହିଁ ଆନୀତ ହୋଇଛି, ସତେ ଯେପରି ତୁମକୁ ଏକ ସୂଚନା ଦେଇଯାଉଛି, ତୁମକୁ ସହାୟତା କରୁଛି; ନିଷ୍ପତ୍ତି ଗ୍ରହଣ କରିବା ଦିଗରେ ତୁମ ଲାଗି ସହାୟକ ରୂପେ କାର୍ଯ୍ୟ କରୁଛି ଏବଂ ତୁମକୁ ଯଥାର୍ଥ ଦିଗରେ ପରିଚାଳିତ କରିନେଉଛି । ମାତ୍ର ତୁମେ ଥରେ ଏହି ନିଷ୍ପତ୍ତିଟି ଗ୍ରହଣ କରି ସାରିବା ପରେ, ତୁମ ସତ୍ତାର ଯଥାର୍ଥ ସତ୍ୟଟିକୁ ଖୋଜି ବାହାର କରିବା ଲାଗି ଏହି ନିଷ୍ପତ୍ତିଟି ଗ୍ରହଣ କରିବା ପରେ, ନିଷ୍ଠାପର ଭାବରେ ଏହି ପଥରେ ଯାତ୍ରାରମ୍ଭ କରିବା ପରେ, ତୁମକୁ ଏଥିରେ ଆଗେଇ ନେବା ପାଇଁ, ସାହାଯ୍ୟ କରିବା ଲାଗି ସମସ୍ତେ ଏକତ୍ରିତ ହେବାପରି ମନେ ହେବ; ଏବଂ ସାବଧାନତା ସହ ତୁମେ ଯଦି ଦୃଷ୍ଟିପାତ କରିବ ତେବେ ତୁମେ ଧୀରେ ଧୀରେ ସମସ୍ତ ମୂଳ ଉତ୍ସଟିକୁ ଦେଖିପାରିବ; ଏବଂ କହିବାକୁ ଆରମ୍ଭ କରିବ, 'ଓ, ଦେଖ, ଏହି ଦୋଷଟି ତ ମୋ ବାପାଙ୍କଠାରେ ଥିଲା ବୋଲି ମୋ କ୍ଷେତ୍ରରେ ଘଟୁଛି; ଓ, ଏ ଅଭ୍ୟାସଟି ମୋ ମାଆଠାରେ ଥିଲା ବୋଲି ତ ମୋଠାରେ ଦେଖା ଦେଉଛି; ଓ, ମୋ ଆଈ ଏପରି ଥିଲେ ବୋଲି... ମୋ ଅଜା ସେପରି ଥିଲେ ବୋଲି...' । କିଂବା ଛୋଟ ପିଲାବେଳେ ଯେଉଁ ଧାଈ ବା ନର୍ସ ତୁମର ଲାଳନ ପାଳନ କରୁଥିଲେ, ଯେଉଁ ଭାଇଭଉଣୀଙ୍କ ସହିତ ତୁମେ ଖେଳୁଥିଲ, ଯେଉଁ ସାନ ସାନ ବନ୍ଧୁମାନେ ତୁମକୁ ଆସି ଭେଟୁଥିଲେ ସେମାନେ ବି ଏହାର କାରଣ ହୋଇ ପାରନ୍ତି । ତୁମେ ବେଶ୍ ଦେଖିବାକୁ ପାଇବ ଯେ, ଏସବୁ ସେଠାରେହିଁ ଥିଲା, ଏ ବ୍ୟକ୍ତିଟି ଦେହରେ ହେଉ ବା ସେ ବ୍ୟକ୍ତିଟି ଦେହରେ ହେଉ ଥିଲା, ବା ଅନ୍ୟ କୌଣସି ବ୍ୟକ୍ତିଠାରେ ଥିଲା । ମାତ୍ର ତୁମେ ଯଦି ନିଷ୍ଠାର ସହ ଲାଗିରୁହ ତେବେ ନିଶ୍ଚୟ ଜାଣିପାରିବ ଯେ ଏସବୁକୁ ତୁମେ ଅତି ଶାନ୍ତଭାବରେ ଅତିକ୍ରମ କରିଯାଇ ପାରିବ । ଜନ୍ମ ହେବା ବେଳେ ଯେଉଁସବୁ ବନ୍ଧନ ଭିତରେ ତୁମେ ନିକ୍ଷିପ୍ତ ହୋଇଥିଲ କିଛିକାଳ ପରେ ସେସବୁ କାଟିଦେଲେ ଜଞ୍ଜିରସବୁକୁ ଭାଙ୍ଗିଦେଇ ତୁମେ ମୁକ୍ତ ଭାବରେ ତୁମ ପଥରେ ଚାଲିଯାଇ ପାରିବ ।

(Cent. Vol. 4, P. 261 - 262)

... ଏହି ମହାନ୍ ବ୍ୟାପକ ଅନୁଚିନ୍ତା ଦ୍ୱାରା ମଣିଷମାନେ ଆବଶ୍ୟକ କରୁଥିବା ଉପଯୁକ୍ତ ପରିବେଶର ସୁଯୋଗ ପାଇବେ ଯଦ୍ଦ୍ୱାରା କି ସେମାନେ ସେହି ନୂତନ ଶକ୍ତିର ଅଭିବ୍ୟକ୍ତି ଲାଗି ନିଜକୁ ପ୍ରସ୍ତୁତ କରିବାକୁ ସମର୍ଥ ହେବେ ଏବଂ ଫଳରେ ଆସନ୍ତାକାଲିର ଦିବ୍ୟମାନବ ଜାତି ଜନ୍ମଲାଭ କରିପାରିବ ।

ଶତ୍ରୁତାର ସମସ୍ତ ପ୍ରବେଗ, ଅନ୍ୟକୁ ଚପିଯିବା ବା ପଦଦଳିତ କରି ରଖିବାର ସମସ୍ତ ସଂଘର୍ଷ ମିଳେଇ ନିଶ୍ଚିହ୍ନ ହୋଇଯିବ ଏବଂ ଏକ ସୁସଂଗତ ସଙ୍ଗଠନ ତଥା ଏକ ସ୍ୱଚ୍ଛ ଓ ଫଳପ୍ରଦ ସଂହତିର ଆସ୍ପୃହା ନିମନ୍ତେ ପଥ ସ୍ପଷ୍ଟ ହୋଇଉଠିବ ।

ଏହାକୁ ସମ୍ଭବ କରିବାକୁ ହେଲେ, ପିଲାମାନଙ୍କୁ ଅତି ଛୋଟବେଳୁ ଏହା ସହିତ ଅଭ୍ୟସ୍ତ କରିବାକୁ ହେବ, କେବଳ ଚିନ୍ତା ବା ଧାରଣାରେ ନୁହେଁ, ଏହାକୁ ପ୍ରତ୍ୟକ୍ଷ ଅଭ୍ୟାସରେ ପ୍ରୟୋଗ କରିବାକୁ ହେବ ।

(Edn. Booklet part - I, P-24)

ବାସ୍ତବରେ ମୁଁ ବିଶ୍ୱାସ କରେ ଯେ ଏହି ଛୋଟ ପିଲାମାନଙ୍କ ଦ୍ୱାରାହିଁ ନୂତନ ମାନବଜାତି ପ୍ରତିଷ୍ଠା ହୋଇପାରିବ । ପ୍ରାପ୍ତ ବୟସ୍କମାନେ ... ସେମାନେ ପକ୍ୱ ହୋଇଗଲେଣି, ବୁଢ଼ା ହୋଇଗଲେଣି ।

(Cent. Vol. 11, P. 252)

### ଶିକ୍ଷାପ୍ରାପ୍ତ ନହୋଇ ଥିବା ଶିଶୁ ସବୁବେଳେ କୁସଙ୍ଗଟିକୁହିଁ ଆଗ ବାଛିଥାଏ :

ଏ ସଂସାର ଏଭଳି ଭାବରେ ଗଠିତ ହୋଇଛି ଯେ – ଅନ୍ତତଃ ବର୍ତ୍ତମାନ ପର୍ଯ୍ୟନ୍ତ, ଯାହାକି ଏହିଭଳି ଆଉ ବେଶୀ ଦିନ ନରହିବାକୁ ଆମେ ଆଶା କରିବା – ତାହା ଏଭଳି ଭାବରେ ଗଠିତ ହୋଇଛି ଯେ ଶିକ୍ଷାଦୀକ୍ଷା କିଛି ନପାଇଥିବା ଗୋଟିଏ ବ୍ୟକ୍ତି ସାମନାରେ ଯଦି କେତେଗୁଡ଼ିଏ କଥା ରଖି ତାକୁ ସେଥିରୁ ଗୋଟିଏ ବାଛି ନେବାକୁ କହିବ ତେବେ ସେ ସେଥିରୁ କେବଳ ଭୁଲ୍ କଥାଗୁଡ଼ିକୁହିଁ ବାଛିବ ।

ଶିଶୁଟିଏ ଯିଏକି କୌଣସି ପ୍ରକାରେ ଶିକ୍ଷାପ୍ରାପ୍ତ ହୋଇ ନାହିଁ ସେ ସବୁବେଳେ କୁସଙ୍ଗଟିକୁହିଁ ଆଗ ବାଛିଥାଏ । ଯଦି ତୁମେ ଗୋଟିଏ ଶିଶୁକୁ ଏକ ସ୍ୱତନ୍ତ୍ର ପରିବେଶ ମଧ୍ୟରେ ରଖ ଏବଂ ଯଦି ଅତି ପିଲାଦିନୁ ତୁମେ ତାକୁ ଏକ ବିଶେଷ ପରିବେଶ, ଏକ ବିଶେଷ ପବିତ୍ର ପରିବେଶ ମଧ୍ୟରେ ରଖ ତେବେ ସେ ଖରାପ ବାଟଟିକୁ ନବାଛିବାର ସୁଯୋଗ ପ୍ରାପ୍ତ ହୋଇଥାଏ । କିନ୍ତୁ ବର୍ତ୍ତମାନର ଜଗତ୍ ତାହା ଯେପରି ହୋଇରହିଛି ତନ୍ମଧ୍ୟରୁ ଗୋଟିଏ ପିଲାକୁ ନେଇ ଯଦି ସମାଜରେ ଚଳିବାକୁ ଛାଡ଼ିଦିଆଯାଏ, ଯେଉଁଠିକି ଉଭୟ ଭଲ ମନ୍ଦ ଭରି ରହିଛି, ତେବେ ସେ ଏଭଳି ବସ୍ତୁ, ଏଭଳି ଉପାଦାନର ନିକଟବର୍ତ୍ତୀ ହେବ ଯାହା ତାକୁ କଳଙ୍କିତ କରେ, କୁଶିକ୍ଷା ଦିଏ, ଅର୍ଥାତ୍ ଯାହା ତାକୁ ସମ୍ପୂର୍ଣ୍ଣ କୁମନ୍ତ୍ରଣାଗ୍ରସ୍ତ କରିଦିଏ ।

ଯେଉଁ ବ୍ୟକ୍ତି କୌଣସି ପ୍ରକାର ବୌଦ୍ଧିକ ଶିକ୍ଷା ପାଇ ନାହିଁ ଯଦି ତୁମେ ତାଙ୍କ ଆଗରେ ଓଲଟପାଲଟ କରି କେତେଗୁଡ଼ିଏ ଗୋଳିଆମିଶା ଭାବଧାରା ଉପସ୍ଥାପିତ କରିବ ଏବଂ ସେଥିରୁ କୌଣସି ଗୋଟିଏ ବାଛିବା ଲାଗି ତାକୁ କହିବ ତେବେ ସେ ସବୁବେଳେ ନିର୍ବୋଧତାଗୁଡ଼ିକୁହିଁ ବାଛିବେ; କାରଣ ଯେପରି ଶ୍ରୀଅରବିନ୍ଦ କହିଛନ୍ତି ଏ ସଂସାର ହେଉଛି ମିଥ୍ୟାର ସଂସାର, ଅଜ୍ଞାନତାର ସଂସାର ଏବଂ ଏଥିଲାଗି ଏକ ଉଦ୍ୟମର ଆବଶ୍ୟକତା ରହିଛି, ଏକ ଆସ୍ପୃହାର ଆବଶ୍ୟକତା ରହିଛି । ଯଦି କେହି ସତ୍ୟ ଆଉ ମିଥ୍ୟା, ଭଲ ଆଉ ଖରାପ ଏହା ମଧ୍ୟରେ ପ୍ରଭେଦ ବାଛିବାକୁ ଚାହେଁ ତେବେ ସେ ତା'ର ଆନ୍ତର ସତ୍ତାର ସଂସ୍ପର୍ଶରେ ଆସିବା ଏକାନ୍ତ ପ୍ରୟୋଜନ – ଏକ ସଚେତ ଓ ଜ୍ୟୋତିର୍ମୟ ସ୍ପର୍ଶର ସଂସ୍ପର୍ଶରେ ଆସିବା ଏକାନ୍ତ ପ୍ରୟୋଜନ । ଯଦି ତୁମେ ନିଜକୁ ସେହିଭଳି ଭାବରେ ଛାଡ଼ିଦିଅ, ତେବେ ତୁମେ ଶେଷକୁ ଏକ ଗଭୀର ଗର୍ତ୍ତରେହିଁ ନିକ୍ଷିପ୍ତ ହେବ ।

ସବୁକିଛି ସେହିପରି ହୋଇ ରହିଛି, କାରଣ ଯାହା ଏ ପୃଥିବୀକୁ ଶାସନ କରୁଛି – ଅଧିକ ସତ୍ୟ ହେବ ଅତୀତ କାଳରେ କହିଲେ – ଯାହା ଏ ପୃଥିବୀକୁ ଶାସନ କରି ଆସୁଥିଲା ତାହା ହେଉଛି ମିଥ୍ୟା ଓ ଅଜ୍ଞାନତା ।

ବାସ୍ତବରେ ଏବେ ବି ଏହା ସେହିଭଳି ଚାଲିଛି; ଜଣକର ଏସମ୍ୱନ୍ଧରେ କୌଣସି ଭ୍ରାନ୍ତି ରହିବା ଉଚିତ ନୁହେଁ । କିନ୍ତୁ ବୋଧହୁଏ ପ୍ରଗାଢ଼ ଉଦ୍ୟମ ଓ ତୀକ୍ଷ୍ଣ ସତର୍କ ଦୃଷ୍ଟି ଦ୍ୱାରାହିଁ ଆମେ ଏହାକୁ ବଦଳାଇ ଦେବାକୁ ସମର୍ଥ ହୋଇପାରିବା – ମୁଁ ଉପରେ ଯେଉଁ 'ବୋଧହୁଏ' ବୋଲି କହିଲି ତାହା 'ଅତି ଶୀଘ୍ର'ର ସ୍ଥାନ ଗ୍ରହଣ କରିବ ।

ନିଶ୍ଚିତ ଭାବରେ ଏହା ଦିନେ ନା ଦିନେ ଆସିବ, କିନ୍ତୁ ଆମେ ଏହାକୁ ଅତିଶୀଘ୍ର ଚାହୁଁ । ...

(Cent. Vol. 3, P. 244)

### ନିଜ ପିଲାଙ୍କୁ ମୋଟେ ମାରିବ ନାହିଁ :

ତୁମେ ଯେଉଁଭଳି ଆଦେଶ ଦେବ, ତୁମର ପିଲାମାନେ ତାହାକୁ ମାନି ସବୁକିଛି ସେହିପରି କରିବେ ବୋଲି ତୁମେ ଚାହୁଁଛ । ପ୍ରକୃତରେ ପରମ ସତ୍ୟ ବିଷୟରେ ତୁମେ କ'ଣ ଜାଣିଛ କହିଲ ? ତୁମେ ନିଜ ଇଚ୍ଛାକୁ ନେଇ ସେମାନଙ୍କ ଉପରେ ଲଦି ଦେବାକୁ ଚାହୁଁଛ, କାରଣ ସେମାନଙ୍କଠାରୁ ତୁମେ ବେଶୀ ବଳୁଆ । ସେହି ଅନୁସାରେ ବିଚାର କଲେ ଗୋଟାଏ ଅସୁର ଯଦି ତୁମକୁ ଆସି ତା'ର କରତଳଗତ କରିନେବ, ତେବେ ସିଏ ତୁମକୁ ଯାହା କହିବ ତୁମେ ତାହା କରିବାକୁ ବାଧ୍ୟ ହେବ ।

ପିଲାମାନଙ୍କୁ ବଢ଼ାଇକୁଢ଼ାଇ ବଡ଼ କରିବା ସବୁଠାରୁ ଅଧିକ କଷ୍ଟକର କାମ । ଏହି କର୍ତ୍ତବ୍ୟଟିକୁ ଯଥାର୍ଥ ଭାବରେ ସମ୍ପାଦନ କରିପାରୁଥିବା ମାଆବାପା ମୁଁ ଖୁବ୍ କମ୍ ଦେଖିଛି ।

ନିଜ ଇଚ୍ଛାକୁ ନେଇ ପିଲାଙ୍କ ଉପରେ ଲଦିଦେବା ଲାଗି ତୁମର କି ଅଧିକାର ଅଛି ? ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ଗଭୀର ଭାବରେ ଆଦୌ କୌଣସି ଚିନ୍ତା ନକରି ବା ସେଥିଲାଗି ଆବଶ୍ୟକ କୌଣସି ପ୍ରସ୍ତୁତି ନକରି ତୁମେ ସେମାନଙ୍କୁ ଏହି ସଂସାରକୁ ଆଣିଛ । ତେଣୁ ସେମାନଙ୍କ ଉପରେ ତୁମର କି ଅଧିକାର ଅଛି କହିଲ ।

ନିଜ ପିଲାକୁ ମୋଟେ ମାରିବ ନାହିଁ ।

ତଦ୍ୱାରା ତୁମର ଚେତନା ପୂରା ଆଚ୍ଛନ୍ନ ହୋଇଯିବ ଏବଂ ସେମାନଙ୍କର ଚରିତ୍ର ବି ନଷ୍ଟ ହୋଇଯିବ ।

(Cent. Vol. 14, P. 314-315)

*

ପ୍ରଶ୍ନ : ଯେପର୍ଯ୍ୟନ୍ତ ସନ୍ତାନ ଜନ୍ମର ନୂତନ ପ୍ରକ୍ରିୟାଟି ଏକ ସାଧାରଣ ନିୟମରେ ପରିଣତ ନହୋଇଛି ଏବଂ ଯେପର୍ଯ୍ୟନ୍ତ ବର୍ତ୍ତମାନର ଯୌନ ସମ୍ପର୍କଗତ ପ୍ରକ୍ରିୟା ଦ୍ୱାରା ସନ୍ତାନମାନେ ଜନ୍ମ ହେଉଛନ୍ତି, ସେମାନଙ୍କର ପ୍ରତିପାଳନ ଲାଗି, ବିଶେଷ କରି ସେମାନଙ୍କ ବିକାଶକାଳର ପ୍ରଥମ ବୟସରେ ପାରିବାରିକ ଜୀବନ ଓ ପରିବେଶ ପ୍ରକୃତରେ ସର୍ବାଧିକ ଅନୁକୂଳ ନୁହେଁ କି ? ଏହାର ବିକଳ୍ପ ବ୍ୟବସ୍ଥା ରୂପେ ଆଉ କୌଣସି ଏକ ଅନୁଷ୍ଠାନ ଜରିଆରେ ସେମାନଙ୍କର ଯତ୍ନ ଓ ପରିପାଳନର ଅବଶ୍ୟ ବ୍ୟବସ୍ଥା କରାଯାଇ ପାରିବ । କେତେକ କମ୍ୟୁନିଷ୍ଟ ଦାର୍ଶନିକ ଯେପରି ଏକଦା ମତ ଦେଇଥିଲେ, ପିଲାମାନଙ୍କ ଲାଗି ରାଷ୍ଟ୍ରଚାଳିତ ଶିଶୁପାଳନ କେନ୍ଦ୍ରମାନ ଯୋଗାଇ ଦିଆଯାଇ ପାରିବ । କିନ୍ତୁ ତାହାକୁ ଅଧିକାଂଶ ଲୋକଙ୍କ ସମର୍ଥନ ମିଳିଲା ନାହିଁ; କାରଣ ସମସ୍ତେ ଏହି କଥାଟିକୁ ଉପଲବ୍ଧି କରିଥିଲେ ଯେ ପିଲାମାନଙ୍କର ଅଭିବୃଦ୍ଧି ଲାଗି ଯେଉଁ କୋମଳତାପୂର୍ଣ୍ଣ ସ୍ନେହ ଓ ଯତ୍ନର ପ୍ରୟୋଜନ ରହିଛି ତାହା କେବଳ ମାତା-ପିତାମାନେହିଁ ପରିବାରର ଅନ୍ତରଙ୍ଗ ପରିବେଶଟି ମଧ୍ୟରେ ତାହାକୁ ସର୍ବୋତ୍ତମ ଭାବରେ ଯୋଗାଇ ଦେଇପାରିବେ । ଏକଥା ଯଦି ଠିକ୍ ହୁଏ, ତେବେ ଅନ୍ତତଃ ସାନ ପିଲାମାନଙ୍କ ହିତ ଦୃଷ୍ଟିରୁ, ଭବିଷ୍ୟତର ସନ୍ତାନ ଜନ୍ମର ନୂତନ ପ୍ରଣାଳୀଟି ସମ୍ଭବ ହେବା ପର୍ଯ୍ୟନ୍ତ ଓ ଏକ ସାଧାରଣ ରୀତିରେ ପରିଣତ ହେବା ପର୍ଯ୍ୟନ୍ତ ପରିବାର ଏକ ଅତ୍ୟାବଶ୍ୟକୀୟ ଅଂଶ ହୋଇ ରହିବ ନାହିଁ କି ?

**ଶ୍ରୀମା** : ଏ କ୍ଷେତ୍ରରେ ମଧ୍ୟ ଦୁଇଟିଯାକ କଥାକୁ ସମାନ ଗୁରୁତ୍ୱ ଦେବାକୁ ହେବ ଏବଂ ସେ ଦୁଇଟିକୁ ସମାନ ଭାବେ କାର୍ଯ୍ୟକାରୀ କରିବାକୁ ହେବ । ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି କି ମାଆବାପାଙ୍କଠାରୁ ଅଲଗା ହୋଇ ଅନ୍ୟ କେଉଁଠାରେ ରହିବା ଦ୍ୱାରା ପିଲାର ପରମହିତ ସାଧିତ ହୋଇଛି ।

ତେଣୁ ନିୟମ ଯଥାସମ୍ଭବ ଅଧିକ କମ୍ ରହିବ । ସ୍ୱାଧୀନତା ଯଥାସମ୍ଭବ ଅଧିକ ରହିବ ।

ଅଭିବ୍ୟକ୍ତି ଲାଗି ସମସ୍ତ ସମ୍ଭାବନାର ସମାନ ସୁଯୋଗ ରହିବ । ତେବେ ମଣିଷସମାଜର ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିବ ।

## ତାଙ୍କର ସମସ୍ତ ଦୋଷ ଓ ଅଭାବ ଲାଗି ତୁମେହିଁ ଦାୟୀ...

ତୁମେ କହୁଛ ଯେ ତୁମେ ନିଜ ପିଲାମାନଙ୍କୁ ଠିକ୍ ଭାବରେ ବଡ଼ କରିପାରିଲ ନାହିଁ, କାରଣ ତୁମେ ନିଜେ ସୁଶିକ୍ଷିତ ଓ ସୁସଂସ୍କୃତିସମ୍ପନ୍ନ ହୋଇଥିଲେ ବି ପିଲାମାନଙ୍କ ସକାଶେ ଦେଇପାରିବା ଲାଗି ତୁମର ଆଦୌ କୌଣସି ସମୟ ନାହିଁ ଏବଂ ତୁମ ପତ୍ନୀଙ୍କର ସମୟ ଅଛି ସତ, ମାତ୍ର ତାଙ୍କର ଆଦୌ କୌଣସି ଶିକ୍ଷା ନାହିଁ, ସଂସ୍କୃତି ନାହିଁ, ତାଙ୍କର ଆଦୌ କୌଣସି ଯୋଗ୍ୟତା ନାହିଁ । ତାଙ୍କର ଏହି ଅବସ୍ଥା ପାଇଁ, ତେବେ ପ୍ରକୃତରେ କିଏ ଦାୟୀ, ତୁମେ ମୋତେ କହିଲ ? ତୁମ ପତ୍ନୀ ତୁମ ସହିତ ପଚିଶ ବର୍ଷରୁ ଅଧିକ କାଳ ବାସ କରି ଆସିଛନ୍ତି । ତାଙ୍କୁ ଶିକ୍ଷା ଦେବାରେ ଓ ତୁମର 'ସଂସ୍କୃତି' ଦ୍ୱାରା ତାଙ୍କୁ ମଧ୍ୟ ଉପକୃତ କରିବାରେ ତୁମେ ଏହି ପଚିଶ ବର୍ଷ ହେଲା କ'ଣ କରୁଥିଲ ? ମୋତେ କିଛି କରି ନଥିଲ; ଏପରିକି ଏହି ବିଷୟରେ ତୁମ ମନରେ କେବେହେଲେ କୌଣସି ଧାରଣା ବି ଆସି ନଥିଲା । ତୁମେ ହୁଏତ ଏକଥା କେବେହେଲେ ଭାବି ନାହିଁ ଯେ ତାଙ୍କର ଶିକ୍ଷାଲାଗି ତୁମେ ଦୈନିକ ମାତ୍ର ଗୋଟିଏ ଘଣ୍ଟା ସମୟ ଦେଇଥିଲେ ମଧ୍ୟ, ପଚିଶ ବର୍ଷ ମଧ୍ୟରେ ତଦ୍ୱାରା ଏକ ବିରାଟ ପାର୍ଥକ୍ୟ ନିଶ୍ଚୟ ସମ୍ଭବ ହୋଇଥା'ନ୍ତା । ତୁମ ପାଇଁ ତ ତୁମ ପତ୍ନୀ କେବଳ ଏପରି ଗୋଟିଏ ଯନ୍ତ୍ର ହୋଇ ରହିଥିଲେ ଯିଏକି ତୁମର ସୁଖସ୍ୱାଚ୍ଛନ୍ଦ୍ୟର ସମସ୍ତ ବ୍ୟବସ୍ଥା କରିବେ ଏବଂ ପିଲା ଜନ୍ମ କରୁଥିବେ । ତୁମେ ତାଙ୍କ ଉପରେ ଆଦୌ କୌଣସି ଭରସା ରଖିପାରିଲ ନାହିଁ, ତାଙ୍କ ଉନ୍ନତି ସକାଶେ କିଛିହେଲେ କଲ ନାହିଁ ଏବଂ ବର୍ତ୍ତମାନ ମଧ୍ୟ ତୁମର ଦମ୍ଭଭାବ ସେହି ପୂର୍ବପରି ରହିଛି; ଏବଂ ତୁମେ ତାଙ୍କୁ ତାଙ୍କର କୌଣସି ଶିକ୍ଷାଦୀକ୍ଷା ବା ସଂସ୍କୃତି ନାହିଁ ବୋଲି ଦୋଷ ଦେଉଛ ।

ତାଙ୍କର ସମସ୍ତ ଦୋଷ ଓ ଅଭାବ ଲାଗି ତୁମେହିଁ ଦାୟୀ ବୋଲି ମୁଁ କହିବି ।

(Cent. Vol. 14, P. 314)

(କ୍ରମଶଃ)

❑❑❑

# ଶ୍ରୀମାଙ୍କୁ ପ୍ରଥମ ଦର୍ଶନ

## ଶୋଭା ମିତ୍ର

୧୯୪୨ ମସିହା ଅଗଷ୍ଟ ନଅ ତାରିଖରେ ମାଆ, ରବୁ-ଦା ଓ ମୁଁ ଆସି ପଣ୍ଡିଚେରୀରେ ପହଞ୍ଚିଥିଲୁ । ସେ ସମୟରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପାଇଁ ଆସିବାକୁ ଚାହିଁଲେ ଶ୍ରୀମାଙ୍କ ଅନୁମତି ନେବାକୁ ପଡ଼ୁଥିଲା । ଆଶ୍ରମରେ ସାଧକ-ସାଧିକାମାନଙ୍କ ସଂଖ୍ୟା କମ୍ ଥିଲା ଏବଂ ଦର୍ଶନାର୍ଥୀମାନଙ୍କ ସଂଖ୍ୟା ମଧ୍ୟ ଅନୁରୂପ । ବର୍ତ୍ତମାନ ପରି ନୁହେଁ । ଶ୍ରୀମା ଆସିବାକୁ ଅନୁମତି ଦେବାପରେ ଆଶ୍ରମ ତରଫରୁ ଦର୍ଶନାର୍ଥୀମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଉଥିଲା । ଯୋଗାନନ୍ଦ-ଦା ନାମକ ଜଣେ ସାଧକ ଷ୍ଟେସନକୁ ଯାଇ ଦର୍ଶନାର୍ଥୀମାନଙ୍କୁ ନେଇଆସି ନିର୍ଦ୍ଧାରିତ ଥିବା ସ୍ଥାନରେ ସେମାନଙ୍କୁ ଛାଡ଼ୁଥିଲେ । ଦର୍ଶନାର୍ଥୀ ନୂଆ ହୋଇଥିଲେ ତାଙ୍କ ପାଇଁ ସମସ୍ତ ବ୍ୟବସ୍ଥା, ଖାଇବା ପାଇଁ କୁପନ୍ ଇତ୍ୟାଦି ସବୁକିଛି ପାଇଁ ମଧ୍ୟ ସେ ସାହାଯ୍ୟ କରୁଥିଲେ । ସେଥର ଆମ ତିନିଜଣଙ୍କ ପାଇଁ ରହିବାର ବ୍ୟବସ୍ଥା ହୋଇଥିଲା ରାଜଭବନର ବିପରୀତ ଦିଗରେ ଥିବା ଗୋଟିଏ ଘରର ପ୍ରଥମ ମହଲାରେ । ସେଇ ଘରର ଦ୍ୱିତୀୟ ମହଲାରେ ଅମିୟ-ଦା, ତାଙ୍କ ମାଆ ଓ ଭାଇଭଉଣୀମାନେ ରହୁଥିଲେ ।

ଉପରଓଳି ସ୍ନାନାଦି ଶେଷ କରି ଆମେ ତିନିଜଣ ଆଶ୍ରମକୁ ଯିବାକୁ ବାହାରିଲୁ । ଯୋଗାନନ୍ଦ-ଦା'ଙ୍କଠାରୁ ଜାଣିଥିଲୁ ଯେ ସନ୍ଧ୍ୟାରେ ଶ୍ରୀମାଙ୍କ ଦର୍ଶନ ହୁଏ । କିନ୍ତୁ ଦର୍ଶନର ସମୟଟି ଠିକ୍‌ରେ ଜାଣି ନଥିଲୁ । ବାହାରିବା ବେଳକୁ ପ୍ରାୟ ସନ୍ଧ୍ୟା ହୋଇଆସୁଥାଏ । ସମୁଦ୍ର ଦେଖିବାକୁ ମୋର ପ୍ରଚଣ୍ଡ ଉତ୍ସାହ । ତେଣୁ ରବୁ-ଦା'ଙ୍କୁ କହିଲି ଯେ ଆମେ ସମୁଦ୍ର କୂଳ ଦେଇ ଆଶ୍ରମକୁ ଯିବା । ବାରଂବାର କହିବାରୁ ରବୁ-ଦା ରାଜିହେଲେ । ସମୁଦ୍ର କୂଳ ଦେଇ ଆମେ ତିନିଜଣ ଯାଉ ଯାଉ 'ସେଲ୍‌ଭା ପାର୍କ' ବୋଲି ଗୋଟିଏ ପାର୍କରେ ରଙ୍ଗିନ କୃତ୍ରିମ ଝରଣାଟିଏ ଦେଖିଲୁ । ଖୁବ୍ ସୁନ୍ଦର । ଏତେ ସୁନ୍ଦର ଝରଣା କେବେ ଦେଖି ନଥିଲି । ନାନା ଆକାରର କାଚର ନଳୀ ଭିତରେ ନାନା ରଙ୍ଗର ପାଣି । ନଳୀଗୁଡ଼ିକ ପରସ୍ପର ସହିତ ଯୁକ୍ତ । କେଉଁଟି ଚଢ଼େଇ ପରି ତ କେଉଁଟି ମୂଷା ପରି, ପୁଣି କେଉଁଟି ଛୋଟ ବିରାଡ଼ିଟିଏ ପରି । ଏଇ ଅପୂର୍ବ ରଙ୍ଗର ଖେଳ ଦେଖୁ ଦେଖୁ କେତେବେଳେ ଯେ ଅନ୍ଧାର ହୋଇଆସିଲାଣି ବୁଝିପାରି ନଥିଲି । ଖିଆଲ ହେବାରୁ ତିନିଜଣ ଆଶ୍ରମ ଅଭିମୁଖେ ଚାଲିଲୁ । ଅଭିଭୂତ ହୋଇ ଝରଣା ଦେଖିବା ସମୟରେ ଅବଶ୍ୟ ମାଆ ଓ ରବୁ-ଦା ମୋତେ କେତେଥର ଆଶ୍ରମକୁ ଯିବା କଥା କହିସାରିଥିଲେ । କିନ୍ତୁ ମୋ ପିଲାମନ ଝରଣା ଦେଖିବାରେ ଏମିତି ମଉ ଥିଲା ଯେ 'ଆଉ ଟିକିଏ ପରେ ଯିବା' ବୋଲି କହି ସେମାନଙ୍କୁ ବାରଂବାର ଚୁପ୍ କରିଦେଇଥିଲି । ଫଳରେ ବେଶ୍ ଡେରି ହୋଇଯାଇଥିଲା । ସେସମୟରେ ସମୁଦ୍ର କୂଳ ବର୍ତ୍ତମାନ ପରି ନଥିଲା । ଏବେପରି ଢଳେଇ କରା କଂକ୍ରିଟ୍‌ର ରାସ୍ତା ନଥିଲା । ସମୁଦ୍ର କୂଳରେ କୌଣସି ସିମେଣ୍ଟର ପାଚେରି ବି ନଥିଲା । ଥିଲା ଖାଲି ବାଲି ଆଉ ବାଲି । ଗାଡ଼ି ଯିବା ରାସ୍ତାଟି ଥିଲା ଗୋଡ଼ି ଓ ଭଙ୍ଗା ଇଟାରେ ତିଆରି । ତା' ଉପରେ ଚାଲିବା କଷ୍ଟକର । ଡେରି ହୋଇଯାଇଥିବାରୁ ତରତର ହୋଇ ସେଇ ଆବୁଡ଼ାଖାବୁଡ଼ା ରାସ୍ତା ଉପରେ କଷ୍ଟ କରି ଚାଲିଚାଲି ଆଶ୍ରମରେ ଯାଇ ପହଞ୍ଚିଲୁ । ଆଶ୍ରମର ମୁଖ୍ୟ ଦରଜାରେ ଆଲୁଅ ଜଳୁଥାଏ । ଦେଖିଲୁ ଜଣେ ଭଦ୍ରଲୋକ ଗୋଟିଏ ବଡ଼ ପାତ୍ରରେ ଅନେକଗୁଡ଼ିଏ ଫୁଲ ନେଇ ବାହାରି ଯାଉଛନ୍ତି । ପରେ ଜାଣିଲି ଯେ ସେ ହେଉଛନ୍ତି ଚମ୍ପକଲାଲଜିଙ୍କ ଭାଇ ବଂଶୀଧରଜି । ତାଙ୍କୁ ଦେଖି ରବୁ-ଦା ପ୍ରଶ୍ନ କଲେ, ''ଆଚ୍ଛା, ଶ୍ରୀମାଙ୍କ ଦର୍ଶନ କେତେବେଳେ ହେବ କହିପାରିବେ ?'' ସେ କହିଲେ, ''ଶ୍ରୀମାଙ୍କ ଦର୍ଶନ ତ କେତେବେଳୁ ସରିଲାଣି !'' ଏକଥା କହି ସେ ଚାଲିଗଲେ । ସେଇଠି ଛିଡ଼ାହୋଇ ରବୁ-ଦା ମୋତେ ଗାଳିଦେବାକୁ ଲାଗିଲେ । ମୋହରି ପାଇଁ ପ୍ରଥମ ଦିନ ଶ୍ରୀମାଙ୍କ ଦର୍ଶନ ହୋଇପାରିଲା ନାହିଁ । ଯାହାହେଉ, ତିନିଜଣ ଆଶ୍ରମରେ ପଶିଲୁ । ମାଆ କହିଲେ ଯେ ଆମ ଦୁଇଜଣଙ୍କୁ ନେଇ ସେ ଆଶ୍ରମର ସେକ୍ରେଟେରୀ ନଳିନୀ-ଦା'ଙ୍କ ସହିତ ଦେଖା କରିବାକୁ ଯିବେ । ଏହା ଥିଲା ମାଆଙ୍କର ଦ୍ୱିତୀୟ ଥର ପଣ୍ଡିଚେରୀ ଆସିବା । ତେଣୁ ସେ ନଳିନୀ-ଦା'ଙ୍କୁ ଚିହ୍ନିଥିଲେ । ଆମେ ତିନିଜଣ ନଳିନୀ-ଦା'ଙ୍କ କୋଠରିକୁ ଗଲୁ ଏବଂ ତାଙ୍କୁ ପ୍ରଣାମ କଲୁ । ନଳିନୀ-ଦା'ଙ୍କୁ ଶ୍ରୀମାଙ୍କ ଦର୍ଶନ କଥା ରବୁ-ଦା ପଚାରିଲେ । ନଳିନା-ଦା କହିଲେ, ''ମାଆଙ୍କ ଦର୍ଶନ ତ କେତେବେଳୁ ଶେଷ ହେଲାଣି । ତୁମେମାନେ କାଲି ଆସ ।'' ରବୁ-ଦା ପାଖରୁ ଏତେ ଗାଳି

ଖାଇ ଓ ତାଙ୍କ ଗମ୍ଭୀର ମୁହଁ ଦେଖି ଚୁପ୍‌ଚାପ୍ ମେଡିଟେଶନ୍ ହଲ୍‌ରୁ ବାହାରି ଆସୁଥାଏ । ହଠାତ୍ କେହି ଜଣେ (ପରେ ଜାଣିଲି ସେ ହେଉଛନ୍ତି ଚମ୍ପକଲାଲଜି) ମେଡିଟେଶନ୍ ହଲ୍‌ର ଉପରକୁ ଯିବାର ଶିଡ଼ି ପାହଚରେ ଛିଡ଼ାହୋଇ କହିଲେ, ''କେହି ଅଛନ୍ତି କି ଯିଏ ଶ୍ରୀମାଙ୍କ ଦର୍ଶନ ପାଇ ନାହାନ୍ତି ?'' ରବୁ-ଦା ସଙ୍ଗେ ସଙ୍ଗେ କହିଉଠିଲେ, ''ଆମେ, ଆମେମାନେ ଶ୍ରୀମାଙ୍କ ଦର୍ଶନ ପାଇ ନାହୁଁ ।'' ଚମ୍ପକଲାଲଜି କହିଲେ, ''ଶୀଘ୍ର ଆସ, ମାଆ ଅପେକ୍ଷା କରିଛନ୍ତି ।'' ଏକଥା କହିସାରି ସେ ଉପରକୁ ଉଠିଗଲେ । ସେତେବେଳେ ତାଙ୍କୁ ଚିହ୍ନି ନଥିଲି କିନ୍ତୁ ପରେ ଏଇ ଚମ୍ପକଲାଲଜିଙ୍କଠାରୁ ପ୍ରଚୁର ସ୍ନେହ ପାଇଛି । ଯାହାହେଉ, ସେ ଏ କଥା କହିବା ସଙ୍ଗେ ସଙ୍ଗେ ମୁଁ ଦୌଡ଼ିଯାଇ ଉପରକୁ ଉଠିବାକୁ ଲାଗିଲି । ପାହାଚର ମଝିରେ ଯାଇ ପହଞ୍ଚିଥାଏ – ଯେଉଁଠି ଏବେ ''Cling to Truth'' (ସତ୍ୟକୁ ଜାବୁଡ଼ି ଧର) ବାଣୀଟି ଲେଖା ହୋଇଛି – ସେଠାରୁ ଦେଖିବାକୁ ପାଇଲି ପାହାଚ ମୁଣ୍ଡରେ ଗୋଟିଏ କବାଟ ସାମନାରେ ଛିଡ଼ା ହୋଇଛନ୍ତି ଜଣେ ସ୍ୱର୍ଗର ଦେବୀ ! ଏମିତି ରୂପ କେଉଁଠି ଦେଖି ନଥିଲି ! ସେଇ ଦେବୀ ପିନ୍ଧିଥା'ନ୍ତି ଧଳା ସିଲ୍‌କର ଶାଢ଼ିଟିଏ, ହିନ୍ଦୁ ନାରୀମାନଙ୍କ ପରି ଥାଏ ମୁଣ୍ଡରେ ଓଢ଼ଣା ଏବଂ ସେଇ ଓଢ଼ଣା ଉପରେ ହୀରାର ଜାଜ୍ୱଲ୍ୟମାନ ମୁକୁଟଟିଏ । କି ସୁନ୍ଦର ମୁଖଶ୍ରୀ ! କି ସୁନ୍ଦର ଦୁଧ-ଅଳତା ମିଶା ଦେହର ରଙ୍ଗ ! ମୁହଁରେ କି ସୁନ୍ଦର ଦିବ୍ୟ ହସ ! ଏଇ ତ ସେଇ ମାଆ ଯାହାଙ୍କୁ ସ୍ୱପ୍ନରେ କଲିକତାରେ ଦେଖିଥିଲି ! ଅପୂର୍ବ ହସ ହସି ମାଆ ତାଙ୍କ ଦୁଇହାତ ମୋ ଆଡ଼କୁ ପ୍ରସାରିତ କଲେ । ମୁଁ ଲମ୍ଫଦେଇ ପାହାଚସବୁ ଅତିକ୍ରମ କରି ପଡ଼ିଲି ଯାଇ ମାଆଙ୍କ ପାଦତଳେ । ପଦ୍ମପରି କୋମଳ ମାଆଙ୍କ ପାଦଯୁଗଳ । ସେଇ ପାଦ ଦୁଇଟି ଉପରେ ମୁଣ୍ଡ ରଖି କେତେସମୟ ଯେ ପଡ଼ିରହିଥିଲି ଜାଣିନି । ମାଆ ତାଙ୍କ ଦୁଇ ହାତ ଦେଇ ମୋତେ ଉଠାଇଲେ । ତା'ପରେ... ତା'ପରେ ତାଙ୍କ ଦୁଇ ହାତରେ ମୋ ଚିବୁକ ଧରି କପାଳରେ ଚୁମ୍ବନ ଦେଲେ । ତା'ପରେ କ'ଣ ହେଲା, କେମିତି ଭାବରେ ତଳକୁ ଓହ୍ଲାଇ ଆସିଥିଲି, ଜାଣିନି । କିଛି ବି ମନେ ନାହିଁ । କେବଳ ଏତିକି ମନେଅଛି ଯେ ଶ୍ରୀମାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଜୀବନରେ ଆହୁରି ଅନେକ ଥର ହୋଇଥିଲା । କିନ୍ତୁ ସେଦିନର ସେଇ ପ୍ରଥମ ଦର୍ଶନ, ସେଇ କପାଳ ସ୍ପର୍ଶ କରି ଚୁମ୍ବନ, ସେଇ ଦୃଷ୍ଟିବିନିମୟ – ସେ ଅନୁଭୂତି ଥିଲା ଖୁବ୍ ଅର୍ଥପୂର୍ଣ୍ଣ । ହୁଏତ ସେଇ ଦିନ, ସେଇ ମୁହୂର୍ତ୍ତରେ ମୋ ଅନ୍ତରାତ୍ମାର ଦୀକ୍ଷା ହୋଇଥିଲା ଶ୍ରୀମାଙ୍କ ପାଖରେ ।

ପରଦିନ ସକାଳେ ତିନିଜଣ ନଳିନୀ-ଦା'ଙ୍କ କୋଠରିକୁ ଗଲୁ । ଆମେ କିଛି କହିବା ପୂର୍ବରୁ ନଳିନୀ-ଦା କହିଲେ, ''କାଲି ତ ତୁମମାନଙ୍କର ଦର୍ଶନ ହୋଇଥିଲା । ମାଆ ତ ତୁମମାନଙ୍କ ପାଇଁ ଅପେକ୍ଷା କରିଥିଲେ ।'' ମୋ ମାଆ ନଳିନୀ-ଦା'ଙ୍କୁ ପଚାରିଲେ, ''ଏହା କେମିତି ହେଲା, ନଳିନୀ-ଦା ? ମାଆ କ'ଣ ଜାଣିଥିଲେ ଆମେ ଆସିବୁ ବୋଲି ?'' ନଳିନୀ-ଦା ଉତ୍ତର ଦେଲେ, ''ମାଆ ତ ନିଶ୍ଚୟ ଜାଣିଥିଲେ । ଚମ୍ପକଲାଲ ଆଜି ମୋତେ କହୁଥିଲେ, ମଝିରେ ମଝିରେ ଦର୍ଶନ ଶେଷ ହୋଇଗଲେ ମଧ୍ୟ ମାଆ ତାଙ୍କ ଖାଇବା ଘରକୁ ଯାଆନ୍ତି ନାହିଁ । ସେଇଠି ଛିଡ଼ାହୋଇ ରହନ୍ତି । ଶ୍ରୀମା ଏମିତି ଛିଡ଼ା ହୋଇଥିବାର ଦେଖିଲେ ଚମ୍ପକଲାଲ ତଳକୁ ଆସି ଖୋଜଖବର ନିଅନ୍ତି କେହି ବାକି ରହିଯାଇଛନ୍ତି କି ନାହିଁ । ଗତକାଲି ଚମ୍ପକଲାଲ ତିନିଥର ତଳକୁ ଆସି ଦେଖି ଯାଇଥିଲେ । ତା'ପରେ ଉପରକୁ ଯାଇ ମାଆଙ୍କୁ କହିଥିଲେ ଯେ ସମସ୍ତଙ୍କର ଦର୍ଶନ ହୋଇସାରିଛି । ତଥାପି ମାଆ କିନ୍ତୁ ଭିତରକୁ ଯାଇ ନଥିଲେ । ତେଣୁ ଚମ୍ପକଲାଲ ପୁଣି ଥରେ ତଳକୁ ଆସି ତୁମମାନଙ୍କୁ ଦେଖିବାକୁ ପାଇଥିଲେ । ଚମ୍ପକଲାଲ କହୁଥିଲେ ଯେ ସେ ଯେତେବେଳେ ମାଆଙ୍କୁ ଏମିତି ଭାବରେ ଛିଡ଼ା ହୋଇଥିବାର ଦେଖନ୍ତି ପ୍ରତ୍ୟେକଥର ତଳକୁ ଯାଇ ଦେଖିବାକୁ ପାଆନ୍ତି କେହି ନା କେହି ତାଙ୍କ ଦର୍ଶନ ପାଇଁ ଅପେକ୍ଷା କରିଛନ୍ତି !'' ଏକଥା ଶୁଣି ଆମେ ତିନିଜଣ ତ ଅବାକ୍ ! ମୋ ମାଆଙ୍କ ଦୁଇ ଆଖିରୁ ଲୁହ ଝରିବାକୁ ଲାଗିଲା । ସେ କହିଲେ, ''ଆମର କି ସୌଭାଗ୍ୟ ନଳିନୀ-ଦା !'' ମୁଁ ନଳିନୀ-ଦା'ଙ୍କ ବାମ ପାଖରେ ଛିଡ଼ା ହୋଇଥିଲି । ତାଙ୍କ ବାମ ହାତଟି ମୋ ମୁଣ୍ଡରେ ବୁଲାଉ ବୁଲାଉ ନଳିନୀ-ଦା କହିଲେ, ''ସୌଭାଗ୍ୟ ତ ନିଶ୍ଚୟ !''

(ଶ୍ରୀମାଙ୍କ ଦିବ୍ୟ ସାନ୍ନିଧ୍ୟରେ, ପୃଷ୍ଠା. ୬ - ୯)

ଅନୁବାଦ : ଅରୋବାଳା କୁଣ୍ଡୁ

❑❑❑

# 'ହୁ ଶୁ'ଙ୍କ ସ୍ମରଣେ

## (୪)

ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ହୁ ଶୁ ବେଇଜିଂରେ ଥିବା 'ଚାଇନିଜ୍ ଏକାଡେମି ଅଫ୍ ସୋସିଏଲ୍ ସାଇନସେସ୍' (CASS) ପ୍ରତିଷ୍ଠାନ ସହିତ ଏକ ଚୁକ୍ତିନାମା କଲେ – ସେ କେବଳ ଏକ ଗବେଷକ ହିସାବରେ ରହିବେ, ଅଧ୍ୟାପକ ହିସାବରେ ନୁହେଁ ।

CASSରେ ହୁ ଶୁଙ୍କର ପୂର୍ବତନ ସହକର୍ମୀ ପ୍ରଫେସର ସାନ୍ ବୋ'ଙ୍କ ଉକ୍ତିରେ : ''ଯେତେବେଳେ ହୁ ଶୁ ବେଇଜିଂରେ ପହଞ୍ଚିଲେ, ଏହି ବୟସ୍କ ମନୀଷୀଙ୍କ ପାଖରେ କିଛି ବି ନଥିଲା, କେବଳ ଥିଲା ତାଙ୍କର ହଂ କଂ ବନ୍ଧୁ ଦେଇଥିବା ସାମାନ୍ୟ ଅର୍ଥ; ନିଜର ବୋଲି କୌଣସି ଜିନିଷପତ୍ର ନଥିଲା, କେବଳ ଥିଲା ତାଙ୍କର ପାଣ୍ଡୁଲିପି ।'' କିଂବା ତାଙ୍କର ସ୍ୱଦେଶାଗମନ ସକାଶେ କୌଣସି ଆନୁଷ୍ଠାନିକ ବାହ୍ୟିକ ସମାରୋହ ନଥିଲା । ପ୍ରକାଶ ଥାଉ କି ତାଙ୍ଗ୍ ଡାଇନାଷ୍ଟିର ଭିକ୍ଷୁ-ସନ୍ନ୍ୟାସୀ ଜୁଆନ୍ ଜାଙ୍ଗ୍ (୬୦୨-୬୪୪) ଯେତେବେଳେ ଭାରତବର୍ଷରେ ୧୭ ବର୍ଷ କାଳ ତାଙ୍କର ଗବେଷଣାତ୍ମକ ପରିଭ୍ରମଣରୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ, ସେତେବେଳେ ତଦାନୀନ୍ତନ ଚୀନ ସମ୍ରାଟଙ୍କର ସଭାପତିତ୍ୱରେହିଁ ଆନୁଷ୍ଠାନିକ ସମାରୋହରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ହୁ ଶୁଙ୍କ କ୍ଷେତ୍ରରେ ସେପରି କିଛି ବି ନଥିଲା ।

ପ୍ରଖ୍ୟାତ CASS ପ୍ରତିଷ୍ଠାନର ଏକ ବିଭାଗ ଥିଲା 'ଇନିଷ୍ଟିଚ୍ୟୁଟ୍ ଅଫ୍ ୱାର୍ଲ୍ଡ଼୍ ରିଲିଜିୟନ୍' । ହୁ ଶୁ ଏହି ବିଭାଗର ଜଣେ ଗବେଷକ ହିସାବରେ ଯୋଗ ଦେଇଥିଲେ ସତ, କିନ୍ତୁ ପ୍ରତିଭାବାନ୍ ବ୍ୟକ୍ତି ନିଜକୁ ଯେତେ ସଙ୍କୁଚିତ ବା ଅନ୍ତର୍ମୁଖୀ କରି ରଖିଲେ ମଧ୍ୟ ତାଙ୍କ ପ୍ରତିଭାର ସୌରଭ ସ୍ୱତଃ ଚତୁର୍ଦ୍ଦିଗରେ ମହକି ଉଠେ । ଖୁବ୍ ଶୀଘ୍ର ସେ ହୋଇ ଉଠିଲେ ସେହି ବିଭାଗର ଜଣେ ସର୍ବୋଚ୍ଚ ମାନର ଅଧ୍ୟାପକ । ତା'ପରେ ପ୍ରତିଷ୍ଠାନର ସଦସ୍ୟଗଣ ଏବଂ ପ୍ରବୀଣ ବିଦ୍ୟାର୍ଥୀଗଣ ତାଙ୍କର ଗଭୀର ଜ୍ଞାନ ଓ ଅସାଧାରଣ ପାଣ୍ଡିତ୍ୟରେ ମୁଗ୍ଧ ହୋଇଥିଲେ । ଏବଂ ଖୁବ୍ ଅଳ୍ପ ଦିନ ଭିତରେ ସେ ଆଧ୍ୟାତ୍ମିକ ଭାରତବର୍ଷ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ଚୀନ ଦେଶୀୟ ମନୀଷୀମାନଙ୍କ ମଧ୍ୟରେ ଅନ୍ୟତମ ହୋଇଉଠିଲେ ।

ଇତିମଧ୍ୟରେ ତାଙ୍କର ସହକର୍ମିବୃନ୍ଦ ଲକ୍ଷ୍ୟ କଲେ ଯେ କିଂବଦନ୍ତୀ ପୁରୁଷ, ପୌରାଣିକ ପ୍ରଖ୍ୟାତ ବୌଦ୍ଧ-ଭିକ୍ଷୁ-ସନ୍ନ୍ୟାସୀ ଜୁଆନ୍ ଜାଙ୍ଗ୍ – ଯିଏକି ସପ୍ତମ ଶତାବ୍ଦୀରେ ଭାରତବର୍ଷକୁ ପରିଭ୍ରମଣରେ ଯାଇ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅବସ୍ଥାନ କରି ବୌଦ୍ଧଧର୍ମର ପ୍ରକୃତ ସୂତ୍ରାବଳୀ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଜ୍ଞାନାର୍ଜନ ପୂର୍ବକ ସେସବୁକୁ ମାତୃଭାଷାରେ ଅନୁବାଦ କରିଥିଲେ ଏବଂ ପାଶ୍ଚାତ୍ୟର ଅର୍ଥାତ୍ ଭାରତର ତଦାନୀନ୍ତନ ସମୟୋପଯୋଗୀ ଆଧ୍ୟାତ୍ମିକ ଜ୍ଞାନ ସହିତ ଚୀନକୁ ଫେରିଥିଲେ – ତାଙ୍କ ସହିତ ସୁ ଫାନ୍-ସେଙ୍ଗ୍ (ହୁ ଶୁ)ଙ୍କର ବେଶ୍ ଲକ୍ଷଣୀୟ ସାଦୃଶ୍ୟ ରହିଛି । ହୁ ଶୁଙ୍କର ନିଜସ୍ୱ ଜୀବନଧାରା ସହିତ ଜୁଆନ୍ ଜାଙ୍ଗ୍‌ଙ୍କର ଜୀବନଧାରାର ସମାନ୍ତରାଳତା ମଧ୍ୟ ବେଶ୍ ଲକ୍ଷଣୀୟ । ଚୀନକୁ ହୁ ଶୁଙ୍କର ଗୁରୁତ୍ୱପୂର୍ଣ୍ଣ ବିଶେଷ ଅବଦାନ ହେଉଛି – ନୂତନ ଆଧ୍ୟାତ୍ମିକ ଜ୍ଞାନ, ଅର୍ଥାତ୍ ବୁଦ୍ଧଙ୍କ ପୂର୍ବରୁ ପ୍ରାଚୀନ ବେଦ-ଉପନିଷଦ୍ ସବୁରେ ଥିବା ଆଧ୍ୟାତ୍ମିକ ଜ୍ଞାନାର୍ଜନ ସହିତ ମା'ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥାବଳିରେ ଥିବା ଯୁଗୋପଯୋଗୀ ଆଧ୍ୟାତ୍ମିକ ଜ୍ଞାନକୁ ମାତୃଭାଷାରେ ଭାଷାନ୍ତର କରି ମାତୃଭୂମିକୁ ପ୍ରତ୍ୟାବର୍ତ୍ତନ । ତେଣୁ ଚୀନକୁ ଫେରିବା ପରେ ପରେ ହୁ ଶୁଙ୍କର ନାମ ହୋଇଉଠିଲା ଜୁ ଫାନ୍‌ସେଙ୍ଗ୍ – ଯିଏକି ବ୍ରହ୍ମନ୍ ଚେତନାରେ ସିଦ୍ଧିପ୍ରାପ୍ତ ପବିତ୍ର ପୁରୁଷ ।

ଚୀନରେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜୁ ସ୍ୱଦେଶର ଦୈନନ୍ଦିନ ଘଟଣାରାଜି ସହିତ ସାମାଜିକ ଭାବରେ ଜଡ଼ିତ ନରହି ସେ ତାଙ୍କର ସରଳ ଶାନ୍ତିପୂର୍ଣ୍ଣ 'ଆଶ୍ରମ ଜୀବନଧାରା'ରେ କାଳାତିପାତ କରିଥିଲେ । ଗମ୍ଭୀର ସ୍ୱଭାବର ଥିଲେ ମଧ୍ୟ ସକଳଙ୍କ ପ୍ରତି ସହାସ୍ୟ ଓ ନମ୍ର ବ୍ୟବହାର ସହ ନିଜର କର୍ତ୍ତବ୍ୟ-କର୍ମ ଉପରେ ତୀବ୍ର ଭାବରେ ଏକାଗ୍ର ରହି, କୌଣସି ପ୍ରକାରର ତଥାକଥିତ 'ଶିଷ୍ୟବର୍ଗ' ରଖି ନଥିଲେ । ବେଇଜିଂର ପୂର୍ବାଞ୍ଚଳରେ ଲିଫ୍‌ଟ୍‌ର ବନ୍ଦୋବସ୍ତ ନଥିବା ଏକ ଛ' ମହଲା ଅଟ୍ଟାଳିକାରେ ତାଙ୍କର ସ୍ୱୟଂସମ୍ପୂର୍ଣ୍ଣ କକ୍ଷରେ ସେ ଏକାକୀ ବାସ କରୁଥିଲେ । ସେଇଠାରେହିଁ ୬ ମାର୍ଚ୍ଚ ୨୦୦୦ ମସିହାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଦୀର୍ଘ ୨୭ ବର୍ଷ କାଳ ଭାରତରେ ଅବସ୍ଥାନ ପରେ ଜୁ

ଯେତେବେଳେ ସ୍ୱଦେଶକୁ ଫେରିଲେ ସେତେବେଳେ ତାଙ୍କୁ କତିପୟ ବିଜ୍ଞ ବ୍ୟକ୍ତି ସ୍ମରଣରେ ରଖିଥିଲେ, ଯେଉଁମାନେ ୧୯୩୦ ଶତକରେ ଜର୍ମାନରେ ଅଧ୍ୟୟନ କରୁଥିବା ବେଳେ ନିତ୍‌ସେଙ୍କର ଦର୍ଶନଶାସ୍ତ୍ରକୁ ଜୁ'ଙ୍କର ଚୀନ-ସଂସ୍କରଣ ପାଠ କରିଥିଲେ । ଅଥବା ଲୁ ଜାନ୍ (୧୮୮୧-୧୯୩୬) ଯିଏକି ତଦାନୀନ୍ତନ ଦେଶର ଅବସ୍ଥାରେ ଉତ୍ତେଜିତ ଓ ଉନ୍ନତତର ମେଧାବୀ ଛାତ୍ରଗଣଙ୍କର ନୂତନ ପ୍ରେରଣାର ଉତ୍ସ ଥିଲେ ଏବଂ ସେମାନଙ୍କର ଅଗ୍ନିଗର୍ଭ ପ୍ରବନ୍ଧାବଳିକୁ ସ୍ୱପ୍ରକାଶିତ ପତ୍ରିକାରେ ଛପାଉଥିଲେ ଏବଂ ସେହି ପତ୍ରିକାରେ ପ୍ରକାଶିତ ଜୁ'ଙ୍କର ପ୍ରବନ୍ଧାବଳି ଯେଉଁ ଗବେଷକ ମନୀଷିଗଣ ପାଠ କରିଥିଲେ । କହିବାକୁ ଗଲେ ଜୁ'ଙ୍କ ସମ୍ବନ୍ଧେ ଖୁବ୍ କମ୍ ବିଜ୍ଞ ବ୍ୟକ୍ତି ଅବଗତ ଥିଲେ ।

ଜୁ'ଙ୍କର ଅଧ୍ୟାତ୍ମ-ମାର୍ଗର ଦିଶାରୀ ଶ୍ରୀଅରବିନ୍ଦଙ୍କ ସଦୃଶ ସୁଦୂରପ୍ରସାରୀ ବିପ୍ଳବୀ-ଯୁବକ ସ୍ୱଦେଶକୁ ଫେରିଥିଲେ ପ୍ରବୀଣ ଦାର୍ଶନିକ ହୋଇ । ସ୍ୱଦେଶର ଗବେଷଣାତ୍ମକ ଯୁବଗୋଷ୍ଠୀଙ୍କୁ ସେ ପ୍ରଥମ କରି ଘୋଷଣା କଲେ : ''ଗୋଟିଏ ଦୃଷ୍ଟିରୁ କହିବାକୁ ଗଲେ ଗ୍ରୀସ୍, ଭାରତ ଓ ଚୀନର ପ୍ରାଚୀନ ଶାସ୍ତ୍ରସବୁ, ପ୍ରତ୍ୟେକଟି ତା'ର ସ୍ୱାଭାବିକ ବିଶୁଦ୍ଧ ଓ ସ୍ୱତନ୍ତ୍ର ମୌଳିକ ଧାରାରେ ମାନବସମାଜର ନିୟତି-ନିର୍ଦ୍ଧାରକ । ସେସବୁ ବ୍ୟତୀତ ପ୍ରାଚ୍ୟ ବା ପାଶ୍ଚାତ୍ୟ ସଭ୍ୟତାର କୌଣସି ଅସ୍ତିତ୍ୱ ନାହିଁ, କଳ୍ପନାରେ ବି ଆଣିହେବ ନାହିଁ । ଯଦି ପାଣ୍ଡିତ୍ୟ ସୁଲଭ ଜ୍ଞାନଗର୍ଭ ଗବେଷଣାର କୌଣସି ମୂଲ୍ୟ ଥାଏ ଏବଂ ମାନବସମାଜ ସକାଶେ ଏହା ଯଦି ଯଥାର୍ଥରେ ଉପଯୋଗୀ, ତା'ହେଲେ ଏହି ଗବେଷଣା ନିଶ୍ଚିତ ରୂପେ ହୋଇଉଠିବା ଉଚିତ ଆସନ୍ନପ୍ରାୟ ଏକ ମହାନ୍ ଭବିଷ୍ୟତ୍ ସକାଶେ ନିଜକୁ ପ୍ରସ୍ତୁତିର ଗବେଷଣା – ଅର୍ଥାତ୍ ସେହି ପ୍ରାଚୀନ ନିଗୂଢ଼ ଜ୍ଞାନଭଣ୍ଡାର ଭିତରେ ପୁନଃପ୍ରବେଶ କରିବା ।''

ସ୍ୱଦେଶକୁ ଫେରି ଦୀର୍ଘ ୨୦ ବର୍ଷ କାଳ ବିନା ପ୍ରତିବନ୍ଧକରେ ଜୁ ନିଜର ଅଭିଜ୍ଞତା ଓ ଭାବଧାରାସବୁକୁ ଲିପିବଦ୍ଧ କରିବାରେ ସକ୍ଷମ ହୋଇଥିଲେ, ତାଙ୍କର ପୂର୍ବତନ CASS ସହକର୍ମୀଙ୍କ ଉକ୍ତିରେ : ''ତାଙ୍କର ଏହିସବୁ ମହାନ୍ ଅବଦାନ ସକାଶେ ଗବେଷଣାଗାରର ଅଗ୍ରଣୀ ସଦସ୍ୟମାନେ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କୁ ପ୍ରତିଷ୍ଠାନର କର୍ମଚାରିବୃନ୍ଦଙ୍କର ସମାବେଶରେ ଅଧିକାଂଶ ସମୟରେ ଯୋଗ ଦେବାକୁ ଆଦୌ ବାଧ୍ୟ କରୁ ନଥିଲେ ।''

୧୯୬୯ରେ ଶ୍ରୀମା କଥାଛଳରେ ଜନୈକ ସାଧକଙ୍କୁ କହିଥିଲେ ଯେ ଅକ୍ଳାନ୍ତ ପରିଶ୍ରମ କରି ହୁ ଶୁ ଯେଉଁ ଅନୁବାଦ କରିଛି, ସେସବୁ ଏବେ ବି ମୁଦ୍ରଣ ହୋଇନି ଏବଂ ଚୀନରେ ପହଞ୍ଚି ପାରି ନାହିଁ ।

ପୁନଶ୍ଚ ହୁ ଶୁଙ୍କର ଜୀବନକାଳ ଭିତରେ ମଧ୍ୟ ସେସବୁ ଲୋକ-ଲୋଚନକୁ ଆସି ପାରି ନଥିଲା । ପ୍ରାସଙ୍ଗିକ ଭାବରେ କହିପାରୁ ହୁ ଶୁଙ୍କର ଚୀନକୁ ପ୍ରତ୍ୟାବର୍ତ୍ତନ ଯେମିତି ଏକେବାରେ ଘଟଣାଶୂନ୍ୟ ଥିଲା, ଠିକ୍ ସେମିତି ତାଙ୍କର ତିରୋଧାନ ମଧ୍ୟ । କିନ୍ତୁ ପ୍ରାୟ ଦଶ ବର୍ଷ ପରେ, ସମଗ୍ର ଚୀନରେ ସେ ସର୍ବୋଚ୍ଚମାନର ଗଣ୍ୟମାନ୍ୟ ଏକ ପ୍ରବୀଣ ମନୀଷୀ ହିସାବରେ କ୍ରମଶଃ ଦୃଢ଼ ପ୍ରତିଷ୍ଠିତ ହୋଇ ଉଠିଛନ୍ତି ।

'ଚାଇନିଜ୍ ସୋସିଏଲ୍ ସାଇନ୍‌ସେସ୍ ପବ୍ଲିଶିଂ'ର ସମ୍ପାଦକ ହୁଆଙ୍ଗ୍ ୟାନ୍‌ଶେଙ୍ଗ୍‌ଙ୍କ ତତ୍ତ୍ୱାବଧାନରେ 'ଶାଂଘାଇ ଜଏଣ୍ଟ୍ ପବ୍ଲିଶିଂ କମ୍ପାନୀ' ୨୦୦୬ରେ ହୁ ଶୁଙ୍କର ୧୬ ଖଣ୍ଡ ଗ୍ରନ୍ଥ ପ୍ରକାଶ କରିଛନ୍ତି । ଏହି ପ୍ରକାଶନ ପାଠ କରି ଜଣେ ନୈଷ୍ଠିକ ଚୀନ ଯୁବକ ପଣ୍ଡିଚେରୀକୁ ଆସିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ ଏବଂ ଏବେ ସେ ହେଉଛନ୍ତି ପ୍ରଥମ ଚାଇନିଜ୍ ଅରୋଭିଲିଆନ୍ । ହୁଆଙ୍ଗ୍‌ଙ୍କ ଉକ୍ତିରେ ଉପନିଷଦ୍ ଗ୍ରନ୍ଥଟି ଦ୍ୱିତୀୟ ଥର ପ୍ରକାଶ ପାଇ ସାରିଲାଣି । ଏତଦ୍‌ବ୍ୟତୀତ ଆମେ ଯେ ତାଙ୍କ ଗ୍ରନ୍ଥସବୁ କେବଳ ବିଶ୍ୱବିଦ୍ୟାଳୟ ଓ ଲାଇବ୍ରେରୀମାନଙ୍କରୁ ଅର୍ଡ଼ର୍ ପାଉଛୁ ତା' ନୁହେଁ; ବିଭିନ୍ନ ସାଂସ୍କୃତିକ ସଂସ୍ଥାରୁ ବ୍ୟକ୍ତିଗତ ଭାବରେ ମଧ୍ୟ ଅନେକ ଅର୍ଡ଼ର୍ ଆସୁଛି । ସେମାନେ ଆମକୁ ପଚାରୁଛନ୍ତି କେଉଁଠୁ ଆମେ ବହିସବୁ ପାଇବୁ, ନଚେତ୍ ଆମକୁ ଅନୁରୋଧ କରୁଛନ୍ତି ସେମାନଙ୍କ ପାଇଁ ଖରିଦ କରି ଆଣିବା ପାଇଁ ।

ହୁ ଶୁଙ୍କର ସହକର୍ମୀ ପ୍ରଫେସର ସାନ୍ ବୋ'ଙ୍କ ଉକ୍ତିରେ : ''ଚୀନର କେତେକ ବିଶ୍ୱବିଦ୍ୟାଳୟକୁ ପ୍ରଧାନତଃ ଧନ୍ୟବାଦ; ସେମାନେ ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ଛାତ୍ରମାନଙ୍କର କଲେଜର ପାଠ୍ୟପୁସ୍ତକ ହିସାବରେ ଗ୍ରହଣ କରିଛନ୍ତି । କେତେକ ଛାତ୍ର ପୂର୍ଣ୍ଣାଙ୍ଗ ଯୋଗ-ଦର୍ଶନକୁ ସେମାନଙ୍କର ଡକ୍‌ଟୋରଲ୍ ଥେସିସ୍‌ର ଏକ ମୁଖ୍ୟ ଅଂଶ ହିସାବରେ ଗ୍ରହଣ କରିଛନ୍ତି ।

''ପୁନଶ୍ଚ 'ପପୁଲାର୍ ଚାଇନିଜ୍ ଅନ୍‌ଲାଇନ୍ ସର୍ଚ୍ଚ ସାଇଟ୍ ବଇଦୁ କମ୍' (ୱେବ୍ ତଥା ନିଉଜ୍ ସର୍ଚ୍ଚରେ) ଜୁ'ଙ୍କ ନାମ ଆଉ ଅଜ୍ଞାତ ହୋଇ ରହି ନାହିଁ । ତାଙ୍କ ଜୀବନୀ ଏବଂ ଭାରତୀୟ ଶାସ୍ତ୍ରୀୟ ଗ୍ରନ୍ଥ ଉପରେ ତାଙ୍କର ଅନୁବାଦ ଶୈଳୀ କଥା ବର୍ଣ୍ଣିତ

ଦୁଇଟି ପୁସ୍ତକ ଏବେ ବହୁ ପ୍ରସାରିତ ଓ ସର୍ବସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରୁଛି ।

''ଦୁର୍ଭାଗ୍ୟର କଥା ଯେ ଜୁ'ଙ୍କର ପ୍ରକାଶିତ ଗ୍ରନ୍ଥାବଳୀ କିନ୍ତୁ ତାଙ୍କର ସମସ୍ତ ରଚନା-ସଂଗ୍ରହ ନୁହେଁ । ତାଙ୍କର କେତେକ ପାଣ୍ଡୁଲିପି, ବିଶେଷ କରି ବୌଦ୍ଧଧର୍ମ ଉପରେ ତାଙ୍କ ଲିଖିତ ଶେଷ ଗ୍ରନ୍ଥଟି ତାଙ୍କ ତିରୋଧାନର ପରେ ପରେହିଁ ନିଖୋଜ ହୋଇଯାଇଛି ।''

ଚୀନର ସ୍ୱନାମଖ୍ୟାତ ରେନ୍‌ମିନ୍ ୟୁନିଭର୍‌ସିଟିର ସିନୋଲୋଜି ପ୍ରଫେସର ଦାର୍ଶନିକ ୟାଂ ଜୁଶେଙ୍ଗ୍‌ଙ୍କ ଉକ୍ତିରେ : ''କିନ୍ତୁ କାହିଁକି ? କାହିଁକି ଶତାବ୍ଦୀ ପୂର୍ବରୁ ଜନ୍ମ ହୋଇଥିବା ଜଣେ ବୃଦ୍ଧ ଓ ସ୍ୱତନ୍ତ୍ର ମନୀଷୀଙ୍କର ଗ୍ରନ୍ଥାବଳୀ ପ୍ରତି ଆଜି ଚୀନବାସୀଙ୍କର ଦୃଷ୍ଟି ଆକର୍ଷିତ ହୋଇଛି ? କ'ଣ ପାଇଁ ? ଯେତେବେଳେ ଚୀନ ଓ ଭାରତ ତଥା ପୃଥିବୀର ସମସ୍ତ ବିକାଶୋନ୍ମୁଖ ଛାତ୍ରଗଣଙ୍କୁ ପାଶ୍ଚାତ୍ୟ ଯୁକ୍ତିବାଦ ସମ୍ବନ୍ଧରେ ଗଭୀର ଭାବରେ ଶିକ୍ଷା ଦିଆଯାଉଛି ?

''ଯେତେବେଳେ ଜୁ ତାଙ୍କ ଯୁବାବସ୍ଥାରେ ଅନନ୍ୟଚିନ୍ତାରେ ଏକାଗ୍ର ରହି ତାଙ୍କର ଅଭୀଷ୍ଟ ଜ୍ଞାନ-ଅନ୍ୱେଷଣରେ ଗଭୀର ଭାବରେ ନିମଗ୍ନ ଥିଲେ ସେତେବେଳେ ଚୀନର ଯୁବଗୋଷ୍ଠୀ ସ୍ୱଦେଶରେ ଥିବା ପାଶ୍ଚାତ୍ୟ ଦେଶମାନଙ୍କର ଦୂତାବାସ ବା ବାଣିଜ୍ୟ-ଦୂତାବାସର ଅଫିସ ସାମନାରେ ଛାତ୍ର-ପ୍ରବାସାଜ୍ଞା (ଭିସା) ନିମିତ୍ତ ଆବେଦନ-ପତ୍ର ଧରି ଭିଡ଼ ଜମାଇଥିଲେ । ଏହା ଥିଲା ସେହି ସମୟର କଥା ଯେତେବେଳେ ବିଜ୍ଞାନ ଓ ପ୍ରଯୁକ୍ତିବାଦ ବା ପ୍ରୟୋଗବାଦ ସମ୍ବନ୍ଧେ ଜ୍ଞାନାର୍ଜନ ଥିଲା ଚୀନକୁ ପରିବର୍ତ୍ତନ କରିବାର ସର୍ବୋତ୍ତମ ଅନୁମୋଦିତ ବିଧି ବା ପନ୍ଥା । ଯେତେବେଳେ GDPକୁ ଅର୍ଥାତ୍ ମୋଟ ଜାତୀୟ ଉତ୍ପାଦନ (Gross Domestic Product)କୁ ଅଗ୍ରଗତିର ସର୍ବୋତ୍ତମ ପରିମାପନ ହିସାବରେ ଅଗ୍ରାଧିକାର ଦିଆ ଯାଉଥିଲା । ସେତେବେଳେ କାହାର ମସ୍ତିଷ୍କରେ ଏ ବୁଦ୍ଧି ଢୁକିବ ଯେ ଭାରତକୁ ଯାଇ ଅପ୍ରଚଳିତ ଓ ମୃତଭାଷା ସଂସ୍କୃତରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିବାକୁ ?

''ବର୍ତ୍ତମାନ ଦୈନନ୍ଦିନ ଜୀବନରେ ଜୀବନଯାତ୍ରାର ଧାରା ଯେଉଁ ଦିଗକୁ ମୁହାଁଇଛି, ଦେଖାଯାଉଛି ଯେ GDP ରାସ୍ତାଟି ଧରି ଆମେମାନେ ବେଶୀ ଦୂର ଅଗ୍ରସର ହୋଇପାରିବୁ ନାହିଁ । ଏଥିରେ ବି ବେଶ୍ ଭିଡ଼; ବିଶେଷ କରି ଚୀନ ଓ ଭାରତରୁ ଅନେକେ ଆସି ଏଥିରେ ଯୋଗ ଦେଉଛନ୍ତି । ତେଣୁ ଆମେମାନେ ଏକ ନିଷ୍ପତ୍ତିମୂଳକ ମୁହୂର୍ତ୍ତରେ, ଏକ ସଂକଟକାଳରେ ଉପନୀତ ହୋଇଛୁ ।

''ଅଭାବ ନିଅଣ୍ଟରେ ଭୋକିଲାରେ ପଡ଼ି ରହିଥିବା ଓ ଅତ୍ୟନ୍ତ ଶୋଚନୀୟ ଭାବରେ ଆଶ୍ରୟ ନେଇଥିବା ମାନବଗୋଷ୍ଠୀକୁ ଦେଖିଲେ ଆମେମାନେ ଯେମିତି ମାନସିକ ଯନ୍ତ୍ରଣା ଭୋଗୁ, ଆମମାନଙ୍କ ଭିତରୁ କେତେକଙ୍କୁ ନୈତିକତା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଫମ୍ପା ହୋଇଉଠୁଥିବାର ଦେଖି ଆମେ ଠିକ୍ ସେମିତି ଯନ୍ତ୍ରଣା ଅଙ୍ଗେ ନିଭାଉଛୁ, ମର୍ମେ ମର୍ମେ ହୃଦୟଙ୍ଗମ କରିବାକୁ ଆରମ୍ଭ କରିଛୁ ।

''ଏହିସବୁ ପରିପ୍ରେକ୍ଷୀରେ ଜୁ'ଙ୍କର ଐକାନ୍ତିକ ଗବେଷଣା ହେଉଛି ଅଦ୍ୱିତୀୟ, ପ୍ରାତଃସ୍ମରଣୀୟ । କାହିଁକି ନା ଏହା ସ୍ୱଦେଶର ଜନସମାଜର ସ୍ମରଣରେ ଆଣିଦିଏ ଯେ ଏକ ଭାରସାମ୍ୟତାପୂର୍ଣ୍ଣ ଓ ମିତବ୍ୟୟିତା ସହିତ ଜୀବନଧାରାର ଅନ୍ୱେଷଣ କରିବାକୁ ହେଲେ ଆମମାନଙ୍କୁ ପୁଣି ଆମମାନଙ୍କ ସଭ୍ୟତାର, ଅର୍ଥାତ୍ ଚୀନ, ଭାରତ ଓ ଗ୍ରୀସ୍ ସଭ୍ୟତାର ସର୍ବପ୍ରଥମ ମୌଳିକ ଭାବୁକ-ମନୀଷୀମାନଙ୍କ ଦ୍ୱାରା ନିଷ୍ପତ୍ତି ସକାଶେ ଉତ୍ଥାପିତ ବିଷୟସବୁ ନିକଟକୁ ଫେରିଯିବାକୁ ହେବ ଏବଂ ସେମାନଙ୍କର ସମଗ୍ର ସୃଜନଶୀଳ ଭାବନା ଓ ପ୍ରେରଣାର ଉତ୍ସକୁ ଅବଲମ୍ବନ ପୂର୍ବକ ସେସବୁକୁ ଏକ ସାମଗ୍ରିକ ଓ ପୂର୍ଣ୍ଣରୂପ ଦେବାକୁ ହେବ ।

''ଜୁ କ'ଣ କହୁଥିଲେ ଶୁଣି ନାହାନ୍ତି ? ସେ ଯାହା ସମ୍ପାଦନ କରିବାକୁ ଚାହୁଁଥିଲେ କିନ୍ତୁ ସେଥିନିମିତ୍ତ ଆବଶ୍ୟକୀୟ ସମୟ ପାଉ ନଥିଲେ ? ତାଙ୍କର ପରିକଳ୍ପନା ଥିଲା ବାଇବେଲ ଓ କୋରାଣକୁ ପୁନର୍ବାର ଅନୁବାଦ କରି ସ୍ୱଦେଶର ଆଗ୍ରହୀ ପାଠକବୃନ୍ଦଙ୍କ ନିକଟରେ ଏହି ଦୁଇଟି ଧର୍ମଗ୍ରନ୍ଥର ଅପେକ୍ଷାକୃତ ଉନ୍ନତ ଓ ବିଶୁଦ୍ଧ ଅନୁବାଦ-ଗ୍ରନ୍ଥକୁ ପହଞ୍ଚାଇ ଦେବା । ଆପଣମାନେ କହିପାରିବେ, କାହିଁକି ସେ ଏହା କରିବାକୁ ଚାହୁଁଥିଲେ ?'' ('ଚାଇନା ଡେଲି' ପତ୍ରିକାକୁ ପ୍ରଦତ୍ତ ୟାଂୟାଂ'ଙ୍କର ମନ୍ତବ୍ୟ)

ଏବେ ଚୀନରେ 'ଏକାଡ଼େମି ଅଫ୍ ସୋସିଏଲ୍ ସାଇନ୍‌ସେସ୍' ଏବଂ 'ୱାର୍ଲ୍ଡ୍ ରିଲିଜିୟନ୍‌ସ୍'ରେ କର୍ମରତ ଜୁ ଶୁଙ୍କର ସହକର୍ମିବୃନ୍ଦ ଉତ୍ତରାଧିକାର ସୂତ୍ରରେ ଲାଭ କରିଥିବା ତାଙ୍କର କର୍ମଧାରାକୁ ଅତ୍ୟନ୍ତ ଆନ୍ତରିକତାର ସହିତ ବଜାୟ ରଖିବାରେ ତତ୍ପର ଅଛନ୍ତି ଏବଂ ତାଙ୍କର ବାସଭବନକୁ ତାଙ୍କ ଜୀବିତାବସ୍ଥାରେ ଯେମିତି ରହିଥିଲା ଠିକ୍ ସେମିତି ସୁରକ୍ଷିତ ରଖିଛନ୍ତି ।

ହୁ ଶୁଙ୍କର ଯେଉଁସବୁ ପୁସ୍ତକ ଶ୍ରୀମାଙ୍କ ଆଶୀର୍ବାଦ ଏବଂ ତାଙ୍କର ଅବିରତ ସାହାଯ୍ୟ ସହାନୁଭୂତି ବହନ କରି ଆଶ୍ରମରୁ ପ୍ରକାଶ ପାଇଥିଲା, ଚାଇନିଜ୍‌ମାନଙ୍କର ଏଠାକୁ ଆଗମନ ନଥିବାରୁ ବେଶ୍ କିଛି ବର୍ଷ ଧରି ଏଠାରେ ଅବ୍ୟବହୃତ ହୋଇ ସୁରକ୍ଷିତ ରହିଥିଲା, ଏବେ କିନ୍ତୁ ସେସବୁ ଅରୋଭିଲ୍‌ର 'ଭିଜିଟର୍‌ସ୍ ସେଣ୍ଟର୍'ରୁ ଭଲ ଭାବରେ ବିକ୍ରୟ ହେଉଛି ।

ଚୀନରେ ତାଙ୍କର ୧୬ ଖଣ୍ଡ ଗ୍ରନ୍ଥ ପ୍ରକାଶ ପାଇବା ପରେ ପରେହିଁ ସେଠାରୁ ଯେଉଁ ଯୁବକ ପଣ୍ଡିଚେରୀରେ ଆସି ପହଞ୍ଚିଥିଲେ ଏବଂ ଯିଏ ହୋଇଥିଲେ ପ୍ରଥମ ଚାଇନିଜ୍ ଅରୋଭିଲିଆନ୍, ତାଙ୍କରି ଉଦ୍‌ଯୋଗରେ ଏବେ ଅରୋଭିଲ୍‌ରେ ଏକ ଚାଇନିଜ୍ ସଂସ୍ଥା ଗଢ଼ିଉଠିଛି ।

ଅଧୁନା ସୂଚନା ମିଳିଛି ଯେ ହୁ ଶୁଙ୍କର ଶୁଭାନୁଧ୍ୟାୟୀ ମନୀଷିଗଣ ଚୀନରେ ଏକ 'ସେଣ୍ଟର୍ ଅଫ୍ ଷ୍ଟଡ଼ି' ଗଠନ କରିଛନ୍ତି ଏବଂ ଚୀନ ଭାଷାରେ ପ୍ରକାଶ ପାଇ ନଥିବା ମା'ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହକୁ ଅନୁବାଦ କରିବାର ପରିକଳ୍ପନା ରଖିଛନ୍ତି । ଏସବୁ ଜାଣି ଆମର ଦୃଢ଼ପ୍ରତ୍ୟୟ ହୋଇଛି ଯେ ଆଜିଠୁ ଅର୍ଦ୍ଧଶତାବ୍ଦୀ ପୂର୍ବରୁ ହଂ କଂରେ ପ୍ରତିଷ୍ଠିତ ଏକ ସଂଗଠନକୁ ମା'ଙ୍କ ପ୍ରଦତ୍ତ ନିମ୍ନୋକ୍ତ ବାଣୀଟି ଆଜି କାର୍ଯ୍ୟକାରୀ ହେବାକୁ ବସିଛି :

''ଶାଶ୍ୱତ ଦିବ୍ୟାଲୋକ ପ୍ରାଚୀ ଦିଗନ୍ତରେ ଉଦିତ ହେଉ ।''

(ସମାପ୍ତ)

[୨୦ ଅକ୍‌ଟୋବର ୨୦୧୦ରେ
ଅରୋଭିଲ୍‌ରେ ଆୟୋଜିତ ହୋଇଥିବା ପ୍ରଦର୍ଶନୀ
'Remembering Hu Shu'ରୁ ସଂଗୃହୀତ ।]

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ନିଜକୁ ମୁଁ ଗଢ଼ି ନାହିଁ

## ଗୀତାରାଣୀ ରଥ



ତୁମେ ତ ଗଢ଼ିଛ ମୋତେ ତୁମ ଇଚ୍ଛାମତେ
ନିଜକୁ ମୁଁ ଗଢ଼ି ନାହିଁ
ତଥାପି ଘୂରୁଛି ନିଜକୁ ନେଇ ମୁଁ ନାନା ବାଟ ରଚିଦେଇ ।
ମୋ ପାଇଁ ବାଛିଚ ଏ ଭୂମିରେ ସ୍ଥାନ
ଯେତେ ଆପଣାର ପ୍ରିୟ-ପରିଜନ
ଅକ୍ଷୟ ବେଳାରୁ ମୁହୂର୍ତ୍ତ ଦେଇଛ
ମୋର ବିଚରଣ ପାଇଁ,
ତୁମ ପଣତରେ ଢାଙ୍କିଅଛ ବୋଲି
ସଂସାରେ ପାରିଛି ରହି ।
ଦେହ, ମନ, ପ୍ରାଣ ଗଢ଼ିଅଛ ତୁମେ,
କେତେ ଅନୁଭବ ଖଞ୍ଜିଛ ମରମେ
ଦୁବଠାରୁ ଦାରୁ, ବାଲିଠୁଁ ପାହାଡ଼
ତିଆରିଛ ମୋ' ପାଇଁ
ମୋର ସବୁକିଛି ତୁମ ଦାନ ବୋଲି
କ୍ଷଣେ ମୁଁ ଭୁଲିବି ନାହିଁ ...। ❑

# ସୂର୍ଯ୍ୟୋଦୟର ଦେଶ

## (୨)

**ସୂର୍ଯ୍ୟକାନ୍ତି ମହାନ୍ତି**

ପୃଥିବୀ ସର୍ବଦା ପ୍ରଭାତ ଅଭିମୁଖେ ଘୂର୍ଣ୍ଣାୟମାନ । ଯଦିଓ ରାତ୍ରୀ ସର୍ବଦା ଅନ୍ଧକାର ଓ ପ୍ରଶାନ୍ତ, ତଥାପି ରାତ୍ରୀ ପ୍ରତିଟି ନୂତନ ସୂର୍ଯ୍ୟକୁ ପୂର୍ଣ୍ଣ ପ୍ରାଣରେ ସ୍ୱାଗତ କରେ । ତେବେ କେଉଁଠାରେ ସୂର୍ଯ୍ୟୋଦୟ ଆରମ୍ଭ ହୁଏ ?

କେତେକେ କହନ୍ତି ହିମାଳୟ ପର୍ବତର ୮,୮୪୮ ମିଟର ଉଚ୍ଚତାରେ ଅବସ୍ଥିତ ଉଚ୍ଚତମ ଶୃଙ୍ଗ ଏଭେରେଷ୍ଟର ଶିଖରକୁ ସୂର୍ଯ୍ୟୋଦୟର ପ୍ରଥମ କିରଣ ସ୍ପର୍ଶ କରେ । ଏହିଠାରୁହିଁ ପ୍ରଭାତର ପ୍ରଥମ ଆଲୋକ ପୃଥିବୀର ସମସ୍ତ ଅନ୍ଧକାରକୁ ଦୂରୀଭୂତ କରିଦିଏ । ଏହାର ବହୁ ନିମ୍ନରେ ଥିବା ସାଗର, ନଦୀ, ହ୍ରଦ ଓ ଜଙ୍ଗଲ ଆଦିରେ ସୂର୍ଯ୍ୟାଲୋକ ବହୁ ବିଳମ୍ବରେ ପତିତ ହୁଏ ।

କେହି କେହି କହନ୍ତି ଏହାର ଆରମ୍ଭ ହୁଏ ଶାନ୍ତ ଭାବାପନ୍ନ ୧୬୯,୪୭୯,୦୦୦ ବର୍ଗ କି.ମି. ବିଶିଷ୍ଟ ପ୍ରଶାନ୍ତ ମହାସାଗରର ଅସୀମ ଜଳରାଶି ମଧ୍ୟରେ ଯାହା ସୁ-ଉଚ୍ଚ ପର୍ବତଠାରୁ ଯଥେଷ୍ଟ ନିମ୍ନରେ । ସମସ୍ତ ଜୀବଜଗତକୁ ସୃଷ୍ଟି କରିପାରିଥିବା ଏବଂ ପୃଥିବୀକୁ ପରିବେଷ୍ଟନ କରିଥିବା ଏହି ଜଳରାଶି ସୂର୍ଯ୍ୟକିରଣର ପ୍ରଥମ ସ୍ପର୍ଶ ପାଏ, ଯାହାର ଦର୍ଶନରେ ମନୁଷ୍ୟ ଆତ୍ମ ବିସ୍ମୃତ ହୁଏ ।

ଆଉ କେତେକେ କହନ୍ତି, ୯୧ମିଟର ଉଚ୍ଚତା ବିଶିଷ୍ଟ ଉଚ୍ଚତମ ବୃକ୍ଷ ସିକୋଆ (sequoia)ର ଶୀର୍ଷରେ ଉଦିତ ସୂର୍ଯ୍ୟାଲୋକର ପ୍ରଥମ କିରଣ ପତିତ ହୁଏ, ଯେତେବେଳେ କି ପ୍ରଭାତର ପ୍ରଥମ ମନ୍ଦ ସମୀରଣ ଛୋଟ ଛୋଟ ପତ୍ରଗୁଡ଼ିକୁ ଥରାଇ ଦିଏ ଏବଂ ଯେଉଁଠାରେ ପକ୍ଷୀମାନେ ପ୍ରଥମ ନରମ ଆଲୋକ ଦର୍ଶନ କରି ସ୍ୱ ସ୍ୱ ସୁରରେ ସୁମଧୁର ସଂଗୀତ ଗାନ କରିବାକୁ ଆରମ୍ଭ କରିଦିଅନ୍ତି । ଏହିପରି ଭାବରେ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ନିଦ୍ରିତ ପୃଥିବୀକୁ ଜାଗ୍ରତ୍ କରାନ୍ତି ।

ଅନ୍ୟ କେହି ବି କହନ୍ତି, ପ୍ରଥମ ସୂର୍ଯ୍ୟୋଦୟ ୮୨,୧୦୩ ବର୍ଗ କି.ମି. ପରିବ୍ୟାପ୍ତ ବୃହତ୍ତମ ହ୍ରଦ କାସ୍ପିଆନ୍ ସାଗରରେହିଁ ଆରମ୍ଭ ହୁଏ । ସେତେବେଳେ ମାଛମାନେ ଜଳସ୍ତର ଉପରକୁ ଉଠିପଡ଼ି ସୂର୍ଯ୍ୟଙ୍କୁ ଅନାନ୍ତି ଏବଂ ଜଳର ସେହି ସ୍ପନ୍ଦନରେ ପ୍ରଥମ କିରଣ ପତିତ ହୋଇ ହ୍ରଦ ଝଲସି ଉଠେ । ସତେ ଯେପରି ଶତ ସହସ୍ର ଇନ୍ଦ୍ରଧନୁର ସୃଷ୍ଟି ହୁଏ ସେଇଠି !

ପୁଣି ଆଉ କେହି କେହି ବି କହନ୍ତି, ସୂର୍ଯ୍ୟୋଦୟର ପ୍ରଥମ କିରଣ କଳିଙ୍ଗର ଅର୍କ କ୍ଷେତ୍ରରେ ଦଣ୍ଡାୟମାନ ସୂର୍ଯ୍ୟମନ୍ଦିର ଚୂଡ଼ାକୁ ସ୍ପର୍ଶ କରେ । ଶ୍ରୀକୃଷ୍ଣଙ୍କର ପୁତ୍ର ଶାମ୍ବ ଏହି ସ୍ଥାନରେ ସୂର୍ଯ୍ୟ ପୂଜା କରି ଏବଂ ସୂର୍ଯ୍ୟକିରଣରୁ ସପ୍ତଶକ୍ତି ଲାଭ କରି ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରିଥିଲେ । ପରବର୍ତ୍ତୀ ସମୟରେ ଏହି ସ୍ଥାନରେ ସେ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ, ଯଦିଓ ବର୍ତ୍ତମାନର କୋଣାର୍କ ସୂର୍ଯ୍ୟମନ୍ଦିର ଓଡ଼ିଶାର ଗଜପତି ମହାରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ।

ଆଉ କେହି କେହି ବି କହନ୍ତି, ସୂର୍ଯ୍ୟୋଦୟର ପ୍ରଥମ କିରଣ ସେମାନଙ୍କ ଜନ୍ମଭୂମିରେ ପତିତ ହୁଏ, ଯେଉଁସ୍ଥାନ ସେମାନଙ୍କର ଅତି ପ୍ରିୟ, ଯାହାର ଅଧିବାସୀମାନେ ସେମାନଙ୍କର ଆତ୍ମୀୟ ଏବଂ ଯାହାର ବାସିନ୍ଦାଙ୍କର ଭାଷା ହେଉଛି ତାଙ୍କର ଅତି ପରିଚିତ, ସେହି ହେଉଛି ସୂର୍ଯ୍ୟୋଦୟର ଦେଶ ।

ଅନେକ ଲୋକ କହନ୍ତି ବହୁଦୂରରେ ପୂର୍ବଦିଗରେ ଥିବା ଏକ ଛୋଟ ଦେଶ ଜାପାନ ହେଉଛି ସୂର୍ଯ୍ୟୋଦୟର ଦେଶ ଯାହାର ଆକାଶ ସୂର୍ଯ୍ୟର ପ୍ରଥମ ଆଲୋକରେ ରକ୍ତିମ ହୋଇଉଠେ, ଯାହାର ରଙ୍ଗିନ ପୁଷ୍ପଗୁଡ଼ିକ ନିଜ ନିଜ ଛୋଟ କୋଳରେ ସୂର୍ଯ୍ୟଙ୍କୁ ଦୋଳି ଖେଳାନ୍ତି ଏବଂ ଯାହାର ଅଧିବାସୀମାନେ ପ୍ରତ୍ୟେକ ପ୍ରଭାତରେ ପ୍ରାର୍ଥନା ସହିତ ସୂର୍ଯ୍ୟୋଦୟକୁ ସ୍ୱାଗତ କରନ୍ତି । ଜାପାନୀ ଭାଷାରେ ଜାପାନ ଦେଶର ନାମ ନିପନ୍ (Nippon), ଯାହାର ଅର୍ଥ ସୂର୍ଯ୍ୟୋଦୟର ଦେଶ । ଏ ଦେଶର ଜାତୀୟ ପତାକାରେ ଉଦିତ ସୂର୍ଯ୍ୟର ପ୍ରତୀକ ମଧ୍ୟ ଅଛି । ସମ୍ଭବତଃ, ଜାପାନର ଭୌଗୋଳିକ ସ୍ଥିତି ଅନୁଯାୟୀ ଏହିପରି କୁହାଯାଏ । ଏକଦା ଜଣେ ଜାପାନୀ ରାଜକୁମାର ଚୀନ ସମ୍ରାଟଙ୍କ ପାଖକୁ 'ସୂର୍ଯ୍ୟୋଦୟର ଦେଶ' ବୋଲି ଲେଖି କରି ଏକ ପତ୍ର ପ୍ରେରଣ କରିଥିଲେ । ମନେହୁଏ ସେହି ଚିଠି କଥାଟା ଏପର୍ଯ୍ୟନ୍ତ ରହି ଯାଇଛି ।

ପୁନଶ୍ଚ ଏକ ଜାପାନୀ କିଂବଦନ୍ତୀ ଅନୁଯାୟୀ –

ଅଷ୍ଟମ ଶତାବ୍ଦୀରେ ଲିଖିତ ଜାପାନର ସର୍ବ ପୁରାତନ ପୁସ୍ତକ 'କୋଜିକି'ରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଓ ଆକର୍ଷଣୀୟ ଗଳ୍ପ ମଧ୍ୟରେ ସୂର୍ଯ୍ୟଦେବୀ 'ଆମାତେରାସୁ'ଙ୍କ କାହାଣୀ ବର୍ଣ୍ଣିତ, ଯିଏ ଏବେ ବି ଜାପାନର ଦେବୀମାନଙ୍କ ମଧ୍ୟରେ ଅନ୍ୟତମା । ସେ ଜାପାନୀ ରାଜବଂଶ ସହିତ ସମ୍ପର୍କିତା ମଧ୍ୟ । ତାଙ୍କ ନାମର ଅର୍ଥ ହେଉଛି – ''ଆଲୋକିତ ସ୍ୱର୍ଗ'', ଅର୍ଥାତ୍ ସେହି ଦେବୀ ସ୍ୱର୍ଗକୁ ଆଲୋକିତ କରନ୍ତି । ସେ 'ଇଜାନାଗି'ଙ୍କର ଜ୍ୟେଷ୍ଠା କନ୍ୟା । ସେ ଏତେ ଉଜ୍ଜ୍ୱଳ ଓ ଦୀପ୍ତିମୟୀ ଯେ ସ୍ୱର୍ଗକୁ ଯିବାକୁ ତାଙ୍କର ମାତାପିତା ତାଙ୍କୁ ଏକ ଶିଡ଼ି ପ୍ରଦାନ କରିଥିଲେ । ସେହି ଦିନଠାରୁ ସେ ସ୍ୱର୍ଗକୁ ଶାସନ କରି ଆସୁଛନ୍ତି ।

ଏକଦା ଯେତେବେଳେ ତାଙ୍କର ଭାଇ ତୋଫାନ ଦେବତା 'ସୁସାନୋୱା' ଖୁବ୍ ଗର୍ଜନ କରି ପୃଥିବୀକୁ ବିନାଶ କରିବାକୁ ଆରମ୍ଭ କଲେ, ଆମାତେରାସୁ ଏକ ଗୁମ୍ଫା ମଧ୍ୟରେ ବିଶ୍ରାମ ନେଲେ ଏବଂ ତା'ର ଦ୍ୱାର ବିରାଟ ପ୍ରସ୍ତର ଖଣ୍ଡ ଦ୍ୱାରା ବନ୍ଦ ମଧ୍ୟ କରିଦେଲେ । ତାଙ୍କର ଅନୁପସ୍ଥିତି ପୃଥିବୀପୃଷ୍ଠକୁ ଆଲୋକ ଓ ଜୀବନରୁ ବଞ୍ଚିତ କଲା । ରାକ୍ଷସମାନେ ପୃଥିବୀକୁ ଶାସନ କଲେ । ମାତ୍ର ଅନ୍ୟ ଦେବତାମାନେ ଏହି ଦେବୀଙ୍କୁ ଗୁମ୍ଫାରୁ ବାହାରକୁ ଆଣିବା ପାଇଁ ବିଭିନ୍ନ ଭାବରେ ଚେଷ୍ଟା କରି ବିଫଳ ହେଲେ । ଶେଷରେ ହସର ଦେବୀ 'ଉଜୁମେ' ଏଥିରେ କୃତକାର୍ଯ୍ୟ ହେଲେ । ସେ ଦେବତାମାନଙ୍କୁ ଏତେ ହସାଇଲେ ଯେ ଆମାତେରାସୁ ଏ ହସର କାରଣ ଜାଣିବା ପାଇଁ କୌତୂହଳୀ ହୋଇ ଉଠିଲେ । ସେ ଗୁମ୍ଫାରୁ ବାହାରି ଆସିଲେ ଏବଂ ନିକଟରେ ରଖା ଯାଇଥିବା ଏକ ଦର୍ପଣରେ ନିଜକୁ ଦେଖି ଏତେ ମୁଗ୍ଧ ହେଲେ ଯେ ଆଉ କେବେ ବି ଗୁମ୍ଫାକୁ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ବୋଲି ସ୍ଥିର କଲେ । ତା' ପରଠାରୁ ସେ ସ୍ୱର୍ଗରେ ରହି ଆକାଶ ଓ ପୃଥିବୀକୁ ଆଲୋକିତ କରି ଚାଲିଲେ ।

ତେବେ ଜାପାନର ରାଜବଂଶ ସଦସ୍ୟମାନେ ଦାବି କରନ୍ତି ଯେ ସେମାନେ ଦେବୀ ଆମାତେରାସୁଙ୍କ କୌଣସି ନାତି, ନାତୁଣୀଙ୍କର ବଂଶଧର ଅଟନ୍ତି । ଏହିପରି ଭାବରେ ଏ ଜାତିର ସୂର୍ଯ୍ୟଦେବୀଙ୍କ ସହିତ ନିବିଡ଼ ସମ୍ପର୍କ ହେତୁ ଏହାକୁ ସୂର୍ଯ୍ୟୋଦୟର ଦେଶ କୁହାଯାଏ ।

ଏସବୁ ସତ୍ତ୍ୱେ, ଭୌଗୋଳିକ ଦୃଷ୍ଟିରୁ ଦେଖିଲେ ଦକ୍ଷିଣ ଗୋଲାର୍ଦ୍ଧରେ ଥିବା ନିଉଜିଲାଣ୍ଡ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ସୂର୍ଯ୍ୟୋଦୟର ପ୍ରଥମ କିରଣ ପାଏ, ଯେମିତି ଉତ୍ତର ଗୋଲାର୍ଦ୍ଧରେ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଜାପାନ ପାଏ । ଜାପାନ ଓ ନିଉଜିଲାଣ୍ଡର ତୁଳନାତ୍ମକ ଭୌଗୋଳିକ ସ୍ଥିତି ଦେଖିଲେ ବରଂ ନିଉଜିଲାଣ୍ଡ ଜାପାନ ପୂର୍ବରୁ ସୂର୍ଯ୍ୟଙ୍କ କିରଣ ପାଏ । ଜାପାନର ସର୍ବାଧିକ ପୂର୍ବ ଦିଗବର୍ତ୍ତୀ ଦ୍ରାଘିମା ହେଉଛି ୧୪୫° ପୂ ଏବଂ ନିଉଜିଲାଣ୍ଡର ହେଉଛି ୧୮୦° ପୂ । ଜାପାନ ଉତ୍ତର ଗୋଲାର୍ଦ୍ଧରେ ଥିବାବେଳେ ନିଉଜିଲାଣ୍ଡ ଦକ୍ଷିଣ ଗୋଲାର୍ଦ୍ଧରେ । ଏଣୁ ସେମାନଙ୍କର ଗ୍ରୀଷ୍ମ ଓ ଶୀତ ବର୍ଷର ବିଭିନ୍ନ ସମୟରେ ହୁଏ ଏବଂ ବର୍ଷ ତମାମ ଋତୁ ଭିତ୍ତିରେ ସୂର୍ଯ୍ୟୋଦୟର ସମୟ ବଦଳୁଥାଏ ।

ପୁନଶ୍ଚ ଲଣ୍ଡନର ଗ୍ରୀନ୍‌ଉଇଚ୍ ମିନ୍‌ଟାଇମ୍ ବା GMTର ପୂର୍ବ ବା ପଶ୍ଚିମରେ ୧୮୦° ଦ୍ରାଘିମାରେ ଇଣ୍ଟରନ୍ୟାସନାଲ ଡେଟ୍ ଲାଇନ୍ ବା IDL କଳ୍ପନା କରାଯାଇଛି । ଯେପରି ବିଷୁବ ରେଖା ପୃଥିବୀକୁ ଉତ୍ତର ଗୋଲାର୍ଦ୍ଧ ଓ ଦକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରୁଛି, ସେହିପରି IDL ପୂର୍ବ ଗୋଲାର୍ଦ୍ଧ ଓ ପଶ୍ଚିମ ଗୋଲାର୍ଦ୍ଧରେ ମଧ୍ୟ ଭାଗ କରୁଛି । ଏହା ପ୍ରଶାନ୍ତ ମହାସାଗର ମଧ୍ୟ ଦେଇ ଅତିକ୍ରମ କରିଛି, ଯଦିଓ ପ୍ରଶାନ୍ତ ମହାସାଗରୀୟ କେତେକ ଦ୍ୱୀପ ନିକଟରେ ଟିକେ ବଙ୍କେଇ କରି ଯାଇଛି । ତେବେ IDL ଅନୁଯାୟୀ ଜାପାନହିଁ ପ୍ରଥମ ସୂର୍ଯ୍ୟକିରଣ ପାଏ । IDL ଏବଂ GMT କାର୍ଯ୍ୟ କରିବାର ବହୁ ପୂର୍ବରୁ ବି ଜାପାନକୁ ସୂର୍ଯ୍ୟୋଦୟର ଦେଶ ବୋଲି ନାମିତ କରାଯାଇଛି ଏବଂ ନିଉଜିଲାଣ୍ଡକୁ ୟୁରୋପୀୟମାନେ ଆବିଷ୍କାର କରିବାର ବହୁପୂର୍ବରୁ ଜାପାନ ସୂର୍ଯ୍ୟୋଦୟର ଦେଶ ବୋଲି ଘୋଷିତ ହୋଇ ସାରିଛି ।

ତେବେ ସୂର୍ଯ୍ୟଙ୍କର ପ୍ରଥମ ଦୃଶ୍ୟମାନ କିରଣ ଏଭେରେଷ୍ଟ ଶୃଙ୍ଗର ଶିଖରରେ, ପ୍ରଶାନ୍ତ ମହାସାଗରର ଅସୀମ ଜଳରାଶି ମଧ୍ୟରେ, ସିକୋଆ ବୃକ୍ଷର ଶୀର୍ଷରେ, କାସ୍ପିଆନ ସାଗରରେ, କଳିଙ୍ଗର କୋଣାର୍କ ସୂର୍ଯ୍ୟମନ୍ଦିରର ଚୂଡ଼ାରେ, ନିଜର ଅତିପ୍ରିୟ ଜନ୍ମଭୂମିରେ ଅବା ଜାପାନ ଓ ନିଉଜିଲାଣ୍ଡ ମାଟିରେ ପତିତ ହେଲେ ମଧ୍ୟ ସୂର୍ଯ୍ୟାଲୋକର ଅଧିକ ଉଚ୍ଚ ଫୋଟନ୍ ଶକ୍ତି ବହନ କରୁଥିବା ଅତିବାଇଗଣି ରଶ୍ମିର ଅଦୃଶ୍ୟ ସୂକ୍ଷ୍ମ ତରଙ୍ଗ ପ୍ରଥମେ ଏହିସବୁ ସ୍ଥାନମାନଙ୍କୁ ସ୍ପର୍ଶକରେ ନାହିଁ ।

ତା'ହେଲେ କେଉଁଠାରେ ସୂର୍ଯ୍ୟୋଦୟ ଆରମ୍ଭ ହୁଏ ? ବାସ୍ତବରେ ଏହା ଆରମ୍ଭ ହୁଏ ଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ରସ୍ଥଳରେ । ଏହା ଅଦ୍ଭୁତ ଭଳି ମନେ ହୁଏ । ଶ୍ରୀମା କହନ୍ତି, ''There is no end to the wonders of the universe.'' ଅର୍ଥାତ୍ – ବିଶ୍ୱବ୍ରହ୍ମାଣ୍ଡରେ ସଂଘଟିତ ବିସ୍ମୟସବୁର

ଅନ୍ତ ନାହିଁ । ତା'ହେଲେ ଆସନ୍ତୁ ଜାଣିବା, ସେହି କେନ୍ଦ୍ରସ୍ଥଳର ସ୍ୱରୂପ କ'ଣ ଏବଂ ତା'ର ସ୍ଥିତି କେଉଁଠି ? କ'ଣ ବା ତା'ର ଅସ୍ତିତ୍ୱ ? ତାହା କ'ଣ ସମୁଦ୍ର ମଧ୍ୟରେ ସୁ-ଉଚ୍ଚ ଏକ ଦ୍ୱୀପ ବା କୌଣସି ଉଚ୍ଚତମ ପର୍ବତର ଶିଖର ଦେଶ ? କିଂବା କ'ଣ ଅନ୍ୟ କୌଣସି ଗ୍ରହ, ଉପଗ୍ରହ ? ସେ ସ୍ଥଳଟି କେତେ ଡିଗ୍ରୀ ଅକ୍ଷାଂଶ ବା ଦ୍ରାଘିମାରେ ଅବସ୍ଥିତ ? ତାହା ପୁଣି ଉତ୍ତର ବା ଦକ୍ଷିଣ କିଂବା ପୂର୍ବ ବା ପଶ୍ଚିମ ଗୋଲାର୍ଦ୍ଧରେ ନା ମେରୁ ଅଞ୍ଚଳରେ ? ଏମିତି ଅନେକ ପ୍ରଶ୍ନ ।

ପିଲାଦିନେ ଶିଶୁ କାହାଣୀରୁ ଅନେକେ ଜାଣିଥିବେ ଯେ କେହି ଜଣେ ରାଜକୁମାର ଏକ ମୂଲ୍ୟବାନ୍ ବସ୍ତୁ ପ୍ରାପ୍ତ କରିବା ପାଇଁ ଦୁଃସାହସିକ ଯାତ୍ରା କରିଥିଲା ସେହି ସ୍ଥାନକୁ, ଯାହାର ଅବସ୍ଥିତି ଥିଲା ସାତତାଳ ପାଣିତଳେ, ସାତତାଳ ପଙ୍କ ତଳେ, ଅମୁହାଁ ଦେଉଳ ଭିତରେ ଥିବା ଏକ ସୁନାର ଫରୁଆ ମଧ୍ୟରେ, ଆଉ ତା' ଭିତରେ ସେହି ମହାର୍ଘ ବସ୍ତୁଟି !

ସେହିପରି ଏ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର ସ୍ଥଳରେ ଅଲୌକିକ ଓ ବିସ୍ମୟକର ଶକ୍ତି-ସାଗରର ଅତଳ ଗର୍ଭରେ ସମସ୍ତ ଅକ୍ଷାଂଶ, ଦ୍ରାଘିମା, ବିଭିନ୍ନ ଗୋଲାର୍ଦ୍ଧ ଆଦିର ବହୁ ଊର୍ଦ୍ଧ୍ୱରେ ସୂର୍ଯ୍ୟୋଦୟ ଆରମ୍ଭ ହୁଏ – ସେଇଠି ।

(କ୍ରମଶଃ)

❑❑❑

# ତଟ ନିରଞ୍ଜନା

## ହୃଷୀକେଶ ପଣ୍ଡା



ଯେଉଁ ତଟିନୀର ତଟରେ ଏକଦା
ଘୂରୁଥିଲ କାଳାବଧି
ସୈକତ ଶେଯରେ ଖୋଜି ବୁଲୁଥିଲ
ମୁକ୍ତିର ମହୋଦଧି ।
ରୁକ୍ଷ ଆହତ ତୃଷ୍ଣା ମୁଖର
ଘୂର୍ଣ୍ଣି ପିପାସୁ ସତ୍ତା
ଅଜଣା ପଥର ନିଃସ୍ୱ ନାବିକ ହେ
ପାଗଳ ଆତ୍ମହନ୍ତା !
ଦେଖ ସେ ତଟିନୀ ପୁଣ୍ୟ ମନ୍ଦାକିନୀ
ସାଧନାରେ ସମାଧିସ୍ଥ
ନୀରବେ ଡାକୁଛି ଆତ୍ମ-ମୋଚନର
ପାଳିବାକୁ ମହାବ୍ରତ ।
ବେଗବତୀ ସେହି ତଟିନୀର ଜଳ
ମୁକ୍ତି ପୀୟୂଷ ଧାର,
ସଜାଡ଼ି ଦେଉଛି ସବୁ ହୁଲି ଡଙ୍ଗା
ଭଙ୍ଗା କାତ ଚିରା ପାଲ ।
ଉଚ୍ଛୁର ହେଲାଣି ଜୀବନ ଅବଧି
ଏବେ ତା' ପାଖକୁ ଯାଆ
ନେଇଯିବ ତୋତେ ଆର କୂଳ ଯାଏଁ
ସଜାଡ଼ି ରଖିଛି ନାଆ ॥ ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୭)

## ସାହାନା ଦେବୀ

**ସାହାନା :** ମା' ଗୋ, 'ଟ' ଏବଂ 'ବ' ଆଶ୍ରମ ଛାଡ଼ି ଚାଲିଯିବାରୁ ଏଠାରେ ଅନେକ ଲୋକଙ୍କର ଖୁବ୍ ମନୋଦୁଃଖ ହୋଇଛି ବୋଲି ମୁଁ ଲକ୍ଷ୍ୟ କରୁଛି । ଜଣେ ଚାଲି ଗଲେ କାହିଁକି ଆଉ ଜଣଙ୍କର ଅବସାଦ ଆସେ ? ମୋର କିନ୍ତୁ ଯେ ଚାଲିଯାଇଛି ତା' ପାଇଁ ତିଳେ ମାତ୍ର କଷ୍ଟ ଅବା ସହାନୁଭୂତି ମଧ୍ୟ ହୁଏ ନାହିଁ । ବରଂ କଷ୍ଟ ହୁଏ ତୁମମାନଙ୍କ ନିମନ୍ତେ ଯେ ତୁମେମାନେ କେତେ ସମୟ ଦେଇଛ, କେତେ କରିଛ ସେମାନଙ୍କ ପାଇଁ – ଏଇ ସବୁ ଭାବି । ଏତେ ଘନ ଘନ କାହିଁକି ଲୋକମାନେ ଆଶ୍ରମରୁ ଚାଲି ଯାଉଛନ୍ତି ? ବର୍ତ୍ତମାନ କ'ଣ ସାଧନାର ଚାପ ବେଶୀ ପଡ଼ିଛି ? ଏଇ ଗତ ବର୍ଷକ ମଧ୍ୟରେ କେତେ ଲୋକ ତ ଚାଲିଗଲେଣି । ଆମେ ଏତେ ଲୋକ ଯିବାର ତ ଦେଖି ନାହୁଁ ? ଏହାର କିଛି ବିଶେଷ କାରଣ ଅଛି କି ? ଅବା ସେଇ ଏକହିଁ କାରଣ – ବିରୋଧିଶକ୍ତି ? ଯଦି ତାହା ହୁଏ ତେବେ ସେଇ ବିରୋଧିଶକ୍ତି ଏବେ ଏତେ ବେଶୀ ସାଫଲ୍ୟ ଲାଭ କରିପାରୁଛି କାହିଁକି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୁଁ ଜାଣେନି କ'ଣ ପାଇଁ । ଏହାର କାରଣ କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଯେବେଠାରୁ ଆଶ୍ରମ ଆରମ୍ଭ ହୋଇଛି ସେବେଠାରୁହିଁ ଲୋକମାନେ ଆସୁଛନ୍ତି ଏବଂ ଯାଉଛନ୍ତି ମଧ୍ୟ । ହୁଏତ ଏହା ଏକ ଅଜ୍ଞ ଧାରଣାରୁ ଆସିଛି ଯେ, ଯେଉଁମାନେ ଚାଲିଯାଉଛନ୍ତି 'ଟ' ଏବଂ 'ବ' ପରି ଲୋକ, ସେମାନେ ଖୁବ୍ ବଡ଼ ଭକ୍ତ ଏବଂ ସାଧକ ଯେତେବେଳେ ପ୍ରକୃତ ପକ୍ଷେ 'ଟ' ବିଶେଷ କିଛି ଉନ୍ନତି କରିପାରିଲା ନାହିଁ ଏପରିକି ପ୍ରାଥମିକ ମଧ୍ୟ ନୁହେଁ ଏବଂ 'ବ' ପ୍ରାୟ ଛଅ କି ସାତ ବର୍ଷ ଧରି କେତେବେଳେ ମା'ଙ୍କ ବିରୋଧରେ ତ କେତେବେଳେ ମୋ ବିରୋଧରେ ପୁଣି କେତେବେଳେ ଉଭୟଙ୍କ ବିରୋଧରେ କେବଳ ବିଦ୍ରୋହହିଁ କରିଚାଲିଲା । ଲୋକମାନଙ୍କର ଚାଲିଯିବାର କାରଣ ହେଲା ସେମାନେ ଏତେ ଅହଂକାରୀ ଏବଂ ଉଦ୍ଧତ ହୋଇପଡ଼ନ୍ତି ଯେ ଗୁରୁଙ୍କର ଅବା ସତ୍ୟର କିଂବା ଭଗବାନଙ୍କର ପ୍ରଭୁତ୍ୱ ମାନି ପାରନ୍ତି ନାହିଁ । 'ବ'ର ଧାରଣା ଏହି ଯେ ସତ୍ୟ କେବଳ ତାହାରି ମଧ୍ୟରେହିଁ ଅଛି, ମୋର ଅବା ମାଆଙ୍କର ମଧ୍ୟରେ କୌଣସି ସତ୍ୟ ନାହିଁ ।

(୧୦.୧୦.୩୩)

**ସାହାନା :** ମୋର ଶରୀରଟା ମଝିରେ ମଝିରେ କାହିଁକି ମୋତେ ଏମିତି କଷ୍ଟ ଦିଏ, ଏହାହିଁ ଏକ ଚିନ୍ତାର କାରଣ । ଭଲ ସ୍ୱାସ୍ଥ୍ୟ କାହାକୁ କୁହାଯାଏ ତାହା କୌଣସି ଦିନ ଜୀବନରେ ଉପଭୋଗ କରିପାରିଲି ନାହିଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ମନୁଷ୍ୟର ଶରୀର ସର୍ବଦା ଯେକୌଣସି ଶକ୍ତି ତାକୁ ଅଧିକାର କରିବାକୁ ଚାହିଁଲେ ସେଥିରେ ସେ ସମ୍ମତ ହେବାରେ ଅଭ୍ୟସ୍ତ ଏବଂ ତା'ର ତାମସିକତା ଏବଂ ଅଜ୍ଞାନତା ନିମନ୍ତେ ତାକୁ ଅସୁସ୍ଥତାର ଶୁଳ୍କ ଦେବାକୁ ପଡ଼ିଥାଏ । ତା'କୁ ଶିକ୍ଷା କରିବାକୁ ହେବ ସେଇ 'ପରମ ଏକ' ଶକ୍ତିକୁ ସମ୍ମତି ଦେବାକୁ, କିନ୍ତୁ ଏହି ଶିକ୍ଷା ଏତେ ସହଜସାଧ୍ୟ ନୁହେଁ ।

(୧୬.୧୦.୩୩)

**ସାହାନା :** ଶ୍ରୀଅରବିନ୍ଦ ଦେବ, ମୁଁ ମୋର ଜଣେ ଘନିଷ୍ଠ ବନ୍ଧୁଙ୍କର ପତ୍ରଟିକୁ ଆପଣଙ୍କ ନିକଟକୁ ପଠାଉଛି, ଆପଣ ପଢ଼ିଲେ ନିଶ୍ଚିତ ବୁଝି ପାରିବେ । ଏଠାକୁ ସେ ଆସିବାକୁ ଚାହେଁ ଯଦି ଆପଣମାନେ ତାକୁ ଗ୍ରହଣ କରିବେ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ସମସ୍ୟା ହେଉଛି ଏହି ଯେ କନ୍ୟାଟିର ସଂସାର ଉପରେ ଖୁବ୍ ବୈରାଗ୍ୟ । ଏଇ ଯୋଗ ସମ୍ବନ୍ଧରେ ତା'ର କୌଣସି ଜ୍ଞାନ ନାହିଁ ଅବା ବିଶେଷ କୌଣସି ଆହ୍ୱାନ ମଧ୍ୟ ନାହିଁ । ପୁଣି ଏହି ଯୋଗ ଏବଂ ଏଠିକାର ଜୀବନ ପ୍ରଚଳିତ ଯୋଗ ଓ ସାଧାରଣ ଆଶ୍ରମଜୀବନରୁ ବିଶେଷ ରୂପେ ଭିନ୍ନ । ଅଧିକନ୍ତୁ ଏହା ମଧ୍ୟ ଅନ୍ୟ ସ୍ଥାନ ଅପେକ୍ଷା ସେପରି ଧ୍ୟାନମଗ୍ନ ଅବସରର ଜୀବନଯାପନ ନୁହେଁ । ଏହା ବ୍ୟତୀତ ତାକୁ ନଦେଖି, ନିକଟରୁ ନିରୀକ୍ଷଣ ନକରି ତା'ର ଏଠାରେ ରହିବା ସମ୍ବନ୍ଧରେ କିଛି ସ୍ଥିର କରିବା ଆମ ପକ୍ଷରେ ଅନୁଚିତ । ବର୍ତ୍ତମାନ ପ୍ରାୟ ଆଶ୍ରମରେ କାହାକୁ ଆଉ ଗ୍ରହଣ କରାଯାଉ ନାହିଁ କେବଳ ବିଶେଷ କ୍ଷେତ୍ରରେ ଜଣେ ଦୁଇଜଣଙ୍କ ବ୍ୟତୀତ ।

**ସାହାନା :** ଶ୍ରୀଅରବିନ୍ଦ ଦେବ, ଆଉ ଗୋଟିଏ ପତ୍ର ଜଣେ ସାଙ୍ଗର ପଠାଉଛି । ଦର୍ଶନ ସମୟରେ ସିଏ ଆସିଥିଲା, ଆପଣ ବ୍ୟସ୍ତ ଥିଲେ ବୋଲି ପଠାଇ ନାହିଁ । ଏଇ ବନ୍ଧୁଟି ବହୁଦିନ ପୂର୍ବରୁ ଆଶ୍ରମ ନିମନ୍ତେ କେବଳ ରହିବା ଲାଗି ଅନୁରୋଧ କରି ଲେଖିଥିଲା, ହୁଏତ ଆପଣଙ୍କର ମନେ ଥିବ । ଏଇ ଝିଅଟିକୁ ପିଲାଦିନୁ ମୁଁ ଜାଣିଛି ଏବଂ ତା' ପତ୍ରରୁ ଜଣାଯାଏ ସେ ଯୋଗାଭ୍ୟାସ କରିବା ନିମନ୍ତେ ଆଶ୍ରମକୁ ଆସିବାକୁ ଚାହେଁ । ମୁଁ ତାକୁ ଆପଣଙ୍କର ପୁସ୍ତକାବଳି ନିତ୍ୟ ପାଠ କରିବାକୁ ଲେଖିଛି ଏବଂ ଆପଣଙ୍କୁ ଜଣାଇବା ପରେ ତାକୁ ଉତ୍ତର ଦେଉଛି ବୋଲି ମଧ୍ୟ ଲେଖିଛି । ସେ ମୋର ଉତ୍ତରକୁ ଆଶା କରି ବସିଛି । କି ଉତ୍ତର ଦେବି ଦୟାକରି ମୋତେ ଜଣାଇବେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ବନ୍ଧୁକୁ ଏଠାକୁ ଆସିବାକୁ କହିବା ସମ୍ଭବ ନୁହେଁ କାରଣ ତାହା ନିର୍ଭର କରେ ଅନେକ ଜିନିଷ ଉପରେ ଯେଉଁ ସବୁର ଉଲ୍ଲେଖ ତା' ଚିଠିରେ ସେମିତି ପରିଷ୍କାର ଭାବେ କିଛି ନାହିଁ । ପ୍ରଥମ କଥା – ଏଇ ପଥରେ ପ୍ରବେଶ କରିବାକୁ ହେବ ଏବଂ ଦେଖିବାକୁ ହେବ ଏଇ ପଥରେ ପ୍ରବେଶ କରିବା ନିମନ୍ତେ ସେ ଆହ୍ୱାନ ପାଇଛି କି ନାହିଁ ? ଏହା ପରର ପ୍ରଶ୍ନ ହେଉଛି ସେ ଏଠାକାର ଆଶ୍ରମ ଜୀବନ ନିମନ୍ତେ ଗଢ଼ା ହୋଇଛି କି ନା ? ପାରିବାରିକ କର୍ତ୍ତବ୍ୟ ସମ୍ବନ୍ଧରେ ପ୍ରଶ୍ନର ଉତ୍ତର ଏହି ରୂପେ ଦିଆଯାଇଥାଏ – ପାରିବାରିକ କର୍ତ୍ତବ୍ୟ ଆଦି ସେତେଦିନ ପର୍ଯ୍ୟନ୍ତ ଥାଏ ଯେତେଦିନ ପର୍ଯ୍ୟନ୍ତ ଗୃହସ୍ଥ ଜୀବନର ସାଧାରଣ ଚେତନାରେ ବାସ କରାଯାଇଥାଏ, ଯଦି ଆଧାତ୍ମିକ ଜୀବନ ଗ୍ରହଣ ନିମନ୍ତେ ଭିତରୁ ଡାକରା ଆସେ, ସେତେବେଳେ ସେ ସେସମ୍ବନ୍ଧରେ ନିଜକୁ ଆବଦ୍ଧ କରି ରଖିବ କି ନାହିଁ ତାହା ନିର୍ଭର କରେ ସେ କେଉଁ ଯୋଗମାର୍ଗ ଅନୁସରଣ କରିବ ଏବଂ କିଛିଟା ନିର୍ଭର କରେ ତା'ର ନିଜର ଆଧାତ୍ମିକ ଆବଶ୍ୟକତା ଉପରେ । ଅନେକେ ଏପରି ଅଛନ୍ତି ଯେଉଁମାନେ ଅନ୍ତର ମଧ୍ୟରେ ଆଧାତ୍ମିକ ଜୀବନଯାପନ କରୁଥାଆନ୍ତି ଏବଂ ବାହ୍ୟ ଦିଗରେ ପାରିବାରିକ କର୍ତ୍ତବ୍ୟ ମଧ୍ୟ କରୁଥାଆନ୍ତି କର୍ମଯୋଗର ସାଧନକ୍ଷେତ୍ର ଭାବରେ – ସାମାଜିକ ଦାୟିତ୍ୱ ଭାବେ ନୁହେଁ । ପୁଣି ଅନେକେ ଅଛନ୍ତି ସବୁକିଛି ତ୍ୟାଗ କରି ଅନ୍ତରର ଆଧାତ୍ମିକ ଆହ୍ୱାନ ଶୁଣି ସେଇ ପଥ ଅନୁସରଣ କରି ଚାଲନ୍ତି ଏବଂ ସେଇମାନେହିଁ ନ୍ୟାୟତଃ ଠିକ୍ କରନ୍ତି ଯଦି ସେମାନେ ଯେଉଁ ଯୋଗାଭ୍ୟାସ କରନ୍ତି ତାହା ତାଙ୍କ ପକ୍ଷେ ଅପରିହାର୍ଯ୍ୟ ହୋଇପଡ଼େ କିଂବା ତାହା ସେମାନଙ୍କର ଅନ୍ତରାତ୍ମାର ବାଧ୍ୟତାମୂଳକ ଦାବି ହୁଏ ।

(୨୧.୧୦.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ରାଜନ ସାହୁ, ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, **ସା. କେନ୍ଦୁଝର ଗଡ଼**, ଜି. କେନ୍ଦୁଝର, ଓଡ଼ିଶା, ପିନ୍ – ୭୫୮ ୦୦୧, ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ B. Sc. / B. A. B.Ed ଶିକ୍ଷାଗତ ଯୋଗ୍ୟତା ଥିବା ମାତୃପ୍ରେମୀ ଅଧ୍ୟକ୍ଷ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ବାମନାବତାର କଥା

## ଭିକାରି ଚରଣ ପଣ୍ଡା

ଦେବତା ଓ ଅସୁରମାନଙ୍କ କଳି ସବୁଦିନେ । କିନ୍ତୁ ଅମୃତ ଭାଗ ହେବା ସମୟରୁ ସେହି କଳିଟା ବେଶୀ ତେଜି ଉଠିଲା । କାରଣ, ଉଭୟ ଦଳ ମିଶି ସମୁଦ୍ରକୁ ମନ୍ଥି ଅମୃତ ବାହାର କରିଥିଲେ । କିନ୍ତୁ କେବଳ ଦେବତାମାନେହିଁ ଅମୃତକୁ ଖାଇଗଲେ, ଅସୁରମାନଙ୍କୁ ଆଙ୍ଗୁଠି ଟିପରେ ଟିପାଏ ସୁଦ୍ଧା ଦେଲେ ନାହିଁ । ଏଥିରେ ଉତ୍ତ୍ୟକ୍ତ ହୋଇ ଅସୁରମାନେ ଜୀବନର ଆଶା ଛାଡ଼ି ଦେବତାମାନଙ୍କୁ ଆକ୍ରମଣ କଲେ । କାରଣ, ଅମୃତ ନପାଇବାଟା ତାଙ୍କୁ ବଡ଼ ବାଧିଲା । ଅନେକ ଦିନ ଧରି ଭୟାନକ ସଂଗ୍ରାମ ଚାଲିବା ଉତ୍ତାରେ ଦିନେ ଅସୁର ରାଜା ବଳି ଇନ୍ଦ୍ରଙ୍କ ଦ୍ୱାରା ନିହତ ହେଲେ । ଏଥିରେ ଅସୁରମାନେ ନ ହଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଯୁଦ୍ଧ ଚାଲୁ ରଖିବାକୁ ବାହାରି ଥିଲେ । କିନ୍ତୁ ହଠାତ୍ ଯୁଦ୍ଧକ୍ଷେତ୍ରରେ ନାରଦ ପହଞ୍ଚି ଯାଇ ଉଭୟଙ୍କୁ ବାରଣ କଲେ । ଦେବତାମାନେ ଭାବନ୍ତି ଯେ ନାରଦ କେବଳ ସେମାନଙ୍କର ହିତାକାଙ୍କ୍ଷୀ ଅଟନ୍ତି, ଅସୁରମାନଙ୍କ ହିତାକାଙ୍କ୍ଷୀ ନୁହନ୍ତି । ଅସୁରମାନେ ଭାବନ୍ତି ଯେ ନାରଦ କେବଳ ଅସୁରମାନଙ୍କ ହିତବାଞ୍ଛା କରନ୍ତି, ଦେବତାମାନଙ୍କ ହିତବାଞ୍ଛା କରନ୍ତି ନାହିଁ । ତେଣୁ ଉଭୟ ପକ୍ଷ ନାରଦଙ୍କ କଥାକୁ ଶିରୋଧାର୍ଯ୍ୟ କଲେ ଓ ତତ୍‌କ୍ଷଣାତ୍ ଯୁଦ୍ଧ ବନ୍ଦ କଲେ ।

ବଳିଙ୍କ ଶରୀର ତ ଛିନ୍ନଭିନ୍ନ ହୋଇ ଯୁଦ୍ଧକ୍ଷେତ୍ରରେ ପଡ଼ିଥିଲା । ଶୁକ୍ର କ'ଣ କଲେନା ସେହି ଶରୀରକୁ ଯତ୍ନ ସହକାରେ ଅଣାଇଲେ ଓ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ଯଥା ସ୍ଥାନରେ ଯୋଡ଼ି ମନ୍ତ୍ରପାଣି ଛିଞ୍ଚିଦେଲେ । ତତ୍‌କ୍ଷଣାତ୍ ବଳିରାଜା ନିଦରୁ ଉଠିବା ପରି ଉଠି ବସିଲେ । ଏଥର ସେ ନିଜର ସବୁ ଭାର ଶୁକ୍ରଙ୍କ ଉପରେ ଅର୍ପଣ କଲେ । ସଜଳ ଚକ୍ଷୁରେ କହିଲେ, ''ହେ ଗୁରୁ ! ଆପଣଙ୍କ ମନ୍ତ୍ର ବିଦ୍ୟାର ପ୍ରଭାବରୁ ଅସୁରକୁଳ ଯୁଗେ ଯୁଗେ ସୁରକ୍ଷିତ । ଆପଣଙ୍କ ଚରଣ ଧୂଳି ଆମ ଶିରରେ ଥିବା ପର୍ଯ୍ୟନ୍ତ ଇନ୍ଦ୍ରଙ୍କ ବଜ୍ରକୁ ସୁଦ୍ଧା ଆମର ଭୟ ନାହିଁ । ଆଦେଶ ଦିଅନ୍ତୁ, ଆପଣଙ୍କ ଆଶୀର୍ବାଦ ପାଇ ପୁନଶ୍ଚ ସମରସଜ୍ଜା ଆରମ୍ଭ କରିବୁ ।''

ଶୁକ୍ର ମୃଦୁ ହସି ବଳିଙ୍କୁ ବାରଣ କଲେ ଓ ଅତି ବିରାଟ ଏକ ଯଜ୍ଞର ଆୟୋଜନ କରାଇଲେ । ସେହି ଯଜ୍ଞର ନାମ ହେଉଛି ବିଶ୍ୱଜିତ୍‌ଯଜ୍ଞ । ଏହା ଦେଖି ଅସୁରମାନେ ''ଇୟେ କି ପ୍ରକାର ପ୍ରତିକାର ଶୁକ୍ର ଗୋସାଇଁ କଲେ'' ବୋଲି ପରସ୍ପର ମୁହଁ ଚୁହାଁଚୁହିଁ ହେଲେ । ଏହା ସେମାନଙ୍କୁ ଭାରି ତାଟକା ଲାଗିଲା । କାରଣ, ଭୋଜି ନିମନ୍ତ୍ରଣ ପାଇଲେ ଚକୁଳିଆ-ପଣ୍ଡାମାନେ ନାଚିବା ପରି ଅସୁର ଜାତିଟା ଖାଲି ଯୁଦ୍ଧ ନିମନ୍ତ୍ରଣ ପାଇଲେହିଁ ନାଚି ଜାଣନ୍ତି । କିନ୍ତୁ ମହାରାଜ ବଳି ତଥା ତାଙ୍କର ଅତି ବିଶ୍ୱସ୍ତ ମନ୍ତ୍ରୀବର୍ଗ ଜାଣନ୍ତି ଯେ ଶୁକ୍ରାଚାର୍ଯ୍ୟଙ୍କର ଗଭୀର ବୁଦ୍ଧିକୁ ମାପିବା ଯାହା, ଆକାଶକୁ ହାତ ଭିତରେ ଧରିବାକୁ ଯିବା ତାହା । ଅସୁର ଜାତିଟାର ନିଜସ୍ୱ ବାହାଦୁରି ବୋଲି ଯଦି କିଛି ଥାଏ, ତେବେ ତାହା ହେଲା ସେମାନଙ୍କ ଦେବଦ୍ରୋହୀ ପ୍ରକୃତି । ଏହା ଛଡ଼ା ଆଉ ବାହାଦୁରି କିଛି ନାହିଁ, ସବୁ ବାହାଦୁରିର ଉତ୍ସ ହେଉଛି ଶୁକ୍ରାଚାର୍ଯ୍ୟଙ୍କ ବୁଦ୍ଧି –ଏହା ଅସୁର ନେତାମାନେ ଭଲ କରି ଜାଣନ୍ତି । ତେଣୁ ଶୁକ୍ରାଚାର୍ଯ୍ୟ ଯେତେବେଳେ ଯଜ୍ଞ କରିବାକୁ ପରାମର୍ଶ ଦେଲେ, ବଳି ମହାରାଜ ତାକୁ ହର୍ଷଭରେ ସ୍ୱୀକାର କରିନେଲେ । ଯଜ୍ଞ ସମାପନ ହେବା ପର୍ଯ୍ୟନ୍ତ ଶୁକ୍ରଙ୍କ ପରାମର୍ଶ ଅନୁଯାୟୀ ପ୍ରତ୍ୟେକ କର୍ମକୁ ଏପରି ନିଖୁଣ ସହକାରେ କଲେ ଓ ଏପରି ତ୍ୟାଗପୂତ ଭାବରେ କଲେ ଯେ ବ୍ରତରେ ଛିଦ୍ର ହେବାର ବାଟ ରହିଲା ନାହିଁ । ଯଜ୍ଞାବଭୃଥ ସ୍ନାନ (ଯଜ୍ଞର ସବା ଶେଷ କର୍ମ) ହେବା ବେଳକୁ ବଳି ଓ ତାଙ୍କ ପତ୍ନୀଙ୍କର ପିନ୍ଧିବା ବସ୍ତ୍ର ଛଡ଼ା ଆଉ କିଛି ସମ୍ପତ୍ତି ଅବଶେଷ ନଥିଲା ।

ଶୁକ୍ରାଚାର୍ଯ୍ୟ ଏଥର ଆଦେଶ ଦେଲେ ସମରସଜ୍ଜା ପାଇଁ । ସାରା ଅସୁର ଫଉଜ ଭିତରେ ଆନନ୍ଦର ଲହଡ଼ି ଖେଳିଗଲା । ଶୁକ୍ରାଚାର୍ଯ୍ୟ ସ୍ୱୟଂ ଗୋଟିଏ ରଥ ବଳିଙ୍କୁ ଉପହାର ଦେଲେ, ଯାହା ଉପରେ ସେ ନିଜର ଶ୍ରେଷ୍ଠ ଆୟୁଧମାନଙ୍କୁ ସଜାଡ଼ି, ଦିବ୍ୟକବଚ ଧାରଣ କରି ବସିଲେ । ଆପଣାର ପିତାମହ ପ୍ରହ୍ଲାଦଙ୍କୁ ମନେ ମନେ ସୁମରଣା କରି ତାଙ୍କ ଉଦ୍ଦେଶ୍ୟରେ ନମସ୍କାର କଲେ । ଶୁଭ ଲଗ୍ନରେ ରାଜଦାଣ୍ଡରେ ଅସଂଖ୍ୟ ସେନାର ପୁରୋଭାଗରେ ଯୁଦ୍ଧର ଅନୁକୂଳ ଚିହ୍ନ ସ୍ୱରୂପ ସେ ଶଙ୍ଖଧ୍ୱନି କଲେ । ସଙ୍ଗେ ସଙ୍ଗେ ଯୁଦ୍ଧ ଦୁନ୍ଦୁଭି ବାଜି ଉଠିଲା । ମହାସମାରୋହରେ ସେନା ଆଗେଇ ଚାଲିଲା ସ୍ୱର୍ଗ ଅବରୋଧ କରିବା ଉଦ୍ଦେଶ୍ୟରେ ।

ତେଣେ ସ୍ୱର୍ଗପୁରୀରେ ଦେବତାମାନେ ଖବର ପାଇ ସାରିଲେଣି । ଦେବରାଜ ଅତି ତ୍ୱରା ହୋଇ ବୃହସ୍ପତିଙ୍କୁ ସ୍ମରଣ କଲେ ଓ ପଚାରିଲେ ଯେ ଏଥର ବଳି ଆଗ ଅପେକ୍ଷା ଦୁର୍ଦ୍ଧର୍ଷ ଜଣା ପଡୁଛନ୍ତି । ତାଙ୍କ ଆକୃତିରେ ଓଜଃ, ସହଃ, ବଳ ଓ ତେଜଃ ଏହି ଦିବ୍ୟଶକ୍ତିଗୁଡ଼ିକ ଭରପୂର ଥିବା ଭଳି ଦେଖା ଯାଉଛି । ହଠାତ୍ ଏହି ଉନ୍ନତିର କାରଣ କ'ଣ ଓ ଏଭଳି ସ୍ଥିତିରେ ତାଙ୍କର ମୁକାବିଲା କରାଯିବ କି ନା ?

ବୃହସ୍ପତି ଇନ୍ଦ୍ରଙ୍କୁ କହିଲେ ଯେ – ପୂର୍ବରୁ ବଳି କେବଳ ସ୍ଥୂଳ ଆସୁରିକ ଶକ୍ତିର ଭରସାରେ ଯୁଦ୍ଧ କରୁଥିବାରୁ ତାଙ୍କୁ ପରାଜୟ କରି ହେଉଥିଲା । ବର୍ତ୍ତମାନ ସେ ତାଙ୍କ ନିଜର ସୀମାବଦ୍ଧତାକୁ ବୁଝି ପାରିଛନ୍ତି ଓ ନୂତନ ଏକ ବଳକୁ ଉପାର୍ଜନ କରିଛନ୍ତି । ସେହି ବଳ ହେଉଛି ପୁଣ୍ୟ ଶକ୍ତି ରୂପକ ସୂକ୍ଷ୍ମବଳ । ତାହା ମାନସିକ ବୁଦ୍ଧି ବିଦ୍ୟାର ବଳ ଅପେକ୍ଷା ମଧ୍ୟ ଉତ୍କର୍ଷରେ ଅଧିକ । ଶାରୀରିକ ପରାକ୍ରମ ଅପେକ୍ଷା ତ ନିଶ୍ଚୟ ଅଧିକ । କୌଣସି ଅସ୍ତ୍ର ସେଇଠି କାମ ଦେବ ନାହିଁ । ତେଣୁ କାଳ ବିଳମ୍ବ ନକରି ଦେବତାମାନେ ସ୍ୱର୍ଗ ଛାଡ଼ି ପଳାନ୍ତୁ । ଯେତେବେଳେ ସ୍ୱର୍ଗପୁରୀର ନର୍ତ୍ତକୀ ଓ ଯାବତୀୟ ଅନ୍ୟାନ୍ୟ ଭୋଗ୍ୟବସ୍ତୁଗୁଡ଼ିକୁ ଉପଭୋଗ କରି କରି ଅସୁର ରାଜା ଭୋଗସର୍ବସ୍ୱ ହୋଇ ଉଠିବେ, ସେତେବେଳେ ତାଙ୍କର ସମସ୍ତ ପୁଣ୍ୟବଳ ନଷ୍ଟ ହୋଇଯିବ ଓ ତେଜଃ, ଓଜଃ, ସହଃ, ବଳ ପ୍ରଭୃତି ଦିବ୍ୟଗୁଣଗୁଡ଼ିକ ଶରୀରରୁ ଚାଲିଯିବ, ସେତେବେଳେ ସାମାନ୍ୟ ଆଘାତରେ ମଧ୍ୟ ସେ ମୃତ୍ୟୁର କବଳରେ ପଡ଼ିଯିବେ । ସେତକ ହେବାଯାଏଁ ଦେବତାମାନଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ । ବୃହସ୍ପତିଙ୍କର ଏହି ପରାମର୍ଶ ଶୁଣି ଦେବତାମାନେ ତାହାହିଁ କଲେ । ସୁତରାଂ ବଳି ସ୍ୱର୍ଗ ଅବରୋଧ କରି ଯେତେବେଳେ ଯୁଦ୍ଧ ଡାକରା ସ୍ୱରୂପ ଶଙ୍ଖଧ୍ୱନି କଲେ, ସେତେବେଳେ ତା'ର ପ୍ରତିବାଦ କରିବାକୁ ବିଲେଇ ଛୁଆଟିଏ ସୁଦ୍ଧା ସେ ପୁରୀରେ ନଥିଲେ ।

ଶୁକ୍ରାଚାର୍ଯ୍ୟ ଅତି ଚତୁର ଓ ଦୂରଦର୍ଶୀ । ବଳି ଯେଉଁ ଦିନ ସ୍ୱର୍ଗର ସିଂହାସନରେ ବସିଲେ, ସେହି ଦିନହିଁ ଶହେଟି ଅଶ୍ୱମେଧ ଯଜ୍ଞ କରିବାକୁ ତାଙ୍କ ଉପରେ ହୁକୁମ ଲଦି ଦେଲେ । ପୁଣ୍ୟର ଫଳ ଭୋଗ କରୁଥିବା ବେଳେ ଅଥଚ ପୁଣ୍ୟ ସରିବା ପୂର୍ବରୁହିଁ ନୂତନ ପୁଣ୍ୟ ଅର୍ଜନ କରାଯିବା ଉଚିତ । ବଳିରାଜା ଏ ଆଦେଶକୁ ମଥାପାତି ସ୍ୱୀକାର କରିନେଲେ ଓ ସ୍ୱର୍ଗରେ ଆପଣାର ପ୍ରତିନିଧିମାନଙ୍କୁ ରଖାଇ ଦେଇ ସ୍ୱର୍ଗର ମୋହ ପରିତ୍ୟାଗ ପୂର୍ବକ କର୍ମଭୂମି ଭାରତବର୍ଷକୁ ଗୁରୁଙ୍କ ପଛେ ପଛେ ଚାଲି ଆସିଲେ । କାରଣ, ସାରା ବିଶ୍ୱବ୍ରହ୍ମାଣ୍ଡରେ କି ସ୍ୱର୍ଗ, କି ମର୍ତ୍ତ୍ୟ, କି ପାତାଳ ସମସ୍ତଙ୍କ ଭିତରେ ଏକମାତ୍ର ଭାରତବର୍ଷହିଁ କର୍ମଭୂମି । ଅନ୍ୟ ସମସ୍ତ ହେଉଛନ୍ତି ଭୋଗଭୂମି ମାତ୍ର । ନର୍ମଦା ନଦୀର ଉତ୍ତର ତଟରେ ବିରାଟ ଯଜ୍ଞଶାଳା ତିଆରି ହେଲା । ଦେବତାମାନେ ଏ ପ୍ରସ୍ତୁତି ଦେଖି ସବୁଦିନ ପାଇଁ ସ୍ୱର୍ଗକୁ ପାସୋରିଲୁଁ ବୋଲି ଭାବିଲେ ।

ଦେବତାମାନଙ୍କ ମାତା ଅଦିତି, ଏ ଘଟଣା ଦେଖି ଆପଣାର ପୁତ୍ରମାନଙ୍କ ଦୁଃଖରେ ବ୍ୟଥିତା ହେଲେ । ନିଜର ଆଶ୍ରୟସ୍ଥାନରୁ ତଡ଼ାଖାଇ ନିରାଶ୍ରୟ ହୋଇ ଘୂରି ବୁଲୁଥିବା ଦେବତାମାନେ ପୁନଶ୍ଚ କିପରି ସ୍ୱର୍ଗରେ ସ୍ଥାୟୀ ହୋଇ ବସି ପାରିବେ ଏଥିପାଇଁ ଭଗବାନଙ୍କ ଶରଣାପନ୍ନ ହେଲେ । ପୟୋବ୍ରତ ନାମକ ଏକପ୍ରକାର ବ୍ରତ ଦ୍ୱାରା ସେ ପରମପିତା ଭଗବାନଙ୍କୁ ସନ୍ତୁଷ୍ଟ କଲେ ଓ ତାଙ୍କର ଦର୍ଶନ ଲାଭ କଲେ ।

ଭଗବାନ୍ ଅଦିତିଙ୍କୁ ଦେଖାଦେଇ କହିଲେ, ''ହେ ଦେବି ! ତୁମେ ଯାହା କାମନା କରିଛ ତାହା ମୁଁ ଜାଣେ । କିନ୍ତୁ ତୁମେ କ'ଣ ଜାଣ ନାହିଁ ଯେ ବଳି ବର୍ତ୍ତମାନ ମୋର ଦେଲା ପୁଣ୍ୟଫଳ ଭୋଗ କରୁଛି ? କାରଣ ଯେକୌଣସି ଯଜ୍ଞ ଆନ୍ତରିକ ଭାବେ ଜଣେ ଯଦି କରେ, ତେବେ ପରୋକ୍ଷରେ ମୋତେହିଁ ତ ପୂଜା କରିଥାଏ ! ମୁଁ ହେଉଛି ସକଳ ଯଜ୍ଞର ଭୋକ୍ତା ଓ ଅଧୀଶ୍ୱର । ଯଜ୍ଞର ଫଳ ମୋ ହସ୍ତରୁ ଯଜମାନ ଲାଭ କରିଥାଏ । ବଳି ଯେହେତୁ ଯଜ୍ଞାବଶେଷ ଅନ୍ନକୁ ଗ୍ରହଣ କରି ଦିନ ଯାପନ କରୁଛି ଏବଂ ଯେହେତୁ ତା'ର ସମସ୍ତ ସମ୍ପତ୍ତି ଯଜ୍ଞାବଶିଷ୍ଟ ଅଟେ, ଏଣୁ କାହାର ସାଧ ନାହିଁ ସେହି ସମ୍ପତ୍ତିରୁ ତାକୁ ଉଚ୍ଛେଦ କରିବାକୁ, ସେ ଯେ କେହି ହେଉନା କାହିଁକି । ବଳରେ, କୂଟକପଟରେ ଅଥବା ଅନ୍ୟ କୌଣସି ସ୍ଥୂଳ ଉପାୟରେ ତାକୁ କେହି ଜିଣି ପାରିବେ ନାହିଁ । ତଥାପି ମୋର ଆରାଧନା କରି ଯେହେତୁ ତୁମେ ମୋତେ ପ୍ରସନ୍ନ କରିଛ, ତେଣୁ ତୁମର ପୁତ୍ରମାନଙ୍କର ମଧ୍ୟ ଯହିଁରେ କଲ୍ୟାଣ ହେବ, ସେପରି ଏକ ଉପାୟ ମୋତେ ଭାବିବାକୁ ହେବ । ମୁଁ ତୁମ ଗର୍ଭରୁ ବ୍ରାହ୍ମଣ ବାଳକ ରୂପେ ଜନ୍ମଗ୍ରହଣ କରିବି ଓ ହାତପତାଇ ବଳି ପାଖରୁ ସମସ୍ତ ସମ୍ପତ୍ତି ମାଗି ଆଣିବି । ଏହା ଛଡ଼ା ଅନ୍ୟ ଉପାୟ ନାହିଁ । ବର୍ତ୍ତମାନ ତୁମର ନିଷ୍କଳଙ୍କ ପତି, ଯେ କି ଅନ୍ୟତମ ପ୍ରଜାପତି ଅଟନ୍ତି, ତାଙ୍କର ପୁଣ୍ୟ ଔରସରେ ତୁମର ଗର୍ଭାଧାନ ହେଉ । କିନ୍ତୁ ଗର୍ଭାଧାନ ସମୟରେ ପତିପତ୍ନୀ ମିଳି ମୋତେ ମନେ

ମନେ ଆବାହନ କରିବ ଓ ତୁମେ ପତିର ଶରୀରରେ ମୋତେ ଧ୍ୟାନ କରି ପତି ସହିତ ମିଳିତ ହେବ । ଏହା ଅତ୍ୟନ୍ତ ଗୋପନ ରଖିବ । ଯେହେତୁ ଦେବଗୁହ୍ୟ ବ୍ୟାପାରଗୁଡ଼ିକ ପୂର୍ଣ୍ଣଗୋପନ ରହିଲେ ଯାଇ ଉପଯୁକ୍ତ ଫଳ ଦିଏ ।''

କ୍ରମେ ଦଶମାସ ପୂର୍ଣ୍ଣ ହୁଅନ୍ତେ ଅଦିତିଙ୍କ ଗର୍ଭରୁ ଏକ ଦିବ୍ୟଶିଶୁ ଜନ୍ମଲାଭ କଲା । ତା'ର ସର୍ବାଙ୍ଗରୁ ବ୍ରହ୍ମତେଜଃ ଫୁଟି ପଡୁଥିଲା । ଏକେ ତ ଅଦିତି ଓ କଶ୍ୟପ ହେଉଛନ୍ତି ସାରା ଦେବତାକୁଳର ମାତାପିତା, ସେମାନଙ୍କ ସନ୍ତାନ ନିଶ୍ଚୟ ତେଜସ୍ୱୀ ହେବା କଥା, ଦ୍ୱିତୀୟତଃ ସେହି ସନ୍ତାନଟି ବିଷ୍ଣୁକଳା ଅଟେ । ତେଣୁ ତା'ର କଥା ଆଉ କ'ଣ କହିବା ?

ବ୍ରାହ୍ମଣମାନଙ୍କର ଦୁଇଥର ଜନ୍ମ ହୁଏ ବୋଲି ସେମାନଙ୍କୁ ଦ୍ୱିଜ କୁହାଯାଏ । ମାତୃଗର୍ଭରୁ ଜନ୍ମ ହେବାଟା ଗୋଟାଏ ଜନ୍ମ ଓ ଯଜ୍ଞୋପବୀତ ପାଇବା ବେଳେ ଯେଉଁ ସଂସ୍କାର କରାଯାଏ, ତାହା ଗୋଟିଏ ଜନ୍ମ । ଏହାକୁ ଉପନୟନ ସଂସ୍କାର କହନ୍ତି । ବାସ୍ତବରେ ଉପନୟନ ସଂସ୍କାର ହେଉଛି ଏକ ପ୍ରତୀକ ମାତ୍ର ଏବଂ ଏହା ଯାହାର ପ୍ରତୀକ ଅଟେ, ସେହି ଜିନିଷଟି ହେଉଛି ଆଧ୍ୟାତ୍ମିକ । ସଂକ୍ଷେପରେ କହିଲେ, ଉପନୟନ ସଂସ୍କାର ହେଉଛି ନବଜନ୍ମର ପ୍ରତୀକ । ଉପନୟନ ସଂସ୍କାର ପରେ ବାଳକକୁ ବ୍ରହ୍ମଚାରୀ ବା 'ବଟୁ' କୁହାଯାଏ । ବ୍ରହ୍ମଚାରୀଙ୍କର ଧର୍ମ ହେଲା ଭିକ୍ଷା ମାଗିବା ଓ ଗୁରୁସେବା ପୂର୍ବକ ବିଦ୍ୟା ପଢ଼ିବା । ଅଦିତିଙ୍କ ପୁତ୍ର ଉପନୟନ ସଂସ୍କାର ଦ୍ୱାରା ବ୍ରହ୍ମଚାରୀ ଜୀବନକୁ ପ୍ରବେଶ କଲେ । ତାଙ୍କର ବୋଧ୍ ବଳରେ ସେ ତତ୍‌କ୍ଷଣାତ୍ ସଚେତନ ହେଲେ ଯେ ଯେଉଁ ମହାନ୍ କାର୍ଯ୍ୟର ଭାର ନେଇ ସେ ଆସିଛନ୍ତି, ସେଇ ବିଷୟରେ । ସେତେବେଳକୁ ତାଙ୍କର ବୟସ ମାତ୍ର ସାତବର୍ଷ । ହାତରେ ତାଳପତ୍ର ଛତା, କମଣ୍ଡଳୁ, ଭିକ୍ଷାପାତ୍ର ପ୍ରଭୃତି ସେ ସଜାଡ଼ିଲେ । କାନ୍ଧରେ ଶ୍ରୁବ, ଶ୍ରୁଚ, ପ୍ରୋକ୍ଷଣୀପାତ୍ର, ତମ୍ବାପାତ୍ର ପ୍ରଭୃତି ଯଜ୍ଞୋପକରଣ ଓ ବେଦପୋଥି (ତାଳପତ୍ର ଲିଖିତ) ବୋହିଲେ । ବେକରେ ରୁଦ୍ରାକ୍ଷମାଳା ଧାରଣ କଲେ । ବାମ କାନ୍ଧରେ ଯଜ୍ଞୋପବୀତ, କୃଷ୍ଣମୃଗ ଚର୍ମ ଓ କାଖରେ କୁଶବିଡ଼ାଏ ଧଇଲେ । ତତ୍ପରେ ଏପରି ଲଳିତ ସ୍ୱରରେ ସାମଗାୟନ କଲେ ଯେ ହଠାତ୍ ଶୁଷ୍କ ଗଛପତ୍ରରେ ସୁଦ୍ଧା ପତ୍ର କଅଁଳି ଉଠିଲା । ଅ-ବସନ୍ତରେ ବସନ୍ତ ବିରାଜିତ ହେଲା, ପାଣି ପବନ, ଗଛଲତା, ବଣପାହାଡ଼, ଆକାଶ ସମସ୍ତେ ମଧୁ ବର୍ଷା କଲାପରି ପ୍ରତୀୟମାନ ହେଲେ । ଚତୁଷ୍ପଦ ଜୀବମାନେ ସେହି ଅପୂର୍ବ ସ୍ୱରଲହରୀ ଶୁଣି ତୃଣ କବଳକୁ ପାଟିରେ ସେଇପରି ରଖି, କାନଠିଆ କରି ଚିତ୍ରପ୍ରତିମା ପରି ରହିଗଲେ । ବାମନବଟୁ ଧୀରେ ଧୀରେ ବଳିର ଯଜ୍ଞଶାଳା ଉଦ୍ଦେଶ୍ୟରେ ଗତି କଲେ । ଦେବତାମାନେ ଅଦୃଶ୍ୟରେ ଥାଇ ଭଗବାନଙ୍କର ଅବାଙ୍‌ମାନସ-ଗୋଚର କର୍ମକୁ ସଂଭ୍ରମ ସହକାରେ ଚାହିଁ ରହିଲେ ।

(କ୍ରମଶଃ) ❑

## କର୍ମଶାଳା - ୨୦୧୭

ଚିତ୍ତରଞ୍ଜନ ଦାସ (ଚିତ୍ତଭାଇ)ଙ୍କର ପଥୀ....ବନ୍ଧୁପ ଅନୁକ୍ଷଣ ଅନୁଚର ଗବେଷଣା ପ୍ରତିଷ୍ଠାନ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମେ ୧୩ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ (ରାଜ୍ୟସ୍ତରୀୟ) ଗବେଷଣା ଓ ଆଲୋଚନା କାର୍ଯ୍ୟକ୍ରମରେ ଭାଗନେବାକୁ ଚାହୁଁଥିବା ଆଗ୍ରହୀ ବନ୍ଧୁମାନଙ୍କୁ ସ୍ୱାଗତ କରାଯାଉଛି । ୨୦୧୭ ମସିହା କର୍ମଶାଳାର ଠିକଣା ।

ଯୋଗାଯୋଗ :
୦୬୭୪ - ୨୫୯୨୩୩୯ / ୯୪୩୭୪୦୪୧୮୫
୯୮୬୧୧୨୧୦୭୯ / ୯୪୩୭୦୬୮୯୦୨
୯୪୩୭୦୬୮୩୩୧ / ୯୪୩୭୮୧୭୯୩୮

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
କ୍ୟାମ୍ପସ୍ - ୨
ପଲାସପଲ୍ଲୀ, ଭୁବନେଶ୍ୱର - ୨୦

# ଆମ ସ୍ୱାସ୍ଥ୍ୟ

## (୨୦)

## ଭୋଳେଶ୍ୱର ଭୂୟାଁ

### ଶରୀରର ଆଭ୍ୟନ୍ତରୀଣ ଯନ୍ତ୍ରଗୁଡ଼ିକର ବ୍ୟାୟାମ

ଆମେ ଶରୀରର ବାହ୍ୟ ଅଙ୍ଗ-ପ୍ରତ୍ୟଙ୍ଗଗୁଡ଼ିକର ବ୍ୟାୟାମ ବିଷୟରେ ଆଲୋଚନା କରି ସାରିଛୁ । ଏଥର ଆମେ ଶରୀରର ବିଭିନ୍ନ ଶାରୀରିକ ଯନ୍ତ୍ରଗୁଡ଼ିକର ବ୍ୟାୟାମ ବିଷୟରେ ଆଲୋଚନା କରିବୁ । ସାଧାରଣତଃ ବିଭିନ୍ନ ଆସନ କରିବା ଦ୍ୱାରା ଏହିସବୁ ଯନ୍ତ୍ରମାନଙ୍କର ବ୍ୟାୟାମ ହୋଇଥାଏ । ଆଭ୍ୟନ୍ତରୀଣ ଯନ୍ତ୍ର କହିଲେ ଆମେ ହୃଦ୍-ଯନ୍ତ୍ର, ଫୁସ୍‌ଫୁସ୍, ଲିଭର, ପାକସ୍ଥଳୀ, କିଡ୍‌ନି, ମଧୁରକୋଷ, ଅନ୍ତନଳୀ ଆଦିକୁ ବୁଝୁ । ବିଭିନ୍ନ ଆସନ କରିବା ଦ୍ୱାରା ଏହି ଯନ୍ତ୍ରମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଇ ଏହାର ରକ୍ତ-ସଞ୍ଚାଳନ ଦ୍ରୁତ କରାଯାଇ ଏଥିରେ ସଂଯୋଗ କରୁଥିବା ସ୍ନାୟୁ ଓ ତନ୍ତୁମାନଙ୍କୁ ଶକ୍ତିଶାଳୀ କରାଯାଇ ଏହାର କାର୍ଯ୍ୟକାରୀ କ୍ଷମତାକୁ ବଢ଼ାଯାଇଥାଏ । କେତେକ ଆସନ କରିବା ଦ୍ୱାରା ଶରୀରର ଯନ୍ତ୍ରସବୁ ଓଲଟା ଝୁଲିଥାଏ । ସର୍ବାଙ୍ଗାସନ, ଶୀର୍ଷାସନ ଆଦି କରିବା ଦ୍ୱାରା ଯନ୍ତ୍ରସବୁ ଓଲଟା ଝୁଲିବା ଫଳରେ ଏମାନଙ୍କର ବ୍ୟାୟାମ ହୋଇଥାଏ ।

ଆମେ ବ୍ୟାୟାମ କାହିଁକି କରୁ ? ଆମେ ଯେଉଁ ଖାଦ୍ୟ ଖାଉ ତାହା ଜୀର୍ଣ୍ଣ ହେବା ପରେ ରସବାହୀ ଶିରା ମାଧମରେ ଏହାର ରସ ପ୍ରତ୍ୟେକ କୋଷକୁ ଯାଇଥାଏ । ପ୍ରତ୍ୟେକ କୋଷ ଭିତରେ Mitocondria(ମାଇଟୋକଣ୍ଡ୍ରିଆ) ନାମକ ଚୁଲାରେ ତାକୁ ପୁଣି ରନ୍ଧନ କରାଯାଇଥାଏ । ଏହି ରନ୍ଧନ ପାଇଁ ପ୍ରତ୍ୟେକ କୋଷକୁ ରକ୍ତ ମାଧମରେ ଅମ୍ଳଜାନ (Oxygen) ଏବଂ ଆମ ମଧୁରକୋଷରେ ପ୍ରସ୍ତୁତ ହେଉଥିବା ଇନ୍‌ସୁଲିନ୍ ଦରକାର ହୋଇଥାଏ । ଆମ ଶରୀରରେ ଯଦି ଅମ୍ଳଜାନ ବା ଇନ୍‌ସୁଲିନ୍‌ର ଅଭାବ ହୁଏ ତେବେ ଏହି ରନ୍ଧନ କାମରେ ବାଧା ପଡ଼ିଥାଏ । ତେଣୁ ଖାଦ୍ୟ ରସକୁ କୋଷମାନଙ୍କ ମଧରେ ରନ୍ଧନ କରାଯାଇ ନ ପାରିବାରୁ ଆମେ ଶକ୍ତି ପାଇ ନଥାଉ । ଏବଂ ଶରୀର ରୋଗଗ୍ରସ୍ତ ହୋଇ ଅଳ୍ପାୟୁ ହୋଇଥାଏ । କେବଳ ଭଲ ଖାଦ୍ୟ ଖାଇଲେ ଆମ ସ୍ୱାସ୍ଥ୍ୟ ଅତୁଟ ରହେ ନାହିଁ । ଏଥିପାଇଁ ଆମକୁ ବ୍ୟାୟାମ କରିବାକୁହିଁ ପଡ଼ିଥାଏ । ବ୍ୟାୟାମ କରିବା ଦ୍ୱାରା ଆମେ ଅଧିକ ଅମ୍ଳଜାନ ଶ୍ୱାସ ମାଧମରେ ଗ୍ରହଣ କରିଥାଉ ।

କ୍ଷିପ୍ରତାର ସହିତ କରାଯାଉଥିବା ବ୍ୟାୟାମକୁ ଏରୋବିକ୍ (Aerobic) ବ୍ୟାୟାମ କୁହାଯାଏ । Aerobic (ଏରୋବିକ୍) ବ୍ୟାୟାମ କରିବା ଦ୍ୱାରା ଆମେ ଅମ୍ଳଜାନ ଗ୍ରହଣ କରିବାର କ୍ଷମତାକୁ ତଥା ହୃତ୍‌କମ୍ପନକୁ ବଢ଼ାଇଥାଉ । ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ତଥା ବାହ୍ୟ ଅବୟବରେ ଯଥେଷ୍ଟ ପରିମାଣରେ ଅମ୍ଳଜାନ ଗ୍ରହଣ କରାଯାଇଥାଏ ।

ତୁମେ ଟି. ଭି.ରେ ଦେଖୁଥିବା ସଙ୍ଗୀତର ତାଳ ମାଧମରେ ବ୍ୟାୟାମ କରିପାର । ଦୀର୍ଘ ସମୟଧରି (ପ୍ରାୟ ଅଧଘଣ୍ଟା) ଗୋଡ଼ର ବିଭିନ୍ନ ଭଙ୍ଗୀରେ ଡେଇଁବା ଓ ହାତକୁ ତାଳ ସହିତ ବିଭିନ୍ନ ଭଙ୍ଗୀରେ ଅବିଚ୍ଛିନ୍ନଭାବେ ବୁଲାଇବା ଦ୍ୱାରା ଏହି ବ୍ୟାୟାମ ହୋଇଥାଏ । ଏହା ଛଡ଼ା ଶୀଘ୍ର ଶୀଘ୍ର ଚାଲିବା, ଦୌଡ଼ିବା, ସାଇକେଲ ଚଳାଇବା ଏବଂ ପହଁରିବା ଦ୍ୱାରା ମଧ Aerobic ବ୍ୟାୟାମ ହୋଇଥାଏ । Aerobic ବ୍ୟାୟାମର ଲକ୍ଷ୍ୟ ହେଲା ହୃତ୍‌ସ୍ପନ୍ଦନକୁ ବଢ଼ାଇବା । ହୃତ୍‌ସ୍ପନ୍ଦନକୁ କେତେ ବଢ଼ାଯିବ ତା'ର ଏକ ଧାରା ଅଛି । ଶିଶୁ ଅବସ୍ଥାରେ ଆମର ହୃତ୍‌ସ୍ପନ୍ଦନ ପ୍ରାୟ ୨୨୦ ଥର ହୋଇଥାଏ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି କମ୍ପନ କମିବାକୁ ଲାଗେ । ୨୨୦ରୁ ଆମ ବୟସ ବାଦ୍ ଦେଲେ ଯେତେ ହେବ ତା'ର ୮୦ ପ୍ରତିଶତ ହୃତ୍‌କମ୍ପନ ଆମକୁ ଏହି ବ୍ୟାୟାମ ଦ୍ୱାରା କରିବାକୁ ହେବ । ଧରାଯାଉ ଜଣେ ୭୦ ବର୍ଷ ବୟସର ଲୋକ ପାଇଁ ୨୨୦ – ୭୦ = ୧୫୦ ଏବଂ ଏହାର ୮୦ ପ୍ରତିଶତ ହେଲା ୧୨୦ । ଅର୍ଥାତ୍ ଏକ ମିନିଟରେ ତାଙ୍କର ହୃତ୍‌କମ୍ପନ ୧୨୦ ଥର ହେବା ଉଚିତ । ଏହି ହିସାବରେ ତୁମର ସର୍ବାଧିକ ହୃତ୍‌କମ୍ପନ ପ୍ରତିମିନିଟରେ କେତେ ହେବା ଉଚିତ ତୁମେ ବାହାର କରି ପାରିବ । ଏରୋବିକ୍ ବ୍ୟାୟାମ କେବଳ ହୃତ୍‌କମ୍ପନ ବଢ଼ାଇବା ନୁହେଁ । Aerobic ବ୍ୟାୟାମ ଦ୍ୱାରା ଆମେ ଅଳ୍ପ ସମୟ ମଧରେ ଆମର ହୃତ୍‌କମ୍ପନକୁ ବଢ଼ାଇଥାଉ । ଯଥା ଭାରୋତ୍ତୋଳନ, ଅଳ୍ପ ଦୂରତାର ଦୌଡ଼, ଦଣ୍ଡ, ବୈଠକ, ଚିନିଂ ଆଦି ଦ୍ୱାରା

ମାତ୍ର କେତେ ସେକେଣ୍ଡ ମଧ୍ୟରେ ଆମର ହୃତ୍‌କମ୍ପନ ବା ହୃତ୍‌ସ୍ପନ୍ଦନକୁ ତା'ର ଚରମ ସୀମାକୁ ଆଣି ପାରିଥାଉ କିନ୍ତୁ ଏହା ଦ୍ୱାରା ଶରୀରରେ ଦୀର୍ଘ ସମୟର କାର୍ଯ୍ୟକ୍ଷମତା ବଢ଼ି ନଥାଏ – ଆମକୁ କ୍ଲାନ୍ତି ଅନୁଭବ ମଧ୍ୟ ହୁଏ । ଏରୋବିକ୍ ବ୍ୟାୟାମ ଦ୍ୱାରା ଆମେ ଅକ୍ଳାନ୍ତ ଭାବରେ ଦୀର୍ଘ ସମୟ ବ୍ୟାୟାମ କରିଥାଉ ଏବଂ ଶରୀରକୁ ଅଧିକ ପରିମାଣରେ ଅମ୍ଳଜାନ ଯୋଗାଇ ଥାଉ । ଏହା କରିବା ଦ୍ୱାରା ଶରୀର ସୁସ୍ଥ-ସବଳ-ନୀରୋଗ ରହି ଦୀର୍ଘଜୀବୀ ହୋଇଥାଏ ।

ସବୁଠାରୁ ଭଲ 'ଏରୋବିକ୍' ବ୍ୟାୟାମ ହେଲା ଦୌଡ଼ିଡ଼ିଆଁ (Skipping) । ଯୁବକ ଅବସ୍ଥାରେ ୧୦୦୦ ଥର ଦୌଡ଼ିଡ଼ିଆଁ କରାଯାଇପାରେ । ୬୦ରୁ ୭୦ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଏହା ୩୦୦ରୁ ଉର୍ଦ୍ଧ୍ୱ କରାଯାଇ ପାରେ । ନିୟମିତ ବ୍ୟାୟାମର ଅଭ୍ୟାସ ରଖିଥିବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ୨୦୦ ଥର ଦୌଡ଼ିଡିଆଁ ବ୍ୟାୟାମ କରିଲେ ଯଥେଷ୍ଟ । ବୃଦ୍ଧ ଲୋକମାନେ ଦୌଡ଼ି ବ୍ୟବହାର ନକରି ଶିଢ଼ିର ବାଡ଼ାକୁ ଧରି ପାହାଚ ଧାରରେ କେବଳ ଆଗ ପାଦରେ ୨୦୦ ଥର ଡେଇଁ ପାରନ୍ତି । Skipping କରିବା ଦ୍ୱାରା ହୃତ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌ର ବିଶେଷ ବ୍ୟାୟାମ ହୋଇଥାଏ । ଏହା କଲେ କେବେହେଲେ କୌଣସି ହୃତ୍‌ରୋଗ ହୋଇ ନଥାଏ । ଯଦି ହୃତ୍‌ଯନ୍ତ୍ରରେ କିଛି ଧମନୀ ବନ୍ଦ ହୋଇ ଯାଇଥାଏ ତେବେ ଏହି ବ୍ୟାୟାମ କଲେ ଆସ୍ତେ ଆସ୍ତେ ତାହା ଖୋଲି ଯାଇଥାଏ ।

ଦ୍ୱିତୀୟ ପ୍ରକାରର ଏରୋବିକ୍ ବ୍ୟାୟାମ ହେଲା ଚାଲିବା, ଧୀର ଦୌଡ଼ ବା ଏକସ୍ଥାନ ଦୌଡ଼ । ଦିନକୁ ପାଞ୍ଚ କି. ମି. ଚାଲିଲେ (୧ କି.ମି.କୁ ୧୦ରୁ ୧୨ ମିନିଟ ବେଗରେ) ଏହି ବ୍ୟାୟାମ ହୋଇଥାଏ । ଗ୍ରୀଷ୍ମ ଦିନରେ ଖୋଲା ଜାଗାରେ, ରାସ୍ତା, ପାର୍କ ଆଦିରେ ଚାଲିବାକୁ ହେବ । ଶୀତ ବା ବର୍ଷା ଦିନେ ଘର ଭିତରେ ଅର୍ଥାତ୍ ବଡ଼ ହଲରେ ଝରକା ଖୋଲା ରଖି ଚାଲିବାକୁ ହେବ । ଦିନକୁ ଅଧ ଘଣ୍ଟାରୁ ଏକ ଘଣ୍ଟା ଚାଲିଲେ ବ୍ୟକ୍ତି କେବେହେଲେ ମୋଟା ହେବ ନାହିଁ । ବୃଦ୍ଧ ଲୋକମାନେ (୭୦ ବର୍ଷରୁ ଉର୍ଦ୍ଧ୍ୱ) ଦିନକୁ ଅଧଘଣ୍ଟା ଚାଲି ପାରନ୍ତି ।

ସାଧାରଣତଃ ବ୍ୟାୟାମ ବା ଶାରୀରିକ କର୍ମ କଲାବେଳେ ଥକିଯାଉ କାହିଁକି ? ଏହାର ଅସଲ କାରଣ ହେଲା ଏହି ସମୟରେ ଶରୀର ଯେଉଁ ପରିମାଣରେ ଅମ୍ଳଜାନ ଦରକାର କରେ ସେତିକି ପରିମାଣର ଅମ୍ଳଜାନ ଆମେ ଆମ ଶରୀରକୁ ଯୋଗାଇ ଦେଇ ପାରି ନଥାଉ । ଦ୍ୱିତୀୟ କାରଣ ହେଲା ବ୍ୟାୟାମ ଓ କର୍ମ କରିବା ସମୟରେ ମଧ୍ୟବର୍ତ୍ତିକାଳୀନ ବିଶ୍ରାମ ନେଇ ନଥାଉ । ଏହି ସମୟରେ ଜଣେ କିପରି ବିଶ୍ରାମ ନେବ ? ଏହା ହେଲା ଅସଲ ମନୋଭାବ । ଅହଂକାର ଶୂନ୍ୟ ହୋଇ ମାତୃଶକ୍ତିହିଁ ବ୍ୟକ୍ତି ଭିତରେ କର୍ମ ବା ବ୍ୟାୟାମ କରୁଛନ୍ତି ବୋଲି ମନେ କଲେ ସେ କେବେହେଲେ ଥକିବ ନାହିଁ । କର୍ମ ବା ବ୍ୟାୟାମ କରିବା ସମୟରେ ମଧ୍ୟ ଜଣେ ପୂର୍ଣ୍ଣ ନିରବ ଓ ଶାନ୍ତ ରହିପାରେ । ବ୍ୟକ୍ତି ଭିତରେ ବିଶ୍ୱଶକ୍ତି ପ୍ରବେଶ କରି କର୍ମ ବା ବ୍ୟାୟାମ କରିଥା'ନ୍ତି । ଏପରି ଅନୁଭୂତି ଆମ ଯୋଗରେ ଏକାନ୍ତ ଆବଶ୍ୟକ । ଏହା ଶରୀର ରୂପାନ୍ତରର ପ୍ରଥମ ପାବଚ୍ଛ ।

ଥକିଯିବାର ଅନ୍ୟ ଏକ କାରଣ ହେଲା ଫୁସ୍‌ଫୁସ୍ ଯଥେଷ୍ଟ ପରିମାଣରେ ବାୟୁ ଧାରଣ କରିବାରେ ଅକ୍ଷମ ହୋଇଥାଏ । ତେଣୁ ଶରୀରରେ ଅମ୍ଳଜାନର ଅଭାବ ହେବାରୁ ଥକା ଅନୁଭବ କରିଥାଉ । ତେଣୁ ଫୁସ୍‌ଫୁସ୍‌ର ରବର ସଦୃଶ ମାଂସପେଶୀକୁ ନମନୀୟ କରିବାକୁ ହେବ । ଏହାର ଆକାର ବୃଦ୍ଧି କରିବାକୁ ହେବ । ଏ କାମ ପ୍ରାଣାୟାମ ଦ୍ୱାରା ଓ ଏରୋବିକ୍ ବ୍ୟାୟାମ କରିବା ଦ୍ୱାରା ହୋଇଥାଏ । ପ୍ରାଣାୟାମ ବିଷୟରେ ଆମେ ପରେ ଆଲୋଚନା କରିବୁ । ଏଠାରେ କେବଳ ଏରୋବିକ୍ ବ୍ୟାୟାମ ବିଷୟରେ ଆଲୋଚନା କରୁଛୁ । ଏରୋବିକ୍ ବ୍ୟାୟାମ କରିବା ସମୟରେ ଲମ୍ବା ନିଃଶ୍ୱାସ ନେଇ ଲମ୍ବା ପ୍ରଶ୍ୱାସ ଛାଡ଼ିବାକୁ ହେବ । ଏହା ଦ୍ୱାରା ଫୁସ୍‌ଫୁସ୍‌ର ବାୟୁ ଧାରଣ କରିବାର କ୍ଷମତା ବୃଦ୍ଧି ପାଇଥାଏ ।

ଏରୋବିକ୍ ବ୍ୟାୟାମ ଦ୍ୱାରା ଆମ ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍ ଓ ଲିଭରର ଯଥାର୍ଥ ବ୍ୟାୟାମ ହୋଇଥାଏ । ଏଥର ଆମେ ଅନ୍ୟ ଯନ୍ତ୍ରଗୁଡ଼ିକର ବ୍ୟାୟାମ ବିଷୟରେ ଆଲୋଚନା କରିବୁ ।

**ପାକସ୍ଥଳୀ ଓ ଅନ୍ତନଳୀର ବ୍ୟାୟାମ :** ଆମେ ଆଗରୁ ମୟୂରାସନ, ଉଡ୍ଡୀୟାନ, ନୌଳି ଆଦି ବ୍ୟାୟାମ ବିଷୟରେ ଆଲୋଚନା କରିସାରିଛୁ । ଏହିସବୁ ବ୍ୟାୟାମ ଓ ଆସନ ପାକସ୍ଥଳୀ ତଥା ଅନ୍ତନଳୀକୁ ସବଳ, ନୀରୋଗ ତଥା ସୁସ୍ଥ ରଖେ ।

**ମଧୁର କୋଷର ବ୍ୟାୟାମ :** ଆମେ ଜାଣିଛୁ ମଧୁରକୋଷରୁ ନିଃସୃତ ହେଉଥିବା ଇନ୍‌ସୁଲିନ୍ କିପରି ପ୍ରତ୍ୟେକ କୋଷରେ ପ୍ରବେଶ କରି ଖାଦ୍ୟ ରସକୁ (ଗ୍ଲୁକୋଜ) ଅମ୍ଳଜାନ ସହିତ ରନ୍ଧନ କରି ଆମକୁ ଶକ୍ତି ପ୍ରଦାନ କରିଥାଏ । ତେଣୁ ଆମର ମଧୁର କୋଷକୁ ସୁସ୍ଥ-ସବଳ-ନୀରୋଗ ରଖିବା ସଙ୍ଗେ ସଙ୍ଗେ ଏହାକୁ ସର୍ବଦା କାର୍ଯ୍ୟକ୍ଷମ ରଖିବାକୁ ହେବ । ଏଥିପାଇଁ

ମଣ୍ଡୁକାସନ, ଅର୍ଦ୍ଧ-ମସ୍ୟେନ୍ଦ୍ରାସନ ଆଦି ଆସନ ସାହାଯ୍ୟ କରିଥାଏ । ଏହି ଆସନ ବିଷୟରେ ଆମେ ଆଗରୁ କହିସାରିଛୁ । ଏରୋବିକ୍ ବ୍ୟାୟାମ କରିବା ଦ୍ୱାରା ଶରୀରର ଗ୍ଲୁକୋଜକୁ ଇନ୍‌ସୁଲିନ ମାଧମରେ ଶୀଘ୍ର ଦହନ କରି ସେଥିରୁ ଶକ୍ତି ପାଇଥାଉ । ତେଣୁ ବ୍ୟକ୍ତିକୁ ସହଜରେ ମଧୁମେହ ରୋଗ ହୋଇ ନଥାଏ । ଯଦି ପୂର୍ବରୁ ମଧୁମେହ ରୋଗ (Type 2) ହୋଇଥାଏ ତେବେ ଏରୋବିକ୍ ବ୍ୟାୟାମ, ମଣ୍ଡୁକାସନ, ଅର୍ଦ୍ଧମସ୍ୟେନ୍ଦ୍ରାସନ ଦ୍ୱାରା ଏହାକୁ ଆରୋଗ୍ୟ କରାଯାଇଥାଏ ।

**କିଡ୍‌ନି ଓ ମୂତ୍ରାଶୟର ବ୍ୟାୟାମ :** କିଡ୍‌ନିର ଅସଲ କାମ ହେଲା ରକ୍ତରେ ମିଶ୍ରିତ ହୋଇ ରହିଥିବା ଆବର୍ଜନାକୁ ଛାଣି ମୂତ୍ର ଆକାରରେ ମୂତ୍ରାଶୟରେ ଜମା କରେ ଏବଂ ଶେଷରେ ଏହା ଶରୀରର ବାହାରକୁ ଯାଏ । ଆମ ଶରୀରରେ ୭୫ ପ୍ରତିଶତ ଜଳ ରହିଛି । ଆମେ ଯଦି ଯଥାର୍ଥ ପରିମାଣରେ ଜଳପାନ ନକରୁ ତେବେ ରକ୍ତ ଘନ ହୋଇଯାଏ ଏବଂ କିଡ୍‌ନି ମଧ୍ୟକୁ ଏହି ଘନ ରକ୍ତ ପ୍ରବାହକୁ ପ୍ରବେଶ କରାଇବା କଷ୍ଟକର ହୋଇଥାଏ । ତା' ସହିତ କିଡ୍‌ନିରେ ନାନା ପ୍ରକାର ଖଣିଜ ଲବଣ ଓ ଚୂନ ଆଦି ଜମା ହୋଇ ସେଠାରେ ଏହା ପଥରରେ ପରିଣତ ହୁଏ । କିଡ୍‌ନି ଓ ମୂତ୍ରାଶୟରେ ପଥର ହେବା ଦ୍ୱାରା ଏହା ଏକ କଷ୍ଟକର ରୋଗରେ ପରିଣତ ହୋଇଥାଏ । ପାକସ୍ଥଳୀ ଓ ଅନ୍ତନଳୀରେ ଖାଦ୍ୟ ହଜମ ହେବା ପାଇଁ ପ୍ରାୟ ଆଠ ଲିଟର ପାଚକ ରସ ଦରକାର ହୋଇଥାଏ । ଏହିସବୁ ପାଚକ ରସ ପାଣିରେ ମିଶ୍ରିତ ହୋଇଥାଏ । ତେଣୁ ପାକ କ୍ରିୟା ଓ ରକ୍ତ ଛାଣିବା କାମକୁ ଯଥାର୍ଥଭାବେ ବଜାୟ ରଖିବା ପାଇଁ ବ୍ୟକ୍ତିକୁ ଯଥେଷ୍ଟ ଜଳ ପାନ କରିବାକୁ ହୋଇଥାଏ । ପ୍ରତିଦିନ ଜଣେ ୩ରୁ ୪ ଲିଟର ଜଳ ପାନ କରିବା ଦରକାର । ଶୀତ ଦିନରେ ୨ରୁ ୩ ଲିଟର ଓ ଗରମ ଦିନରେ ୩ରୁ ୪ ଲିଟର ଜଳ ପାନ କରିବାକୁ ହେବ । ଅତି କମ୍‌ରେ ଶୀତ ଦିନରେ ୧½ ଲିଟର, ଗରମ ଦିନରେ ୨½ ଲିଟରରୁ କମ୍ ଜଳ ପାନ କରିବା ଦ୍ୱାରା ଏହା ଆମ ପାଇଁ କ୍ଷତିକାରକ ହୋଇପାରେ । କେତେକ ଲୋକ ମନେ କରନ୍ତି ଯେତେ ଜଳ ପାନ କରାଯିବ ସେତେ ଭଲ । ଏକଥା ଠିକ୍ ନୁହେଁ । ଦରକାରରୁ ଅଧିକ ଜଳ ପାନ କଲେ ଶରୀର ତାକୁ ମୂତ୍ର ଆକାରରେ ବାହାରକୁ ବାହାର କରି ଦେଇଥାଏ । ଅର୍ଥାତ୍ କିଡ୍‌ନିକୁ ଅଧିକ ଛାଣିବା କାମ କରିବାକୁ ପଡ଼ିଥାଏ । ଏହା ଦ୍ୱାରା କିଡ୍‌ନି ଆସ୍ତେ ଆସ୍ତେ ଦୁର୍ବଳ ହୋଇଥାଏ । ଏରୋବିକ୍ ବ୍ୟାୟାମ, ଚାଲିବା, ଦୌଡ଼ିବା, ପହଁରିବା ଆଦି ବ୍ୟାୟାମ ଏବଂ କପାଳଭାତି ପ୍ରାଣାୟାମ ଦ୍ୱାରା କିଡ୍‌ନି ଓ ମୂତ୍ରାଶୟ ସୁସ୍ଥ ଓ ସବଳ ରହିଥାଏ ।

ଯଦି କିଡ୍‌ନି ବା ମୂତ୍ରାଶୟରେ ପଥର ଜମିଥାଏ ତେବେ ଏକମୁଠା କୋଳଥକୁ ପାଣିରେ ବତୁରାଇ ସକାଳେ ସେହି ଜଳକୁ ପାନ କଲେ ପଥର ମିଳେଇ ଯାଇଥାଏ । ହଜମ କରିପାରିଲେ ଏହି ବତୁରା କୋଳଥକୁ ମଧ ଚୋବାଇ ଖିଆଯାଇପାରେ । କୋଳଥରୁ ପ୍ରସ୍ତୁତ ଡାଲି ଖାଇଲେ ଶରୀରର କୌଣସି ସ୍ଥାନରେ ପଥର ଜମି ପାରେ ନାହିଁ ।

(କ୍ରମଶଃ)

❑❑❑

ଏକ ଅତ୍ୟନ୍ତ ଶକ୍ତିଶାଳୀ ଶବ୍ଦ ... ସଂସ୍କୃତ ଶବ୍ଦ ''ଓମ୍'' ।
ଭାରତବର୍ଷରେ ଏହା ଅନ୍ତର୍ନିହିତ ଦିବ୍ୟଶକ୍ତିର ଅଭିବ୍ୟକ୍ତି ଭାବରେ ବ୍ୟବହୃତ ହୁଏ । ତହିଁ, ପ୍ରତ୍ୟେକ ଧ୍ୟାନ, ପ୍ରତି ଏକାଗ୍ର ଅଭିନିବେଶ, ପ୍ରତ୍ୟେକ ଯୌଗିକ କ୍ରିୟା ସହ ଏହା ସଂଯୁକ୍ତ ।
ଏହି ''ଓମ୍'' ଧ୍ୱନି ଅନ୍ୟ ଯେକୌଣସି ଧ୍ୱନି ଅପେକ୍ଷା ଶାନ୍ତି, ସମାହିତି ଏବଂ ଶାଶ୍ୱତୀର ଅନୁଭୂତି ଅଧିକ ମାତ୍ରାରେ ଉଦ୍ରେକ କରାଏ ।
... ଯେଉଁ ଦିବ୍ୟନିର୍ଯାସ ଏହା ଉଜ୍ଜୀବିତ କରେ, ତାହା ସହ ଜଣକର ସମ୍ପର୍କ ସ୍ଥାପନ କରାଇବା ଦିଗରେ ଏହାର ରହିଛି ପ୍ରକୃତ ଶକ୍ତି ।

— ଶ୍ରୀମା

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଭାରତୀୟ ଦାର୍ଶନିକଗଣ

## (୨)

## ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ନାଗାର୍ଜୁନ (୧୫୦-୨୫୦ ଖ୍ରୀଷ୍ଟାବ୍ଦ)

#### ଶୂନ୍ୟତାର ସତ୍ୟତା

ନାଗାର୍ଜୁନ ଥିଲେ ବୌଦ୍ଧଧର୍ମର ମହାଯାନ ଗୋଷ୍ଠୀର ଜଣେ ମହାନ୍ ରହସ୍ୟବାଦୀ । ତାଙ୍କ ଜୀବନ-ଇତିହାସରେ ନାନା ବିରୋଧାତ୍ମକ ଘଟଣାବଳୀ ଦେଖା ଯାଇଥିଲା । ତାଙ୍କ ଜୀବନୀରୁ ମିଳୁଥିବା ସର୍ବପ୍ରଥମ ଇତିହାସ ଚୀନ ଭାଷାରେ ଲିଖିତ । ତାହା ପ୍ରାୟ ୪୦୫ ଖ୍ରୀଷ୍ଟାବ୍ଦରେ କୁମାରଜୀବ ନାମକ ପ୍ରସିଦ୍ଧ ବୌଦ୍ଧଧର୍ମର ଅନୁବାଦକଙ୍କ ଦ୍ୱାରା ଅନୂଦିତ ହୋଇଥିଲା । କୁମାରଜୀବ ୩୪୪ରୁ ୪୧୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜୀବିତ ଥିଲେ । ସମ୍ଭବତଃ ନାଗାର୍ଜୁନ ଦକ୍ଷିଣ ଭାରତର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରି ୧୫୦ରୁ ୨୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବଞ୍ଚି ରହିଥିଲେ ।

ନାଗାର୍ଜୁନଙ୍କ ମାତାପିତା, ତାଙ୍କର ବାଲ୍ୟକାଳ ଏବଂ ପୁରୋହିତଭାବେ ତାଲିମପ୍ରାପ୍ତ ହେବା ସମ୍ବନ୍ଧେ କୌଣସି ସମ୍ପୂର୍ଣ୍ଣ ଠିକ୍ ବିବରଣୀ ମିଳେ ନାହିଁ । କେତେକ ହିନ୍ଦୁ ଆଧ୍ୟାତ୍ମିକ ଗ୍ରନ୍ଥରୁ ଏହି ସମର୍ଥନ ମିଳେ ଯେ, ସେ ଦକ୍ଷିଣ ଭାରତର ଏକ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ ।

କିଂବଦନ୍ତୀରୁ ଜଣାଯାଏ ଯେ, ଯେତେବେଳେ ନାଗାର୍ଜୁନ ଏକ ଅଳ୍ପବୟସ୍କ ବାଳକ ଥିଲେ, ସେତେବେଳେ ସେ ହିନ୍ଦୁଧର୍ମର ବେଦ ଓ ତନ୍ତ୍ର ସହିତ ସକଳ ବିଦ୍ୟାରେ ପାରଙ୍ଗମ ହୋଇ-ଉଠିଥିଲେ । ତତ୍ପରେ ତାଙ୍କ ଜ୍ଞାନର ଅଭିବୃଦ୍ଧି ନିମିତ୍ତ ସେ ଏକ ବୌଦ୍ଧ ସନ୍ନ୍ୟାସୀଙ୍କ ଆଶ୍ରମରେ ଅଧ୍ୟୟନ କରିଥିଲେ । ତାଙ୍କର ଜ୍ଞାନ ଏତେ ଗଭୀର ଥିଲା ଯେ, ସେ ସମଗ୍ର ପାଲୀ ଭାଷାରେ ଲିଖିତ ଶାସ୍ତ୍ର ସକଳ ଓ ବୌଦ୍ଧ ଧର୍ମ ସମ୍ବନ୍ଧୀୟ ଶାସ୍ତ୍ର ୯୦ ଦିନ ମଧ୍ୟରେ ଆୟତ୍ତ କରିପାରିଥିଲେ । ଯେତେବେଳେ ନାଗାର୍ଜୁନ ବୌଦ୍ଧ ଧର୍ମର ମହାଯାନ ମତବାଦର ଗଭୀର ଜ୍ଞାନକୁ ପ୍ରାପ୍ତ ହୋଇଥିଲେ ସେତେବେଳେ ତାଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ରୂପାନ୍ତର ଘଟିଥିଲା ।

ଯାହାହେଉ, ଏହିସବୁ ମତବାଦ ଦ୍ୱାରା ସେ ସମ୍ପୂର୍ଣ୍ଣ-ରୂପେ ସନ୍ତୁଷ୍ଟ ହୋଇପାରି ନଥିଲେ । ସେହି ସନ୍ନ୍ୟାସୀମାନଙ୍କ ଆଶ୍ରମ ତ୍ୟାଗ କରି ସେ ବୁଦ୍ଧଦେବଙ୍କ ସମ୍ବନ୍ଧେ ଅଧିକ ଉଚ୍ଚତର ଜ୍ଞାନ ଲାଭକରିବା ନିମିତ୍ତ ଅନୁସନ୍ଧାନ କରି ଚାଲିଲେ । କିଂବଦନ୍ତୀରୁ ଜଣାଯାଏ ଯେ ଦିନେ ଯେତେବେଳେ ସେ ବୁଦ୍ଧଦେବଙ୍କ ମତବାଦକୁ କେତେକ ବ୍ୟକ୍ତିଙ୍କୁ ଶିକ୍ଷା ଦେଉଥିଲେ ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଥିଲେ ଯେ ସେମାନଙ୍କ ମଧ୍ୟରୁ ଦୁଇଜଣ ଭୂମି ମଧ୍ୟକୁ ଅନ୍ତର୍ହିତ ହୋଇଯାଇଥିଲେ ! ସେ ସେମାନଙ୍କ ବାସସ୍ଥାନର ଅନ୍ୱେଷଣରେ ଯାଇଥିଲେ । ସେହି ବାସସ୍ଥାନ ଥିଲା ନାଗାମାନଙ୍କ ବାସସ୍ଥାନ । ସେମାନେ ଥିଲେ ଅର୍ଦ୍ଧଦେବତୁଲ୍ୟ ସର୍ପାକୃତି ବିଶିଷ୍ଟ ସତ୍ତା । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଜ୍ଞାନାଲୋକପ୍ରାପ୍ତ 'ମହାନାଗ ବୋଦ୍ଧିସତ୍ତ୍ୱ' । ଏହି ବ୍ୟକ୍ତି ନାଗାର୍ଜୁନଙ୍କୁ ମହାଯାନର ଅତି ଗଭୀର ଭାବଯୁକ୍ତ ଶ୍ଳୋକ ପ୍ରଦାନ କରିଥିଲେ ।

ଏହି ଶ୍ଳୋକଗୁଡ଼ିକ ଥିଲା 'ପ୍ରଜ୍ଞା ପାରମିତା', ଜ୍ଞାନରେ ପୂର୍ଣ୍ଣତା ପ୍ରାପ୍ତ କରିଥିବା ସୂତ୍ର । ଏକ ଶତାବ୍ଦୀ ପୂର୍ବରୁ ବୁଦ୍ଧଦେବ ଏହି ପବିତ୍ର ଶିକ୍ଷା ପ୍ରଦାନ କରିଥିଲେ । କିନ୍ତୁ ପରେ ସେ ଭାବିଲେ ଯେ ଏହି ଶିକ୍ଷା ତାଙ୍କର ସାମସମୟିକମାନଙ୍କ ସକାଶେ ଅତି କଷ୍ଟକର ଥିଲା । ତେଣୁ ସେସବୁର ନିରାପତ୍ତା ନିମିତ୍ତ ସେସବୁକୁ ଭୂମି ମଧ୍ୟରେ ପୋତା ଯାଇଥିଲା ଯେପର୍ଯ୍ୟନ୍ତ ସେହି ପୂର୍ଣ୍ଣ ଜ୍ଞାନକୁ ହୃଦୟଙ୍ଗମ କରିବା ନିମିତ୍ତ ମାନବସମାଜ ପ୍ରସ୍ତୁତ

ନଥିଲା । ତତ୍ପରେ ଯେତେବେଳେ ଏହି ଜ୍ଞାନର ପ୍ରଚାର ନିମିତ୍ତ ଯଥାର୍ଥ ସମୟ ଉପସ୍ଥିତ ହୋଇଥିଲା, ସେତେବେଳେ ନାଗାର୍ଜୁନ ଥିଲେ ବୁଦ୍ଧଦେବଙ୍କ ମହାନ୍ ଶିକ୍ଷାକୁ ପ୍ରଚାର କରିବା ନିମିତ୍ତ ନିର୍ଦ୍ଧାରିତ ମାଧ୍ୟମ ।

### ନାଗାର୍ଜୁନ ପ୍ରାପ୍ତ ହୋଇଥିବା ସତ୍ୟ

ଯେହେତୁ ନାଗାର୍ଜୁନ ଏହି ଧର୍ମପ୍ରଚାର କାର୍ଯ୍ୟରେ ଅଭ୍ୟସ୍ତ ଥିଲେ, ତେଣୁ ସେ ଅତି ଅଳ୍ପ ସମୟ ମଧ୍ୟରେ ସେସବୁ କାର୍ଯ୍ୟରେ ଦକ୍ଷତାପ୍ରାପ୍ତ ହୋଇଥିଲେ । ତା'ପରେ ସେ ଏହି ସତ୍ୟସବୁକୁ ଦେଶସାରା ପ୍ରଚାର କରିବାକୁ ଯାଇଥିଲେ । ପ୍ରଚଳିତ ତତ୍କାଳୀନ ପ୍ରଥା ଅନୁସାରେ ତାଙ୍କର କେତେକ ବିରୋଧୀ ଦାର୍ଶନିକଙ୍କୁ ସେ ସଫଳତାର ସହ ଆଲୋଚନାରେ ପରାସ୍ତ କରିଥିଲେ । ନାଗାର୍ଜୁନଙ୍କ ଶିକ୍ଷା ଦ୍ୱାରା ମାଧ୍ୟମିକ ଗୋଷ୍ଠୀ ବା ଏକ ମଧ୍ୟମ ପନ୍ଥାର ଗୋଷ୍ଠୀ ସୃଷ୍ଟି ହୋଇଥିଲା ।

ବୁଦ୍ଧଦେବଙ୍କ ମଧ୍ୟମ ପନ୍ଥାନୁଯାୟୀ ନାଗାର୍ଜୁନ ଏକ ଦ୍ୱନ୍ଦ୍ୱାତ୍ମକ କଠୋର ନିୟମର ବିକାଶ ଘଟାଇ ଥିଲେ, ଯାହା ମାଧ୍ୟମରେ ସମଗ୍ର ଦାର୍ଶନିକ ଦୃଷ୍ଟିକୋଣରୁ ଯେଉଁ ବିରୋଧାଭାସ ଥିଲା ତାହା ବିଲୁପ୍ତ ହୋଇଗଲା ।

ମଧ୍ୟମ ପନ୍ଥୀମାନେ ଏହି ମତ ପ୍ରକାଶ କଲେ ଯେ ସ୍ଥିତି ବା ସ୍ଥିତିହୀନ ଅବସ୍ଥା ମଧ୍ୟରୁ କୌଣସିଟିକୁ ବିଶ୍ୱର ସତ୍ୟ ବୋଲି ଘୋଷଣା କରାଯାଇପାରିବ ନାହିଁ କାରଣ ସବୁକିଛିହିଁ ଏହାରି ମଧ୍ୟରେ ଅବସ୍ଥିତ । ତେଣୁ ନାଗାର୍ଜୁନଙ୍କର ବିରୋଧୀମାନେ ତାଙ୍କର କୌଣସି ପ୍ରସ୍ତାବିତ ଦାର୍ଶନିକ ସତ୍ୟକୁ ଗ୍ରହଣ କିଂବା ଅସ୍ୱୀକାର କଲେ ନାହିଁ । ନାଗାର୍ଜୁନ ଦୃଢ଼ଭାବେ କହିଥିଲେ ଯେ ସତ୍ୟ ସମ୍ବନ୍ଧେ କୌଣସି ଅନମନୀୟ ସିଦ୍ଧାନ୍ତକୁ ମନ ଦୃଢ଼ଭାବେ ଗ୍ରହଣ କରିବାର ପ୍ରବୃତ୍ତିରୁ ମୁକ୍ତ ହେବା ଆବଶ୍ୟକ । ଏକମାତ୍ର ସତ୍ୟ ହେଉଛି ଶୂନ୍ୟତା କାରଣ ଅନ୍ୟ ସକଳ ସତ୍ୟ ସ୍ୱାଭାବିକଭାବେ ମନୁଷ୍ୟକୁ ବିପଥଗାମୀ କରିଥାଏ । ଅନ୍ୟ ସକଳ ସତ୍ୟ ହେଉଛି ସତ୍ୟର ବିକୃତୀକରଣ ଯାହା ସତ୍ୟ-ସନ୍ଧାନୀମାନଙ୍କୁ ପଥଭ୍ରଷ୍ଟ କରିଥାଏ ।

ତଥାପି ଏହିସବୁ ତୁଳନାତ୍ମକ ସତ୍ୟକୁ ସମ୍ପୂର୍ଣ୍ଣଭାବରେ ଅଗ୍ରାହ୍ୟ କରାଯାଇପାରିବ ନାହିଁ । କାରଣ ସତ୍ୟସନ୍ଧାନୀ ତଥାପି ସେସବୁକୁ ସହାୟକ ଭାବେ ବ୍ୟବହାର କରିପାରେ ଏବଂ ଏଥି ସହିତ ମନେ କରିପାରେ ଯେ ସେସବୁ ସମ୍ପୂର୍ଣ୍ଣ ସତ୍ୟ ନୁହନ୍ତି ।

ନାଗାର୍ଜୁନ ତାଙ୍କର କବିତା, ପୁସ୍ତକ, ପତ୍ର ଏବଂ ପ୍ରାର୍ଥନାରେ ନିରାସକ୍ତିର ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ । ଅର୍ଥାତ୍ ସକଳ ବସ୍ତୁରେ ଶୂନ୍ୟତାର ଦର୍ଶନ କରିବା ଏବଂ ତଦ୍ୱାରା ନିଜକୁ ତହିଁରୁ ପୃଥକ୍ ରଖିବା ଥିଲା ତାଙ୍କର ଶିକ୍ଷା । 'ମାଧ୍ୟମିକ କାରିକା'ରେ ନ୍ୟାୟସଙ୍ଗତ ଯୁକ୍ତି ଦ୍ୱାରା ସେ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମର ଜୀବନର ଅସ୍ତିତ୍ୱ ସମ୍ପର୍କରେ ମତାମତର ସମାଲୋଚନା କରିଥିଲେ । ତାଙ୍କର ସମାଲୋଚନା ମୁଖ୍ୟତଃ 'ସ୍ଥବିରବାଦ' ଓ 'ସର୍ବସ୍ତିବାଦ' ବୌଦ୍ଧ ସଂଘ ଦ୍ୱାରା ପରିଚାଳିତ ହୋଇଥିଲା । ନାଗାର୍ଜୁନ ମନେ କରୁଥିଲେ ଯେ ଅସ୍ତିତ୍ୱର ପ୍ରକୃତି ହେଉଛି ସମ୍ପର୍କଶୂନ୍ୟ । ସକଳ ବସ୍ତୁ ସମ୍ପୂର୍ଣ୍ଣ ସତ୍ୟରୁ ବିମୁକ୍ତ ଏବଂ ଏକ ସମ୍ପର୍କ ବା ବ୍ୟବସ୍ଥାକୁ ନେଇ ଅବସ୍ଥିତ । ଯାହାକିଛି ସମ୍ବନ୍ଧରେ ଧାରଣା କରାଯାଇପାରେ ସେସବୁ ସମ୍ପର୍କିତ ଏବଂ ଯାହାକିଛି ସମ୍ପର୍କିତ ସେସବୁ ଶୂନ୍ୟ ।

ନାଗାର୍ଜୁନଙ୍କ ଶୂନ୍ୟତା ସମ୍ବନ୍ଧେ ଗୁରୁତ୍ୱକୁ ନାସ୍ତିକତା ବୋଲି ଭୁଲ୍ ବୁଝିବା ଉଚିତ ହେବ ନାହିଁ । କାରଣ ଶୂନ୍ୟତା ହେଉଛି ଯାହା ଅପରିବର୍ତ୍ତନୀୟ, ମୃତ୍ୟୁହୀନ ଓ ସମ୍ପର୍କଶୂନ୍ୟ ସତ୍ୟ ।

### ସମାଲୋଚନାମୂଳକ କାର୍ଯ୍ୟସକଳ

ନାଗାର୍ଜୁନଙ୍କ ମୃତ୍ୟୁର ଶହେବର୍ଷ ମଧ୍ୟରେ ତାଙ୍କର ଅନେକ ଶିଷ୍ୟ ତାଙ୍କୁ ବୁଦ୍ଧଦେବ ଭାବରେ ସମ୍ମାନ ପ୍ରଦର୍ଶନ କରିଥିଲେ । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପରେ ଭାରତ, ଚୀନ, ତିବ୍ବତ, ଜାପାନ ଏବଂ କୋରିଆରେ ନାଗାର୍ଜୁନଙ୍କ ଚିନ୍ତାଧାରା ଦ୍ୱାରା ବୌଦ୍ଧୀୟ ପରମ୍ପରା ବିଶେଷଭାବେ ପ୍ରଭାବିତ ହୋଇଥିଲା । ଯଦିଓ ଏହି ବୌଦ୍ଧଧର୍ମାବଲମ୍ବୀ ଦାର୍ଶନିକଙ୍କ ଦ୍ୱାରା ଅନେକ ପୁସ୍ତକ ଲିଖିତ ହୋଇଥିଲା, ତଥାପି ମନେହୁଏ ଯେ ଅନ୍ୟ ବୌଦ୍ଧଧର୍ମାବଲମ୍ବୀ ଦାର୍ଶନିକମାନେ ମଧ୍ୟ ସମ୍ଭବତଃ ଏହିପରି କେତେକ ପୁସ୍ତକ ରଚନା କରିଥିଲେ ।

ନାଗାର୍ଜୁନଙ୍କ ଦ୍ୱାରା ଦୁଇଟି ସଂସ୍କୃତ ପୁସ୍ତକ ଲିଖିତ ହୋଇଥିଲା । ସେଗୁଡ଼ିକ ହେଉଛି ''ମୂଳ ମାଧ୍ୟମିକ କାରିକା'' ଓ ''ବିଗ୍ରହୟାବର୍ତ୍ତନୀ'' । ଉଭୟ ପୁସ୍ତକ ସ୍ପଷ୍ଟତଃ ତାଙ୍କର ବିଶ୍ୱାସ ଓ ଜୀବନର ଅସ୍ତିତ୍ୱ ସମ୍ପର୍କରେ ମିଥ୍ୟା ମତାମତ ତଥା ଜ୍ଞାନଲାଭର ଉପାୟ ସମ୍ବନ୍ଧେ ସମାଲୋଚନାମୂଳକ ବିଶ୍ଳେଷଣକୁ ପ୍ରକାଶ କରେ ।

ନାଗାର୍ଜୁନଙ୍କ ସମ୍ବନ୍ଧେ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ

ମାଧ୍ୟମିକ ପୁସ୍ତକ ଚୀନ ଓ ତିବ୍‌ବତୀୟ ଭାଷାରେ ଲିଖିତ ହୋଇଛି । ତିବ୍‌ବତୀୟ ପ୍ରଥାନୁଯାୟୀ ଅନେକ ତନ୍ତ୍ର ଓ ଔଷଧ ସମ୍ବନ୍ଧୀୟ ପୁସ୍ତକ ନାଗାର୍ଜୁନଙ୍କ ଦ୍ୱାରା ମଧ୍ୟ ଲିଖିତ ହୋଇଛି ବୋଲି ସେମାନେ ତାଙ୍କୁ ମାନ୍ୟତା ଦିଅନ୍ତି । କିନ୍ତୁ ପ୍ରକୃତରେ ଏଗୁଡ଼ିକ ନାଗାର୍ଜୁନଙ୍କ ଦ୍ୱାରା ଲିଖିତ ହୋଇଥିଲା କି ନାହିଁ – ଏସମ୍ବନ୍ଧେ ବିଶେଷ ଅସ୍ପଷ୍ଟତା ଦେଖାଯାଏ । କାରଣ ନାଗାର୍ଜୁନଙ୍କ ସମୟରେ ଅନ୍ୟ କେତେକ ଋଷି ଓ ଦାର୍ଶନିକ ଥିଲେ ଯେଉଁମାନେ ନାଗାର୍ଜୁନ ନାମରେ ପରିଚିତ ଥିଲେ ।

ନାଗାର୍ଜୁନଙ୍କ ଲିଖିତ ସମସ୍ତ ପୁସ୍ତକ ସମ୍ବନ୍ଧେ ଦୁଇଟି ଦାର୍ଶନିକ ସଂଘ ଦ୍ୱାରା ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ନାନା ପ୍ରକାର ଚିନ୍ତାଧାରା ପ୍ରକାଶ ପାଇଥିଲା । ସେହି ଦୁଇଟି ସଂଘ ଥିଲା 'ଭାବବିବେକ' (Bhavavivek) ଓ 'ବୁଦ୍ଧପଲିତ' (Buddhapalita) । ଏଥି ମଧ୍ୟରୁ ପ୍ରଥମ ସଂଘଟି ମନେ କରୁଥିଲା ଯେ ମାଧ୍ୟମିକ ଦର୍ଶନ ଥିଲା ଏହାର ଚିନ୍ତାଧାରାରେ ସୁନିଶ୍ଚିତ । ଅନ୍ୟ ସଂଘଟି ମନେ କରୁଥିଲା ଯେ ନିଜର ମତାମତ ସହିତ ଏହା ଥିଲା ଅଯୌକ୍ତିକ ଏବଂ ଏହା କେବଳ ଏହାର ନିଜସ୍ୱ ମତାମତ ସହିତ ପ୍ରଜ୍ଞା ଓ ଜ୍ଞାନାଲୋକ ଆଣିଦେଇପାରେ । 'ବୁଦ୍ଧପଲିତ' ସଂଘ ତିବ୍‌ବତୀୟ ବୌଦ୍ଧିକ ଚିନ୍ତାଧାରାକୁ ଏବଂ ଜାପାନର ଜେନ୍ ବୌଦ୍ଧଧର୍ମକୁ ଗଭୀରଭାବେ ପ୍ରଭାବିତ କରିଥିଲା ।

ନାଗାର୍ଜୁନଙ୍କ ଅନ୍ତିମ କାଳ ସମ୍ବନ୍ଧେ ବିଶେଷକିଛି ଜଣାଯାଏ ନାହିଁ । ଯଦିଓ କେତେକ ବ୍ୟକ୍ତି ମନେ କରୁଥିଲେ ଯେ ନାଗାର୍ଜୁନ ଚୀନ ପରିଦର୍ଶନ କରିଥିଲେ, ଏସମ୍ବନ୍ଧେ କୌଣସି ଦୃଢ଼ ପ୍ରମାଣ ନାହିଁ । ହାନ (Han) ବଂଶର ରାଜତ୍ୱ ପରେ କୁମାରଜୀବଙ୍କ ଚୀନରେ ଉପସ୍ଥିତିହିଁ ସେଠାରେ ନାଗାର୍ଜୁନଙ୍କ ଶିକ୍ଷାଦାନର ପ୍ରସାର ସମ୍ବନ୍ଧେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା ।

❑❑❑

# ପାହିଲା ରାତି

## ଯଦୁ ନନ୍ଦନ ସାମଲ

ଆସ ବନ୍ଧୁ, ଆସ ସାଥୀ, ପାହିଲାଣି କଳାରାତି
ଶୁଅ ନାହିଁ ଶେଯପାତି ଉଠ ଉଠ ଝଟତି ।

ପ୍ରାଚୀ ନଭେ ନବରବି ନବରାଗେ ଉଇଁଲାଣି,
କମନୀୟ ଅଗ୍ନିଶିଖା ଦିଗ୍‌ବଳୟ ଛୁଇଁଲାଣି ।

ଅନ୍ତର ସରୋବରେ ଚେତନାର ନୀଳକଇଁ,
ଫୁଟିଲାଣି ହସି ହସି ମନ ପ୍ରାଣ ଯାଏ ଛୁଇଁ ।

ଅତୀତର ଅହଂକାର ହୋଇଲାଣି ମରୀଚିକା,
ଆପଣାର ବୁକେ ଆଉ ଲାଗେ ନାହିଁ ଏକା ଏକା ।

ଲାଗେ କିଏ ଆଉ ଜଣେ ମୋ ମଧ୍ୟରେ ଅଛି ରହି,
ଚଳାଏ ସେ ପ୍ରତିକ୍ଷଣ ଯାତ୍ରାପଥ ବାଟ କହି ।

ସ୍ୱଚ୍ଛ ହୁଏ ଦିଗ୍‌ବଳୟ, ପଥ ହୁଏ ପରିଷ୍କାର,
ହତାଶା, ନିରାଶା, ଭୟ ଚାଲିଯା'ନ୍ତି ବହୁଦୂର ।

ଉତ୍ସାହ ବଢ଼ଇ ମନେ, ପ୍ରାଣେ ଆସେ ନବଶକ୍ତି,
ଚାଲିବାକୁ ନୂଆ ପଥେ କର ନାହିଁ ଭୟ ସାଥୀ !

ଶୁଭିଲାଣି ମାଆ ଡାକ ଉଠ ଉଠ ଝଟତି,
ଶୁଅ ନାହିଁ ଶେଯପାତି ପାହିଲାଣି କଳାରାତି । ❑



# ପୁରାଣ ଓ ବିଜ୍ଞାନରେ ଯାହାର ପ୍ରାଧାନ୍ୟ

## ଧର୍ମ କୁମାର ଶତପଥୀ

ଆମ ଶରୀର ପଞ୍ଚମହାଭୂତରେ ଗଢ଼ା । ଏହା କ୍ଷିତି, ଅପ୍, ତେଜଃ, ମରୁତ୍ ଓ ବ୍ୟୋମ ନାମରେ ଜଣାଶୁଣା । ମଣିଷ ଜନ୍ମ ନିଏ ଏଇ ପଞ୍ଚମହାଭୂତର ଆଧାରରୁ ଓ ମୃତ୍ୟୁ ହେଲେ ସେଇ ଶରୀର ପୁଣି ପଞ୍ଚମହାଭୂତରେ ଲୀନ ହୋଇଯାଏ ବୋଲି ଆମେ ବିଶ୍ୱାସ କରୁ । ତେବେ ସୃଷ୍ଟିର ସ୍ଥିତି ଓ ବିକାଶ ପାଇଁ ଏ ପଞ୍ଚମହାଭୂତର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କ ମଧ୍ୟରେ ରହିଛି ଜୀବନୀଶକ୍ତିର ମନ୍ତ୍ରବୀଜ, ଯଦ୍ଦ୍ୱାରା ଦୁନିଆରେ ଜୀବଗଣ କାଳାତିପାତ କରୁଛନ୍ତି । ପୁଣି ଏମାନଙ୍କଠାରେ ନିହିତ ରହିଛି ମୃତ୍ୟୁର ମହାମନ୍ତ୍ର । ତେଣୁ ଏମାନଙ୍କ ଦ୍ୱାରା ଜୀବନ ଓ ମୃତ୍ୟୁର ଚକ୍ରଖେଳ ଚିରନ୍ତନ ଗତିରେ ନିୟତ ଚାଲୁ ରହିଛି । ଏମାନେ କିପରି ସୃଷ୍ଟି ହେଲେ, କାହିଁକି ସୃଷ୍ଟି ହେଲେ ଏସବୁ ବିଷୟ ଜନିତ ପ୍ରଶ୍ନର ଉତ୍ତର ଖୋଜିବା ଯେତିକି କଷ୍ଟକର ସେତିକି ଅସମ୍ଭବ ମଧ୍ୟ । ତେବେ ଏତିକି କୁହାଯାଇପାରେ ଏମାନଙ୍କ ସମ୍ପର୍କରେ ଯେ, ଜୀବସତ୍ତା ସହିତ ଏମାନେ ଅତ୍ୟନ୍ତ ଘନିଷ୍ଠଭାବରେ ସଂଶ୍ଳିଷ୍ଟ ହୋଇ ରହିଛନ୍ତି ଓ ରହିଥିବେ କାଳକାଳ ପାଇଁ ।

ଏଇ ପଞ୍ଚମହାଭୂତ ମଧ୍ୟରୁ 'ମରୁତ୍' ଅଥବା ପବନ ଏକ ଆଦିକାଳୀନ ସମ୍ବଳ ଯାହା ଜୀବ ପାଇଁ ଅତ୍ୟନ୍ତ ଜରୁରୀ । ଜୀବନୀଶକ୍ତିର ମୂଳାଧାର ହେଉଛି ଏଇ ପବନ କାରଣ ବଞ୍ଚିବା ପାଇଁ ସାମାନ୍ୟତମ ଆବଶ୍ୟକ ଉପାଦାନ ନିହିତ ରହିଛି ଏଇ ପବନଠାରେ, ଯାହାକୁ ଗ୍ରହଣ କରି ମଣିଷ ବଞ୍ଚେ । ଆଧୁନିକ ବିଜ୍ଞାନ ଯଦିଓ ପବନକୁ ବାୟୁଭାବେ ଗ୍ରହଣ କରେ ଓ ଏକ ବିଭିନ୍ନ ଉପାଦାନ (ଉଦ୍‌ଜାନ, ଅମ୍ଳଜାନ, ଯବକ୍ଷାରଜାନ ବା ଅନ୍ୟ ଗ୍ୟାସୀୟ ପଦାର୍ଥ)ର ଯୌଗିକ ପଦାର୍ଥ (compound) କହେ, ମାତ୍ର ପାରମ୍ପରିକ ଜ୍ଞାନରେ ଏହାକୁ ସାର୍ବଜନୀନ ଶକ୍ତି ଓ ଶୁଦ୍ଧ ପଦାର୍ଥ, ଚିର ଚଳମାନ ରୂପେ ବିଚାର କରାଯାଏ । ତେବେ ଉଭୟ ଧାରାରେ ଏହା ଦୃଢ଼ ନିଶ୍ଚୟ ଯେ, ପବନ ହେଉଛି ଜୀବନୀଶକ୍ତିର ଏକ ଭିନ୍ନ ରୂପ, ଏକ ବଳିଷ୍ଠ ଉପାଦାନ ।

ହିନ୍ଦୁ ପୁରାଣରେ ବାୟୁକୁ ଏକ ମହତ୍, ଉଚ୍ଚ ମାନ୍ୟତା ଦିଆଯାଇଛି । ଏହାର ଶକ୍ତିମତ୍ତା ଓ ମହାନତା ଆଧାରରେ ପବନକୁ ଏକ ଦେବତା ରୂପେ ଚିତ୍ରଣ କରାଯାଇଛି । ପବନ ଶକ୍ତିର ଅଦ୍ଭୁତ କାରଖାନାରେ ମଣିଷ ହତଭମ୍ବ ହୋଇଛି, ଅସହାୟ ମଣିଛି । ସୁତରାଂ ଏ ହେଉଛି ଈଶ୍ୱରଙ୍କ ବରଦାନରେ ଅନ୍ୟତମ ବଳିଷ୍ଠ ପ୍ରାଥମିକ ଉପାଦାନ ଯାହା ସର୍ବଦା ଜୀବସତ୍ତାର ମଙ୍ଗଳ ସକାଶେ ଅଭିପ୍ରେତ । ଏ ହେଉଛି ସେଇ, ଯାହା ଆକାଶସାରା ପରିବ୍ୟାପ୍ତ ବିରାଟ ମେଘଖଣ୍ଡମାନଙ୍କୁ ଅନ୍ୟତ୍ର ତଡ଼ି ନେଇପାରେ, ଫଳରେ ମେଘଖଣ୍ଡ ଘନୀଭୂତ ହୋଇ ବୃଷ୍ଟି ଜଳ ରୂପେ ଝରିପଡ଼େ ପୃଥିବୀ ବକ୍ଷରେ । ଏ ହେଉଛି ସେଇ, ଯାହା ଜୀବସତ୍ତାର ନିଃଶ୍ୱାସ ପ୍ରଶ୍ୱାସରେ ଅତ୍ୟନ୍ତ ଦରକାରୀ; ଏହାର ଉପସ୍ଥିତି ନାହିଁ ତ ଜୀବନ ନାହିଁ । ପୁଣି ଏ ହେଉଛି ଦଶଦିକ୍‌ପାଳମାନଙ୍କ ମଧ୍ୟରୁ ଅନ୍ୟତମ ଦିଗପାଳ, ଯେ ଉତ୍ତର-ପୂର୍ବ ଦିଗର ଜାଗ୍ରତ୍ ପ୍ରହରୀ ରୂପେ ବିଦ୍ୟମାନ । ମଣିଷ ଏହାର ଆବଶ୍ୟକତାକୁ ଅନୁଭବ କରିଛି ମର୍ମେ ମର୍ମେ ଓ ଏହାର ତୁଷ୍ଟୀକରଣ ପାଇଁ ଏହାକୁ ଦେବତୁଲ୍ୟ ମାନ୍ୟ ଦେଇଛି । ପବନକୁ ସମ୍ବୋଧନ କରିଛି ଆହୁରି ଅନେକ ଉଚ୍ଚ ଅର୍ଥ ବୋଧକ ସୌକର୍ଯ୍ୟ ଶବ୍ଦ ମାଧ୍ୟମରେ ଯଥା : ବାତ, ଅନୀଳ, ବାୟୁ, ସର୍ବବିଦ୍ୟ, ଗନ୍ଧବହ ଇତ୍ୟାଦି ।

ପବନ ଚିର ଗତିଶୀଳ, ଅଦୃଶ୍ୟ । ଦେବତୁଲ୍ୟ ଜ୍ଞାନରେ ବିଭିନ୍ନ ପୌରାଣିକ ଆଖ୍ୟାନମାନ ରହିଛି ପୁରାଣ ପୋଥିରେ । ସେସବୁ ବିଷୟ ବସ୍ତୁ ଶ୍ରୋତା ଓ ବକ୍ତା ଉଭୟଙ୍କ ଚିନ୍ତା ରାଜ୍ୟକୁ ଉଦ୍ବେଳିତ କରି ଏକ ମନୋମୟ ରାଜ୍ୟକୁ ଟେକି ନିଏ । ମହାଭାରତରେ ଯକ୍ଷର ପ୍ରଶ୍ନ : 'ପବନଠାରୁ କ୍ଷିପ୍ର ଗତିରେ କିଏ ଯାଇପାରେ' – ଏ ପ୍ରଶ୍ନର ଉତ୍ତର ଯେତିକି କୌତୁକପ୍ରଦ, ସେତିକି ଜ୍ଞାନଗର୍ଭକ । ଶିଶୁ, କିଶୋରଠାରୁ ସାଧାରଣ ମଣିଷକୁ ଏହାର ଯଥାର୍ଥ ଉତ୍ତର ସନ୍ଧାନ କରିବା ସମୟ ସାପେକ୍ଷ, ମାତ୍ର ମହର୍ଷି ବେଦବ୍ୟାସ ଯୁଧିଷ୍ଠିରଙ୍କ ମାଧ୍ୟମରେ ଯେଉଁ ଉତ୍ତର ଥୋଇଛନ୍ତି ତାହା ତତୋଽଧିକ କୌତୁକପ୍ରଦ ତଥା ଚିନ୍ତା ଦ୍ୟୋତକ ।

ପବନ ଦେବତାଙ୍କ ବାହନ ହେଉଛି କୃଷ୍ଣସାର ମୃଗ । ଯେହେତୁ ପବନ ଚିର ପ୍ରବହମାନ ତେଣୁ କ୍ଷିପ୍ର ଗତିଶୀଳ କୃଷ୍ଣସାର ମୃଗ ପିଠିରେ ଗମନ କରିବା ପାଇଁ ସମ୍ଭବତଃ ପବନ ଦେବତା ଏହାକୁ ଚୟନ କରିଛନ୍ତି ।

କୁହାଯାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ପୃଥିବୀ ଏକମାତ୍ର ବାସଯୋଗ୍ୟ ଗ୍ରହ । ଅନ୍ୟ ଗ୍ରହରେ ବାୟୁମଣ୍ଡଳ ନାହିଁ, ତେଣୁ ସେଠାରେ ଜୀବଜଗତ୍ ସମ୍ଭବ ହୋଇପାରି ନାହିଁ । ତେବେ ପୃଥିବୀରେ ବାୟୁମଣ୍ଡଳର କିପରି ସମ୍ଭବ ହେଲା ଓ ଜୀବଜଗତର ସୃଷ୍ଟି ହେଲା ଏହା ଏକ ରହସ୍ୟଘନ ପ୍ରଶ୍ନ । ଏହାର ଉତ୍ତରରେ ବିଭିନ୍ନ ଯଥାର୍ଥ ଅଥବା କାଳ୍ପନିକ ଆନୁଷଙ୍ଗିକ ପ୍ରସଙ୍ଗରେ ଗୋଳାଇ ପୋଳାଇ ହେବାକୁ ହୁଏ । ତେବେ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ସର୍ଜନା ହେବା ପରେ ପୃଥିବୀରେ ଜୀବଜଗତର ସମ୍ଭବ ପାଇଁ ଏଇ ପଞ୍ଚମହାଭୂତ ବିଷୟ ମନକୁ ଆସେ । ପୁଣି ଏଇ ପଞ୍ଚମହାଭୂତର ଅସ୍ତିତ୍ୱ ସମ୍ଭବର କିଛି ଯଥାର୍ଥ ପ୍ରମାଣ ସୁଦ୍ଧା ମିଳେ ନାହିଁ ।

ପୃଥିବୀରେ ବାୟୁମଣ୍ଡଳର ସମ୍ଭାବନା ସମ୍ବନ୍ଧରେ ଆଧୁନିକ ବିଜ୍ଞାନ ମତଦିଏ ଯେ ପ୍ରାରମ୍ଭିକ କାଳରେ କିଛି ପ୍ରାକୃତିକ ଉଦ୍‌ବରଣ ହେତୁ ପୃଥିବୀର ଚାରି ଆଡ଼େ ବାୟୁର ଏକ ଆବରଣ ସମ୍ଭବ ହୋଇଥିଲା, ଯେଉଁ ଆବରଣର ମୁଖ୍ୟ ଉପାଦାନ ଥିଲା ହିଲିଅମ ଓ ଉଦ୍‌ଜାନ ଭଳି ଗ୍ୟାସ । ଏହା ହୁଏତ ହୋଇଥିଲା ସୂର୍ଯ୍ୟଙ୍କ ଦ୍ୱାରା କିଂବା ଆଗ୍ନେୟ ଗିରିର ଉଦ୍‌ଗୀରଣରୁ ନିର୍ଗତ ଭୂଗର୍ଭସ୍ଥ ଗ୍ୟାସର ଉଦ୍‌ଗମ ହେତୁ । ପ୍ରାୟ ସାଢ଼େ ତିନିକୋଟି ବର୍ଷ ପରେ ପୃଥିବୀପୃଷ୍ଠ ଧୀରେ ଧୀରେ ଥଣ୍ଡା ହେଲା ଓ ଅଙ୍ଗାରକାମ୍ଳ, ଯବକ୍ଷାରଜାନ ଓ ଜଳକଣା ରୂପରେ ଏହାକୁ ଆବୋରି ରହିଲା । ପରେ ଆହୁରି କିଛି ଲକ୍ଷ ବର୍ଷ ଅତିକ୍ରାନ୍ତ ହୁଅନ୍ତେ ଜଳକଣା ସବୁ ଘନୀଭୂତ ହୋଇ ବର୍ଷା ବିନ୍ଦୁରେ ପରିଣତ ହେଲା । ବର୍ଷାରୁ ସମୁଦ୍ରର ସୃଷ୍ଟି ହେଲା । ପରେ ପରେ ଅଙ୍ଗାରକାମ୍ଳଜାନ ଦ୍ରବୀଭୂତ ହୋଇ ପ୍ରାକ୍‌କାଳୀୟ ଜୀବସତ୍ତା – କିଛି ନିମ୍ନ ସ୍ତରର ବୀଜାଣୁ ବା ବ୍ୟାକ୍‌ଟେରିଆର ଅସ୍ତିତ୍ୱ ପ୍ରକଟ ହେଲା । ଅତଃପର ଅମ୍ଳଜାନର ସୃଷ୍ଟି ହେଲା ଯାହା ବାୟୁର ଏକ ଉପାଦାନଭାବେ ବାୟୁମଣ୍ଡଳରେ ରହିଲା ।

ପୃଥିବୀରେ ବାୟୁମଣ୍ଡଳର ଉତ୍ପତ୍ତି ସମ୍ପର୍କରେ ପୌରାଣିକ ମତବାଦମାନ ମଧ୍ୟ ସମାନ ଧରଣର କାରଣ ରଖନ୍ତି । ଭାଗବତ ପୁରାଣର ସେହିପରି ଏକ ଆଖ୍ୟାନ କହେ, ସତ୍ୟଯୁଗରେ ଏକ ଅସୁର ଥିଲା । ନା ତା'ର ହିରଣାକ୍ଷ । ସିଏ ବ୍ରହ୍ମା, ବିଷ୍ଣୁଙ୍କ ଉପରେ ଆଧିପତ୍ୟ ଜାହିର କରି ପୃଥିବୀକୁ ଚୋରାଇ ନେଇ ସମୁଦ୍ର ଜଳରେ ବୁଡ଼ାଇ ରଖିଲା । ବିଷ୍ଣୁ ଭଗବାନ୍ ତାଙ୍କ ତୃତୀୟ ଅବତାର ରୂପେ ବରାହ ହୋଇ ତାଙ୍କ ଦନ୍ତରେ ପୃଥିବୀକୁ ଜଳ ମଧ୍ୟରୁ ଉତ୍ତୋଳିତ କଲେ । ସେତେବେଳେ ପୃଥିବୀଟା ମୃତ୍ତିକା, ଅଗ୍ନି ଓ ଜଳର ଏକ ପିଣ୍ଡ ରୂପେ ଥିଲା । ଏହାର ଚାରିପାଖ ଉତ୍ତପ୍ତ ଥିଲା । ମୃତ୍ତିକା ଉପରେ ଜୀବଜଗତର ଉତ୍ପତ୍ତି ପାଇଁ ବ୍ରହ୍ମାଙ୍କୁ ଦାୟିତ୍ୱ ଦିଆଗଲା । ମାତ୍ର ଉତ୍ତପ୍ତ ପିଣ୍ଡରେ ଜୀବସତ୍ତାର କିପରି ସମ୍ଭବ ହେବ ? ବ୍ରହ୍ମା ଅଡୁଆରେ ପଡ଼ିଲେ । ସିଏ ଏ କାର୍ଯ୍ୟ ପାଇଁ ବାୟୁ ଦେବଙ୍କ ସହାୟତା ଲୋଡ଼ିଲେ । ବାୟୁ ଦେବ ପ୍ରାଣ ରୂପେ ଆସି ପୃଥିବୀର ଉତ୍ତପ୍ତ ପିଣ୍ଡକୁ ଘେରାଇ ରଖନ୍ତି, ଯଦ୍ୱାରା ପୃଥିବୀର ତାପମାତ୍ରା କମିବ ଓ ଜଳର ମାତ୍ରା ବୃଦ୍ଧି ହେବ । ଫଳରେ ପୃଥିବୀରେ ନୂତନ ଜୀବର ସଞ୍ଚାର ହେବ । ଆଜ୍ଞାବହ ବାୟୁଦେବ ତାହାହିଁ କଲେ । ପୃଥିବୀରେ ଜୀବଜଗତ୍ ସମ୍ଭବ ହେଲା – ବାୟୁ ମଣ୍ଡଳ ଘେରାଇ ରହିବା ଦ୍ୱାରା । ଉଦ୍ଭିଦକୁଳ, ପ୍ରାଣୀସମୂହ, ପଶୁପକ୍ଷୀ ଓ ମଣିଷସମାଜର ଉତ୍ପତ୍ତି ହେଲା । ଏହାହିଁ ହେଉଛି ବାୟୁମଣ୍ଡଳ ସୃଷ୍ଟିର ଭିନ୍ନ ଏକ ସ୍ପଷ୍ଟୀକରଣ ।

ବିଜ୍ଞାନ ଜଗତରେ ବାୟୁ ଅଥବା ବାୟୁମଣ୍ଡଳର ଭୂମିକା ଖୁବ୍ ବେଶୀ । ବାୟୁମଣ୍ଡଳ ହେତୁ ପୃଥିବୀରେ ଅନେକ ବୈଜ୍ଞାନିକ ଘଟନା (Phenomenon) ସବୁ ଘଟି ଚାଲିଛି ଓ ଏବେ ମଧ୍ୟ ଘଟୁଛି । ବାୟୁ ଏକ ମିଶ୍ରଣ । ଏଥିରେ ୭୮ ଶତକଡ଼ା ଯବକ୍ଷାରଜାନ, ୨୧ ଶତକଡ଼ା ଅମ୍ଳଜାନ ଓ ଅତ୍ୟଳ୍ପ ପରିମାଣର ଅନ୍ୟାନ୍ୟ ଗ୍ୟାସ ରହିଛି । ଏକ ସନ୍ତୁଳିତ ପରିବେଶ ପାଇଁ ବାୟୁମଣ୍ଡଳର ଆବଶ୍ୟକତା ରହିଛି । ଚାପର ସମତାରକ୍ଷା ସକାଶେ ବାୟୁପ୍ରବାହ ହୋଇଥାଏ । ବାୟୁର ପ୍ରବାହ ହେତୁ ତାପର ପରିବହନ ହୋଇଥାଏ । କୌଣସି କାରଣରୁ ଅସନ୍ତୁଳିତ ପରିବେଶ ସୃଷ୍ଟି ହେଲେ ବାୟୁର ଘୂର୍ଣ୍ଣିବଳୟ ହୋଇ ବାତ୍ୟା, ମହାବାତ୍ୟାର ରୂପ ନିଏ । ଫଳରେ ଅନେକ ସମୟରେ ନାରକୀୟ କାଣ୍ଡ ଘଟେ । ଅତୀତରେ ଫାଇଲିନ୍, ହୁଡ୍ ହୁଡ୍ ଭଳି ସ୍ମରଣୀୟ ସ୍ମୃତି ।

ଧ୍ୱନି ତରଙ୍ଗର ସମ୍ଭବ ହୋଇଥାଏ ବାୟୁତରଙ୍ଗର କମ୍ପନରୁ । ବାୟୁର ଅନୁପସ୍ଥିତିରେ ଶବ୍ଦତରଙ୍ଗ ସଂଚରଣ ହୁଏ ନାହିଁ । ପୁଣି ଅନେକ ଶ୍ରୁତି ମଧୁର ସଂଗୀତ ଧ୍ୱନି ଏଇ ବାୟୁର ନିୟନ୍ତ୍ରିତ କମ୍ପନରୁ ସମ୍ଭବ ହୋଇଥାଏ ।

ପୌରାଣିକ ଶାସ୍ତ୍ର ପୁରାଣରେ ବାୟୁକୁ 'ପ୍ରାଣ'ର ପ୍ରତିଶବ୍ଦରୂପେ ଅବତାରଣା କରାଯାଇଛି । ବେଦ ଓ ଯୋଗଶାସ୍ତ୍ରରେ ବାୟୁର ପାଞ୍ଚପ୍ରକାରର ସ୍ଥୂଳ ରୂପଥିବାର ବର୍ଣ୍ଣନା ରହିଛି । ସେଗୁଡ଼ିକ : ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ । ଏମାନେ ଜୀବର ଶରୀରର ଶ୍ୱାସକ୍ରିୟା, ସଞ୍ଚାଳନ,

ପରିପାକ, ସ୍ନାୟୁତନ୍ତ୍ର ଓ ବର୍ଜ୍ୟବସ୍ତୁ ପରିତ୍ୟାଗ ତନ୍ତ୍ର (Excretion)କୁ ନିୟନ୍ତ୍ରଣ ଓ ପରିଚାଳନ କରିଥା'ନ୍ତି ।

ଯୋଗ ଶାସ୍ତ୍ରରେ ଆମ ଶ୍ୱାସକ୍ରିୟାର ଗତି ନିୟନ୍ତ୍ରଣ ଓ ନିଷ୍କାସନ ଏକ ପ୍ରମୁଖ ବିଷୟ ଅଟେ । ଶ୍ୱାସକ୍ରିୟାର ସୁନିୟନ୍ତ୍ରିତ ନିର୍ଗମ ଓ ବହିର୍ଗମକୁହିଁ ଯୋଗ କୁହାଯାଏ । ପ୍ରାଣାୟାମ ମାଧ୍ୟମରେ ଶ୍ୱାସକ୍ରିୟାର ନିୟନ୍ତ୍ରଣହିଁ ସୁସ୍ଥ ଜୀବନର ମୂଳମନ୍ତ୍ର ବୋଲି ସାଧୁସନ୍ଥ ଓ ମୁନିଋଷିମାନଙ୍କ ମତ । ପ୍ରାଚୀନ ଯୁଗର ମହର୍ଷିମାନେ ଏଇ ଯୋଗ ବଳରେ ମଣିଷର ଜୀବନକାଳର ଆକଳନ କରୁଥିଲେ । ଏଇ ପ୍ରାଣାୟାମ ଦ୍ୱାରା ଶରୀରକୁ ସୁସ୍ଥ ନିରାମୟ ରଖିବା ସଙ୍ଗେ ସଙ୍ଗେ ଜୀବନକାଳକୁ ବର୍ଷ ବର୍ଷ ପ୍ରମାଣେ ବଢ଼ାଯାଇପାରେ ବୋଲି ସେମାନେ ମତ ଦେଇଛନ୍ତି । ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ ପ୍ରାପ୍ତିର ମୂଳମନ୍ତ୍ର ଯେ ପ୍ରାଣାୟାମ, ଏହା ସର୍ବଜନ ସ୍ୱୀକାର୍ଯ୍ୟ ଓ ସର୍ବଜନ ବିଶ୍ୱାସ୍ୟ ଅଟେ ।

ଅଧ୍ୟାତ୍ମଜଗତର ପବିତ୍ର ପୁରାଣମାନଙ୍କ ମଧ୍ୟରେ ଅଷ୍ଟାଦଶ ମହାପୁରାଣ ଏକ ବିଶିଷ୍ଟ ସ୍ଥାନ ଦାବିକରେ । ଏହା ମଧ୍ୟରେ 'ବାୟୁପୁରାଣ' ଅନ୍ୟତମ ! ଏହା ଏକ ଶୈବପୁରାଣ ଯାହା ବାୟୁଦେବଙ୍କ କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏଥିରେ ରହିଛି ଚବିଶହଜାର ଶ୍ଲୋକ । ବିଶ୍ୱର ବିଭିନ୍ନ ବିଷୟର ପ୍ରମୁଖ ଲକ୍ଷଣ ଏଥିରେ ରହିଛି । ଭାରତୀୟ ପ୍ରାଚୀନ ବିଦ୍ୱାନ୍ ବାଣଭଟ୍ଟ ତାଙ୍କ 'କାଦମ୍ବରୀ' ଓ 'ହର୍ଷଚରିତ' ଗ୍ରନ୍ଥରେ ଏଇ ବାୟୁପୁରାଣର ବିଷୟ ଉଲ୍ଲେଖ କରିଛନ୍ତି । ଏହାର ମହାନତା ଏଥିରୁ ଜଣାପଡ଼େ । ବାୟୁପୁରାଣ ଚାରି ଭାଗରେ ବିଭକ୍ତ । ଏଥିରେ ଭରପୂର ରହିଛି ବିଭିନ୍ନ ବିଷୟବସ୍ତୁର ବିସ୍ତୃତ ବର୍ଣ୍ଣଛଟା । ସୃଷ୍ଟିର ସର୍ଜନା ଓ ପୁନଃସର୍ଜନା, କାଳଗଣନା, ଅଗ୍ନିଦେବ, ବରୁଣ ଦେବ ଓ ଅନ୍ୟାନ୍ୟ ଦେବତାଙ୍କ ମୂଳ ଉତ୍ପତ୍ତି । ମହାନ୍ ଋଷି ଅତ୍ରୀ, ଅଙ୍ଗିରା, ଭୃଗୁ ଓ ଅନ୍ୟମାନଙ୍କ ବିଷୟ ସହିତ ଦୈତ୍ୟ, ଦାନବ, ଗନ୍ଧର୍ବ ଓ ଅନେକ ରାଜବଂଶର ବର୍ଣ୍ଣନା ମଧ୍ୟ ଏଥିରେ ଦେଖିବାକୁ ମିଳେ । ସୌରଜଗତ୍ ତଥା ନଭୋମଣ୍ଡଳର ବିଭିନ୍ନ ଗ୍ରହ, ନକ୍ଷତ୍ର ସମ୍ପର୍କରେ ରହିଛି ମନୋମୁଗ୍ଧକର ବର୍ଣ୍ଣନା । ତା'ଛଡ଼ା ଚାରିଯୁଗ ଓ ଚତୁର୍ଦ୍ଦଶ ମନ୍ୱନ୍ତର ବିଷୟ ମଧ୍ୟ ଏଥିରେ ସ୍ଥାନ ପାଇଛି । ଏ ପୁରାଣରେ ବେଦ, ଗନ୍ଧର୍ବବିଦ୍ୟା, ଉନ୍ନତ କଳା (Fine Art) ଇତ୍ୟାଦିର ବର୍ଣ୍ଣନା ରହିଛି । ପୁଣି ବିଭିନ୍ନ ଧର୍ମବିଶ୍ୱାସୀ ମତାବଲମ୍ବୀମାନଙ୍କର ଚାଲିଚଳନ, ସାମାଜିକ ପ୍ରଥା ଓ ବିଶ୍ୱାସ ତଥା କର୍ତ୍ତବ୍ୟବୋଧର କଥା ମଧ୍ୟ ରହିଛି ।

ବାୟୁଦେବଙ୍କ ପୁତ୍ରଭାବେ ମହାଭାରତର ମହାବଳୀ ଭୀମ ଓ ରାମାୟଣର ମହାବୀର ହନୁମାନଙ୍କ ପ୍ରସିଦ୍ଧି ରହିଛି । ଉଭୟ ଗ୍ରନ୍ଥରେ ଭୀମ ଓ ହନୁମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ଓ ଶକ୍ତିମାନର ଚିତ୍ର ଦିଆଯାଇଛି । ସତ୍ୟ ଓ ନ୍ୟାୟର ପ୍ରତିଷ୍ଠାପାଇଁ ଓ ଧର୍ମ ରକ୍ଷାରେ ବ୍ରତୀ ହୋଇଛନ୍ତି ଏ ଦୁଇ ଚରିତ୍ର !

ଭୀମଙ୍କ ଅପେକ୍ଷା ହନୁମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ହନୁମାନ୍ ଉଭୟ ରାମାୟଣ ଓ ମହାଭାରତରେ କିଛି ଭୂମିକା ନିଭାଇଛନ୍ତି । ସ୍ଥଳବିଶେଷରେ ହନୁମାନଙ୍କୁ ସ୍ୱୟଂ ଦେବଅଂଶରେ ସମ୍ଭୂତ ବୋଲି କୁହାଯାଏ । ତାଙ୍କୁ ପୁଣି ଶିବଙ୍କ ଏକ ଅବତାର ରୂପେ ମଧ୍ୟ ଅବତାରଣା କରାଯାଏ । ହନୁମାନ୍ ପୁଣି ଭଗବାନ୍ ବିଷ୍ଣୁଙ୍କୁ ରାମଅବତାରରେ ତାଙ୍କ ଉଦ୍ଦେଶ୍ୟ ସାଧନରେ ସହାୟ ହୋଇଛନ୍ତି । ଧର୍ମର ପ୍ରତିଷ୍ଠା ପାଇଁ ମାନସିକ ଓ ଶାରୀରିକ ବଳର ପ୍ରତୀକ ରୂପେ ଐଶ୍ୱରୀୟ କାର୍ଯ୍ୟ ହାସଲର ଚିତ୍ରିତ ଚରିତ୍ର ହେଉଛନ୍ତି ହନୁମାନ୍ । ପୁଣି ଭକ୍ତମାନଙ୍କ ମଧ୍ୟରେ ଶ୍ରେଷ୍ଠବର୍ଗର – ଜ୍ଞାନୀଭକ୍ତ ଅଟନ୍ତି । ଦାସ୍ୟ ଭାବର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ନବଧା ଭକ୍ତିରେ 'ପାଦସେବନ'ର ସିଏ ଜଣେ ଅନନ୍ୟ ସାଧକ । ସିଏ ପୂଣ୍ୟଶ୍ଳୋକ ! ସିଏ ପାବନି, ବାତସୁତ ! ମହାଭାରତରେ ସେ ନିଜର ସ୍ଥାନ ବଜାୟ ରଖିଛନ୍ତି ଅର୍ଜ୍ଜୁନଙ୍କ ରଥର ଧ୍ୱଜାରେ – କପିକେତନରେ ଏବଂ ଅର୍ଜ୍ଜୁନଙ୍କ ପରି ଶ୍ରୀକୃଷ୍ଣଙ୍କଠାରୁ ଭଗବତଗୀତାର ଜ୍ଞାନଭଣ୍ଡାରକୁ ପ୍ରତ୍ୟକ୍ଷ ଶ୍ରବଣ କରିଛନ୍ତି ଆରମ୍ଭରୁ ଶେଷପର୍ଯ୍ୟନ୍ତ । ❑

ଚେତନାକୁ ଜାଗରିତ ରଖିବା ନିମନ୍ତେ ତୁମେ ପ୍ରତ୍ୟେକ ଦିନ କିଛି ସମୟ ଏକାଗ୍ରତା ଓ ଶ୍ରୀମାଙ୍କୁ ସ୍ମରଣ ଏବଂ ଆମ ସହ ତୁମର ସଂଯୋଗରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ରଖିବା ଆବଶ୍ୟକ ।

– ଶ୍ରୀଅରବିନ୍ଦ

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ :** *ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଆଦର୍ଶରେ ବାହାରେ ଯେଉଁଠି ଆଶ୍ରମ ପ୍ରତିଷ୍ଠା ହେବ ସେମାନଙ୍କ ମଧ୍ୟରେ ସହଯୋଗ, ସାମଞ୍ଜସ୍ୟ ରହିବ କିପରି ? ପଣ୍ଡିଚେରୀ ଆଶ୍ରମରେ ଶ୍ରୀମାଶ୍ରୀଅରବିନ୍ଦ ସ୍ୱୟଂ ଥିଲେ, ସେ ଆଶ୍ରମ ପ୍ରତିଷ୍ଠା କରିଥିଲେ । ତାଙ୍କର ନିର୍ଦ୍ଦେଶରେ ଆଶ୍ରମ ପରିଚାଳିତ ହେଉଥିଲା । ଆଶ୍ରମର ସାଧକ ବହୁତ ଦିନ ଶ୍ରୀମାଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ରହିକରି ପରିଚାଳନା ବିଷୟରେ ଅଭିଜ୍ଞତା ଲାଭ କରିଥିଲେ । ସେ ସକାଶେ ଶ୍ରୀମାଶ୍ରୀଅରବିନ୍ଦ ସ୍ୱ-ଦେହ ଛାଡ଼ିବା ପରେ ଆଶ୍ରମ ପରିଚାଳିତ ହେବାରେ ଅସୁବିଧା ହେଲା ନାହିଁ । କିନ୍ତୁ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀର ଆଦର୍ଶ ଅନୁସାରେ ବାହାରେ ଯେଉଁଠି ଆଶ୍ରମ ପ୍ରତିଷ୍ଠା ହେବ ସେଠାକୁ ସବୁ ନୂତନ ସାଧକ ଆସିବେ । ପ୍ରଥମ କରି ଗୃହତ୍ୟାଗ କରି ଆସିଥିବେ । ସେମାନଙ୍କର ଆଶ୍ରମ ପରିଚାଳନା ସମ୍ବନ୍ଧେ କୌଣସି ଧାରଣା ନ ଥିବ, ଅଭିଜ୍ଞତା ବି ନଥିବ । ଏପରି ସ୍ଥଳେ ଶୃଙ୍ଖଳା ସହିତ ଆଶ୍ରମ ପରିଚାଳିତ ହେବ କିପରି ?*

**ଉତ୍ତର :** ବାହାରେ ନୂତନରୂପେ ପ୍ରତିଷ୍ଠିତ ହେଉଥିବା ଆଶ୍ରମ ଶୃଙ୍ଖଳା ଏବଂ ସାମଞ୍ଜସ୍ୟର ସହ ପରିଚାଳିତ ହେବ ଜୀବନର ଲକ୍ଷ୍ୟ ଦୃଢ଼ ଭାବରେ ଗ୍ରହଣ କରି ସାଧନା ସମ୍ବନ୍ଧେ ସଚେତନ ହେବା ଦ୍ୱାରା । ଶ୍ରୀଅରବିନ୍ଦ କହିଥିଲେ ଯେପର୍ଯ୍ୟନ୍ତ ଅତିମାନସ ଶକ୍ତି ଅବତରଣ ନକରିଛି ସେପର୍ଯ୍ୟନ୍ତ ଶ୍ରୀମା ପରିଚାଳନା କରିବେ । ଅତିମାନସ ଶକ୍ତି ଅବତରଣ କଲା ପରେ ସମସ୍ତ କାର୍ଯ୍ୟ ଅତିମାନସ ଶକ୍ତିହିଁ ପରିଚାଳନା କରିବ । ୧୯୫୦ରେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ନିଜ ଶରୀରରେ ଅବତରଣ କରାଇ ଶରୀର ତ୍ୟାଗ କଲେ । ସେହି ଅତିମାନସ ଶକ୍ତି ପୃଥିବୀରେ କ୍ରିୟାତ୍ମିକା ଶକ୍ତିରୂପେ ପ୍ରତିଷ୍ଠିତ ହେଲା ୧୯୫୬ ଫେବ୍ରୁଆରୀ ୨୯ ତାରିଖରେ । ବର୍ତ୍ତମାନ ସେହି ଅତିମାନସ ଶକ୍ତି କାର୍ଯ୍ୟ କରୁଛି । ଯେଉଁଠାରେ ସାଧନାଳୟ, ଶ୍ରୀଅରବିନ୍ଦଙ୍କ ଦେହାଂଶ-ସ୍ଥାପନ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଠଚକ୍ର, ସେମିନାର ପ୍ରଭୃତି କାର୍ଯ୍ୟ ହେଉଛି ସେଠାରେ ଅତିମାନସ ଶକ୍ତି କ୍ରିୟାଶୀଳ ହେଉଛି । ବିଶେଷରୂପେ କ୍ରିୟାଶୀଳ ହେଉଛି ସାଧନାଳୟ ଓ ରେଲିକ୍ସ ମନ୍ଦିରମାନଙ୍କରେ ।

ଆଶ୍ରମ ସାଧକମାନେ କିପରି ମନୋଭାବ ରଖି କର୍ମ କରିବେ, ପରସ୍ପର ମଧ୍ୟରେ କିପରି ସାମଞ୍ଜସ୍ୟ ରହିବ, କର୍ମ କେଉଁ ପ୍ରଣାଳୀରେ କରିବାକୁ ହେବ ଏହି ବିଷୟରେ ଶ୍ରୀମା ଇଂରେଜୀ ମାତୃରଚନାବଳି ୧୪ଶ ଖଣ୍ଡର ୩୩୧ ପୃଷ୍ଠାଠାରୁ ୩୪୮ ପୃଷ୍ଠା ପର୍ଯ୍ୟନ୍ତ ବହୁତ ପ୍ରାଞ୍ଜଳ ଭାଷାରେ ଟିକିନିଖି କରି ଆଲୋଚନା କରିଅଛନ୍ତି । ଏହାକୁ ସମସ୍ତ ସାଧକ ପାଠକରିବା ଆବଶ୍ୟକ ।

କର୍ମରେ ଅସାମଞ୍ଜସ୍ୟର ପ୍ରଧାନ କାରଣ ହେଲା ଅହଂ ଆଉ ସ୍ୱାର୍ଥ । ଏହି ଅହଂ ଓ ସ୍ୱାର୍ଥ ଯୋଗୁଁ ପରିବାର, ସମାଜ, ଦେଶ, ଜାତି ଓ ଶାସନରେ ନାନା ପ୍ରକାର ଅସାମଞ୍ଜସ୍ୟ, ମତଭେଦ, କଳହ ସୃଷ୍ଟି ହୁଏ । ସାଧାରଣ ବ୍ୟକ୍ତି ଏପରିକି ବହୁତ ବିଦ୍ୱାନ୍, ବୁଦ୍ଧିମାନ୍ ବ୍ୟକ୍ତିମାନେ ବି ଏ ସମ୍ବନ୍ଧେ ସଚେତ ନୁହନ୍ତି । କିନ୍ତୁ ଏହି ଅହଂ, ସ୍ୱାର୍ଥ ସାଧନାର ମହାନ୍ ଶତ୍ରୁ ଆଉ ଜୀବନର ସମସ୍ତ ପ୍ରକାର ଅଶାନ୍ତି, ଦୁଃଖର ମୂଳ କାରଣ । ଏବିଷୟରେ ସାଧକମାନେ ସଚେତ ହେବା, ଏହାକୁ କ୍ରିୟାରେ ପରିଣତ କରିବାକୁ ନଦେବା, ଏହାକୁ ପ୍ରତ୍ୟାଖ୍ୟାନ କରିବା ଏକାନ୍ତ ଆବଶ୍ୟକ ଏବଂ ଅପରିହାର୍ଯ୍ୟ । ଯେପର୍ଯ୍ୟନ୍ତ ସାଧକ ଏହି ଅହଂ, ସ୍ୱାର୍ଥକୁ ଭଲଭାବେ ନ ଚିହ୍ନିଛି, ସେପର୍ଯ୍ୟନ୍ତ ସେ ତାକୁ ମିତ୍ରରୂପେ ପ୍ରଶ୍ରୟ ଦେଉଥାଏ । କିନ୍ତୁ ସେ ମିତ୍ର ସର୍ବନାଶ କରିବା ଶକୁନି ମନ୍ତ୍ରୀ ସଦୃଶ । ସାଧକ ସଚେତ ନହେବା ଯୋଗୁଁ ତାକୁ ନିଜର ମିତ୍ର ବୋଲି ମନେକରେ । ଏଣୁ ସବୁପ୍ରକାର ଦୁଃଖ, କଷ୍ଟ, ଅଶାନ୍ତି ଭୋଗକରେ । ଦୈନନ୍ଦିନ ଜୀବନରେ ଅଶାନ୍ତିରେ ଦିନ କାଟେ । ସାଧନାରେ ଅଗ୍ରଗତି କରିପାରେ ନାହିଁ । ନାନା ପ୍ରକାର ଅବସାଦ, ଦ୍ୱନ୍ଦ୍ୱ, ସନ୍ଦେହ, ହିଂସା, ଦ୍ୱେଷ ଆଦି ଶତ୍ରୁମାନଙ୍କ ଦ୍ୱାରା ପୀଡ଼ିତ ହେଉଥାଏ ।

ଅହଂ, ସ୍ୱାର୍ଥ ମହାନ୍ କୌଶଳୀ । ମନୁଷ୍ୟର ମନ, ପ୍ରାଣ, ଶରୀରର ପ୍ରତିକୂଳ ଗତିବୃତ୍ତି ହିଂସା, ଦ୍ୱେଷ, ଈର୍ଷା, ଲୋଭ, ମୋହ, କାମ, କ୍ରୋଧ ଇତ୍ୟାଦିଙ୍କୁ ଚିହ୍ନିପାରେ । କିନ୍ତୁ ଅହଂ, ସ୍ୱାର୍ଥ ଏପରି କୌଶଳୀ ଯେ ସେମାନଙ୍କୁ ଚିହ୍ନିବା ଏତେ ସହଜ ନୁହେଁ । ସେମାନେ ବହୁତ କୌଶଳରେ ପ୍ରେରଣା ଦିଅନ୍ତି ।

ସେମାନେ କୁହନ୍ତି, 'ଯେଉଁଟା ସତ୍ୟ, ଯଥାର୍ଥ ତାକୁ କହିବା ଉଚିତ । ସତ୍ୟ, ଯଥାର୍ଥ ନ କହିବା ହେଲା ଅପରାଧ ।' ଯଥାର୍ଥରେ ସତ୍ୟ ଏବଂ ଯଥାର୍ଥ କ'ଣ ବୁଦ୍ଧିରେ ତ ମଣିଷ ବୁଝିପାରିବନି ? ଯେଉଁଠି ଯଥାର୍ଥ ସତ୍ୟ ସୁପ୍ରିମ କୋର୍ଟର ଜଜ୍ ବିଚାର କରି ନପାରନ୍ତି ସେଠାରେ ତାକୁ ସାଧାରଣ ବୁଦ୍ଧିରେ ବିଚାର କରିବା ସମ୍ଭବ ହେବ କିପରି ? ବୁଦ୍ଧି-ବିଚାରଶୀଳ ବ୍ୟକ୍ତି ଯାହାକୁ ସତ୍ୟ ଏବଂ ଯଥାର୍ଥ କହେ ତାହା ଦ୍ୱାରା ଯଦି ବିବାଦ, କଳହ, ଦ୍ୱନ୍ଦ୍ୱ ଆଦି ହୁଏ ତେବେ ତାହା କହିବାରେ ଲାଭ କ'ଣ ହେଲା ? ସତ୍ୟ ଓ ଯଥାର୍ଥ କଥା ନକହି ନୀରବ ହେବା ଦ୍ୱାରା ଯାହା କ୍ଷତି ହୁଅନ୍ତା, ବିବାଦ କଳହ ମତଭେଦ ଦ୍ୱାରା ତା' ଅପେକ୍ଷା ବହୁଗୁଣରେ ଅଧିକ କ୍ଷତି ହେବ । ଆଶ୍ରମ ବା ଅନୁଷ୍ଠାନର ଅବନତି ହେବ । ସେ ସକାଶେ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି :

''କହିବ ସତ୍ୟ ପ୍ରିୟ ବଚନ ବିଚାରି ।''

ଏହାର ଅର୍ଥ ସତ୍ୟ ହୋଇଥିବ, କିନ୍ତୁ ସେ ସତ କହିବା ଦ୍ୱାରା ଯଦି କିଛି ସୁଧାର ହୁଏ ତେବେ ତ କହିବା ଉଚିତ । କିନ୍ତୁ ଯଦି ତାହା ଅପ୍ରିୟ ହୋଇଥିବ ତେବେ ତାକୁ କହିବା ଉଚିତ ନୁହେଁ ।...

ବ୍ୟକ୍ତି ଯଦି ଅହଂ ଆଉ ସ୍ୱାର୍ଥକୁ ଚିହ୍ନି ସେସବୁକୁ କାର୍ଯ୍ୟରେ ପରିଣତ ନକରିବ ଆଉ ସାବଧାନ ରହିବ ତେବେ ଆଶ୍ରମ, ଅନୁଷ୍ଠାନ ଓ ପରିବାରର ସୁଧାର ନିଶ୍ଚୟ ହେବ । ପରିବାରରେ ମତଭେଦ ହେବ ନାହିଁ । ପରିବାର ସୁଖ, ଶାନ୍ତିରେ ରହିବ । ପରିବାରର ଉନ୍ନତି ହେବ । ଏହାର ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିବ । ଗ୍ରାମବାସୀଙ୍କ ଉପରେ ପଡ଼ିବ । ସମାଜ ଉପରେ ବି ପଡ଼ିବ । ଏହି ଅହଂ ଆଉ ସ୍ୱାର୍ଥ ବ୍ୟକ୍ତି ପାଇଁ ଯେପରି ଘାତକ, ପରିବାର, ସମାଜ, ଦେଶ ପାଇଁ ମଧ୍ୟ ସେପରି ଘାତକ । କିନ୍ତୁ ଏହି ପରମ ଶତ୍ରୁକୁ ଆମେ ପରମ ମିତ୍ର ରୂପେ ସ୍ୱାଗତ କରୁ । ଯାହାଫଳରେ ଜୀବନର ଅଧୋଗତି ହୁଏ ।

ଏ ସମ୍ପର୍କରେ ମା' ସ୍ୱୟଂ କହିଛନ୍ତି ଯେ, ''ଯଦି କର୍ମରେ କୌଣସି ବାଧାର ସମ୍ମୁଖୀନ ହେଉ ତେବେ ତୁ ନିଜେ ନିଜକୁ ଦେଖିଲେ ଜାଣିବୁ ଯେ ତା'ର ମୂଳ ତୋ ନିଜ ଭିତରେହିଁ ଅଛି ।''

***ପ୍ରଶ୍ନ** : ବାଧାର କାରଣ ନିଜ ଭିତରେ କିପରି ରହିଛି ?*

**ଉତ୍ତର** : ନିଜ ଭିତରେ ବାଧା ରହିବାର ଲକ୍ଷଣ ହେଲା ଆମ ଭିତରେ କିଛି ଅହଂ, ସ୍ୱାର୍ଥ ଓ କିଛି ତ୍ରୁଟି ଥାଏ, ସେହି ଯୋଗୁଁ ବାଧା ଆସେ । ଆମ ଭିତର ବାଧା ଯଦି ଚାଲିଯିବ ତେବେ ବାହାର ବାଧାର ପ୍ରଭାବ ଆମ ଉପରେ ପଡ଼ିବ ନାହିଁ । ଏ କେବଳ ଆଧ୍ୟାତ୍ମିକ ମାର୍ଗରେ ନୁହେଁ, ଗାର୍ହସ୍ଥ୍ୟାଶ୍ରମରେ ମଧ୍ୟ ସେହି କଥା । ଗାର୍ହସ୍ଥ୍ୟାଶ୍ରମରେ ଯଦି କିଏ ଭାବେ ଯେ ମୋତେ କେହି ଭଲପାଉ ନାହାନ୍ତି, ମୋ କଥା କେହି ମାନୁ ନାହାନ୍ତି, ମୋର କଥା ପସନ୍ଦ କରୁ ନାହାନ୍ତି, ଏହାର ଅର୍ଥ ନିଜ ଭିତରେ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ ଆଦି ପୂର୍ଣ୍ଣମାତ୍ରାରେ ଥାଏ । ସେଇ ସକାଶେ ତା'ର ପ୍ରତିକ୍ରିୟା ଅନ୍ୟ ଦ୍ୱାରା ଧରାଦିଏ । ଏହି ପ୍ରତିକୂଳ ଗୁଣଧର୍ମ ଥିବାରୁ ବ୍ୟବହାରରେ ତ୍ରୁଟି ଦେଖାଦିଏ । ବ୍ୟବହାରରେ ତ୍ରୁଟି ଦେଖାଦେବାର ଅର୍ଥ ପ୍ରତ୍ୟେକ ବ୍ୟକ୍ତିର ବୁଦ୍ଧି ଅନୁସାରେ ଗୋଟିଏ ବସ୍ତୁକୁ ପ୍ରତ୍ୟେକେ ଭିନ୍ନ ଭିନ୍ନ ରୂପେ ବିଚାର କରନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କର ଧାରଣା ହୁଏ ଯେ ତାଙ୍କରି ବିଚାରଟାହିଁ ଠିକ୍ । ଅନ୍ୟର ବିଚାର ଯଥାର୍ଥ ନୁହେଁ । ଏହା ବୁଦ୍ଧିର ଧର୍ମ । ବୁଦ୍ଧି ସର୍ବଦା ଅର୍ଦ୍ଧ-ଜ୍ଞାନଯୁକ୍ତ । ପୂର୍ଣ୍ଣ ଜ୍ଞାନ ବୁଦ୍ଧିର ନଥାଏ । ସେ ସକାଶେ ଗୋଟିଏ ବସ୍ତୁକୁ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଧାରଣା କରନ୍ତି । ଏହାର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ସୁପ୍ରିମକୋର୍ଟର ଜଜ ଓ ନିର୍ବାଚନରେ ଭୋଟ ଦେବା ।

ପରିବାରରେ ସୁଖ-ଶାନ୍ତିରେ ରହିବାକୁ ହେଲେ ଆଧ୍ୟାତ୍ମିକ ମାର୍ଗରେ ଶାନ୍ତିରେ ରହି, ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବାକୁ ହେବ । ସାଧାରଣ ବୁଦ୍ଧିକୁ ପ୍ରାଧାନ୍ୟ ନଦେଇ ଭଗବାନଙ୍କୁ ଭକ୍ତି କରିବା ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଭକ୍ତି କରିବାକୁ ହେବ । ତାଙ୍କରି ଚରଣରେ ନିଜକୁ ପୂର୍ଣ୍ଣତଃ ସମର୍ପଣ କରିବା ସକାଶେ ଅଭୀପ୍ସା କରି ନିୟମିତ ରୂପେ କିଛି ସମୟ ହୃଦୟରେ ଧ୍ୟାନ କରିବା ଦ୍ୱାରା ଆମ ମଧ୍ୟରେ ଭାଗବତୀ ଶକ୍ତି ଅବତରଣ କରିବ ଏବଂ ରୂପାନ୍ତର କ୍ରିୟା କରିବ । ତେବେ ଆମେ ମନର ଊର୍ଦ୍ଧ୍ୱ ଚେତନା ପ୍ରାପ୍ତ କରିପାରିବା । ଏହା ପୂର୍ବରୁ ସୁଖ ଶାନ୍ତିରେ ରହିବାକୁ ହେଲେ ନିଜ ବୁଦ୍ଧି-ବିଚାରରେ ଯାହା ଠିକ୍ କରିବେ ତାହାକୁ ପ୍ରାଧାନ୍ୟ ନଦେଇ ଅନ୍ୟ ସାଙ୍ଗରେ ସାମଞ୍ଜସ୍ୟ ରଖି କାର୍ଯ୍ୟ କରିବାକୁ ଚେଷ୍ଟା କରିବେ । ଏହିପରି କଲେ ବ୍ୟକ୍ତି ପ୍ରତ୍ୟେକ ସଂସ୍ଥାରେ, ଆଶ୍ରମରେ, ଗୃହସ୍ଥାଶ୍ରମରେ ସୁଖ ଶାନ୍ତିରେ ରହିପାରିବେ । ଭଗବାନଙ୍କୁ ଭକ୍ତି କରିବା ଛଡ଼ା ସୁଖ, ଶାନ୍ତିରେ ରହିବାର ଆଉ ଅନ୍ୟ କୌଣସି ଉପାୟ ନାହିଁ ।

(ପ୍ରଥମ ଖଣ୍ଡ, ପୃଷ୍ଠା ୬୮୨-୬୮୪)

– ରାମକୃଷ୍ଣ ଦାସ ❑

ଚେତନାର ଦିଗ୍‌ବଳୟ :

# ବିହଙ୍ଗ : ଆମ ଅବହେଳିତ ପ୍ରତିବେଶୀ

କେହି ଜଣେ ରସଜ୍ଞ ବିଦ୍ୱାନ୍ ଦେଇଥିଲେ ଏମନ୍ତ ମନ୍ତବ୍ୟ : ''ଭଗବାନ୍ ପକ୍ଷୀମାନଙ୍କୁ ପ୍ରେମ କରୁଥିବାରୁ ସେ ତିଆରି କଲେ ବନ ଉପବନ । ମଣିଷ ପକ୍ଷୀମାନଙ୍କୁ ପ୍ରେମ କରୁଥିବାରୁ ସେ ତିଆରି କଲା ପିଞ୍ଜରା !''

ଅହଂ ପ୍ରଭାବିତ ପ୍ରେମ – ପ୍ରେମାସ୍ପଦ ବିଚାରାଟିଏ ପାଇଁ ବେଶ୍ ବିଷମ ହୋଇପାରେ !

ପ୍ରାଗୈତିହାସିକ ଯୁଗରୁ ମଣିଷ ପକ୍ଷୀମାନଙ୍କ ଦ୍ୱାରା କେତେ ପ୍ରକାରେ ଉପକୃତ ହୋଇଛି, ସେସବୁର ତଥ୍ୟଗତ ବିବରଣୀ ଉପସ୍ଥାପନ କରିବା ନିମନ୍ତେ କୌଣସି ଗବେଷକଙ୍କୁ ଏକାଧିକ ଖଣ୍ଡ ଗ୍ରନ୍ଥ ସଂକଳନ କରିବାକୁ ପଡ଼ିବ । ପକ୍ଷୀର ଯେଉଁ ପ୍ରଭାବ ଆମ ଅବଚେତନରେ ଗଭୀର ରେଖାପାତ କରିଥିବ, ତାହା ହେଲା ଆକାଶ ସହ ତା'ର ଅନ୍ତରଙ୍ଗତା । ସେ ମୁକ୍ତିର ପ୍ରତୀକ, ଅଭୀପ୍ସାର ଆଭାସ ତଥା ଆକାଶର ଅସୀମତା ଉଦ୍ଦେଶ୍ୟରେ ନିମନ୍ତ୍ରଣ ।

ସହର ସଭ୍ୟତା ଏବଂ ପଲ୍ଲିପ୍ରାନ୍ତର ଉପରେ ସହର-ସୁଲଭ ଜୀବନଯାତ୍ରାର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଫଳରେ, ତଥା କୃଷି ପଦ୍ଧତିରେ କୃତ୍ରିମତାର ପ୍ରୟୋଗ ଫଳରେ ପକ୍ଷୀସହ ମଣିଷର ଦୂରତା ବଢ଼ି ବଢ଼ି ଚାଲିଛି । ଜୀବନଯାତ୍ରା କଥା : ଆମେରିକାର ଏକ ରାଜ୍ୟରେ ଦିନେ ଏ ଲେଖକ ବିମାନ ବନ୍ଦର ଅଭିମୁଖେ ଯାଉଥାଏ । ପଥର ଦୁଇ ପାର୍ଶ୍ୱରେ ଅଜସ୍ର ବୃକ୍ଷ । କିନ୍ତୁ ପରିବେଶରେ କୌଣସି ଏକ ବିଶେଷ ଅଭାବ ଅନୁଭୂତ ହେଉଥାଏ । ହଠାତ୍ କାର୍ ଚଳାଉଥିବା ବନ୍ଧୁ ଆପଣାଛାଏଁ କହିଲେ, ''ଏତେ ଉଚ୍ଛଳ ସବୁଜ ବୃକ୍ଷ; କିନ୍ତୁ ଗୋଟାଏ ମଧ୍ୟ ପକ୍ଷୀ ନାହାନ୍ତି ।''

ଅଭାବ ସମ୍ପର୍କରେ ସଚେତନ ହୋଇ ଉଠିଲି ଓ ବିସ୍ମୟଭରେ ପଚାରିଲି, ''କାହିଁକି'' ?

''ବିମାନ ଚଳାଚଳରେ ବିଘ୍ନ ହେବ ବୋଲି ଏ ଅଞ୍ଚଳକୁ ପକ୍ଷୀମୁକ୍ତ କରାଯାଇଛି ।'' ସେ କୈଫିୟତ୍ ଦେଲେ ।

କୃଷିଶୈଳୀରେ ପରିବର୍ତ୍ତନ କଥା : ପଚାଶ ବର୍ଷ ତଳେ କର୍ଣ୍ଣାଟକର ଏକ ନିଭୃତ ପଲ୍ଲିର ସୀମାନ୍ତବର୍ତ୍ତୀ ବ୍ୟାପକ ଶସ୍ୟକ୍ଷେତ ପାଖ ଦେଇ ଗଲା ବେଳେ ଏ ଲେଖକ ଦେଖିଥିଲା କ୍ଷେତ ବ୍ୟାପୀ ଅସଂଖ୍ୟ ଶୁଆ । ଶସ୍ୟ ଅମଳ ପରେ ମାଟିରେ ବିକ୍ଷିପ୍ତ ଦାନା ସଂଗ୍ରହରେ ରତ ଥା'ନ୍ତି ସେମାନେ । ପ୍ରଥମ ଦେଖାର ତିରିଶ ବର୍ଷ ଉତ୍ତାରୁ ଆଉ ଥରେ ସେ ମୁଲକ ଦର୍ଶନର ସୁଯୋଗ ଆସିଲା । ଗୋଟିଏ ମଧ୍ୟ ଶୁଆ ଆଖିରେ ପଡ଼ିଲେ ନାହିଁ । କୀଟନାଶକ ଔଷଧ ସଂକ୍ରମିତ ଶସ୍ୟଦାନାମାନ ଉଦରସ୍ଥ କରି ସେମାନଙ୍କ ବଂଶ ବିଲୁପ୍ତ ।

ଅବଶ୍ୟ ଭାରତର ବ୍ୟାପକ ପଲ୍ଲି ମୁଲକରେ ଅଦ୍ୟାବଧି ପକ୍ଷୀକୁଳ ବିରଳ ପର୍ଯ୍ୟାୟକୁ ଆସି ନାହାନ୍ତି ବୋଲି କୁହାଯାଇପାରେ । ତେଣୁ ଯେଉଁ ସାଂପ୍ରତିକ ଗବେଷଣାଲବ୍ଧ ତଥ୍ୟ ଏଠାରେ ପରିବେଷଣ କରାଯାଉଛି, ତାହାର ସୁଫଳ ଅଙ୍ଗେ ନିଭେଇବାର ସୁଯୋଗ ଯଥେଷ୍ଟ ପରିମାଣରେ ରହିଛି ଏବଂ ପାଠକମାନେ ସେ ସୁଯୋଗ ଗ୍ରହଣ କରିବା ଦିଗରେ ମନୋଯୋଗୀ ହେବେ ବୋଲି ଆଶା ।

ଗବେଷଣାରେ ଅଂଶ ଗ୍ରହଣ କରିଥିଲେ ତିନୋଟି ସଂସ୍ଥା : ବ୍ରିଟେନର ଏକ୍‌ଜିଟାର୍ ବିଶ୍ୱବିଦ୍ୟାଳୟ, କୁଇନ୍‌ସ୍‌ଲ୍ୟାଣ୍ଡ୍ ବିଶ୍ୱବିଦ୍ୟାଳୟ ଏବଂ ବ୍ରିଟିଶ ପକ୍ଷୀ-ବିଜ୍ଞାନ ନ୍ୟାସ (British Trust for Ornithology) । ଦୀର୍ଘ ଅନୁଧ୍ୟାନ ପରେ ସେମାନେ ଚଳିତ ବର୍ଷ (୨୦୧୭) ଫେବ୍ରୁଆରୀରେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଯେଉଁମାନେ ନିଜ ନିଜ ଘର ଚତୁର୍ଦ୍ଦିଗରେ ପକ୍ଷୀମାନଙ୍କ କୂଜନ ଶୁଣିବାର ସୁଯୋଗ ପାଉଥା'ନ୍ତି ପ୍ରଭାତରୁ ସନ୍ଧ୍ୟା ବିତିବା ଯାଏ, ସେମାନେ ଉତ୍କଣ୍ଠା ଜନିତ ଅସ୍ୱସ୍ତି, ମାନସିକ ବିଷାଦ ଓ କ୍ଳାନ୍ତି ଏବଂ ହୃଦ୍‌ବୈକଲ୍ୟ ଯୋଗେ ପୀଡ଼ିତ ହେବାର ସମ୍ଭାବନା କମ୍ ।

ଅନ୍ତତଃ ଦ୍ୱିପ୍ରହରରେ କିଛି ସମୟ ସକାଶେ ଯେଉଁମାନେ ପକ୍ଷୀଙ୍କର କାକଳି ଶୁଣିପାରିବା ଭଳି ପରିବେଶରେ ରହିପାରିବେ, ସେମାନଙ୍କ ପାଇଁ ମଧ୍ୟ ତାହା ଏକ ପ୍ରତିଷେଧକ ଭାବରେ କାମ ଦେବ ବୋଲି ଗବେଷଣାର ସିଦ୍ଧାନ୍ତ କହୁଛି ।

ନା, ଟେପ୍‌କରି ଶୁଣିଲେ ସମାନ ଉପକାର ହେବାର ସମ୍ଭାବନା ନାହିଁ । ଶଙ୍ଖଧ୍ୱନି ଟେପ୍ କରି ପୂଜାପାର୍ବଣରେ ବଜାଇଲେ ଯେମିତି ତାହା ସମାନ ସ୍ପନ୍ଦନ ସୃଜିପାରେ ନାହିଁ । ଅବଶ୍ୟ ଏକଥାଟି ଏ ଲେଖକର ବକ୍ତବ୍ୟ ଏବଂ ବକ୍ତବ୍ୟକୁ ଯୁକ୍ତି

ସିଦ୍ଧ କରିବା ଭଳି ତଥ୍ୟ ତାହାଠିଁ ଅଛି । କିନ୍ତୁ ତାହା ଏକ ଭିନ୍ନ ପ୍ରସଙ୍ଗ ।

ଏକ୍‌ଜିଟାର୍ ବିଶ୍ୱବିଦ୍ୟାଳୟ ତରଫରୁ ଗବେଷଣାର ନେତୃତ୍ୱ ନେଇଥିବା ପ୍ରଫେସର ଡାନିଏଲ୍ କୋକସ୍ (Daniel Cox)ଙ୍କ ଭାଷାରେ, ‘‘ଆମ ମାନସିକ ସୁସ୍ୱାସ୍ଥ୍ୟ ସକାଶେ ପ୍ରକୃତିର କେତେକ ମୌଳିକ ଉପାଦାନର ଅବଦାନ କ’ଣ, ଏ ଗବେଷଣା ତାହାରି ଭୂମିକା । ଘର ଚତୁଃପାର୍ଶ୍ୱରେ ପକ୍ଷିକୁଳ ଏବଂ ପ୍ରକୃତି ଆମକୁ ବହୁ ଅସୁସ୍ଥତାରୁ ରକ୍ଷା କରି ପାରନ୍ତି – ଆମ ନିବାସ ଭୂମିକୁ ଅଧିକ ସୁଖମୟ କରି ପାରନ୍ତି ।’’

ଏହା ଉପରେ ଅଧିକ ମନ୍ତବ୍ୟ ବାହୁଲ୍ୟ ମାତ୍ର ।

**– ମନୋଜ ଦାସ**

❑❑❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, ‘The Offering Section’ କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ ‘The Magazine Section’ ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା’ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା’ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା’ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com